
# କଣ୍ଟାବାଡ଼



ସହଦେବ ସାହୁ

# କଣ୍ଟାବାଡ଼

ସହଦେବ ସାହୁ

ଓଡ଼ିଶା ଲେଖକ ସମବାୟ ସମିତି ଲିଃ
ଭୁବନେଶ୍ୱର

# କଣ୍ଟାବାଡ଼

## (ଗଳ୍ପ ସଂକଳନ)

ଲେଖକ : ସହଦେବ ସାହୁ
ପ୍ରକାଶକ : ଓଡ଼ିଶା ଲେଖକ ସମବାୟ ସମିତି ଲିଃ.
କ୍ୱାର୍ଟରସ୍ ନଂ ୨୯ / ୪, ଟାଇପ୍ - ଆଇ.ଭି.ଆର୍
ଇଉନିଟ୍ - ୨, ଅଶୋକ ନଗର, ଭୁବନେଶ୍ୱର - ୭୫୧୦୦୯
ପ୍ରଚ୍ଛଦ : ଅସିତ୍ ମୁଖାର୍ଜୀ
ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, ଷ୍ଟୋନିରୋଡ୍, କଟକ - ୭୫୩୦୦୨
ପ୍ରଥମ ପ୍ରକାଶ : ୧୯୯୭
ମୂଲ୍ୟ : ଟ.୪୦.୦୦

# KANTABADA

## (A Story Collection)

**Author:** Sahadev Sahoo
**Published by The Orissa Writers Co-op. Society Ltd.**
**Qrs No.29 / 4, Type-IVR, Unit - II**
**Ashok Nagar, Bhubaneswar, 751009**
**Cover Designed:** Asit Mukherjee
**Printed at:** Jagannath Process.
Stoney Road, CTC - 2.
First Edition - 1997
**Price:** Rs 40.00
I.S.B.N.- 81-8652406 - 1

| | ବିଷୟ | ପୃଷ୍ଠା |
|---|---|---|
| ୧. | ଆଜିର ବଣିକ | ୧ |
| ୨. | ତାଜା ଖବର | ୧୩ |
| ୩. | ଏମିତି ବି ହୁଏ | ୨୬ |
| ୪. | କଣ୍ଟାବାଡରେ ଲୁଗା | ୩୨ |
| ୫. | ଗଣେଶଙ୍କ ବର | ୪୦ |
| ୬. | ସରପଞ୍ଚଙ୍କ ମର୍ଡର | ୫୦ |
| ୭ | "୨୦୨୫ ଶ୍ରୀ" | ୫୯ |
| ୮. | ନିଜ ଗୋଡରେ ଛିଡା ହେବାର ଭୂଇଁ | ୬୪ |
| ୯. | ନ୍ୟାୟଲାଣ୍ଡର କାହାଣୀ | ୭୪ |
| ୧୦. | ସଚିବାଳୟକୁ ନୂଆ ଆସିଥିବା ଜଣେ ସଚିବର ତିନି କାହାଣୀ | ୮୫ |
| ୧୧. | ପାଗଳ | ୮୯ |
| ୧୨. | ହସ୍ତରେଖା | ୯୮ |
| ୧୩. | ଦାରିଦ୍ର୍ୟ ମହାମନ୍ତ୍ର | ୧୦୫ |

# ଆଜିର ବଣିକ

ଦୂରରୁ ଶୁଭିଲା, ବାନାମ୍ବର, ବାନାମ୍ବର । ଘରେ ଅଛୁ ନା ?

ମୁଁ ବ୍ୟସ୍ତ ଥାଏ । ପୁଅର ଆଡମିସନ ହେବ । ପିଲାଟା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ଆଜିକାଲି ଫାଷ୍ଟ ପିଲାକୁ ବି ଆଉ ଥରେ ପରୀକ୍ଷା ଦେବାକୁ ପଡୁଛି । ପ୍ରତି ପରୀକ୍ଷା ଲାଗି ନୂଆ ନୂଆ ପ୍ରସ୍ତୁତି । ଏତେ କଷ୍ଟରେ ସେ ଏଣ୍ଟ୍ରାନ୍ସ ପରୀକ୍ଷା ପାସ୍ କରିଛି, ଏମିତି ସୁଯୋଗ ଛାଡିବା ଉଚିତ ନୁହେଁ । ପୁଣି ମାନେଜମେଣ୍ଟ ! ଏ ପାଠ ପଛରେ ତ ଆଜିକାଲି ସମସ୍ତେ ଦଉଡୁଛନ୍ତି । ଶିଳ୍ପ, ବାଣିଜ୍ୟ ବା ଅନ୍ୟ ପ୍ରକାରର ବ୍ୟବସାୟ ଏଣିକି ସରକାର କରିବେ ନାହିଁ । ଲୋକେ ନିଜେ ନିଜେ ଉଦ୍ୟୋଗ ବସାଇବେ । ଘରୋଇ ମାଲିକାନା ବଢ଼ି ବଢ଼ି ଚାଲିବ । ଦରକାର ହେବ ଏମ୍.ବି.ଏ. ବା ତଦ୍ରୂପ ଯୋଗ୍ୟତା । ତିରିଶି ବର୍ଷ ତଳେ ଯେମିତି ଇଞ୍ଜିନିଅରମାନଙ୍କ ଚାହିଦା ଥିଲା, ଏବେ ସେମିତି ମାନେଜମେଣ୍ଟ ଛାତ୍ରଙ୍କ ଚାହିଦା ।

ପାଠ ପଢ଼ିବା ଆଗ ଭଳି ସାଧାରଣ ଲୋକର ହାତ ପାଆନ୍ତାରେ ନାହିଁ । ବୈଷୟିକ ଜ୍ଞାନରେ ଉଚ୍ଚ ଶିକ୍ଷା ପାଇଁ ଲକ୍ଷାଧିକ ଟଙ୍କା ଦରକାର ହେଉଛି । ଯଦି ପ୍ରବେଶିକା ପରୀକ୍ଷାରେ ପାରି ନଥାଆନ୍ତା, ସମ୍ଭବତଃ ମୁଣ୍ଡଗୁଞ୍ଜା ପଇସା ଲକ୍ଷାଧିକ ଦେବାକୁ ପଡିଥାଆନ୍ତା । ପୁଣି ଆରମ୍ଭରେ । ତା ପରେ ତ ଟିଉସନ ଖର୍ଚ୍ଚ ଅଛି । ମେସ୍ ଖର୍ଚ୍ଚ ଅଛି ।

ଯାହା ହେଉ ପିଲାଟା ପାରିଗଲା । ଏତେ ବଡ ଖର୍ଚ୍ଚରୁ ମଣିଷ ରକ୍ଷା ପାଇଗଲା । ଖର୍ଚ୍ଚ କମିଲା । ଯେତେ କମିଲେ ବି ପ୍ରଥମ ଛେକରେ ନ ହଜାର ସାତଶହ ଦେବାକୁ ପଡିବ । ଚାରିଆଡୁ ପୋଛି-ପାଛି ଆଣିଲା ବେଳକୁ ଆଠ ହେଉଛି । ଆଉ ସତରଶହ ଯୋଗାଡ ପାଇଁ ମୁଁ ବ୍ୟସ୍ତ ଥିଲି । ଏତିକିବେଳେ ରଘୁ ମୋ କୋଠରୀ ଭିତରକୁ ଧସି ଆସିଲା । ଗାଁ ଲୋକ ତ । ସାତ ଖୁଣ ମାଫ୍ । ସେତିକି ପ୍ରଶୟ ନଦେଲେ ଗାଁରେ ଯାଇ ଗୁଡାଏ ମୋ ବିରୁଦ୍ଧରେ ଗପିବ । ମୁଁ ଅଫିସର ହୋଇ କେଡେ ଅମଣିଷ ହୋଇଗଲିଣି, ଭାଇ ବନ୍ଧୁ କଥା ବୁଝୁ ନାହିଁ, ଗାଁଆ ଲୋକକୁ ପାସଙ୍ଗରେ ପକାଉ ନାହିଁ, ଇତ୍ୟାଦି ଇତ୍ୟାଦି କେତେ କଥା । ତାର କହିବାର ଉତ୍ତର ଦେବାକୁ ମୁଁ ତ ଗାଁରେ ନ ଥିବି । ତେଣୁ ଗାଁଆର ଲୋକେ ତା କଥାରେ ବିଶ୍ୱାସ କରିଯିବେ । ଗାଁର କାହିଁକି ସହରୀ ପାଠପଢା ବହୁତ ଲୋକ ଏଭଳି ଏକତରଫା ପ୍ରଚାରର ଶିକାର ହୁଅନ୍ତି । ପ୍ରଶୟ ଦେଲେ ଯେ ଗାଁବାଲାଏ ମୋ ବିରୁଦ୍ଧରେ କହିବେ ନାହିଁ, ତାହାର ଗ୍ୟାରେଣ୍ଟି ନାହିଁ । ଅପପ୍ରଚାର ତ କିଛି କମିଯିବ, ଏହି ଆଶାନେଇ ମୁଁ ଦୁଆର ଖୋଲିଦିଏ । କାମ ପାଇଁ ଆସିବେ । ସବୁ କାମ ତ କରିହେବ ନାହିଁ । ଯଦି କିଛି ଗୋଟିଏ କରିଦେଲ ତ ସେଥିରେ ବି ସନ୍ତୁଷ୍ଟ ନୁହନ୍ତି । କହିବେ, କଣ କରିଦେଲା କି ? ମୁଁ କଣ ନିଜେ ଏତିକି କରିପାରି ନ ଥାଆନ୍ତି । ସମୁକ ପୋଷ୍ଟ ତ କରିଦେଲା ନାହିଁ, ସମୁକ କାମଟା ତ କଲା ନାହିଁ । ଚାହିଁଥିଲେ କଣ ହୋଇ ନଥାଆନ୍ତା ! ଲୋକଙ୍କର ଧାରଣା, ଏତେ ବଡ ଅଫିସର ଯାହା ଚାହିଁବ, କରିପାରିବ ।

ଏମିତି କୁତ୍ସା ରଟନାରୁ ସାମାନ୍ୟ ହେଲେ ବି ତ୍ରାହି ମିଳିବ, ଏହି ଆଶାରେ ମୁଁ ପଡୋଶୀ ଲୋକଙ୍କୁ ଆସିବାରେ ବାଧା ଦିଏନାହିଁ ।

ପୁଣି ରଘୁର ଗୋଟିଏ ସ୍ୱତନ୍ତ୍ର ଯୋଗ୍ୟତା ଅଛି । ସେ ତ ଏବେ ମନ୍ତ୍ରୀଙ୍କ ପାଖ ଲୋକ ହୋଇଗଲା, ତାର ରହସ୍ୟ ଏପର୍ଯ୍ୟନ୍ତ ମୁଁ ବୁଝି ପାରି ନାହିଁ । କିନ୍ତୁ ଲୋକେ କହନ୍ତି ଇଲେକ୍ସନ ବେଳେ ସେ ମନ୍ତ୍ରୀଙ୍କ ପାଖ ଲୋକ ହୋଇଗଲା । ସେ ଚାହିଁଲେ ସବୁ କିଛି କରେଇ ପାରିବ । ଆଉ ବଦଳି, ଏ ତ ଛୋଟ କଥା । ଯେ କୌଣସି ବିଭାଗ କଥା ହେଉ ନା କାହିଁକି, ସେ ମୁହଁ ଖୋଲି କହିପାରୁଛି, କରେଇ ବି ପାରୁଛି ।

ସେ ପଶି ଆସିଲାକ୍ଷଣି, ମୁଁ କିଛି କହିବା ପୂର୍ବରୁ ସାଙ୍ଗେସାଙ୍ଗେ କହି ପକାଇଲା, କଣ ବାନାମ୍ବର, ଖବର କଣ ? ମୁହଁ କୁଗୁଣ୍ଡା କରି ବସିଛ କାହିଁକି ?

ତୁମେ କି ତୁ, କଣ ସମ୍ବୋଧନ କରିବ ଠିକ୍ କରି ନପାରି ରଘୁର ଏଭଳି କଥାବାର୍ତ୍ତା । ପିଲାଦିନର ସାଙ୍ଗ, ଅଥଚ ମୁଁ ବର୍ତ୍ତମାନ ଗୋଟେ ଅଫିସର ।

ଖଣ୍ଡେ କାଗଜରେ ମୁଁ ହିସାବ କରୁଥିଲି । ତାକୁ ଅନେଇ ଦେଇ ରଘୁ କହିଲା, ହିସାବରେ କିଛି ଗଣ୍ଡଗୋଳ ଧରୁଛି କି ?

ମୁଁ ବାଧ୍ୟ ହୋଇ କହିଲି ଅନାମକୁ ମାନେଜମେଣ୍ଟରେ ପୂରାଇବି ଯେ । ହିସାବ କରୁଥିଲି ଆଡ୍‌ମିସନ୍‌ରେ କେତେ ଖର୍ଚ୍ଚ ହେବ ।

ସତେ ଯେମିତି ତାର ହସଯନ୍ତ୍ରର ସୁଇଚ୍ ଉପରେ ମୋ ହାତ ପଡିଗଲା । ରଘୁ ଠୋ ଠୋ ହୋଇ ହସି ଉଠିଲା । କହିଲା ଟଙ୍କା ଖର୍ଚ୍ଚ କରି ମାନେଜମେଣ୍ଟ ପଢାଇବ ? ମୋ ପାଖକୁ ପଠାଇଦିଅ ନା ମୁଁ ମାନେଜମେଣ୍ଟ ପଢାଇଦେବି । ବହିରେ ନୁହେଁ, କାମରେ । କେତେ ରୋଜଗାର ଚାହଁ ?

ରଘୁକୁ ମୁ ପିଲାବେଳୁ ଦେଖିଛି, ବେଶ୍ ତଳମୁହାଁ ଥିଲା । ନୂଆ ସରକାର ଆସିଲା ଦିନରୁ ସେ କାହାକୁ ପାସଙ୍ଗରେ ପକାଉ ନାହିଁ । ସେ ଏତେ ଉପରମୁହାଁ ହୋଇଯାଇଥିବ ମୁଁ ଭାବି ନଥିଲି ।

ଆମ ଦେଶଟା ଗୋଟାଏ ନଏଜି ଡେମୋକ୍ରାସି । ପାଟି କରି ପାରୁଥିବା ଲୋକଙ୍କର ଗଣତନ୍ତ୍ର । ରଘୁ ବଡପାଟିଆଟିଏ ହୋଇ ପଡିଛି । ମୋ ପାଖରେ ବା ଧୀର ହେବ କାହିଁକି ? ଯିଏ ପାଟିକଲା, ସେ ଜିତିଲା । ତା ମୁହଁ ବନ୍ଦ କରିବା ପାଇଁ ଅଫିସରମାନେ ବ୍ୟସ୍ତ । ମନ୍ତ୍ରୀ ତ ସହଜେ ବ୍ୟସ୍ତ । ତାଙ୍କ କଥାକୁ ଅକ୍ଷରେ ଅକ୍ଷରେ ଲେଖିଦେବା ପାଇଁ ସାମ୍ବାଦିକମାନେ ଟାକି ବସିଥାନ୍ତି ।

ଏମିତି କୁହାବୋଲା କରିପାରୁଥିବା ତାକତ ତାର ଆଗରୁ ନ ଥିଲା । ବହୁତ ଜାଗାରେ ସେ ଠକିଯାଇଛି । ସେଇଥିରୁ ସେ ବେଶି ଶିଖିଛି । ଆସ୍ତେ ଆସ୍ତେ ସେ ମାନେଜମେଣ୍ଟ ଟେକ୍‌ନିକ୍‌କୁ ହାତ କରିନେଇଛି । ମନ୍ତ୍ରୀ ଗସ୍ତରେ ବାହାରି ଗଲାବେଳେ ତାଙ୍କ ଗାଡିରେ ବସିବା, କେଉଁଠି ସେ ମିଟିଙ୍ଗ୍

କଲାବେଳେ ପାଖରେ ଘଷିହେବା, ସମସ୍ତଙ୍କ ଆଖି ଆଗରେ ମନ୍ତ୍ରୀଙ୍କ କାନରେ ଫୁସ୍ ଫୁସ୍ କହିବା, ଏ ସବୁ ତାର ଚାଲ୍ । ଲୋକଙ୍କ ମନରେ ପ୍ରତ୍ୟୟ ଆସେ, ରଘୁ ମନ୍ତ୍ରୀଙ୍କର ଖାସ୍ ଲୋକ ।

ପ୍ରଥମେ ପ୍ରଥମେ ରଘୁ ଏ ଅଭ୍ୟାସ ନିଜ ଅଞ୍ଚଳର ଏମ୍.ଏଲ୍.ଏ.ଙ୍କଠୁ ଆରମ୍ଭ କଲା । ଏମ୍.ଏଲ୍.ଏ. ମନ୍ତ୍ରୀ ହୋଇଗଲା ପରେ ତାର ଏହି ଅଭ୍ୟାସରୁ ବେଶ୍ ଡେଭିଡେଣ୍ଡ ମିଳିଲା । ଯେଉଁ ସବୁ କାମ ଦେଖାଇ ସେ ଗାଁ ମନ୍ତ୍ରୀଙ୍କ ପାଖ ହୋଇଗଲା, ସେ ସବୁ ବି ଅନ୍ୟ ମନ୍ତ୍ରୀଙ୍କ ପାଖରେ ଲାଗିଲା । ଅବଶ୍ୟ ସେ ବାଛି ବାଛି ଅସ୍ତ୍ର ପ୍ରୟୋଗ କରୁଥିଲା । ସମସ୍ତଙ୍କୁ ତ ମନ୍ତ୍ରୀଙ୍କ ନିଜ ଅଞ୍ଚଳର ଲୋକ ବୋଲି ଚିହ୍ନା ଦେଇପାରିବ ନାହିଁ, କିନ୍ତୁ ଶାସକ ଦଳର ସଙ୍ଗଠକ ବୋଲି କହିପାରିବ । ସବୁ ମନ୍ତ୍ରୀଙ୍କ ସ୍ଥାନୀୟ ସଭା ସମିତିରେ ସେ ଭାଗ ନେଇ ପାରିବ ନାହିଁ । ଚାରିଆଡେ ବି ଉପସ୍ଥାନ ଦେଇପାରିବା ଭଳି ସମୟ କାହିଁ ? କିନ୍ତୁ ଠିକ୍ ସମୟରେ ମନ୍ତ୍ରୀଙ୍କ ଘରେ, ତାଙ୍କର କିଛି ଦରକାର ହେଉଥିବା ସମୟରେ ସେ ଯୁଟିଯିବ । ମନ୍ତ୍ରୀଙ୍କ କାମରେ ପୂର୍ଣ୍ଣପ୍ରାଣରେ ନିଜକୁ ହଜେଇ ଦେବ ।

ରଘୁର ମାନେଜମେଣ୍ଟ ଶିକ୍ଷା ସେତିକିରେ ସୀମିତ ନୁହେଁ । ସେ ଜାଣିଲା ଯେ ତାଙ୍କଠୁ କାମ ଆଦାୟ କଲାବେଳେ ମନ୍ତ୍ରୀଙ୍କ କିଛି କାମ କରିଦେବା ବା ତାଙ୍କ ସ୍ତବସ୍ତୁତି କରିବା ଉଚିତ୍ ନୁହେଁ । ନହେଲେ ମନ୍ତ୍ରୀଙ୍କ ମନରେ ସନ୍ଦେହ ହୁଏ : ଏ ଲୋକଟା କାମ ଆଦାୟ କରିବା ପାଇଁ ଏମିତି ହେଉଛି । ଗୋଟିଏ ଦୁଇଟି ଘଟଣା ପରେ ସେ ଜାଣିଗଲା ଯେ ମଝିରେ ମଝିରେ କିଛି କିଛି ପୁଞ୍ଜି ଖଟାଇବାକୁ ପଡିବ, ବିଶେଷତଃ ମନ୍ତ୍ରୀଙ୍କ ଗସ୍ତରେ ଠାଏଁ ଠାଏଁ ପକ୍କା ବନ୍ଦୋବସ୍ତ ହେବାର ସେ ଦେଖିବ । ଏଥିଲାଗି ବେଶି ଖର୍ଚ୍ଚ କି ପରିଶ୍ରମ ଦରକାର ହୁଏ ନା । ଥିଲାବାଲା ଲୋକଙ୍କୁ ଧରିଦେଲେ ଖାଦ୍ୟପେୟର ବନ୍ଦୋବସ୍ତ ହେଲା । ସେମାନେ ବି ତ ମନ୍ତ୍ରୀଙ୍କ ଅନୁଗ୍ରହ ଚାହାନ୍ତି । କେଉଁଠି ମନ୍ତ୍ରୀ ଅସମୟରେ ଅଟକିଗଲେ କିମ୍ବା ଡେରିଯୋଗୁ ବାଟରେ ଭୋକ ହେଲେ, ରଘୁ ନିଜ ଥଳିରୁ କିଛି ଫଳ ବା କେକ୍ ବାହାର କରି ଦିଏ । ଏଥିରେ କେଉଁ ଲୋକ ଖୁସି ନ ହେବ ? କେବଳ ସେତିକି ନୁହଁ, ଅଧସ୍ତନ କର୍ମଚାରୀମାନଙ୍କୁ, ବିଶେଷ କରି, ଡ୍ରାଇଭରକୁ ଯୋଗାଇବାକୁ ଭୁଲେ ନାହିଁ । ଏହି ଦୋସ୍ତିର ଫାଇଦା ସେ ମଝିରେ ମଝିରେ ଉଠାଏ ।

ଏବେ ମୋ ଘର ଭିତରକୁ ଧସି ଆସିବାର କାରଣ ନିଜେ ବଖାଣିଲା । କହିଲା, ମୁଁ ଏଇବାଟେ ଯାଉଥିଲି ଯେ, ବାନାମ୍ବର ପାତ୍ର ନେମ୍‌ପ୍ଲେଟ୍‌ଟା ଦେଖି ମନ ହେଲା, ପଶି ଆସିଲି । ଟିକିଏ ଗପ ସପ ହୋଇଯିବି । କିନ୍ତୁ ଦେଖୁଛି, ତୋ ମନଟା ଠିକ୍ ନାହିଁ । ମୁଁ ଯାଏ, ଆଉ କେବେ ଆସିବି ।

ରଘୁ ବୋଧହୁଏ ସାଙ୍ଗେ ସାଙ୍ଗେ ଉତ୍ତର ଚାହୁଁଥିଲା; ମୁଁ କହିଥାନ୍ତି, ନାଇଁ ମ, ମନ କାହିଁକି ଖରାପ ହେବ ? ଥରେ ଅଧେ ଆସିଛୁ, ଟିକେ ଚା ଖାଇ ଯା । କିନ୍ତୁ ମୋ ପାଟିରୁ କିଛି ବାହାରିବା ପୂର୍ବରୁ ସେ ଆପେ ଆପେ କହିଲା, ହଁ ବାନାମ୍ବର । ମୋର ଗୃହପ୍ରବେଶ ତେରରେ । ତୁ ନିଶ୍ଚୟ ଆସିବୁ ।

ମୁ ଆଉ କେମିତି ଚୁପ୍ ରହନ୍ତି ? ପୁଚାରିଲି, ଘର କଲୁଣି । କେବେ ମ ? ମନେ ମନେ କହିଲି, ଚାକିରୀ ବାକିରୀ ତ ନାହିଁ । ପୁଣି ତାକୁ ଶୁଣାଇ କହିଲି, ଏତେ ଟଙ୍କା କୁଆଡୁ ଆଣିଲୁ ?

ରଘୁ ସାଙ୍ଗେ ସାଙ୍ଗେ ତାର ସ୍ୱରକୁ କମାଇ ଦେଲା । କହିଲାବେଳେ ଏଆଡେ-ସିଆଡେ ଚଙ୍ଗ ଚଙ୍ଗ ହୋଇ ଚାହିଁଲା । କାଳେ ଅବା କେହି କାନେଇ ଶୁଣୁଥିବ ।

ମୁଁ ତାକୁ ଅଭୟ ଦେଇ କହିଲି, ତୁ କଣ ଚୋରି କରିଛୁ ନା ଡକାୟତି କରିଛୁ ଯେ ଡରୁଛୁ ? ସରକାରୀ ଚାକିରିଆ ହୋଇଥିଲେ ଅବା କଳାଧନ ବୋଲି ଆୟକରବାଲା ଧରନ୍ତେ ।

ରଘୁର ଫୁସ୍ ଫୁସ୍ କଥା ଭିତରୁ ଗୋଟିଏ ଗୋଟିଏ ଶବ୍ଦ ଜୋରରେ ଶୁଭୁଥାଏ । ସତେ ଯେପରି ସେ ସେଗୁଡିକୁ ଅଣ୍ଡରଲାଇନ୍‌ଡ ବା ଇଟାଲିକ୍ କରୁଛି ।

ଗଳ ଗଳ କରି ରଘୁ ଯାହା କହିଯାଉଥିଲା, ଅବିଶ୍ୱାସ କରିହେବ ନାହିଁ ।

ଅତି ସାଙ୍ଗ ଭଳି କହିଲା ବିଝିଲୁ ବାନା, ଏ ବଦଳି ସିଜିନଟା ଟଙ୍କା ପଇସା ରୋଜଗାରର ପ୍ରକୃଷ୍ଟ ସମୟ ।

ଯେମିତି ମାଆ କି ଭଉଣୀ ନାଁଟାକୁ ଛୋଟ କରି ଉଚ୍ଚାରଣଟାକୁ ସହଜ କରିଦିଅନ୍ତି, ଅସଲ ନାଁ ଲୁଚିଯାଇ ଗୋଟିଏ ଡାକ ନାଁ ରହିଯାଏ ସେହିଭଳି ରଘୁ ମୋତେ ବାନା ସମ୍ବୋଧନ କରି ପକାଇଲା । ସମ୍ଭବତଃ ଗାଁରେ ମୋର ଏହି ନାଁ ରଘୁ ଶୁଣିଛି । ଅନ୍ତରଙ୍ଗତାର ପୁନରାବୃତ୍ତି ନହୋଇ ବାନା ସମ୍ବୋଧନ ରଘୁର ମାନେଜମେଣ୍ଟ ଚାଲ୍ ହୋଇଥିବ : ଲୋକେ ଭାବିବେ ସେ ମୋର ବେଶି ପାଖ ଲୋକ । ସରକାରୀ ଦପ୍ତରରେ ସେ ଦେଖିଲେ ତ କୁହେ ବାନାମ୍ବର । ପିଅନ, କିରାଣୀମାନଙ୍କୁ ପଚାରେ ବାନାମ୍ବର ବାବୁ ଅଛନ୍ତି ? ଆଜି ଘରେ ସେ ସମ୍ବୋଧନ କରୁଛି "ବାନା" ।

ବଦଳି ରତୁ କଥା ଶୁଣି ମୁଁ ଭାବି ପାରିଲି ନାହିଁ ରଘୁର ଏଥିରେ ସମ୍ପର୍କ କଣ ?

ସେ କହିଲା 'ଗତବର୍ଷ ଏତେ ଲାଭ ହୋଇନଥିଲା । ବେଶି ବଦଳି ହେଲାନାହିଁ । ଯାହାକିଛି ହେଲା ଅଫିସରମାନେ ନିୟମ କାନୁନ ଦେଖାଇ ତାକୁ ଓଲଟାଇଦେଲେ । କେତେକ ବଦଳିଲାବାଲା ବି ଛୁଟି ନେଇଗଲେ । ସେତେବେଳେ ସେ କୁହାବୋଲା କରି ଯେଉଁ କେତେଜଣଙ୍କୁ ପାଖାପାଖି ବା ମନପସନ୍ଦ ଜାଗାକୁ ବଦଳି କରାଇଥିଲା ସେମାନଙ୍କଠାରୁ କିଛି ପାଇଥିଲା । ନୂଆ ବ୍ୟବସାୟ, ନୂଆ କାଇଦା ଜାଣିବାକୁ ବେଳ ନ ଥିଲା ।

କିନ୍ତୁ ଏଥରତ ପୂଅ ବାର ତେର ।

ଆଗ ସରକାର ତ ଜିଦ୍ ଧରିଥିଲେ ଯାହାର ଗୋଟିଏ ସ୍ଥାନରେ ୩ ବର୍ଷରୁ ବେଶି ହେଲାଣି ବା ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ବେଶି ହେଲାଣି ସେ ନିଶ୍ଚୟ ବଦଳି 'ହେବ । ଏବେ ସରକାର ସେ ସର୍ତ୍ତ ଉଠାଇଦେଲେ । ଟ୍ରିବୁନାଲ' ବି କିଛି କରିପାରିବ ନାହିଁ ।

ଘର କରି କାହାର ଅସୁବିଧା ନାହିଁ ? ଗୋଟିଏ ଜାଗା ଛାଡି ଆଉ ଗୋଟିଏ ଜାଗାକୁ ଗଲାବେଳେ ମଣିଷ ପୁରାପୁରି ଶରଣାର୍ଥୀ ପାଲଟିଯାଏ । ସରକାରୀ ଘର ମିଳେ ନାହିଁ । ପୁଣି ପିଲାପିଲିଙ୍କ ପାଠପଢା ପାଇଁ ସ୍କୁଲ କଲେଜରେ ସିଟ୍ ନଥାଇପାରେ । ଥିଲେ ବି ପିଲାମାନଙ୍କୁ ପରୀକ୍ଷା ଦେବାକୁ ପଡିବ । ଯାହାର ପିଲା ଅତି ଭଲ ପଢୁଛି ସେ ବା ଭଲ ସ୍କୁଲ କଲେଜ ଛାଡି

ଅପନ୍ତରା ଜାଗାକୁ କାହିଁକି ଯିବ ? ଅପନ୍ତରା ଜାଗାରେ ବି ସିଟ୍ ଫାଙ୍କା ନଥାଇ ପାରେ । ଘର କରି ଅସୁବିଧା ସୁବିଧା ତ ଅଛି । ଦେହ ପା କଥା ଆଗ । ନୂଆ ଜାଗାରେ ଡାକ୍ତର-ଫାକ୍ତର ଅଚିହ୍ନା । ଅଚିହ୍ନା ହେଲେ ଖର୍ଚ୍ଚ ବହୁତ । ପୁଣି ନୂଆ ପଡୋଶୀମାନଙ୍କ ସହ ମିଳାମିଶା ନ ହେଲାଯାଏ ପିଲାମାନେ ହଇରାଣ ।

ବଦଳିଟା ଯଦି ନ ହୁଅନ୍ତା ତେବେ ଏ ସବୁ ଝିଞ୍ଜଟ ରହନ୍ତା ନାହିଁ ।

ଏଥର ବଦଳି ନିଶ୍ଚୟ ହେବ । ତେଣୁ ମନପସନ୍ଦ ଜାଗା ଓ ପଦବୀ ମିଳିବା ଦରକାର । କୋରାପୁଟ, ଫୁଲବାଣୀ, କଳାହାଣ୍ଡି ଭଳି ଜାଗାରୁ ପଳାଇ ଆସିବାକୁ ବହୁତ ଲୋକ ବ୍ୟାକୁଳ । ନବେ ଭାଗ କର୍ମଚାରୀ ତ ଉପକୂଳ ଅଞ୍ଚଳର । ସେମାନେ ଚାହାଁନ୍ତି ଉପକୂଳ ଜିଲ୍ଲାକୁ ବଦଳି, ଘରର ଯେତେ ପାଖାପାଖି ହୋଇପାରିବ । ସରକାର ନିୟମ କରିଛନ୍ତି ନିଜ ଜିଲ୍ଲା ମିଳିବ ନାହିଁ । ନିଜ ଜିଲ୍ଲା ନ ହେଲେ ବି ଜିଲ୍ଲାର ସୀମାନ୍ତରେ ହେବା ଉଚିତ । ଅନ୍ତତଃ ଘଣ୍ଟାଏ ଦୁଇଘଣ୍ଟା ଭିତରେ ଘରକୁ ଯାଇହେବ । କିମ୍ବା ପୁରୁଣା କର୍ମସ୍ଥଳୀରେ ଥିବା ବସାକୁ ଯାଇହେବ । ନୂଆ ଜାଗାରେ ଘର ନ ପାଇବା ଯାଏ ତ ପୁରୁଣା ବସାକୁ ରଖିବାକୁ ହେବ ।

ରଘୁର ଲେକ୍‌ଚରରେ ବାଟୁଳି ବାଜୁ ନଥାଏ । ସେ ଅନର୍ଗଳ କହି ଚାଲିଥାଏ ।

ଯିଏ ଥରେ କଟକ କି ଭୁବନେଶ୍ୱରରେ ରହିଛି, ସେ ଜାଗା ଛାଡିବାକୁ ନାରାଜ । ବାଧ୍ୟ ହୋଇ ବଦଳିହେଲେ ବି ବସା ଛାଡିବ ନାହିଁ । କାଳେ ଆଉଥରେ ଫେରିବାବେଳକୁ ଘର ନ ମିଳିବ । ସେମାନଙ୍କ ଆପ୍ରାଣ ଚେଷ୍ଟା ଭୁବନେଶ୍ୱରରୁ କଟକ ଯିବେ ଏବଂ କଟକରୁ ଭୁବନେଶ୍ୱର ଆସିବେ । କଟକରୁ ଭୁବନେଶ୍ୱର ବା ଭୁବନେଶ୍ୱରରୁ କଟକ ଯିବାଆସିବା ସହଜ ଓ ଶସ୍ତା । ଟ୍ରେନ୍‌ରେ ମାସିକିଆ ଟିକଟ କଲେ ହେଲା । ସହର ଭିତରେ ରିକ୍‌ସା ଭଡା ଠାରୁ ବି ଶସ୍ତା । କିନ୍ତୁ କଟକ ଭୁବନେଶ୍ୱର ଭିତରେ ପୋଷ୍ଟ ଏତେ କାହିଁ ! ବଡବଡିଆଙ୍କ ଲୋକେ ସେସବୁ ପାଇବେ । ଯେଉଁମାନଙ୍କର ସେଭଳି ଜୋର୍ ନାହିଁ, ସେମାନେ ଟିକିଏ ଦୂର ଯିବାକୁ ଆପତ୍ତି କରିବେ ନାହିଁ । ଯଥା : କଟକରୁ ଢେଙ୍କାନାଳ ।

କଟକ ବା ଭୁବନେଶ୍ୱରରେ ରହିବାକୁ ଯେପରି ସେଠାକାର ଲୋକେ ବ୍ୟାକୁଳ, ସମ୍ବଲପୁରରେ ରହିବାଲାଗି ସେ ଅଞ୍ଚଳର ଲୋକେ ସେହିପରି ବ୍ୟାକୁଳ । ବାହାରେ ଥିବା ସମ୍ବଲପୁରୀ ଲୋକ ସମ୍ବଲପୁର ଯିବାପାଇଁ ବ୍ୟସ୍ତ । ବହୁତ କର୍ମଚାରୀ ଚାହାଁନ୍ତି ନାହିଁ ଯେ ସେମାନେ ଏଗାରଟି ଉପକୂଳ ଜିଲ୍ଲା ଛାଡି ଉଣେଇଶଟି ପଶ୍ଚିମ ଜିଲ୍ଲାକୁ ବଦଳି ହୁଅନ୍ତୁ । ବରଂ ଛୁଟିରେ ରହିବେ ।

ଏ ଦିଗରେ ଡାକ୍ତର ଓ ଅଧ୍ୟାପକମାନଙ୍କ କଥା କହିଲେ ନ ସରେ । ରଘୁ କହି ଚାଲିଥାଏ । ମେଡିକାଲର ପ୍ରଫେସରମାନେ ତ ଚାକିରୀ ଛାଡିବାକୁ ଧମକାଉଛନ୍ତି । ତଳବାଲା ଏତେ ଏତେ ବର୍ଷ ଚାକିରୀ କରିନାହାଁନ୍ତି ଯେ ଭଲୁଣ୍ଟାରୀ ରିଟାୟାରମେଣ୍ଟର ଧମକ ଦେବେ ? କିନ୍ତୁ ଇଚ୍ଛା ନାହିଁ କଟକରୁ ବା ବରହମ୍‌ପୁରରୁ ବାହାରକୁ ଯିବାକୁ । ସେମାନେ ନିତି ମୋ ଘରକୁ ଧାଉଁଡି ଦେଉଛନ୍ତି । ଅପର୍ଯ୍ୟାପ୍ତ ବି ଖର୍ଚ୍ଚ କରୁଛନ୍ତି ।

ମୁଁ ମଝିରେ ଗୋଟିଏ ପ୍ରଶ୍ନ ପୋଡିଦେଲି । ସବୁଠୁ ବେଶି କେତେ ଯାଚୁଛନ୍ତି ?

ପଚିଶି ହଜାର ।

ଏତେ ପଇସା କେଉଁଠୁ ପାଉଛନ୍ତି ?

ତୁ ସବୁବେଳେ ଅନ୍ୟମାନଙ୍କୁ ନିଜ ନିକିତିରେ କାହିଁକି ମାପୁଛୁ ? ଲୋକ ତ ଅଛନ୍ତି ପଚସ୍ତରୀ ହଜାର କି ଲକ୍ଷେ ଦେଇ ମଣିପାଲରେ ନିଜ ପିଲାଙ୍କୁ ପଢାଉଛନ୍ତି । ଏଇ ଭୁବନେଶ୍ୱର କଥା ଦେଖୁନୁ । ଶହୀଦନଗର ମେରିନ୍ କଲେଜ ବା ରସୁଲଗଡ ନାଭାଲ ଇଞ୍ଜିନିୟରିଂରେ ପିଲାକୁ ଭର୍ତ୍ତି କରିବାଲାଗି ଷାଠିଏରୁ ସତୁରି ହଜାର ଯାଏ ଦେଉଛନ୍ତି । ଏତେ ପଇସା ସେମାନେ କେଉଁଠୁ ଆଣୁଛନ୍ତି ? ପିଲା ପଛରେ ଏତେ ଖର୍ଚ୍ଚ କଲା ପରେ ବେଶପୋଷାକ ଆଉ ଖୋରାକକୁ କିଛି ବଞ୍ଚୁଛି ତ ?

ସାଙ୍ଗେସାଙ୍ଗେ ଗୋଟିଏ କିଛି ନୂଆ କଥା ମୁଣ୍ଡରେ ପଶିଗଲା ଭଳି ରଘୁ କଥାର ମୋଡ ବଦଳାଇଦେଲା । କହିଲା, ବୁଝିଲୁ ବାନା, ଯେଉଁମାନେ ନିଜ ପିଲାର ନାମ ଏଭଳି ଅନୁଷ୍ଠାନରେ ଲେଖାଇ ଦେଇଛନ୍ତି ସେମାନେ ଭୁବନେଶ୍ୱରରୁ ଯିବାକୁ ନାରାଜ । ସହଜେ ତ ଏତେ ଟଙ୍କା ପିଲାର ଆଡ୍‌ମିସନ୍‌ରେ

ଖଟାଇଛନ୍ତି । ଭୁବନେଶ୍ୱର ଛାଡିଗଲେ କୌଣସି ମେସ୍‌ରେ ରଖିବାକୁ ପଡିବ । ଇଞ୍ଜିନିୟରିଙ୍ଗ୍ କଲେଜର ମେସ୍‌ରେ କଣ କମ୍ ଖର୍ଚ୍ଚ ? ମାସକୁ ହଜାର ପାଖାପାଖି । ଗୋଟିଏ ବୋଝ ।

ଏ ସବୁରୁ ରକ୍ଷା ପାଇବା ପାଇଁ ଅଫିସରମାନେ ଗୋଡତଳେ ପଡି ଯାଉଛନ୍ତି ।

ଗୋଡତଳେ ପଡିଗଲେ ମଧ୍ୟ କିଏ ଶୁଣୁଛି । ଥରେ କାହାର କାକୁତି ମିନତିରେ କାମଟିଏ ହୋଇଗଲା ବୋଲି ରାଷ୍ଟ୍ର ହୋଇଗଲେ ସମସ୍ତେ ପରା ଗୋଡତଳେ ପଡିଯିବେ । ପଇସା ଆଉ ମିଳିବ ?

ରଘୁ ପୁଣି ତାର ପୁରୁଣା କଥାକୁ ଫେରି ଆସିଲା ଭଳି ମନେ ହେଲା । କହିଲା, ମୁଁ ଦେଖୁଛି ପରା । ଲୋକେ ଗୋଡତଳେ ପଡିଲାବେଳେ ମନ୍ତ୍ରୀ ପରା ଗୋଡେଇ ଦେଇ ପଳାନ୍ତି । କିନ୍ତୁ ପଇସା ମିଳିବାର ଥିଲେ, ନିଜ କୋଠରୀର ନିଭୃତ କୋଣକୁ ନେଇ ପିଠିରେ ଆଉଁସି ଆଶ୍ୱସ୍ତି ଦିଅନ୍ତି ।

ମୁଁ ପଚାରିଲି, ପଇସା ଦେଲା ମାନେ କଣ ସମସ୍ତଙ୍କ ବଦଳି ମନମୁତାବକ ହେଉଛି ?

ରଘୁ କହିଲା, ପଇସା ଦୁଇ ରକମର । ଯେମିତି ଡାକ୍ତର, ଓକିଲଙ୍କର କନ୍‌ସଲ୍‌ଟେସନ୍ ଫିସ୍ ଅଛି । ସେଇମିତି ମନ୍ତ୍ରୀମାନଙ୍କର ଅନୁପ୍ରବେଶ ଫିସ୍ ଅଛି । ଗୁହାରି ଜଣାଇବା ପୂର୍ବରୁ ତ ମନ୍ତ୍ରୀଙ୍କ ସାକ୍ଷାତ ଦରକାର । ଏଥିଲାଗି ପ୍ରବେଶିକା ଫିସ୍ ମୁଁ ନିଏ । ଏ ଫେରସ୍ତ ଦିଆଯାଏ ନାହିଁ ।

ତାହେଲେ ତୁ ବେଶ୍ ପଇସା ମାରୁଥିବୁ । ମୁଁ କହିପକାଇଲି ।

ରଘୁ ଉତ୍ତର ଦେଲା, ସତ ଯେ । କିନ୍ତୁ ଅନୁପ୍ରବେଶ ଫିସ୍ ବେଶି ହୁଏ ନାହିଁ । କାହିଁକି ନାଁ, ଲୋକଟି ସିଓର୍ ନଥାଏ, ତା କାମ ହେବ କି ନାହିଁ । କିନ୍ତୁ ଥରେ ମନ୍ତ୍ରୀଙ୍କ ନିଭୃତ ଦର୍ଶନ ପାଇଗଲା ପରେ ତା ହୃଦ୍‌ବୋଧ ହୁଏ ଯେ ମୋ ଭଳି ମଧ୍ୟସ୍ଥଦ୍ୱାରା କିଛି ନାଁ କିଛି କାମ ହୋଇପାରେ ।

ତାହେଲେ ତୁ କିଛି ଆଦାୟ କଲାପରେ ମନ୍ତ୍ରୀଙ୍କୁ ସାକ୍ଷାତ କରାଇଦେଉଛୁ ?

ରଘୁ କହିଲା, ସେଇଟା ମୋର ପ୍ରଥମ ବ୍ୟବସାୟ । ଏବେ ମୋର ବ୍ୟବସାୟର ଏକ୍ସ୍‌ଟେନ୍‌ସନ୍ କଲିଣି । ଅନୁପ୍ରବେଶ ଫିସ୍ ପରେ କାର୍ଯ୍ୟକାରିଣୀ ଫିସ୍ ବି ମୁଁ ଆଦାୟ କରୁଛି ।

ମୁଁ ପଚାରିଲି, ତୁ କଣ ଏକୁଟିଆ ଏମିତି କରୁଛୁ ?

ରଘୁ ଠୋ ଠୋ ହୋଇ ହସି ପକାଇଲା । କହିଲା, ଏ କାରବାରରେ ନିଜେ ନିଜେ ଭୂମିକା ବାଛି ନେବା କଥା । ତୃତୀୟପକ୍ଷ କାହାକୁ ପୂରେଇଲେ ସେ ତ ବାଟମାରଣା କରିଦେବ । ପୁଣି ପଇସା ଦେବା ପରେ ବି କାମ ହେଉନାହିଁ ଯଦି ରାଷ୍ଟ୍ର ହୋଇଯାଏ, ରୋଜଗାର କମିଯିବ ।

ମୋର ସନ୍ଦେହୀ ମନ ଚୁପ୍ ରହିଲା ନାହିଁ । ମୁଁ ପଚାରିଲି, ତୁ କଣ ସମସ୍ତଙ୍କ କାମ କରିଦେଉଛୁ ? ନା, ଯିଏ ବେଶି ପଇସା ଦିଏ ତା କାମ କରୁ ?

ରଘୁ କହିଲା, ତୁ କଣ ଭାବୁଛୁ ?

ତାହେଲେ ତ ପଇସା ଫେରାଉ ଥିବୁ ?

ଯାହାର କାମ ହୋଇପାରିବ ନାହିଁ ଆମେ ଜାଣିପାରୁ । ତା'ଠୁ ଅଳ୍ପ କିଛି ନେଉ । କାମ ହେବାର ସମ୍ଭାବନା ଉଜ୍ଜ୍ୱଳ ଦେଖିଲେ ଆହୁରି ମାଗୁ । ମିଳିଲେ ମନ୍ତ୍ରୀଙ୍କ କାନରେ ପକାଉ । ମନ୍ତ୍ରୀ ଏତେ ବ୍ୟସ୍ତ ଯେ ନିଜ ଘର କଥା ବି ଭୁଲିଯାଆନ୍ତି । ଆମେ ବାରମ୍ବାର ମନ୍ତ୍ରୀଙ୍କୁ ଚେତାଇ ନ ଦେଲେ ଲୋକଟାର ହେବନାହିଁ । କେବଳ ସେତିକି ନୁହେଁ ଠିକ୍ ଅର୍ଡର ବାହାରିବା ପୂର୍ବରୁ ମନ୍ତ୍ରୀଙ୍କ ପାଖରେ ବସିବାର ଅଛି । ନ ହେଲେ କୁଆଡେ କଣ ଅର୍ଡର ବାହାରିବ ଯେ ପୁଣି ଥରେ ବଦଳେଇବା ଅସମ୍ଭବ ହେବ । ଜାଣିଛୁ ତ ଥରେ ବାହାରିଗଲେ ପୁଣି ମୁଖ୍ୟମନ୍ତ୍ରୀଙ୍କ ଯାଏଁ ଯିବ ।

ପଇସା ଲୋଭରେ ତ ତୋତେ ବହୁତ ଖଟିବାକୁ ପଡୁଥିବ । ଭୋକ ନାହିଁ, ଶୋଷ ନାହିଁ, ବଗ ଭଳି ଟାକି ରହିବାକୁ ପଡୁଥିବ ।

ରଘୁ ତାର ଗାଉଁଲି ଭାଷାକୁ ଫେରିଆସିଲା, ପାଗଳ ନା କ'ଣ । ମୁଁ କାହିଁକି ହାତରୁ ଖାଇ ଘୋଡା ଆଗରେ ଦଉଡିବି ? କେବଳ କାମ କରିବାର ଚାନ୍ଦା ମିଳିଲେ ଚଳିବ ନାହିଁ । ମୋର ଯିବାଆସିବା ଖର୍ଚ୍ଚ, ଭୁବନେଶ୍ୱରରେ

ଖାଇବା, ପିଇବା ଖର୍ଚ୍ଚ ସବୁ ଦେବାକୁ ପଡିବ । ପୋଷ୍ଟ ନେଇ କଥା । ଯେଉଁ ପୋଷ୍ଟରେ ଯେତେ ବେଶି ଉପୁରି, ସେତେ ବେଶି ପଇସା ମିଳେ । କେନିଲ୍‌ୱର୍ଥ, କଳିଙ୍ଗ, ସ୍ୱସ୍ତି, ପ୍ରାଚୀ ଭଳି ହୋଟେଲର ବନ୍ଦୋବସ୍ତ ବି କରିଦିଅନ୍ତି ।

ମୁଁ ଦେଖିଲି, ରଘୁର ଗପ ଅସରନ୍ତି । ନାଁଟା ସିନା କହୁନାହିଁ, ସମସ୍ତଙ୍କ କାରବାର ଏ ଜାଣିଛି । କଥାଟାକୁ ବାଆଁରେଇବା ପାଇଁ ବିଶେଷତଃ ରଘୁକୁ ବିଦା କରିବା ପାଇଁ କହିଲି, ହଉ, ଅଫିସ୍ ବେଳ ହେଲାଣି, ମୋତେ ବାହାରିବାକୁ ପଡିବ ।

ତର ତର ଦେଖାଇବାକୁ ମୁଁ ଟିକେ ଠିଆ ହୋଇପଡିଲି ।

ରଘୁ ଆଉ କିଛି କହିବାକୁ ଚାହୁଁଥିଲା ବୋଧହୁଏ । କବାଟଟା ମେଲା କରି ବାହାରି ଯାଉ ଯାଉ କହିଲା, ଦେଖ୍ ଦେଖ୍ ତୋ ଗେଟ୍ ଆଗରେ ତିନି ଚାରି ଜଣ କିମିତି ଟାକି ରହିଛନ୍ତି ।

କାହିଁକି ଆସୁଛନ୍ତି କେଜାଣି ? ମୁଁ କହିଲି ।

ରଘୁ କହିଲା, ତୋ ପାଖକୁ ନୁହେଁ, ମୋ ପଛରେ ଗୋଡାଇ ଗୋଡାଇ ଆସିଥିବେ । ମୋତେ କଣ ମରିବାକୁ ବି ଡର ଦେଉଛନ୍ତି ?

ଏତକ କହି ରଘୁ ଝଟପଟ ଚାଲିଗଲା ଗେଟ୍ ପାଖକୁ । ମୁଁ କବାଟ ଦୁଇଟିକୁ ଆଉଜାଇ ଆଣୁଆଣୁ ଫାଙ୍କ ଭିତରେ ଗେଟ୍ ଆଡକୁ ଚାହିଁଲି ।

ରଘୁ ସେମାନଙ୍କ ସହିତ କଣ କଥାବାର୍ତ୍ତା ହେଲା । ଜଣେ ଅଲଗା ହୋଇଗଲା । ଗେଟ୍‌ର ଡାହାଣ ପାଖ ବାଦାମ ଗଛ ତଳକୁ ରଘୁ ତାକୁ ଟାଣିନେଲା । ଅନ୍ୟମାନେ ଗେଟ୍‌ର ବାମ ପାଖରେ ରହିଗଲେ । ରଘୁ ଆଉ ସେ ଲୋକଟି ଗାଢ ଆଲିଙ୍ଗନରେ ଆବଦ୍ଧ ହୋଇଗଲା ପରି ଦେଖାଗଲେ । ଅଳ୍ପକ୍ଷଣ ପରେ ହାତ ହଲାଇ ତାକୁ କଣ କହିଲା, ପୁଣି ମୋ ଗେଟ୍ ମେଲା କରି ବାଡି ଭିତରକୁ ଫେରିଲା ।

ଗେଟ୍ ପାଖରୁ ସମସ୍ତେ ଧିରେ ଧିରେ ଚାଲିଗଲେ ।

ମୁଁ ଉତ୍ସୁକ ହୋଇ କବାଟଟି ବନ୍ଦ କରିବା ପରିବର୍ତ୍ତେ ଖୋଲିଦେଲି । ପଚାରିଲି, କଣ ହେଲା କି ? ପୁଣି ଫେରିଲୁ ଯେ ।

ରଘୁ ମୋତେ ରୁମ୍ ଭିତରକୁ ଟାଣି ଆଣିଲା । ମୋ ହାତରେ ଦୁଇ ହଜାର ଟଙ୍କା ଗେଞ୍ଜିଦେଲା । କହିଲା, ପୁଅର ଆଡ୍‌ମିସନ୍ ବାବଦରେ ୧୭୦୦ ଟଙ୍କା କମ୍ ପଡୁଛି କହୁଥିଲୁ ନା ? ଏତକ ମୋ ତରଫରୁ ।

ମୁଁ ବାରଣ କଲି । ରଘୁ କହିଲା, ତୋ ପୁଅ କଣ ମୋ ପୁଅ ନୁହେଁ ?

ମୁଁ ଟଙ୍କାଗୁଡାକୁ ତା ପକେଟରେ ଯେତେ ଗେଞ୍ଜୁଥାଏ, ସେ ତାକୁ କାଢିଆଣି ମୋ ହାତରେ ଗେଞ୍ଜୁଥାଏ ।

ଶେଷରେ ସେ ମୋତେ ଧମକାଇଲା ଭଳି କହିଲା, ଦେଖ୍, ଯଦି ତୁ ଏ ଦୁଇହଜାର ଟଙ୍କା ନନେବୁ ତୋର ମୋର ଅପଡ ।

ଆଜିକାଲି ଯୁଗରେ ଗାଦିର ପାଖରେ ଥିବା ଲୋକକୁ ହାତଛଡା କରିବା ଉଚିତ୍ ନୁହେଁ । ଏତକ ଭାବି ମୁଁ ଚୁପ୍ ହୋଇଗଲି । ରଘୁ ପଛକୁ ନ ଅନେଇ ବାହାରିଗଲା ।

ମୋର ମନେ ପଡିଲା ଏତକ ଟଙ୍କା ମୋ ପାଖରେ ଇନ୍‌ଭେଷ୍ଟ କରୁ ନାହିଁ ତ ? ଆଲିଙ୍ଗନ କରିଥିବା ଲୋକପାଇଁ ମୋଠାରୁ କିଛି କାମ ଆଦାୟ କରିବାର ପ୍ରତିଶ୍ରୁତିରେ ଏ ଦୁଇହଜାର ପାଇ ନାହିଁ ତ ?

ବଡ ପାଟିରେ କହିଲି, ଏତକ ଇନ୍‌ଭେଷ୍ଟମେଣ୍ଟର ରିଟର୍ଣ୍ଣ କେବେ ନେବୁ ?

ଗେଟ୍‌ର କବାଟ ଖୋଲୁ ଖୋଲୁ ରଘୁ ହସ ହସ ମୁହଁରେ କହିଲା, ମୋର ଯେତେବେଳେ ଦରକାର ହେବ ମୁଁ ଆସିଯିବି ଯେ !

❁

## ତାଜା ଖବର

ଚିଠିଟି ଖୋଲି ପଢୁପଢୁ ସବୁ ଘଟଣା ଆଖି ଆଗରେ ଭାସି ଉଠିଲା । ପ୍ରଥମଥର କେତେ ସହଜରେ ମୁଁ ଦୁଆର ଖୋଲିଦେଲି ।

ସାମନାରେ ଦୁଇଜଣଙ୍କ କଳା କଳା ମୁଛ ଓ ଡିମା ଡିମା ଆଖି । ଜଣଙ୍କର ନିଶ ଅଗ୍ର ଦି କଡରେ ବଙ୍କି ଯାଇଛି ଗାଲ ଉପରକୁ । ଯେପରି ଫିଲ୍ମରେ ଭିଲେନ୍‌ମାନେ ଅଠା ଦେଇ ଠିଆ ଠିଆ ମୁଛ ତିଆରି କରିଥାନ୍ତି । ଦୁହିଁଙ୍କ ଭିତରୁ ଜଣେ ଖାଲି ପାଟି ଚାକୁଳି ଥାଏ । ତାର ମୁଛ ଦୁଇଟା ଉପର ତଳ ହେଉଥିବାରୁ ଚାକୁଳିବା ଜଣାପଡୁଥାଏ । ଅନ୍ୟ ଜଣଟି ଦି ପକେଟ୍‌ରେ ହାତ ପୂରାଇ ମୁଚୁକୁଥାଏ । ଟେରିକଟ୍ ଟ୍ରାଉଜର ଓ ନୀଳ ସାର୍ଟ ହାତ ଚାପରେ ଜାକି ହୋଇଯାଉଥାଏ ।

ଜଣା ପଡୁନଥିଲା ଯେ ସେମାନଙ୍କର କିଛି ଅଭାବ ଅଛି । ଅଥଚ ସେମାନଙ୍କ ଦୃଷ୍ଟିରେ ଥିଲା ମାଗିବାର ଝଲକ । ମାଗିବା କହିଲେ ଠିକ୍ ହେବନାହିଁ, ଦାବି ଜାହିର କରିବାର ଝଲକ ।

ଦୁହେଁ ଏକାସ୍ୱରରେ କହିଉଠିଲେ, ଆମେ ଯୁବ ପ୍ରଗତି ଗୋଷ୍ଠୀ ଗଣେଶପୂଜା କମିଟି ତରଫରୁ ଆସିଛୁ ।

ମୁଁ ଜାଣିଥିଲି, ପ୍ରଗତି ଦଳ ବର୍ତ୍ତମାନ ଶାସକ ଦଳ । ଯେ କୌଣସି ପୂଜା ଆସିଲେ ଚାନ୍ଦା ସମୟ ଆସିଯାଏ । ଏମାନେ ଭାବନ୍ତି, କମ୍ପାନୀ କର୍ମଚାରୀମାନେ ବେଶ୍ କମାଉଛନ୍ତି, ସେମାନଙ୍କଠୁ ଚାନ୍ଦାଭେଦା ନ ଉଠାଇବା ତ ଉଠାଇବା କାହାଠୁ ? ସତେଯେପରି ମୋ ଭାବନା ସେ ଦୁହେଁ ପଢିପାରିଲେ । କହିଲେ, କେବଳ ଆପଣଙ୍କଠୁ ନୁହେଁ, ଏ ୟୁନିଟର ସମସ୍ତଙ୍କଠୁ ଚାନ୍ଦା ନେଉଛୁ ।

ମୁଁ କହିଲି, କିଛି ଦେଇ ହେବ ନାହିଁ ।

କବାଟ ବନ୍ଦ କରିଦେଲି । ସେମାନେ ଚାଲିଗଲେ ।

ତାପରଦିନ ସକାଳେ ଦୁଇଜଣ ଆସିଲେ । ସେମାନେ ନୁହଁନ୍ତି, ସେମାନଙ୍କ ଭଳି ଦିଶୁଥିବା ଆଉ ଦୁଇଜଣ । ସେମାନେ କହିଲେ, ନ ନମ୍ବର ୟୁନିଟର ଗଣେଶ ପୂଜା କମିଟି ପାଇଁ ଚାନ୍ଦା ନେବାକୁ ଆସିଛୁ । ଆପଣ ଏ ୟୁନିଟର ବାସିନ୍ଦା । ଚାନ୍ଦା ଦେବା ଆପଣଙ୍କ କର୍ତ୍ତବ୍ୟ ।

ମୁଁ କହିଲି, ଆଗରୁ ତ ତୁମେମାନେ ଚାନ୍ଦା ନେଉ ନଥିଲ । ନୂଆ ନୂଆ ସଂଗଠନ କରି ଚାନ୍ଦା ମାଗିଲେ ଏତେ ପଇସା କେଉଁଠୁ ଆଣିବୁ ? ଗୋଟିଏ ଗୋଟିଏ ୟୁନିଟରେ ଆଠ ଦଶଟା ପୂଜା ହେବ, ଆଉ ଆମେ ଆଠ ଦଶ ଥର ଚାନ୍ଦା ଦେଉଥିବୁ ?

ଯାହା ଦେଇପାରିବେ ଦିଅନ୍ତୁ, ସେମାନେ ଦାବି କଲା ପରି କହିଲେ ।

ମୁଁ ଭାବିଲି, ନିଜେ କବାଟ ଖୋଲି ଭୁଲ କରିଛି ।

ନିଶ ଉପରେ ହାତ ବୁଲାଉଥିବା ଟୋକାଟି ତାଚ୍ଛଲ୍ୟ କଲା, “ ଦେଇପାରିବେ ନାହିଁ କଣ କହୁଛନ୍ତି ? ”

ମୁଁ କହିଲି ଆମର ରୋଜଗାର ତ ନିଜକୁ ନିଅଣ୍ଟ । ନୂଆ ନୂଆ କମିଟି ଗଢି ଆପଣମାନେ ପଇସା ମାଗୁଥିବେ, ସବୁ ଅନୁଷ୍ଠାନକୁ ଟଙ୍କା ଦେଇହେବ କି ? ପୂଜା କରିବ ତ ନିଜ ପଇସାରେ କରୁନା ? ପର ପଇସାରେ ଠାକୁରଙ୍କୁ ପୂଜା କରିବ ? ଛି, ଛି !

ସେମାନେ ସେଦିନ ବି ଚାଲିଗଲେ ।

ତିନିଦିନ ପରେ ଚିଠି ବାକ୍ସରେ ଚିଠି କାଢିବାକୁ ମୁଁ ହାତ ପୂରାଇ ଦେଲାକ୍ଷଣି ବିଷ୍ଠାରେ ହାତ ବୁଡିଗଲା ।

ଏକାମ କିଏ କରିଥିବ ଜାଣିଗଲି । ଆଗରୁ ଶୁଣିଥିଲି, ମୋର ଜଣେ ସହକର୍ମୀ ଗତବର୍ଷ ଚାନ୍ଦା ଦେଇ ନଥିଲେ ବୋଲି ତାଙ୍କର ଦଶଟି ଫୁଲକୁଣ୍ଡ କୁଆଡେ ଉଭେଇଗଲା ! ତଥାପି ମୁଁ ଦମ୍ଭ ଧରିଥିଲି, ଏ ପିଲାଙ୍କୁ କିଛି ଦେବି ନାହିଁ ।

ପୋଲିସକୁ ଖବର ବି ଦେଲିନାହିଁ । ଚୁପ୍ ରହିଗଲି । ପୋଲିସ୍‌ର ସାମର୍ଥ୍ୟ ମୋତେ ଜଣା ।

ଏଣିକି ଗେଟ୍‌ରେ ଚାବି ପକାଇ ରଖିବାକୁ ସମସ୍ତଙ୍କୁ କହିଦେଲି । ବାଡି ଭିତରକୁ ପଶିଲେ ସିନା ପାଟିତୁଣ୍ଡ ହେବ ।

କିଛିଦିନ ଯାଏ କେହି ଆସି ନଥିଲେ । ଚିଠି ବାକ୍ସରେ ବିଷ୍ଠା ପଡିଥିବା କଥା ବି ଆମେ ଭୁଲିଗଲୁ । ପରେ ପରେ, ଗେଟ୍‌ରେ ତାଲାଦେବା କଥା ଭୁଲିଗଲୁ ।

ଦିନେ, ହଠାତ୍ ପୁଣି ଦୁଇଟା ଟୋକା ଆସିଲେ । ପୂର୍ବରୁ ଅସିଥିବା ଟୋକାଙ୍କ ବୟସର । ଜଣଙ୍କର ଗାଲରେ କଟା ଦାଗ । କୋଉଠି ବୋଧହୁଏ ନିଆଁ ଚିଙ୍କା ବା ଖଣ୍ଡା କି ଛୁରୀ ଚୋଟ ଲାଗିଯାଇଛି ।

ସେମାନେ କବାଟ ଠକ୍ ଠକ୍ କଲାକ୍ଷଣି ମୋ ପୁତୁରା କବାଟ ଖୋଲିଦେଇଥିଲା । ତା ପଛେ ପଛେ ମୋ ସ୍ତ୍ରୀ ବି ଆସିଯାଇଥିଲା । ଟୋକା ଦୁଇଟାଙ୍କ ରୂପର ସାଦୃଶ୍ୟ ଦେଖି ସେ ଡରିଗଲା । କବାଟ ଦୁଇଟାକୁ ବନ୍ଦ କରିବାକୁ ଗଲାକ୍ଷଣି ଗୋଟିଏ ଟୋକା ଚଟ୍‌କିନି କବାଟ ଦୁଇଫାଳ ସନ୍ଧିରେ ପାଦ ରଖିଦେଲା । କବାଟ ବନ୍ଦ ହୋଇ ପାରିଲା ନାହିଁ ।

ପାଟି କରି ଟୋକାଟା କହିଲା, ଆମେ ପ୍ରଗତି ଦଳର ଯୁବଗୋଷ୍ଠୀ ନଅ ନମ୍ବର ୟୁନିଟ ଶାଖାରୁ ଆସିଛୁ । ଆପଣଙ୍କ ଉପରେ ଗଣେଶ ପୂଜା ଦେୟ ବାକି ଅଛି । ଦେବାକୁ ପଡିବ ।

ମୋ ସ୍ତ୍ରୀ କହିଲା, କଣ ଜବରଦସ୍ତ ଦେବାକୁ ପଡିବ ? ଗୋଟିଏ ହେଲେ ପଇସା ଦେବୁନାହିଁ । ଆଉ ଏଠିକି ଆସ ନାହିଁ । ଏ ଜୋର ସେ ମୋଠାରୁ ଶିଖିଥିଲା ।

ଇତିମଧ୍ୟରେ ମୁଁ ଦ୍ୱାରପାଖକୁ ଆସି ଯାଇଥିଲି ।

ଗୋଡରେ ଠେଲି ଧରି କବାଟକୁ ଖୋଲା ରଖିଥିବା ଟୋକାଟି ଠୋ ଠୋ ହସିଦେଲା । ଗୋଡଟା କାଢିନେଲା । ସମ୍ଭବତଃ ମୋତେ ଦେଖି ସେମାନେ ଅଧିକ କିଛି ନ କହି ଚାଲିଗଲେ ।

ଦୁଇଦିନ ବି ଯାଇନାହିଁ ଦିନେ ସକାଳେ ବାପା ବାଡିରେ ବୁଲୁଛନ୍ତି, ଦେଖିଲେ ମଲା କୁକୁରଟିଏ ଗେଟ୍‌ପାଖରେ ପଡିଛି ।

ସେ ଚିହିଁକି ଉଠିଲେ । ତାଙ୍କ ପାଟି ଶୁଣି ମୋ ସ୍ତ୍ରୀ ବାହାରି ଆସିଲା । ମୁଁ ବି ।

ବାପା ପୋଖତ ଲୋକ । ପୋଲିସର ଧୁରନ୍ଧରପଣିଆ ଆଜିକାଲିର ନେତାମାନଙ୍କ ପଣତ ତଳେ, ସେ କହିଲେ । ସେ ଠିକ୍ କରି ନେଲେ ଏମ୍.ଏଲ୍.ଏ.ଙ୍କୁ ଦେଖାକରିବେ ।

ଏମ୍.ଏଲ୍.ଏ. ତାଙ୍କୁ ଭଲଭାବରେ ଜାଣନ୍ତି । ଗତ ନିର୍ବାଚନରେ ସେ ବାପାଙ୍କ ସାହାଯ୍ୟ ନେଇଥିଲେ । ଫେରି ଆସି ବାପା କହିଲେ ଯାହା କହିବାର କଥା କହିଛି । ଅବଶ୍ୟ ଏମ୍.ଏଲ୍.ଏ. ବାବୁ ବୁଝାଇଥିଲେ, "ମୁଁ ଭାବୁନାହିଁ ଯେ ମୋ ଦଳର ପିଲାମାନେ ପଇସା ମାଗିବାକୁ ଯାଇଥିବେ । ଏଗୁଡାକ ବିରୋଧି ଦଳର କାମ । ଆମକୁ ବଦନାମ କରିବା ପାଇଁ ମଝିରେ ମଝିରେ ଏଭଳି କରନ୍ତି ।"

ସେ ବାପାଙ୍କୁ ପରାମର୍ଶ ଦେଲେ, ଟିକିଏ ଧୈର୍ଯ୍ୟ ଧରନ୍ତୁ, ଆସ୍ତେ ଆସ୍ତେ ଶୃଙ୍ଖଳା ଫେରିଆସିବ । ଏବେ ତ ଆମେ ଜିତିଛୁ । ଏପର୍ଯ୍ୟନ୍ତ ତ ଏହି ବିରୋଧି ଦଳମାନେ ଶାସନରେ ଥିଲେ । ଟୋକାଗୁଡାକୁ ସେମାନେ ବଡ ଉତ୍ପ୍ରୋଧ ଦେଇଛନ୍ତି, ନହେଲେ କଣ ସେମାନେ ଏତେ ବଦମାସୀ କି ଦାଦାଗିରି ଦେଖାନ୍ତେ ?

ଏମ୍.ଏଲ୍.ଏ.ଙ୍କ ଭାଷାକୁ ଯଥାଯଥ ଉଦ୍ଧାର କରି ବାପା କହିଥିଲେ । ସେ ଏମ୍.ଏଲ୍.ଏ.ଙ୍କୁ ବୁଝାଇଥିଲେ, କିପରି ଆଗର ଏମ୍.ଏଲ୍.ଏ. ତାଙ୍କ ବଦମାସ ସମର୍ଥକମାନଙ୍କ ପାଇଁ ପରାସ୍ତ ହୋଇଛନ୍ତି । ମୋତେ ବାପା ବୁଝାଇଦେଲେ, ଏ ନୂଆ ଏମ୍.ଏଲ୍.ଏ. ଭଲ ଲୋକ । ମୁଁ ଭାବୁଛି, ମୋ କଥା ତା କାନରେ ଭେଦିବ ।

ବେଶିଦିନ ଯାଇନାହିଁ । ଦିନେ ଫୋନ୍ ଆସିଲା ।

କଡା ଶବ୍ଦ । ଆମେ ପ୍ରଗତି ଦଳର ନ ନମ୍ବର ୟୁନିଟ୍ ଅଫିସରୁ କହୁଛୁ । ଆଜି ସଞ୍ଜବେଳେ ଆମ ଦଳର ଦୁଇଜଣ ପିଲା ତୁମ ଘରକୁ ଯିବେ । ଯାହା ପାରୁଛ ଦେଇଦିଅ । ନଚେତ୍ ଭଲ କଥା ହେବ ନି ।

ମୁଁ ଓ  ମୋ ପରିବାର ହଠାତ୍ ଯେପରି ଗୋଟିଏ ମଙ୍ଗୋଲ ଆକ୍ରମଣ ଆଶଙ୍କାରେ ରହିଗଲୁ । ଘରର କବାଟ ସବୁ ବନ୍ଦ କରି ରଖିଲୁ । ଗେଟ୍ ବି ତାଲା ପକାଇଦେଲୁ । କଲିଂ ବେଲ୍‌ର ତାର ଖୋଲିଦେଲୁ ।

ସେଦିନ ଦିନସାରା କେହି ଆସିଲେ ନାହିଁ ।

ମନେ ହେଲା ଯେମିତି ଆମ ଘରଟା କାଚରେ ତିଆରି । ଏତେ ମୋଟା ମୋଟା କାନ୍ଥ ଭିତର ଦେଇ ସବୁ ଯେପରି ଜଳ ଜଳ ଦିଶୁଥାଏ । ଆଶଙ୍କା ହେଉଥାଏ, କାନ୍ଥଟାକୁ ଠେଲିଦେଲେ ଭାଙ୍ଗିଯିବ । ଦୁଆର ଝରକାର କାଠରେ ସହଜରେ ନିଆଁ ଲାଗିଯିବ ।.ଏ ଲୁହା ଗ୍ରିଲ୍ ବା ରେଲିଂ ତୁଚ୍ଛ ମନେ ହେଲା । କେଉଁ ବାଟ ଦେଖି ସେମାନେ ହାତ ବୋମାଟିଏ ପକାଇଦେଲେ ସବୁ ଭୁଷୁଡି ପଡିବ । ନଚେତ୍ ଗାଡିର ଜାକ୍ ଆଣି ରେଲିଂକୁ ମେଲା କରିଦେବେ ।

ମନେହେଲା ଖାଲିସ୍ଥାନୀ ଓ କାଶ୍ମୀରୀ ସନ୍ତ୍ରାସବାଦୀମାନେ ଯେପରି ଏକେ ୪୭ ରାଇଫଲ ରଖୁଛନ୍ତି ସେମିତି ଆମେ ଗୋଟିଏ ଗୋଟିଏ ଧରି ବସିବୁ । ଘର ଭିତରେ ଗାତ ଖୋଳି ବଙ୍କର କରିବୁ । ତା ଭିତରେ ଲୁଚି ରହିବୁ ।

ବାପାଙ୍କର ପେନ୍‌ସନ୍ ଓ ମୋର ଦରମା ପୂରା ମିଶାଇଲେ ବି ତ ଗୋଟିଏ ସାଦା ବନ୍ଧୁକ ବି କିଣି ପାରିବୁ ନାହିଁ । ବାପାଙ୍କ ପାଖରେ ନିଜର ଆଶଙ୍କା ପ୍ରକାଶ କଲି । ଦୁହେଁ ଗୋଟିଏ ପ୍ରଶ୍ନରେ ରାଜି ହେଲୁ : ଏ ଦୁନିଆରେ ସାଧୁ ହୋଇ ଲାଭ କଣ ?

ଜୋରଜବରଦସ୍ତ ଚାନ୍ଦା ଆଦାୟ ଓ ଧମକ ବାରମ୍ବାର ଖବରକାଗଜମାନଙ୍କରେ ବାହାରିବାରୁ ବିଭିନ୍ନ ପୂଜା କମିଟି ତରଫରୁ, ପ୍ରଗତି ଦଳ ତରଫରୁ ଘରେ ଘରେ ପ୍ରଚାର ପତ୍ର ବଣ୍ଟାଗଲା ଯେ ସେମାନଙ୍କ କେହି ପ୍ରତିନିଧି ନାହିଁ । ପ୍ରତିନିଧି ବୋଲି କହୁଥିବା ଲୋକଙ୍କୁ ବିଶ୍ୱାସ କରନ୍ତୁ ନାହିଁ ବା ପଇସାଏ ବି ଦିଅନ୍ତୁ ନାହିଁ । ପ୍ରଚାର ପତ୍ରରେ ନ ଥିଲା— ଯଦି ଆମ ଚିଠି ବାକ୍ସରେ ବିଷ୍ଠା ପଡେ ବା ବାଡିରେ ମଲାକୁକୁର ଫୋପଡାଯାଏ ଆମେ କଣ କରିବୁ ।

ବାପା ଘର ପାଇଁ ବଜାର କରନ୍ତି । ଏଣିକି ବାପା ବଜାର କରି ଗଲାବେଳେ ମୁଁ ସାଙ୍ଗରେ ଗଲି । ହାତରେ ଧରିଲି ଛୋଟ ଠେଙ୍ଗା । ଠେଙ୍ଗାଟିକୁ ମୁଁ ସାର୍ଟ ଭିତରେ ଲୁଚାଇ ରଖୁଥିଲି । ଅଫିସ ଗଲାବେଳେ ମୁଁ ସାଙ୍ଗମାନଙ୍କ ଗାଡିରେ ଗଲି । ଏକୁଟିଆ ଯିବା ପ୍ରାୟ ବନ୍ଦ ହୋଇଗଲା ।

ଅଫିସ କାମ କରୁ କରୁ ଘରକୁ ଘଣ୍ଟାକୁ ଘଣ୍ଟା ଫୋନ୍ କରେ, ସବୁ ଠିକ୍ ଅଛି ତ ?

କେଉଁଠି ଗୋଟିଏ ଟୋକା ମୋ ଆଖି ଆଗରେ ପଡିଗଲେ ମୋର ମନେହୁଏ ସତେ ଯେପରି ସେ ମୋ ଆଡକୁ ମାଡିଆସୁଛି । ଚାରିଆଡେ ମାତେ ଖାଲି ଦିଶିଲା ବଡ ବଡ ମୁଛ ରଖିଥିବା ପିଲାଗୁଡାଏ ବୁଲୁଛନ୍ତି । ଟେରିକଟ୍ ଟ୍ରାଉଜର ଆଉ ନୀଳ ସାର୍ଟ । ନିଶ ସବୁ ଗାଲ ଉପରକୁ ମୋଡି ହୋଇଛି ।

ଏଭଳି ଡରି ହରି କେତେଦିନ ରହିହେବ ? ମନେ ହେଉଥିଲା ଘରକୁ ଫେରୁ ଫେରୁ କେଉଁଦିନ ଘରେ ନିଆଁ ଲାଗିଯାଇଥିବ ? କାଳେ କିଏ ଅପହରଣ କରି ନେବ ବୋଲି ପୁତୁରାକୁ ଗାଆଁକୁ ଫେରାଇ ଦେଇଥିଲି । ସ୍ତ୍ରୀ ମଧ୍ୟ ଗାଁ କୁ ଚାଲିଗଲା । ଆମେ ରହିଗଲୁ —— ଦୁଇଜଣ : ବାପା ଓ ମୁଁ । ଅବଶ୍ୟ ଗୋଟିଏ ରୋଷେଇଆ ଥାଏ ।

ଦିନେ ଦୁଇଟା ଟୋକା ଆସି ମୋ କଲିଂ ବେଲ ଦବାଇଲେ ବାପାଙ୍କୁ ଡର ଲାଗିଲା ସେମାନେ ପୁଣି ଫେରି ନାହାନ୍ତି ତ ?

ସେମାନେ ଯେତେବେଳେ କହିଲେ ଆମେ ଗୋଟିଏ ସାବୁନ କମ୍ପାନୀ ତରଫରୁ ମାର୍କେଟ୍ ସର୍ଭେ କରିବାକୁ ଆସିଛୁ, ବାପା ଟିକିଏ ଆଶ୍ୱସ୍ତ ହେଲେ । ବାପା କହିଲେ ବର୍ତ୍ତମାନ ସମୟ ନାହିଁ, ପୁଅ ଆସିଲେ ପଚାରି ନେବ ।

ତାପରେ ସେମାନେ ଚାଲିଗଲେ । ସେଦିନ ସଞ୍ଜବେଳେ ଖଣ୍ଡିଏ କାଗଜ ଆମ କବାଟ ପାଖରେ ପଡିଥିଲା । ସେଥିରେ ଲେଖାଥିଲା, କାଲି ଆସିବୁ । ଏଥରକ ମାର୍କେଟ୍ ସର୍ଭେ ନ ହୋଇ ତୁମ ଘର ସର୍ଭେ ହେବ । ଆମେ ଆପେ ଆପେ ଚାନ୍ଦା ବାହାର କରିବୁ ।

ବହୁତ ହୋଇଗଲା । ବାପା ଓ ମୁଁ କାଗଜ ଖଣ୍ଡିକ ଧରି ସିଧାସଳଖ ଥାନାକୁ ଗଲୁ । ଦାନ୍ତ ଘଷି ନ ଥାଉ । ଥାନାବାବୁ ଓ ଅନ୍ୟମାନେ ନିଜର ଆଚମନରେ ବ୍ୟସ୍ତ । ଜଣେ କନେଷ୍ଟେବଳ କହିଲା, ବସନ୍ତୁ, ଥାନାବାବୁ ଆସିଲେ ଆପଣଙ୍କ ଅଭିଯୋଗ ଶୁଣାଯିବ । ଦୁଇଘଣ୍ଟା ବିତିଗଲା ।

ଥାନାର ଇନ୍‌ସପେକ୍ଟର ଭଲ ମଣିଷ । ମୋ କାହାଣୀ ଶୁଣି ବହୁତ ସମବେଦନା ଜଣାଇଲେ ।

ମୁଁ ପଚାରିଲି, ଅନ୍ୟମାନେ ଏଭଳି ଅଭିଯୋଗ କରୁଛନ୍ତି କି ?

ସେ ମୋ ଆଡେ ବହୁତ ସମୟ ଚାହିଁ ଚାହିଁ ଉତ୍ତର ଦେଲେ, ନା ।

ମୋ ବାପାଙ୍କ ମୁହଁକୁ ଚାହିଁ ଇନ୍‌ସପେକ୍ଟର କହିଲେ, ଆଜିଠୁ ଆପଣଙ୍କ ଘରକୁ ଦୁଇଜଣ ପୋଲିସ୍ ଜଗିବାକୁ ପଠାଉଛି । ଆଉ ଏହାଠୁ ଅଧିକ ମୁଁ କଣ କରିପାରିବି ?

ଆମେ ଘରକୁ ଫେରିଲୁ । ଆମ କାନ୍ଥ ଘଡିଟିର ଟିକ୍ ଟିକ୍ ବାଜୁଥିବା ଶବ୍ଦ ଢଂ ଢଂ ବାଜିବା ଭଳି ଶୁଭୁଥାଏ । ଚାରିଆଡେ ନୀରବତାର ସୂଚକ ।

ଆମ ଘରକୁ ଯେଉଁ ଦୁଇଟି କନଷ୍ଟେବଳ ଆସିଲେ ସେମାନଙ୍କ ଚେହେରା ପିଲାଦୁହିଁଙ୍କ ଚେହେରାଠୁ କୌଣସି ଗୁଣରେ କମ୍ ନୁହେଁ । ଝାମ୍ପୁରା ଝାମ୍ପୁରା ବାଳ, ଲାଲ୍ ଲାଲ୍ ଆଖି, ଗାଲ ଉପରେ ବଙ୍କି ଯାଇଥିବା ମୁଛ । ପ୍ରଭେଦ ଏତିକି ସେମାନେ ମୋଟା ନଥିଲେ କି ପତଳା ନଥିଲେ । ତାଛଡା ସେମାନଙ୍କ ପାଟିରୁ ପାନ ବଳେଇ ପଡୁଥିଲା । ଦାନ୍ତଗୁଡାକ କଳାମାର୍ବଲ ଚିପ୍‌ସ୍ ଭଳି ।

ଚାରିପାଞ୍ଚଦିନ ଆମ ପାଖରେ ରହିବା ଭିତରେ ସେମାନେ ଆମ ପରିବାରର କୁଟୁମ୍ବ ହୋଇଗଲେ । ଦରକାରବେଳେ ଆମେ ଚାହା ଦେଲୁ, ଶୋଇବା ପାଇଁ ଅସୁବିଧା ହେଲା ତ ଜାଗା ଦେଲୁ । କିଛିଦିନ ପରେ ଆମର ପାଇଖାନା ଓ ବାଥ୍‌ରୁମ୍ ବି ସେମାନେ ବ୍ୟବହାର କଲେ । ଯିଏ ଆମର ଜୀବନ ରକ୍ଷକ ତାକୁ ଏତକ ସୁବିଧା ଦେବା ନାହିଁ ତ କାହାକୁ ଦେବା ?

ପଡୋଶୀମାନେ ମଝିରେ ମଝିରେ ବଡ କୌତୁହଳ ସହିତ ଆମ ଘରଆଡେ ଚାହାନ୍ତି । ଆମ ସଂସାରଟା ଯେପରି ଟେଲିଭିଜନ ପରଦାରେ ଦିଶୁଛି । ଅସରନ୍ତି ସିରିଆଲ୍‌ର ବେନମ୍ବରୀ ଏପିସୋଡ୍ । ନାଟକର ଶେଷ ନାହିଁ ।

ସେମାନେ କନଷ୍ଟେବଲ ଦୁଇଟାକୁ ଯେତେ ନ ଦେଖନ୍ତି, ଶୋଇଥିବା ଅବସ୍ଥାରେ ସେମାନଙ୍କ କାନ୍ଧ ଉପରେ ପଡି ରହିଥିବା ପୁରୁଣା ବନ୍ଧୁକ ଦୁଇଟାକୁ ବେଶି ଦେଖନ୍ତି । ପଡିଶାଙ୍କ ଓ ଦେଖଣାହାରୀଙ୍କ ପ୍ରଶ୍ନରୁ ଏତକ ମନେ ହେଉଥିଲା ।

ସଞ୍ଜର କେତେ ମିନିଟ ଜଗି ରହନ୍ତି । ତାପରେ ସେମାନଙ୍କୁ ବେଶ୍ ନିଦ ମାଡିଆସେ । ନିଦ ଆସିବାର ଆଭାସ ଆମକୁ ମିଳେ, ଯେତେବେଳେ ସେମାନଙ୍କ ଭିତରେ ଫୁସ୍‌ଫାସ୍ କଥାବାର୍ତ୍ତା ହୁଏ, ଆଉ କେହି ଆସିବେ ନାହିଁ ମ, ଶୋଇପଡ ।

ତାପରେ ଆମ ମୁଣ୍ଡ ଉପରେ ଟିକ୍ ଟିକ୍ କରୁଥିବା କାନ୍ଥଘଡିଟି ବେଶି ଜୋରରେ ଟିକ୍ ଟିକ୍ କରେ ।

ମଝିରେ ଦିନେ ସଞ୍ଜବେଳେ ଦୁହେଁ ଗୋଟିଏ ବୋତଲ ଖୋଲିଲେ । ମୋ ଆଡକୁ ଚାହିଁ ପଚାରିଲେ ବରଫ ଆଉ ସୋଡା ପାଣି ଅଛି କି ?

ମୁଁ ବା କଣ କହନ୍ତି । ଅଛି ବୋଲି କହିବି କଣ, ଖୋଦ ଆଣି ଦେଲି ।

ତାପରେ ମଦ ପିଇବା ଦୈନନ୍ଦିନ କାରବାର ହୋଇଗଲା ।

ଦିନେ ସେମାନେ ଚାହିଁଲେ, ମୋ ଟେଲିଭିଜନ ଦେଖିବେ । ତୁମେ କାହିଁକି ଟେଲିଭିଜନ ଦେଖୁନାହଁ ? - ଦୁହେଁ ଏକାସ୍ୱରରେ ପ୍ରଶ୍ନ କରିଥିଲେ ।

ଏତେଦିନ ରହିଗଲା ପରେ ସେମାନେ ଆଉ ଆପଣ ନ କହି ତୁମେ କହିବା ଆରମ୍ଭ କରିଦେଇଥିଲେ ।

ମୁଁ ବା ଆଉ କଣ କରନ୍ତି ? ଡରରେ ତ ଟେଲିଭିଜନ ଅନ୍ କରୁନଥିଲୁ, ସେଦିନ ପ୍ରଥମଥର ପାଇଁ ଅନ୍ କଲୁ । ହିନ୍ଦୀ ସିନେମା ଚାଲିଥାଏ ।

ଗୁଡିଏ ସ୍ତ୍ରୀ ଲୋକଙ୍କ ଅର୍ଦ୍ଧନଗ୍ନ ନାଚଗୀତର ଦୃଶ୍ୟ । କନଷ୍ଟେବଲ ଦୁଇଜଣଙ୍କୁ ବେଶ୍ ପସନ୍ଦ ହେଲା । ବାରଣ୍ଡାରେ ବସି ଝରକାବାଟେ ଘର ଭିତରର ଟେଲିଭିଜନକୁ ଚାହିଁ ଢୋକ ପରେ ଢୋକ ପିଉ ଥାଆନ୍ତି ।

ବାପା ଆଉ ମୁଁ ଖୁବ୍ ଡରି ଯାଇଥିଲୁ । ପିଇବାକୁ ସୀମିତ କରିବା ବା ସେମାନଙ୍କୁ ବନ୍ଦ କରିବାର କୌଣସି ଉପାୟ ପାଇଲୁ ନାହିଁ । କୋଠରୀଟା ସାରା ଚାରିଆଡେ ଖାଲି ଡର ଥିଲା । ତାଙ୍କ ମୁହଁରୁ ଯେଉଁ ଗନ୍ଧ ଆସେ ତହିଁରେ ବି ଥାଏ ଡର ।

ଏମିତି ଦୁଇତିନି ଦିନ ଯାଇଛି କି ନାହିଁ, ଦିନେ ରାତି ଦଶଟା ପରେ ବି ସେମାନେ ଚେଇଁ ରହିଥିଲେ । ଆମକୁ ଜବରଦସ୍ତ କଲେ ଟେଲିଭିଜନ ଖୋଲା ରଖିବାକୁ । ସେମାନେ ଯେଭଳି ଟେଲିଭିଜନ ଦେଖି ପାରିବେ, ସେଥିଲାଗି ଝରକା ଖୋଲି ଦେଇଥିଲୁ । ଅନ୍ୟ ଝରକା ସବୁ ବନ୍ଦ । ଆଖିପତା ପଡି ଆସିଛି କି ନାହିଁ ଧଡ ଧଡ ଶବ୍ଦ ଶୁଭିଲା । ସତେ ଯେପରି ଗୁଡିଏ ଚୌକି-ବେଞ୍ଚ ଏକାସାଙ୍ଗରେ ପଡିଗଲା ।

ବାପାଙ୍କର ଜନ୍ମ ସ୍ୱାଧୀନତା ପାଇବାର ପଚିଶ ତିରିଶ ବର୍ଷ ଆଗରୁ । ବିଦେଶୀ ସରକାର ଅମଳରେ ଏତେ ହିଂସା ଓ ଆଶଙ୍କା ସେ ଦେଖି ନଥିଲେ । ସମାଜ ଏତେ ବିଶୃଙ୍ଖଳ ନଥିଲା । ମୋର ଜନ୍ମ ସ୍ୱାଧୀନତା ପରେ । ସ୍ୱାଧୀନ ମାନେ ମନଇଚ୍ଛା କାମ କରିବା, ଆଇନ ଶୃଙ୍ଖଳା ନ ମାନିବା, ଜୋରଜବରଦସ୍ତ ପଇସା ଆଦାୟ କରିବା : ଏକଥା ମୁଁ ଦେଖୁଛି । ବାପା ସାକ୍ଷୀ ।

କବାଟ ବନ୍ଦ କରି ଭିତରେ ରୁହ, ମୁଁ ଦେଖିଆସୁଛି କହି ବାପାଙ୍କଠାରୁ ବିଦାୟନେଲି ।

କବାଟ ଖୋଲିଛି କି ନାହିଁ ମୁଁ ଧକ୍କା ଖାଇଲି ଜଣେ କନଷ୍ଟେବଲ ଦେହରେ । ପିଇକି ମାତାଲ ।

'ଏଆଡେ ଆ' । ସତେ ଯେପରି ସେ ରିକ୍ସାବାଲାକୁ କହୁଛି ବା ଗିରଫ କରିଥିବା ଚୋର ଡକାୟତକୁ କହୁଛି ।

ସେ ଡାଇନିଙ୍ଗ୍ ଟେବୁଲ ପାଖରେ ବସି ପଡିଲା । ମୁଁ ଆଉ ଗୋଟିଏ ଚେୟାରରେ ବସିଲି । ଦ୍ୱିତୀୟ କନଷ୍ଟେବଲଟି ସେତେ ପିଇ ନଥାଏ । ସେ ମୋ ପାଖରେ ଠିଆ ହେଲା ।

ପିଇଥିବା ପ୍ରଥମ କନଷ୍ଟେବଲର ଲାଲ୍ ଆଖି ଦୁଇଟି ମୋ ଆଡକୁ ବୁଲିଆସିଲା । ତାପରେ ସେ ଯେଉଁ ସବୁ ଶବ୍ଦ ମୋ ପ୍ରତି ପ୍ରୟୋଗ କଲା, ତାକୁ ଲେଖି ହେବ ନାହିଁ । କଥାର ମର୍ମ ହେଲା, ତୁ କଣ ଭାବୁଛୁ ଆମେ ସବୁ ମୂର୍ଖ ?

ନିଶାରେ ସେ ଆପଣ, ତୁମେ ଓ ତୁ ମଧ୍ୟରେ ପ୍ରଭେଦ ଜାଣି ପାରୁ ନଥାଏ ।

ମୁଁ କାହିଁକି ସେପରି ଭାବିବି ? ମୁଁ ତାକୁ ଆପଣ କହିବା ଆରମ୍ଭ କଲି ।

ତୁ କଣ ଭାବୁଛୁ ତୁ ଯାହା କହିବୁ ଆମେ ତା କରିବୁ ? ସେ ଆହୁରି ଜୋରରେ ପାଟି କରି କହିଲା । ଅନ୍ୟ କନଷ୍ଟେବଲଟି ମୋ ପଛଆଡୁ ଖିଲି ଖିଲି ହୋଇ ହସୁଥିଲା ।

ପ୍ରଥମ କନଷ୍ଟେବଲଟି ତା ମନଇଚ୍ଛା ଗାଇଗଲା । ମୋତେ ସେ କେଉଁ ଆଖିରେ ଦେଖୁଥିଲା ତା ମୁହଁରୁ ବାହାରିପଡିଲା । ଭୀରୁ, କାପୁରୁଷ, କୃପଣ, ଶୋଷକ, ସମାଜର ପୋକ ।

ହିନ୍ଦୀ ସିନେମାର ଭିଲେନ୍‌କୁ ହିରୋ ଯେପରି କହେ । ତା ଶେଷ କଥା ଥିଲା, ମୁଁ ନିରୀହ ଗରାଖମାନଙ୍କ ରକ୍ତ ଶୋଷୁଥିବା ଗୋଟିଏ ଜୋକ । ମୋ କମ୍ପାନୀର ଜିନିଷଗୁଡାକ ଖରାପ, ଅଥଚ ମୋ କମ୍ପାନୀ ବିକୁଛି ଖୁବ୍ ଚଢା ଦରରେ ।

ଲୋକଟି ନୀରବ ହୋଇଗଲା । ତା ମୁହଁଟା ଅସୀମ ଦୁଃଖର ଗୋଟିଏ ଛବି ହୋଇଗଲା । ପାଣ୍ଡୁର ମୁହଁଟି କହୁଥିଲା, ଲୋକଟା ସବୁକିଛି ଆଶା ଛାଡି ଦେଇଛି । ଆଖି କହୁଥିଲା, ସେ ଏ ଦୁନିଆରେ କାହିଁକି ବଞ୍ଚିଛି ସେ ବିଷୟରେ ସେ ସନ୍ଦିଗ୍ଧ । ସେ ପୁଣି ଆସିଛି ମୋତେ ଓ ମୋର ପରିବାରକୁ ସୁରକ୍ଷା ଦେବ । ଆସିଲାବେଳେ ସୁରକ୍ଷା ଦେବାରେ ତାର ଇଚ୍ଛା ପ୍ରବଳ ଥିଲା । କିନ୍ତୁ ଏବେ ତାର ବନ୍ଧୁକ ନଳୀ ଭିତରୁ ନିରାଶ ଓ ନପୁଂସକତାର ବାଷ୍ପ ବାହାରୁଛି ।

ଅନ୍ୟ କନଷ୍ଟେବଲଟିକୁ ମୁଁ ଚାହିଁଲି । ସେ ମୋତେ ଥରେ ଚାହୁଁଥାଏ ତ ପ୍ରଥମ କନଷ୍ଟେବଲକୁ ଥରେ ଚାହୁଁଥାଏ । ମଝିରେ ମଝିରେ ହସି ଦେଉଥାଏ । ମୋ ମୁହଁରେ ତା ମୁହଁ ପଡିଗଲେ ତା ହସଟି ବାହାରି ଆସୁଥାଏ ଠିକ୍ ଦୁଷ୍ଟ ଛୁଆଟିଏ ଯେଭଳି କରେ । ହଠାତ୍ ସେ ଓଠରେ ଅଙ୍ଗୁଳି ଚାପି ଇସାରା ଦେଲା, ଚୁପ୍ ରୁହ । ମୁଁ ତ ଚୁପ୍ ଥିଲି, ଟିକେ ଗମ୍ଭୀର ହୋଇଗଲି ।

ସତେ ଯେପରି ମୃତ୍ୟୁର ସ୍ୱପ୍ନରୁ ଉଠିପଡିଲା ପ୍ରଥମ କନଷ୍ଟେବଲଟି । ଢାଏଁ କରି ବିଧା ମାରିଲା ମୋ ଡାଇନିଙ୍ଗ୍ ଟେବୁଲ ଉପରେ । ଜୋର ପାଟି କରି ମୋତେ ପଚାରିଲା, ତୁ ଜାଣିଛୁ ମୁଁ କିଏ ?

ମୁଁ କିଛି କହିବା ପୂର୍ବରୁ ସେ ବକିଗଲା । ମୁଁ କନଷ୍ଟେବଲ ନମ୍ବର ୭୮୬ । ଏ ନମ୍ବରଟା ଜାଣିଛୁ । ଏହାର ଅର୍ଥ ବିସ୍‌ମିଲ୍ଲା ହିର୍‌ରହମ୍ମା ନିର୍‌ରହିମ୍ । ଆମ ଧର୍ମରେ ସବୁଠାରୁ ଶୁଭସୂଚକ । ତୁ ଜାଣିନାହୁଁ ?

ମୁଁ ଚୁପ୍ ରହିଲି । ଅନ୍ୟ କନଷ୍ଟେବଲଟି ଖିଲି ଖିଲି ହୋଇ ହସିଦେଲା ।

ମୋ କାନ୍ଧକୁ ଜୋରରେ ହଲାଇ ଦେଇ ପ୍ରଥମ କନଷ୍ଟେବଲଟି କହିଲା, ମୁଁ ତତେ କହୁଛି, ଶୁଭୁ ନାହିଁ କି ? ତା ମୁହଁରୁ ଆଲକୋହଲ୍‌ର ହାଓ୍ୱା ଆଉ ବିଡି ତଥା ପାନର ପଚା ଗନ୍ଧର ବାଦଲ ବାହାରି ମୋ ମୁହଁକୁ ଘୋଡାଇ ପକାଇଲା । ମୁଁ ହଁ କରିବା ଛଡା ଚାରା ନ ଥିଲା ।

ମୋ ଆଖିରେ ତା ଆଖି ମିଳାଇ ଥିବା ଅବସ୍ଥାରେ ସେ ନଥ୍ କରି ବସିପଡିଲା । ଆଖିର ପତା ଲାଲ୍ ଲାଲ୍ ଦିଶୁଥିବା ଡୋଳା ଦୁଇଟାକୁ ବନ୍ଦ କରିଦେଲା । କିଛି ସମୟ ସବୁ ଚୁପ୍‌ଚାପ୍ ।

ହଠାତ୍ ପୁଣି ଉଠିପଡି କହିଲା, ତୁ ଏଘରେ କେତେଦିନ ହେଲା ରହିଲୁଣି ?

ମୁଁ କିଛି ଉତ୍ତର ଦେବା ପୂର୍ବରୁ ସେ ପୁଣି କହିଲା, ଆସିଲୁ ମୋତେ ପୂରା ଘରଟା ଦେଖାଇଲୁ । ଭିତରେ କଣ ରଖିଛୁ ଦେଖେଁ ।

ମୁଁ କହିଲି, ଦେଖାଇବି, ଭୋର ହେଉ । ବର୍ତ୍ତମାନ ତ ନିଘୋଡ ରାତି । ସେ ଜୋରରେ ପାଟି କରି କହିଲା, ବର୍ତ୍ତମାନ ଦେଖା । ତୁ କଣ କମିଶନର ସାହେବ କି ? ବଡ ବଡ ମନ୍ତ୍ରୀଙ୍କ ଘର ରାତି ଅଧରେ ମୁଁ ତଲାସି ବୁଲିଛି ।

ଏ ଲୋକ ସାଙ୍ଗେ ଯୁକ୍ତି କରି ଲାଭ ନାହିଁ ବରଂ ତାର ପ୍ରଶଂସା ବା ତାରିଫ କରିବା ଉଚିତ୍ । ମୁଁ ଭାବି ଭାବି ଠିକ୍ କଲି । କହିଲି, ମନ୍ତ୍ରୀମାନେ ତ ତୁମଯୋଗୁ ଆସନରେ ଅଛନ୍ତି । ତୁମେ ନଥିଲେ କୋଉ ମନ୍ତ୍ରୀଟା ଥାଆନ୍ତା କି ?

ମୋର ଏତକ କଥା ସତେ ଯେପରି କନଷ୍ଟେବଲର ଜୀବନୀସ୍ୱିଚ୍‌ଟା ଟିପିଦେଲା । ଗଳ ଗଳ କରି ତା ପାଟିରୁ ମହାଭାରତ ବାହାରିଲା ।

ମନ୍ତ୍ରୀଙ୍କ ନାମ ଧରି ସେ କହିଗଲା କେଉଁ ମନ୍ତ୍ରୀ, ଏମ୍.ଏଲ୍.ଏ. ହେବା ପୂର୍ବରୁ କେତେ ଥର କେଉଁ କେଉଁ ଅପରାଧରେ ବୁକ୍ ହୋଇଛନ୍ତି । ଏବେ ବି କିପରି ମନ୍ତ୍ରୀ ଥାଇ ମଧ୍ୟ ସେମାନେ ଅପରାଧ କରୁଛନ୍ତି । ଚାକିରୀ ପାଇଁ ଆସୁଥିବା ଝିଅ, ବୋହୁଙ୍କ ସହିତ କିପରି ଅନୈତିକ କାମ କରିବାରେ ଲାଗିଛନ୍ତି । ଜଣେ ଦିଜଣଙ୍କ ନାମ ବି କହିଗଲା । ସେ ନିଜେ କିପରି ଜଣଙ୍କର ମୃତ୍ୟୁର କାରଣ ହୋଇଛି । ଇତ୍ୟାଦି, ଇତ୍ୟାଦି ।

କନଷ୍ଟେବଲର ଆସ୍ଫାଳନର ନିଆଁରେ ମୁଁ କିଛି କିଛି ଅମ୍ଳଜାନ ଯୋଗାଉଥିଲି । ସେ ଆହୁରି ବଢେଇ ବଢେଇ କରି କହିଲା । ମୋ ଜାଣତରେ ଭଲ ମନ୍ତ୍ରୀଙ୍କୁ ମଧ୍ୟ ବଦନାମ କଲା । ଜନୈକ ମନ୍ତ୍ରୀଙ୍କର ଶୟନକକ୍ଷର ଦ୍ୱାରରେ ଡିଉଟି କରୁଥିବା କଥା କହୁ କହୁ ହଠାତ୍ ସେ ମୋତେ ପଚାରିଲା ତୁ କେଉଁଠି ଶୋଉଛୁ । ତୋ ବେଡ୍‌ରୁମ୍ ମୋତେ ଦେଖା ।

ମୁଁ ଜୋର କରି ମନା କଲି । ବାପା ଶୋଇଛନ୍ତି, ବୁଢା ଲୋକ, ହଠାତ୍ ନିଦ ଭାଙ୍ଗିବା ଭଲ ନୁହେଁ ।

ଏତକ ଶୁଣି କନଷ୍ଟେବଲ ମୋର ଚଉଦ ପୁରୁଷ ଶୋଧିଗଲା । କହିଲା, ଶଳା, ମୁଁ ଚେଇଁ ଚେଇଁ ତୋ ଘର ଜଗିବି, ଆଉ ଶଳାର ବାପ ବେଶ୍ ଆରାମରେ ଶୋଇଥିବ ? ଏତକ କହୁ କହୁ ସେ କବାଟରେ ଦୁଇ ତିନି ଥର ବନ୍ଧୁକ କୁନ୍ଦା ବାଡେଇଲା । ମୋ ଡର ହେଲା କବାଟଟା ଭାଙ୍ଗିଯିବ ।

ଏ ଶବ୍ଦରେ ବାପା ଉଠିପଡିଲେ । କଣ ହେଲା, କଣ ହେଲା, ପାଟିକଲେ ।

ମୁଁ ଆଉ ସମ୍ଭାଳି ପାରିଲି ନାହିଁ । ହୋସ୍‌ରେ ନଥିବା ଭଳି ଏକାଥରକେ ତା ହାତରୁ ବନ୍ଧୁକଟି ଛଡାଇ ନେଲି । ସେ ତ ମଦ ଆସକ୍ତିରେ ଦୁର୍ବଳ ଥିଲା । ତଳେ ପଡିଗଲା । ଦ୍ୱିତୀୟ କନଷ୍ଟେବଲଟି ଏକଥା ଜାଣିବା ପୂର୍ବରୁ ମୁଁ କାନ୍ଥ କଣରେ ଡେରା ହୋଇଥିବା ତା ବନ୍ଧୁକଟି ବି ନେଇଆସିଲି ।

କନେଷ୍ଟବଲ ଆଡକୁ ବନ୍ଧୁକ ଦେଖାଇ କହିଲି, ଗେଟ୍ ଆଉଟ୍ । ନହେଲେ ଫାୟାର କରିବି ।

ମୋ ପାଟି ଶୁଣି ଦ୍ୱିତୀୟ କନଷ୍ଟେବଲଟି ଡରିଗଲା । ଆଉ ତୁ ତା ବାହାରିଲା ନାହିଁ । ଦୁହିଁଙ୍କର ବି ଚେତା ପଶିଲା । ଦୁହେଁ କହିଲେ, ସାର୍, ବନ୍ଧୁକ ଆମକୁ ଦେଇଦିଅନ୍ତୁ, ନହେଲେ ଆମର ଚାକିରୀ ରହିବ ନାହିଁ ।

ବର୍ତ୍ତମାନ ଘରୁ ବାହାରି ଯାଅ । ନହେଲେ, ଫାୟାର କରିବି । ମୋ ପାଟିରେ ସେମାନେ ମୂଷାଭଳି ଧୀରେ ଧୀରେ ଘର ଛାଡ଼ି ପଦାକୁ ଚାଲିଗଲେ ।

ସେମାନେ ତ ଚାଲିଗଲେ । ମୁଁ କବାଟ ବନ୍ଦ କରି ଯେମିତି ବୁଲିପଡିଛି, ୱାସ୍‌ବେସିନ୍ ଉପର ଆରିସିରେ ଆଖି ପଡିଗଲା । ଇସ୍, ମୁଁ କି ବିଭତ୍ସ ଦିଶୁଛି । ଗୋଟିଏ ଅପରାଧି ମୁହଁ ଭଳି ।

ତା ପରଦିନ ସକାଳୁ ମୁଁ ଗିରଫ ହେଲି, ସାତଦିନ ଧରି ଥାନା ହାଜତରେ ରହିଲି । କୋର୍ଟକୁ ଚାଲାଣ ହେଲି । ତା ପରେ । ଦେହ, ଗୋଡ, ହାତ ଦରଜ କହିଲେ ନ ସରେ । ଅଷ୍ଟମ ଦିନ ବେଲ୍ ମିଳିଲା । କମ୍ପାନୀ ଘର ଛାଡି ଦେଲି । ଗାଁରୁ ଯିବା ଆସିବା କଲି ।

ସେ ଘର ଆଉ ଜଣେ କର୍ମଚାରୀ ନେଲେ । ସେ ମୋଠାରୁ ସମସ୍ତ ଘଟଣା ଶୁଣିଥିଲେ ।

ଏବେ ମୁଁ ଗୋଟିଏ ଚିଠି ପାଇଛି । ନୂଆ ଭଡାଟିଆଙ୍କଠାରୁ । ଦୁଇଜଣ ଟୋକା ଆସି ବାରମ୍ବାର ଚାନ୍ଦା ମାଗୁଛନ୍ତି । ଠିକ୍ ସେଇଭଳି ଚେହେରା । ଯେଉଁଭଳି ମୁଁ ବର୍ଣ୍ଣନା କରି ତାଙ୍କୁ କହିଥିଲି । ଗଳୁରା ନିଶକୁ ଦୁଇ ଗାଲ ଉପରକୁ ଉଠାଇଛନ୍ତି । ସେହିଭଳି ଟାଣ ସ୍ୱରରେ ସେମାନେ କହୁଛନ୍ତି, ତୁମେ ଯାହା ପାରୁଛ ଦିଅ । ନଚେତ୍ ଆଗ ଭଡାଟିଆ ଭଳି ଏ ଘର ଛାଡିବ ।

◆

# ଏମିତି ବି ହୁଏ

ଆପଣ କେବେ କଟକର ରାସ୍ତାମାନଙ୍କରେ ଯାଇଛନ୍ତି ? ଭାତ ହାଣ୍ଡିରୁ ଗୋଟିଏ ଭାତ ବାଛିଲେ ଯେମିତି ସାରା ହାଣ୍ଡିକର ଭାତ ଅବସ୍ଥା ଜାଣିହୁଏ, ସେମିତି କଟକର ଗୋଟିଏ ରାସ୍ତାରେ ଦିନେ ଅଧେ ଗଲେ, ସବୁ ରାସ୍ତାର ଅଭିଜ୍ଞତା ପାଇଯିବେ । କାଣ୍ଟନମେଣ୍ଟ ରୋଡ୍ ବି ଏଥିରୁ ବାଦ୍ ନୁହେଁ । ଯିଏ ସବୁଦିନେ କଟକରେ ରହିଛି, ଏ ସବୁ ତାର ଏତେ ଦିହସୁହା ହୋଇଯାଇଛି ଯେ କଟକର ରାସ୍ତା କିମିତି ପଚାରିଲେ ସେ ଥ ଥ ମ ମ ହେବ । ମୁଁ ଗତକାଲି ପର୍ଯ୍ୟନ୍ତ ସେଇମିତି ହୋଇଥିଲି, ଆଜି ବଦଳିଗଲା । କଟକ ବିଷୟରେ ପଚାରିଲେ ମୁଁ ଆଉ ଖନା ହୋଇ ରହିବି ନାହିଁ ।

ଅପିଲ ଶୁଣାଣି ସାରି ହାଇକୋର୍ଟ ଆଡୁ ମୁଁ ଚଣ୍ଡି ମନ୍ଦିର ଆଡକୁ ଆସୁଥିଲି । ଦିନେ ଏହି ରାସ୍ତାରେ ବିଲାତି ଲାଟ୍ ସାହେବ କାଣ୍ଟନ୍‌ମେଣ୍ଟରୁ ଲାଲବାଗ କୋଠିକୁ ଯାଉଥିଲେ । ରାଜକୀୟ ଠାଣିରେ । ବାଟରେ ସବୁ ଶୁନ୍‌ଶାନ୍ । ଯଦି କେହି ଲୋକବାକ ଥିଲେ, ସେସବୁ ଘର ଭିତରେ ଝିଡିକିବାଟେ ଉତ୍ସୁକ ହୋଇ ଆଖି ଦିଇଟି କାଢିଥିବା ପ୍ରାଣୀମାନେ ।

ଗାଡିରେ ବସିବା ସମୟତକ ମୁଁ ସାଧାରଣତଃ ରାସ୍ତାର ଦୁଇକଡ ଲୋକଙ୍କ ହାବଭାବ ଦେଖିବାରେ କଟାଏ । ଆଜି କିନ୍ତୁ ଖବରକାଗଜଟା ଦେଖିବାରେ ବ୍ୟସ୍ତଥିଲି । ହର୍ସଦ ମେହେଟାର ଚାଲବାଜି । କେତେ ଗରିବରୁ କେତେ ବଡ ଲୋକ ହୋଇନଥିଲା ! କେମିତି ସେ ଏତେ ଉଠିଲା ତାହାରି କାହାଣୀ ।

ଗାଡିଟା ଚୁପ୍‌ଚାପ୍ ରହିଥିଲେ ବୋଧହୁଏ ମୋ କାଗଜ ଦେଖିବାଟା ଚାଲିଥାନ୍ତା । ଆଉ ମୁଁ ଯେ ରାସ୍ତାରେ ଅଟକି ରହିଛି ଜାଣି ନ ଥା'ନ୍ତି । କିନ୍ତୁ ଚାରିଆଡେ ମୋତେ ଖାଲି ପେଁ ପାଁ ଶବ୍ଦ ଶୁଭିଲା, ଶବ୍ଦ ଉଚ୍ଚରୁ ଉଚ୍ଚତର ହେବାରେ ଲାଗିଲା । କାଗଜରୁ ମୁହଁ ଉଠାଇ ଦେଖିଲି ଆଗରେ ଗାଡି ପରେ ଗାଡି ଛିଡା । ବାଁରେ ଡାହାଣରେ ସାଇକେଲ ଚାଲିଛି । ମିଲିମିଟରରୁ ମିଲିମିଟର ଦୂରରେ । ପଦଚାରୀମାନେ ଠେଲିପେଲି ଚାଲିଛନ୍ତି । ରିକ୍ସାବାଲାମାନଙ୍କ କ୍ରିଂ କ୍ରିଂ ଘଣ୍ଟି ଶବ୍ଦ କାନକୁ ବଧିରା କରିଦେଉଛି ।

ବେଗ ହିଁ ଉନ୍ନତିର ଲକ୍ଷଣ ବୋଲି ଯେଉଁମାନେ ମାଟ୍ରିକର ସାହିତ୍ୟ ପୁସ୍ତକରେ ପଢିଥିବେ ସେମାନେ ଏତକ ଦେଖିଲେ ସେମାନଙ୍କ ଜ୍ଞାନର ସଂଶୋଧନ କରିନେବେ । କାର୍‌ଠାରୁ ଜୋରରେ ମଟର୍ ସାଇକେଲ୍ । ମଟର ସାଇକେଲ୍‌ରୁ ଜୋରରେ ସାଇକେଲ୍ । ତାହାଠାରୁ ଜୋରରେ ଯାଏ ରିକ୍ସା । ରିକ୍ସାଠାରୁ ଚଞ୍ଚଳ ମଣିଷର ପାଦ । ଏଠାରେ ଧୈର୍ଯ୍ୟ ହିଁ ଉନ୍ନତିର ଲକ୍ଷଣ । ଅପେକ୍ଷା କର, ଯେତେବେଳେ ସୁବିଧା ହେବ, ଯିବ । ଜଗହ ମିଲ୍‌ନେ ପର ସାଇଡ୍ ଦିୟାଜାୟେଗା - ଯେମିତି ଗୋଟିଏ ଗୋଟିଏ ଟ୍ରକ ପଛଆଡେ ଲେଖାଥାଏ, କଟକର ପ୍ରତି ରାସ୍ତାରେ ପ୍ରତି ମିଟରରେ ଯେପରି ତାହାହିଁ ଲେଖାଯାଇଛି ।

ମୁଁ କିନ୍ତୁ କଟକର ପ୍ରଗତି-ଲକ୍ଷଣର ଧାର ଧାରେ ନାହିଁ । ବ୍ୟସ୍ତ ହୋଇଗଲି, ଆଗେଇଯିବାକୁ । ଜୋର ପାଟିରେ କହିଲି, କିରେ, କଣ ହେଲା କି - ଆଗୋଉନୁ କାହିଁକି ?

ଡ୍ରାଇଭର କହିଲା, ସାର୍ ଏଥିରେ କିମିତି ଯିବା ! ଦେଖୁ ନାହାଁନ୍ତି ? ଗାଡି ଯିବାକୁ ରାସ୍ତା ନାହିଁ ? ଗୋଟିଏ ନୁହେଁ, ଦୁଇଟି ନୁହେଁ ! ଚାରିଆଡେ ଗାଡି । ଏପାଖ ସେପାଖ ଦୁଇଧାଡି କାର, ଏପାଖ ସେପାଖ ଦୁଇଧାଡି ସାଇକେଲ୍, ସାଇକେଲ୍ ରିକ୍ସା । ତା ଉପରେ ପୁଣି ଲୋକ ଚାଲିଛନ୍ତି । ଏ ରାସ୍ତାରେ ତ ଦୁଇଟି ଗାଡି ଏକସାଙ୍ଗରେ ପାରହେବା କଷ୍ଟ ।

ଜାଣିନାହାଁନ୍ତି କି ଆଜ୍ଞା, ମୋ କଥା ଶୁଣି ଡାହାଣ ପାଖ ଗାଡ଼ିରୁ ଜଣେ କହି ଉଠିଲା, କଟକରେ ଯିଏ ଗାଡ଼ି ଚଳାଇପାରିବ ସେ ସାରା ପୃଥିବୀରେ କୌଣସି ଜାଗାରେ ଫେଲ୍ ମାରିବ ନାହିଁ । ଛୁରୀଧାରରେ ବି ଗାଡ଼ି ଚଳାଇ ପାରିବ ।

ତା ହେଲେ ଏସବୁ ଗାଡ଼ି ଅଟକିଛି କାହିଁକି ? ମୋ ମୁହଁରୁ ବାହାରିପଡ଼ିଲା । କାହାରିଠୁ ଉତ୍ତର ମିଳିଲା ନାହିଁ ।

ଗାଡ଼ିର କାଚ ଖସାଇ ଦେଇ ମୁଁ ବଗ ଭଳି ବେକଟାକୁ କାଢ଼ିଦେଲି । ବେଶି ଦୂରକୁ ଆଖି ଗଲାନାହିଁ । ଗାଡ଼ିକି ଗାଡ଼ି ତ ଠେସି ହୋଇଯାଇଛି । ଗୋଟିଏ ବଡ଼ ତେଲୁଗୁଣି ପୋକର ଗୋଡ଼ଗୁଡ଼ାକ ପରି ଡାହାଣ ଧାଡ଼ିର ଗାଡ଼ି ଚକଗୁଡ଼ା ଦିଶୁଛି ।

ଏତେ ଜାମ୍ କାହିଁକି ହୋଇଛି - ଦେଖି ଆସୁନୁ । ମୁଁ ଡ୍ରାଇଭରକୁ କହିଲି । ଡ୍ରାଇଭର ସତେ ଯେମିତି ମୋ ମୁହଁକୁ ଅପେକ୍ଷା କରିଥିଲା । ସାଙ୍ଗେ ସାଙ୍ଗେ କବାଟଟାକୁ ବାଡେଇଦେଇ ସେହି ଭିଡ ଭିତରେ ଆଗେଇଗଲା । ଗୋଟିଏ ଗାଡ଼ିର ପଛବାଟେ ଆଉ ଗୋଟିଏ ଗାଡ଼ିର ଆଗବାଟେ, ଏମିତି ବଙ୍କେଇ ବଙ୍କେଇ ଗଲା । ଶିଆଳ ମୁହଁରୁ ରକ୍ଷା ପାଇବାକୁ ଦଉଡୁଥିବା ଠେକୁଆଟାଏ ବି ଏତେ ଏପାଖ ସେପାଖ ହେଉ ନ ଥିବ ।

ମୁଁ ଗାଡ଼ିର କାଚବାଟେ ଚାହିଁଥାଏ । ଗୋଟିକପରେ ଗୋଟିଏ ଲୋକ ଗାଡ଼ିରୁ ଓହ୍ଲାଇ ଆଗେଇ ଚାଲିଲେ ।

ମୁଁ ସେଇମିତି ଚାହିଁ ରହିଥାଏ । ପଛଆଡେ ଗୁଡାଏ ଗାଡ଼ି ଲାଗିଗଲାଣି । ଗୋଟିକର ପଛକୁ ଆଉ ଗୋଟିକର ମୁହଁ । କଥାରେ କହନ୍ତି ପିମ୍ପୁଡ଼ିଟିଏ ଗଳିପାରିବ ନାହିଁ । ସତ କଥା । ପିମ୍ପୁଡ଼ିଟିଏ ଏଠି ସିଧାସଳଖ ଯାଇପାରିବ ନାହିଁ । ବଙ୍କେଇ ଟଙ୍କେଇ ଯାଇପାରେ ।

ଦେଖୁ ଦେଖୁ ଗାଡ଼ି ସବୁ ଫାଙ୍କା ହୋଇଗଲା ଜଣ ପରେ ଜଣେ ଓହ୍ଲାଇ ଚାଲିଲେ ।

କିଛି ସମୟ ଆଗରୁ ପଛଆଡୁ ଯେଉଁ ହର୍ଣ୍ଣ ଶୁଭୁଥିଲା ତା ବନ୍ଦ ହୋଇଗଲା । ବୋଧହୁଏ ଆଗରେ ଛୁଟି ଯାଇଥିବା ଲୋକଙ୍କର ଗତିବିଧି ଲକ୍ଷ୍ୟ କରି ସବୁ ଗାଡିର ଲୋକେ ଓହ୍ଲେଇ ଆସିଲେଣି । ନହେଲେ ଗୋଟି ଗୋଟି ଲୋକ ଯିବା ବଦଳରେ ବର୍ତ୍ତମାନ ଲୋକଙ୍କର ସୁଅ ଛୁଟି ନ ଥାନ୍ତା । କେହି ତ ଫେରୁ ନାହାଁନ୍ତି ।

ମୋତେ ବସି ବସି ଯେତେ ବିରକ୍ତ ଲାଗିଲା, ଏମାନଙ୍କ ଯିବା ଦେଖି ତାଠାରୁ ବେଶି କୌତୁହଳ ଜନ୍ମ ନେଲା ।

ମୁଁ ଗାଡିରୁ ଓହ୍ଲାଇ ପଡିଲି । କବାଟଟାକୁ ଧଡ୍ କରି ବନ୍ଦ କରିଦେଲି । ମୋର ଏ ଶବ୍ଦ ସମ୍ଭବତଃ ନିର୍ଜନତା ପ୍ରତି ଗୋଟିଏ ଆହ୍ୱାନ ଥିଲା । ସବୁ ଗାଡି ତ ଫାଙ୍କା, କବାଟ ବାଡେଇ ପକାଇଲେ ଯାହା, ଚୁପ୍ କରି ବନ୍ଦ କଲେ ସେଇଆ । ଜନତାର ଭ୍ୟାକୁମ୍‌ରେ ଶବ୍ଦ କେତେ ବାଟ ଯିବ ? ଅବଶ୍ୟ ଜନତାର ସୁଅରେ ମାଡି ଯାଉଥିବା ଜଣେଅଧେ ଲୋକ ପଛକୁ ମୁହଁ ମୋଡିଥିଲେ । ଲକ୍ଷ୍ୟ କରିବାକୁ କାହିଁକି ଶବ୍ଦଟିଏ ହେଲା, କେଉଁଠୁ ଆସିଲା ।

ମୁଁ ସୁଅରେ ମିଶିଲି । ଅନ୍ୟମାନଙ୍କ ଭଳି ଦୌଡରେ ନ ଯାଇ, ଗୋଟିକ ପରେ ଗୋଟିଏ ଗାଡିରେ ବାଁ ହାତ ପକାଇ ପକାଇ ଚାଲିଲି । ହାତ ମଳି ହୋଇଯିବ ଡର ଥିଲା, କିନ୍ତୁ ଏଥିପାଇଁ ଚିନ୍ତା ନଥିଲା । ମୋହାତ ଗଣି ଚାଲିଥିଲା ଗାଡିର ସଂଖ୍ୟା । ୩୦ଟି ଗାଡି ଓ ୧୦ ମିନିଟ୍ ପରେ ଦେଖିଲି କେବଳ ମୋର ନୁହେଁ ଅନ୍ୟମାନଙ୍କର ବି ବେଗ ଖୁବ୍ ଧିମେଇ ଆସୁଛି ।

ଆଗରେ ଲୋକମାନଙ୍କର ଗୋଟିଏ ନିଦା କାନ୍ଥ । ବିନା କସରତରେ ଆଗକୁ ଯାଇହେବନି । ମୋ ପଛଆଡୁ କେତେକ ଲୋକ ମୋ ବାମ ଡାହାଣ ହୋଇ ବୁଲିଗଲେ । କାନ୍ଥକୁ ଆହୁରି ମୋଟା କରିବାକୁ ।

ମୁଁ ଜଣକ ପରେ ଜଣଙ୍କ ପିଠିରେ ଧିରେ ଧିରେ ଆଙ୍ଗୁଳିମାରି ସେମାନଙ୍କର ଧ୍ୟାନ ଆକର୍ଷଣ କଲି । କ'ଣ ହୋଇଛି ବୋଲି ପଚାରିଲି ।

ଦୁଇ ତିନିଜଣ ତାଚ୍ଛଲ୍ୟ କରି କହିଲେ, ତୁମେ ତ ଯେଉଁଠି ଆମେ ତ ସେଇଠି; ଆମେ ଜାଣିଲୁ କେମିତି ?

ଆହୁରି ଆଗରୁ ଜଣେ କେହି କହିବା ଶୁଣିଲି, ''ଷଣ୍ଢ ଲଢେଇ ହେଉଛି ମ ''।

ମୁଁ ଟିପ ଉପରେ ଠିଆ ହୋଇ ଉଚ୍ଚତା ବଢାଇବାକୁ ଚେଷ୍ଟା କଲି । ଦିଗ୍‌ବଳୟ କିଛି ଦୂର ଘୁଞ୍ଚିଗଲା । ତଥାପି ମୋ ଆଖିକୁ ଘଟଣାଟି ଦେଖାଗଲା ନାହିଁ । ମୋଠାରୁ ଡେଙ୍ଗା ଲୋକ ଅଛନ୍ତି, କିନ୍ତୁ ଏତେ ଅଛନ୍ତି, ମୁଁ ସେଦିନଯାଏ ଜାଣି ନଥିଲି ।

ଭାବିଲି, ଷଣ୍ଢ ଲଢେଇ ହୋଇ ନଥିବ । ଗୋଟିଏ ଷଣ୍ଢ ଆଉ ଗୋଟିଏ ଷଣ୍ଢକୁ ଠେଲି ନେଲେ ତ ଲୋକେ ପଛଘୁଞ୍ଚା ଦିଅନ୍ତେ । ଦେଉନାହାଁନ୍ତି କାହିଁକି ? ଷଣ୍ଢ ଦୁଇଟା କଣ ରାସ୍ତା ଏପାଖ ସେପାଖ ଦୋକାନ ଭିତରେ ପଶି ଗଲେ ? ପିଣ୍ଡାକୁ ଉଠିଲେ ତ ମୋତେ ଦିଶନ୍ତା ।

ଲୋକମାନେ ପଛଘୁଞ୍ଚା ଦେଉନାହାଁନ୍ତି ମାନେ ଏ ଆଡକା ଷଣ୍ଢ ହାରୁ ନାହିଁ । ସେ ଆଡକୁ ଯଦି ଷଣ୍ଢଟି ଠେଲି ଦେଉଛି, ଦେଖଣାହାରୀ ଭିତରୁ କେହି ତ ତାଳି ମାରୁଥାନ୍ତେ ! ସମ୍ଭବତଃ ଦୁଇଟିଯାକ ଷଣ୍ଢର ସମାନ ବଳ; ମୁଣ୍ଡରେ ମୁଣ୍ଡ ଲାଗାଇ ଛିଡା ହୋଇଥିବେ । କିମ୍ବା ଲଢେଇରେ ଦୁଇଟିଯାକ ତଳେ ପଡି ଯାଇଛନ୍ତି ।

କଥାଟା କ'ଣ ଜାଣିବା ପାଇଁ ମୋର କୌତୁହଳ ବଢିଲା । ଦୁଇହାତ ଗେଞ୍ଜି ଲୋକଙ୍କ ଧାଡିକୁ ଦୁଇଫାଳ କରିବା ପାଇଁ ଚେଷ୍ଟା କଲି, ଟିକିଏ ଫାଙ୍କା ପାଇଲେ ତା ଭିତରେ ପଶିଯିବି ବୋଲି । ଟିକେ ଟିକେ ଆଗେଇଲି ।

ଓଃ କି କଷ୍ଟ ! ସାର୍ଟଟା ଛିଣ୍ଡିଯିବ ସତେ । ଜଣେ ଅଧେ ବି ମୋତେ ଟାଣି ଧରୁଥାଆନ୍ତି । ମୁଁ ଯସ୍ତେକସ୍ତେ ଠେଲାପେଲା କରି ଆଗେଇଲି ।

ଝାଳରେ ଗାଧୋଇ ପଡିଲି । ଏତେବାଟ ଆସିଲାପରେ ଆଉ ତ ଫେରିଯିବା କଥା ନୁହେଁ । ଫେରିଲେ ବି, କୋଉ କଷ୍ଟ କମିବ ଯେ । ଆଗେଇଲି । ଆଉ ଗୋଟିଏ ଧାଡି । ଜଳ ଜଳ କରି ଦେଖାଗଲା ଆଗରେ ଗୋଲାକାର ଗୋଟିଏ ଫାଙ୍କା ଜାଗାଟିଏ । ସତେ ଯେପରି, ସର୍କସର ରିଙ୍ଗ ! ଆଉ ଟିକିଏ ଗଲି । ଅନାଇଲି । ଆଗରେ ରାସ୍ତା ଛାଡୁ ନଥିବା ଲୋକ ଦୁଇଜଣ ଟିକିଏ ଫାଙ୍କା ହୋଇଗଲେ । ଏବେ ସବୁ ଦିଶିଲା ।

ଷଣ୍ଢଟିଏ ଶୋଇଛି । ଛିଡା ହୋଇଥିବା ଗାଈଟିଏ ତାକୁ ଚାଟୁଛି । ଡାହାଣ ପାଖରେ କିଛି ଗେଣ୍ଡୁ ଫୁଲ ପଡିଛି ।

ମୁଁ ପଚାରିଲି ଏ କ'ଣ ?

ଡାହାଣ ପାଖର ଦୋକାନ ପିଣ୍ଡାରେ ଠିଆ ହୋଇଥିବା ଜଣେ ଲୋକ କହିଲା, କ'ଣ ଆଖି ନାହିଁ କି ? ନିଜେ ଦେଖୁ ନ ?

ଚୁପ୍ ନ ରହି ସେ ପୁଣି କହିଲା ଏପରି ଅଘଟଣ କେବେ ଘଟି' ନଥିଲା । ପୁରୁଷକୁ ପ୍ରକୃତି ସେବା କରିବାର ଉଦାହରଣ ।

ଆରେ ଭାଇମାନେ, ରାସ୍ତାରୁ ଷଣ୍ଢଟାକୁ ତଡୁ ନାହଁ କାହିଁକି ? ଗାଡିଘୋଡା ସବୁ ବନ୍ଦ ହୋଇଗଲାଣି, କଣ ତମାସା ଦେଖୁଛ ? ମୋ ପାଟିରୁ ବାହାରି ପଡିଲା ।

ଆଉ ଜଣେ କିଏ କହିଲା ଏମାନଙ୍କୁ ହୁରୁଡାଇବା କଥା ନୁହେଁ । ପ୍ରକୃତିର ସେବାରେ ବାଧା ଆଣିବା ଅଧର୍ମ ହେବ ।

କହୁଥିବା ଲୋକଟି ସାଧୁ-ସନ୍ଥଙ୍କ ଭଳି ଗେରୁଆ ବସ୍ତ୍ରରେ ଆବୃତ ଥିଲା । କପାଳରେ ଲମ୍ବ ଲମ୍ବ ଚନ୍ଦନ ଚିତା, ମଝିରେ ସିନ୍ଦୁରର ତ୍ରିଶୂଳ ।

ସାଧୁଙ୍କ ପ୍ରବଚନ ଏଠି କାମ କରୁଛି । ମୁଁ ମନେ ମନେ ଭାବିଲି ।

ଯେପର୍ଯ୍ୟନ୍ତ ଗାଈଟି ଚାଲି ନ ଯାଇଛି, କେହି ଷଣ୍ଢକୁ ଉଠାଇବେ ନାହିଁ । ସାଧୁମାନେ ଏମିତି ଲୋକଙ୍କୁ ଭଣ୍ଡାଇ କିଛି ପଇସା ଆଦାୟ କରିବେ ।

ହିନ୍ଦୁମାନଙ୍କ ମତକୁ ମନେ ମନେ ତାରିଫ୍ ବି କଲି । ଯାହାକିଛି ସାଧାରଣ ଚଳଣିର ବ୍ୟତିକ୍ରମ, ତାକୁ ଦୈବୀଶକ୍ତି ରୂପରେ ହିନ୍ଦୁ ଦେଖେ ।

ଗୁଡାଏ ଲୋକ ଅଟକି ଗଲେ ତ କ'ଣ ହେଲା, ଏଭଳି ଦୈବୀକ୍ରିୟାକୁ ସମ୍ମାନ ଦେବାକୁ ପଡିବ । ଆଉ ଠେଲାପେଲା କରି ଫେରିବା ଅପେକ୍ଷା ସେଇଠି ଦର୍ଶକମାନଙ୍କ ସଂଖ୍ୟାରେ ଏକ ଯୋଡି ଦେଲି । ଗଡ୍ଡାଳିକା ପ୍ରବାହରେ ମିଶିଗଲି ।

●

## କଣ୍ଟାବାଡରେ ଲୁଗା

ସେଦିନ ଗାଁରେ ଖୁବ୍ ହୋ'ହଲା । ଯୁବକସଂଘ ସଭ୍ୟମାନେ ଖୁବ୍ ତତ୍ପର ହୋଇ ଉଠିଥିଲେ । ସକାଳପହରୁ ଗାଁ ସଫା କରିବା, ଗାଁ ରାସ୍ତାର ପ୍ରତି ପଚାଶ ହାତରେ ତୋରଣ ସଜାଇବା, ଗାଁ ମୁଣ୍ଡରେ ବଡ ତୋରଣଟିଏ କରିବା, ଗାଁ ଝିଅଙ୍କ ଭିତରୁ କେତୋଟିଙ୍କୁ ନାଚଗୀତ ଶିଖାଇବା, ଇତ୍ୟାଦି କାମରେ ଯୁବକସଂଘର ପିଲାଏ ଲାଗିପଡିଥିଲେ । କେତେକ କାମ ଦୁଇ ତିନି ଦିନ ଧରି ଚାଲିଥିଲା ।

ମନ୍ତ୍ରୀଙ୍କ ଆସିବାବେଳକୁ ଗାଁମୁଣ୍ଡ ବଡ ତୋରଣଟି ପୂରା ସଜା ହୋଇଯାଇଥିଲା । ଗାଁରେ ଫୁଲ ପତ୍ର ନଥିଲେ କଣ ହେଲା ପ୍ଲାଷ୍ଟିକର ଫୁଲ, ପ୍ଲାଷ୍ଟିକର ଖମ୍ବ ଉପରେ ପ୍ଲାଷ୍ଟିକ ପତ୍ର ସଜା ହୋଇଗଲା ।

ଗାଁର ଯେଉଁମାନେ ଏତେ ଆଗେଇ ନାହାଁନ୍ତି ସେଭଳି ଜଣେ ଅଧେ ବୁଢା ପଚାରିଥିଲେ, ଆରେ ବାବୁ ଏ ସବୁ କି ଜିନିଷ ରେ ? ଠିକ୍ ଗଛପତ୍ରଭଳି ତ ଦେଖାଯାଉଛି । ଆମ୍ବପତ୍ର ଗୁଡାକୁ ହାତରେ ଛୁଇଁ ବୁଢାମାନେ ଏତେ ମସୃଣ ପତ୍ର କେଉଁଠୁ ପାଇଲ ବୋଲି ବିସ୍ମୟ ପ୍ରକାଶ କରିଥିଲେ । ପ୍ରକୃତରେ ଦୁନିଆ କେତେ ନ ଆଗେଇଛି । ପ୍ଲାଷ୍ଟିକ ପତ୍ର ଅସଲ ପତ୍ରଠୁ ବି ଭଲ ଦେଖାଯାଉଛି !

ମାଧ ଅଜାଙ୍କ ଆଶ୍ଚର୍ଯ୍ୟ ଦେଖି ଯୁବକସଂଘର ସଭ୍ୟବୃନ୍ଦ କହିଥିଲେ, ଅଜା ତୁମେ ଜାଣିନ ଦୁନିଆ କେତେ ଆଗେଇ ଗଲାଣି । ସରଗ ବୋଲି ତୁମେ ଯାହା କହୁଛ, ସେଠାକୁ ପରା ଲୋକେ ଚାଲିଗଲେଣି ।

ଜନ୍ମରେ ପାଦ ପକେଇଲେଣି । ଏ ସର୍ଜନା କିପରି ଆରମ୍ଭ ହେଲା, ମଣିଷ ଜାଣିଲାଣି । ପ୍ରମାଣ ହେଲାଣି, ଦୁନିଆଯାକ ଜୀବ ଅଜୀବ ସମସ୍ତେ ଏକା ଜିନିଷରେ ଗଢା । ଜୀବ, ଅଜୀବ ଭିତରେ ଆଉ ପ୍ରଭେଦ ନାହିଁ । କେତେକ ଗୋଡି ପଥର ହୋଇଛନ୍ତି, ଆମେ ଗୋଡି ପଥର ନହୋଇ ମଣିଷ ହୋଇଛୁ, ଏହା ହିଁ ଭଗବାନଙ୍କ ସୃଷ୍ଟିର ଆକସ୍ମିକତା ।

ମାଧ ଅଜା ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ, ସେଇଥି ଲାଗି ପଥରରୁ ଅହଲ୍ୟା ବାହାରି ପଡିଲେ କି ?

ମହିଧର ବୁଝାଇଥିଲା, ନାହିଁ ଅଜା ଏ ପୁରାଣ କଥା ନୁହେଁ । ଆମ ଦେହକୁ ଟିକି ଟିକି କରି ଧୂଳି କରିଦେଲେ ଶେଷରେ ଆମେ ଦେଖିବା ଆମ ଦେହ ଯେଉଁ ସବୁ ଅଙ୍ଗାର, ଉଦଜାନ, .ଅମ୍ଳଜାନ ଭଳି ପଦାର୍ଥରେ ତିଆରି, ମାଟି ଗୋଡି ମଧ୍ୟ ସେହି ଜାତିର ପଦାର୍ଥରେ ତିଆରି । ଖାଲି ଆମେ ବଂଶ ବଢାଇବାର କାଇଦା ଜାଣିଯାଇଛୁ । ମାଟି ଗୋଡି ବି ସେମାନଙ୍କ ଆୟତନ ବଢାନ୍ତି । କିନ୍ତୁ ଆମେ ତାକୁ ଲକ୍ଷ୍ୟ କରିପାରିନାହୁଁ ।

ତୁ କଣ କହୁଛୁ ମୁଁ ବୁଝି ପାରୁ ନାହିଁ, ମାଧ ଅଜା କହିଥିଲେ ।

ମହିଧର କହିଲା, ଅଜା ତୁମକୁ ଏଠି ବିଜ୍ଞାନ ପାଠ ବୁଝାଇବାକୁ ସମୟ ନାହିଁ । ଯେଉଁ ଯୁଗରେ ଆମେ ଜୀବ ଅଜୀବ ଭେଦାଭେଦ ଭୁଲିବାକୁ ବାହାରିଲୁଣି ସେ ଯୁଗରେ କଣ ପୋଖରୀଟା ପାଇଁ ଗାଁ ଲୋକେ ହଣାକଟା ପର୍ଯ୍ୟନ୍ତ ଯିବେ ?

ମାଧ ଅଜା କହିଥିଲେ, ମୋତେ ସେଥିରେ ପୁରା ନା । ହୁଡା ସାହିର ଟୋକା ପୁଞ୍ଜାଏ ଚାହାଁନ୍ତି ପୋଖରୀକୁ ଅକ୍ତିଆରରେ ରଖିବେ । ପୋଖରୀଟା ସେମାନଙ୍କର ।

ମହିଧର ପଚାରିଲା କେମିତି ପୋଖରୀଟା ସେମାନଙ୍କର ହେଲା ? ଚାଲିଚଳଣିରେ ତ ସର୍ବସାଧାରଣଙ୍କର !

ମାଧ ଅଜା ନୀରବ ରହିଲେ ନାହିଁ । ଆରେ ବାବୁ ଦୁଇ ପୁରୁଷ ଧରି ସେମାନେ ପୋଖରୀଟିକୁ ମାଡି ବସିଛନ୍ତି । ଆର୍. ଆଇ., ତହସିଲଦାରକୁ ଧରି ନିଜ ନାଁରେ ବି କରି ନେଇଛନ୍ତି । ଗାଁର ତ ଏବେ ସେଟେଲ୍‌ମେଣ୍ଟ ଚାଲିଛି । ଗତ ସେଟେଲ୍‌ମେଣ୍ଟ ତ ୧୯୪୨ର । ଇତି ଭିତରେ ଦୁଇପୁରୁଷ ହୋଇଗଲାଣି । ସେମାନେ ସମସ୍ତଙ୍କୁ ହାତ କରି ନେଇଛନ୍ତି । ତୁମେ ସବୁ ଯେତେ ପାଟି କଲେ, କଣ ସେମାନେ ସହଜେ ଛାଡିଦେବେ ? ପୁରୁଣା କାଗଜପତ୍ରରେ ଯାହା ଥାଉନା କାହିଁକି, ସରକାର ତ ସେମାନଙ୍କୁ ଲେଖିଦେଇଛି ।

ମହିଧର କହିଲା, ଆମେ ଗୋଟିଏ ସାଲିସ୍ କରିବୁ । ହେଲା, କିଛି ଖର୍ଚ୍ଚ କରିଛ । ତା ପାଇଁ ଅଧିକା ନିଅ । ଗାଁ ତରଫରୁ ମାଛଚାଷ କରାଗଲେ ସେମାନେ ହିଁ ଧରିବେ, ସେମାନେ ହିଁ ଜଗିବେ । ଏଥିଲାଗି ମଜୁରୀ ବି ପାଇବେ । ସବୁ ହିସାବ ନିକାଶ କଲା ପରେ ଲାଭଟା ଗାଁ ପାଇଁ ଖର୍ଚ୍ଚ ହେବ । ଟଙ୍କାଟା ଯୁବକସଂଘ ନାଁରେ ରହିବ । ଏଥିଲାଗି, ଅଜା, ଦରକାର ତୁମମାନଙ୍କ ଆଶୀର୍ବାଦ ।

ମାଧ ଅଜା କହିଲେ ମୋର ତ ତୁମମାନଙ୍କ ପ୍ରତି ସବୁବେଳେ ଆଶୀର୍ବାଦ ଅଛି । ଗାଁ ପାଇଁ ଭଲ କାମ କରୁଛ । ଗାଁର ଉନ୍ନତି ହେବ । ବାରବୁଲା ଛୁଆଗୁଡାକୁ ସ୍କୁଲରେ ପୁରାଇଲଣି । ମାଗଣା ପଢୁଛନ୍ତି, ଖାଉଛନ୍ତି, ଏଭଳି କାମରେ କିଏ ଆଶୀର୍ବାଦ ନ କରିବ ?

ମହୀଧର ପାଖରେ ଆଉ ଗୁଡାଏ ଟୋକା ଜମିଗଲେ । ସମସ୍ତେ ଯୁବକସଂଘର ସଭ୍ୟ । ଜାଣିବାକୁ ଉତ୍ସୁକ କଣ କଥାବାର୍ତ୍ତା ହେଉଛନ୍ତି ।

ମହୀଧର ତୋରଣ ପାଖରୁ ଅନ୍ୟଆଡେ ଯିବ ବୋଲି ମାଧ ଅଜାଙ୍କଠାରୁ ବିଦାୟ ନେବାବେଳେ ମାଧଅଜା କହିଲେ, ଆରେ ହେ ମହି ! ଶୁଣ ଶୁଣ ।

କାନ ପାଖରେ ମୁହଁ ଗେଞ୍ଜି ମାଧଅଜା କହିଥିଲେ, ଆରେ ବାବୁ ଟିକିଏ ଲକ୍ଷ୍ୟ ରଖିଥିବୁ । ସେ ଗୋଲକଟା ବଡ ବଦମାସ । କେତେବେଳେ କଣ କରି ବସିବ । ତୁମ ମାଛଫାଛ ସବୁ ଓଲଟପାଲଟ ହୋଇଯିବ ।

ସେଦିନ ଗାଁ ଉତ୍ସବଟି ଖୁବ୍ ଜାକଜମକରେ ସରିଗଲା । ମତ୍ସ୍ୟମନ୍ତ୍ରୀ ସ୍ୱହସ୍ତରେ ଆଞ୍ଜୁଳାଏ ଯାଆଁଳ ପୋଖରୀରେ ଛାଡିଲେ । ମାଛଚାଷର ଉଦ୍‌ଘାଟନ ହେଲା । ତାପରେ ଗାଁର କେତେଜଣ ବୃଦ୍ଧ ବ୍ୟକ୍ତି ଓ ପରେ ପରେ ଯୁବକସଂଘର ସଭ୍ୟମାନେ ପୋଖରୀରେ ଯାଆଁଳ ଛାଡିଲେ । ସାତ ଆଠ ଦିନ ଆଗରୁ ତ ଗୋବର, ଖତ ଆଦି ପକା ହୋଇଥିଲା ।

ମନ୍ତ୍ରୀଙ୍କ ବିଦାୟ ହେବା ପରେ ଯୁବକସଂଘବାଲା ଗାଁରେ ଭୋଜିକଲେ । ଗାଁର ସମସ୍ତଙ୍କୁ ଏଥିଲାଗି ନିମନ୍ତ୍ରଣ, କିନ୍ତୁ ହୁଡାସାହିର ତିନିଜଣ ଆସିଲେ ନାହିଁ । ଖବର ଦେବାରୁ ଉତ୍ତର ଆସିଲା ସେମାନେ ହାଟକୁ ଯାଇଛନ୍ତି । ଗୋଲକ, ପବିତ୍ର ଆଉ ପାଡୁଆ ।

ଦୁଇତିନି ମାସ କଟିଗଲା । ଦିନଗୁଡା କେମିତି କଟିଗଲା ଜଣା ପଡିଲା ନାହିଁ । କିନ୍ତୁ ଯୁବକସଂଘର ପିଲାମାନଙ୍କୁ ଦିନଗୁଡା ଖୁବ୍ ଲମ୍ବା ଲମ୍ବା ଲାଗୁଥିଲା । ଜଲ୍‌ଦି କେମିତି ଦୁଇତିନି ମାସ କଟିଗଲେ ମାଛଗୁଡାକ ବଡ ବଡ ହୋଇଯିବେ । ବିକ୍ରି କଲେ କିଛି ପଇସା ହୋଇଯିବ । ଲାଭର ଅଧାରେ ଲାଇବ୍ରେରୀ ବହି କିଣା ହେବ, ଆଉ ଅଧାରେ ଆଲମିରା କିଣାହେବ । ଯଦି ଖୁବ୍ ବେଶି ପଇସା ମିଳିଲା ତେବେ କିଛି ଖର୍ଚ୍ଚ କରି ଗାଁ ମୁଣ୍ଡରେ ଗୋଟିଏ ସବୁଦିନିଆ ତୋରଣ କରାହେବ । ଏଥିରେ ଗାଁର ନାଁ ରହିବ । ''ସ୍ୱାଗତମ୍'' ଲେଖାହେବ ସାମନା ପାଖରେ । ''ଆଉଥରେ ଆସନ୍ତୁ'' ଲେଖା ହେବ ପଛପାଖେ, ଗାଁ ଆଡକୁ ମୁହଁ କରିଥିବା ପାଖରେ ।

ମଝିରେ ଥରେ ଅଧେ ଖବର ମିଳେ ଯେ ପୋଖରୀରେ ବନ୍‌ଶୀ ପଡୁଛି । ଅନ୍ଧାର ରାତିରେ ଭୂତ ପଶି ପୋଖରୀରେ ଚବ ଚବ କରୁଛି; ମାଛ ଖାଇ ଯାଉଛି ।

ଯୁବକସଂଘର ପିଲାମାନେ ଦିନାକେତେ ଜଗିଲେ । କାହିଁ କେଉଁଠି ବନ୍‌ଶୀ ପଡିବା ବା ଚବ ଚବ ହେବା ଶବ୍ଦ ଶୁଭିଲା ନାହିଁ ।

ଯେତେବେଳେ ଜଗିବା ଛାଡିଦିଅନ୍ତି କାହା କାହାଠୁ ଖବର ମିଳେ ଯେ କାଲି ଅମୁକ ବନ୍‌ଶୀ ପକାଉଥିଲା । ପଅରଦିନ ରାତିରେ ଜାଲ ପଡିବା ଶବ୍ଦ ସେମାନେ ଶୁଣିଛନ୍ତି । ଏମିତି ।

ପୋଖରୀଟା ଗାଁ ମୁଣ୍ଡରେ, ବସ୍ତିଠାରୁ ଦୂରରେ । ପୋଖରୀ ହୁଡାରେ ଚାରି ପାଞ୍ଚ ଘର ବେହେରା ବଂଶ । ସେମାନଙ୍କ ମୁଖିଆ ହେଲେ ଗୋଲକ, ପବିତ୍ର, ପାଡୁଆ ।

ଯୁବକସଂଘ ହେଲା ଦିନଠୁ ଗାଆଁରେ ନୂଆ ଏକତା, ନୂଆ ପ୍ରେରଣା । ଗାଁର ଏଭଳି ସହଯୋଗ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇପଡିଲା । ସ୍ଥାନୀୟ ବିଡିଓ ଓ ସବ୍-କଲେକ୍ଟର ବାରମ୍ବାର ଗାଁ ପରିଦର୍ଶନରେ ଆସୁଥିଲେ । ଭାରତ ସରକାରଙ୍କ କେହି କର୍ମଚାରୀ ଆସିଲେ ସେମାନଙ୍କୁ ଜନ-ସହଯୋଗର ଉଦାହରଣ ଦେବା ପାଇଁ ଏହି ଗାଁକୁ ନିଆଯାଉଥିଲା ।

ଚାରିଆଡେ ଏଭଳି ପ୍ରଚାର ହୋଇଯାଇଥିଲା ଯେ ମହିଧର ବାବୁଙ୍କ ଗାଁ ବେସରକାରୀ ଉଦ୍ୟମରେ ରାସ୍ତା ତିଆରି କରିଛି । ଏବେ ପୋଖରୀରେ ମାଛଚାଷ ହେଲାଣି । ଯେଉଁ ପୋଖରୀ ଦିନେ ଖାଁ ଖାଁ ହେଉଥିଲା, ତା ହୁଡାରେ ଫଳଭରା କଦଳୀ ଗଛ । ପାଣିରେ ତ ମାଛ ଜଳ ଜଳ ଦିଶୁଛି ।

ଥାନାର ସବୁ କର୍ମଚାରୀଙ୍କୁ ଏ ବିଷୟ ଜଣାଥିଲା । ତେଣୁ ଯେତେବେଳେ ଥାନାରେ ଖବର ପହଞ୍ଚିଲା ଯେ ସେହି ଗାଁରେ ଗୋଟିଏ ମର୍ଡର ହୋଇଛି, ଥାନାବାବୁ ସଙ୍ଗେ ସଙ୍ଗେ ସବ୍-କଲେକ୍ଟରଙ୍କୁ ଫୋନ୍ କରି ଜଣାଇଲେ ।

ବାଉରୀର କଥାକୁ ଥାନାବାବୁ ଲେଖି ରଖିଲେ । ଏ ତାହାର ଏଫ୍.ଆଇ.ଆର୍. ।

ମୋର ନାମ ବାଉରୀବନ୍ଧୁ ରଣା, ପିତା- ବଳଭଦ୍ର, ସା: ଚଷାପଡା, ଥାନା: ସଦର, ବୟସ ୩୫ । ଆଜି ସୋମବାର ସକାଳ ସାଢେ ସାତଟାରେ ଆପଣଙ୍କ ପାଖରେ ହାଜର ହୋଇ ଏହି ମୌଖିକ ରିପୋର୍ଟ କରୁଅଛି ଯେ ଗତକାଲି ସନ୍ଧ୍ୟା ପ୍ରାୟ ସାଢେ ଛଟା ସମୟରେ ମୁଁ, ମୋର ପଡୋଶୀ ଭୂଧର, ଗୋକୁଳ ଓ ତାର ସାଙ୍ଗ ଗୁରୁବାରି ଗାଁ ମୁଣ୍ଡ ପୋଖରୀକୁ ଯାଇଥିଲୁ । ଅନ୍ଧାର ହେବା ବେଳକୁ ଆମେ ଆମ୍ବ ଗଛ ପଛଆଡେ ଲୁଚି ରହିଗଲୁ । ଆମ ଭିତରୁ ପ୍ରତ୍ୟେକ ହାତରେ ଗୋଟିଏ ଲେଖାଏଁ ଠେଙ୍ଗା ଓ ଗୁରୁବାରି ହାତରେ ଫାର୍ସାଟିଏ ଥିଲା । ସେ ସବୁବେଳେ ଫାର୍ସାଟିଏ ଧରି ବୁଲେ । ରାତି ସାତଟା

ବେଳକୁ ପୋଖରୀରେ ଟର୍ଚ୍ଚ ପଡିବା ଦେଖି ଆମେ ଗଛ ମୂଳରୁ ବାହାରି ଆସିଲୁ । ଗଛତଳେ ପତର ଫଡ ଫଡ ଶବ୍ଦ ହେଲା । ଆମେ ସବୁ ପାଟିକଲୁ, କିଏରେ ? କୁଆଡେ ଆସିଛ ?

ହଠାତ୍ ଆମ ଉପରେ ଟର୍ଚ୍ଚ ଆଲୁଅ ପଡିଲା । ପାଖାପାଖି ହେବାରୁ ଆମେ ଦେଖିଲୁ ଆଗରେ ଅର୍ଜୁନ, ପ୍ରତାପ, ଗୋଲକ, ପବିତ୍ର ଆଉ ପାଡୁଆ । ସମସ୍ତେ ହୁଡା ସାହିର ବେହେରା ବଂଶର ଲୋକ । ହଠାତ୍ ଗୋଲକ 'ଶଳା କୁଆଡେ ଯାଉଛ' ବୋଲି ପଚାରିଲା ?

ଏକଥା ଶୁଣି ମୁଁ ତା ଟର୍ଚ୍ଚ ଧରିପକାଇ କହିଲି ତୁମେ ସବୁ କୁଆଡେ ଆସିଛ ବୋଲି ଆମେ ପଚାରିଲୁ, ତୁ 'ଶଳା' ବୋଲି କାହିଁକି ଗାଳି ଦେଉଛୁ ?

ସେ କହିଲା, କଣ ଏତିକି କହୁଛି, ଆହୁରି କହିବି । ଶଳା କହିବି, ମାଦର୍ଚୋଦ କହିବି ।

ଗୋଲକଟା ସବୁବେଳେ ଖଣ୍ଡେ ବାଡି ଧରି ବୁଲେ । ପକେଟରେ ଛୁରୀ ରଖିଥାଏ । ସାମାନ୍ୟ କଥାରେ ଗାଁ ଲୋକଙ୍କ ସାଙ୍ଗରେ ଝଗଡା କରେ । ଛୁରୀ ଭୁଷିଦେବ ବୋଲି କହେ । ସେ ଗଣ୍ଡଗୋଳ କରେ ବୋଲି ଆମେ ସବୁବେଳେ ତାଠାରୁ ଦୂରେଇ ଯାଉ । ଚାରି ମାସ ତଳେ ସେ ମୋତେ ଥରେ ବାଡେଇ ଖଣ୍ଡିଆ କରିଥିଲା । ତା ସାଙ୍ଗରେ ଏବେ ବି ମୋର କେସ୍ ଚାଲିଛି । ସେ ଯେତେବେଳେ ମୋତେ ଶଳା, ମାଦରଚୋଦ କହିଲା, ମୋର ରାଗ ହେଲା । ମୁଁ ତାକୁ ପାହାରେ ବାଡେଇ ଦେଲି । ଗୋଲକ ଆହୁରି ବାଜେ ଭାଷାରେ ଗାଳିଦେଲା ।

ଗୁରୁବାରି କହିଲା ବେଶି ଯଦି ବକ୍‌ବକ୍ କରିବୁ ଏ ଫାର୍ସାରେ ତୋ ମୁଣ୍ଡକୁ ବେକରୁ ଅଲଗା କରିଦେବି ।

ଆମେ ଏମିତି ଝଗଡା କରୁଥିବା ବେଳେ ଅର୍ଜୁନ, ପ୍ରତାପ କେତେବେଳେ ହୁଡା ସାହିକୁ ଦୌଡି ଯାଇଥିଲେ । ଗୁରୁବାରି ଧରିଥିବା ଫାର୍ସାକୁ ଗୋଲକ ଛଡାଇ ନେବାକୁ ଚେଷ୍ଟା କଲା । ସେଥିରେ ଆମକୁ ହାଣିବ ବୋଲି କହିଲା । ତାଠୁ ରକ୍ଷା ପାଇବାକୁ ଗୋକୁଳ ତା ହାତରେ ଦୁଇ ପାହାର

ପିଟିଛି । ମୁଁ ଫାର୍ସାକୁ ଛଡେଇ ନେବାକୁ ଚେଷ୍ଟା କରୁଥାଏ । ଏହିପରି ଧସ୍ତାଧସ୍ତି ହେବା ସମୟରେ ଦେଖିଲି ହୁଡାସାହି ଲୋକମାନେ ଆମ ଆଡକୁ ଦୌଡି ଆସୁଛନ୍ତି । ଆମକୁ ମାରି ପକାଇବେ ବୋଲି ଡରରେ ମୁଁ ଗୁରୁବାରିଠାରୁ ଫାର୍ସାକୁ ଛଡାଇ ନେଲି । ଭୂଧର, ଚକ୍ରଧର ଓ ଗୋକୁଳକୁ ପଳାଇ ଆସ ବୋଲି କହିଲି । ଗୁରୁବାରି ଲୁଚିଗଲା । ମୁଁ ଗୋଟିଏ ଅମରୀବାଡ ଭିତରେ ଲୁଚିଗଲି । ଆମ ପଳାଇଯିବା ଦେଖି ପ୍ରତାପ ବେହେରା ଗୋକୁଳକୁ ଜାବୁଡି ଧରିଲା । ଭୂଧର ତା କବଳରୁ ଗୋକୁଳକୁ ଛଡାଇ ପାରିଲା ନାହିଁ ।

ମୁଁ ଅମରୀ ଲଟା ଭିତରୁ ଶୁଣୁଥାଏ । ହୁଡା ସାହିର ସନାତନ ବେହେରା, ପୀତବାସ ବେହେରା, ଶଙ୍କର ବେହେରା, ଦେବରାଜ ବେହେରା, ପାଡୁଆ ବେହେରା, ଦେବ ସେଠୀ, କହ୍ନେଇ ସେଠୀ ପାଟି କରି ଶଳାକୁ ମାର ମାର ବୋଲି କହି ଘେରିଗଲେ । ଗୋକୁଳ ଓ ଭୂଧର ପଳାଇ ଆସିପାରିଲେ ନାହିଁ ।

ଶଙ୍କର ଗୋଟିଏ କନ୍ତ, ଦେବରାଜ ଗୋଟିଏ କୁରାଢି, ପାଡୁଆ ଗୋଟିଏ ଫାର୍ସା ଧରିଥିଲା । ଅନ୍ୟମାନେ ଲାଠି ଧରିଥିଲେ । ପ୍ରତାପ ବେହେରା ଟର୍ଚ୍ଚ ମାରୁଥାଏ । ସନା ଆଉ ପୀତବାସ କହୁଥାନ୍ତି ଶଳା ଦୁଇଟାକୁ ଶେଷ କରିଦିଅ । ଶଙ୍କର ଧରିଥିବା କନ୍ତରେ ଭୂଧରର ଆଖିକୁ ଭୂଷିଦେଲା । ପାଡୁଆ ଫାର୍ସାରେ ଗୋକୁଳକୁ ଚୋଟ ପରେ ଚୋଟ ମାରିଲା । ଦେବ କୁରାଢିରେ ଗୋକୁଳକୁ ଥରେ ହାଣୁଥାଏ, ଭୂଧରକୁ ଥରେ ହାଣୁଥାଏ । ଅନ୍ୟମାନେ ବାଡିରେ ପିଟୁ ଥାଆନ୍ତି । ଗୋଲକ ଓ ଭୂଧର ସେମାନଙ୍କ କବଳରୁ ଖସି ନପାରି ପୋଖରୀ ହୁଡାରେ ରକ୍ତାକ୍ତ ଅବସ୍ଥାରେ ପଡିଗଲେ ।

ଗୋଲକ ଓ ଭୂଧର ମରିଗଲେ ବୋଲି ଭାବି ହୁଡାସାହିବାଲା ଯେ ଯା ଘରକୁ ପଳାଇଲେ । ସବୁ ଶୂନଶାନ ହେବା ଦେଖି ମୁଁ ଅମରୀ ବୁଦାରୁ ବାହାରି ଘରକୁ ଆସି ଗାଁରେ ସମସ୍ତଙ୍କୁ କହିଲି । ଗାଁଯାକ ତାତିଗଲେ ।। ହୁଡାସାହିକୁ ଜାଳି ଦେଇଥାଆନ୍ତେ । କିନ୍ତୁ ମହିଧର ସମସ୍ତଙ୍କୁ ବୁଝାଇଲା, ସେମାନଙ୍କ ଘରଦ୍ୱାର ପୋଡିଜାଳିଦେଲେ କଣ ଗୋଲକ ଆଉ ଭୂଧରକୁ ବଞ୍ଚାଇ ପାରିବା ? ବରଂ ସେମାନଙ୍କୁ ଆଣ, ଡାକ୍ତରଖାନା ନେବା ।

କିନ୍ତୁ ଶଗଡରେ ସଜାଡିବା ବେଳକୁ ଦୁହିଁଙ୍କର ଶେଷ ନିଶ୍ୱାସ ଚାଲି ଯାଇଥିଲା ।

ମୁଁ ଚାଲି ଚାଲି ଆସି ଆଜି ସକାଳୁ ଆପଣଙ୍କୁ ଏ ଖବର ଦେଉଛି ।

ଥାନାବାବୁ ପଚାରିଲେ, ମହିଧର ନିଜେ କାହିଁକି ଆସିଲା ନାହିଁ ?

ଆଜ୍ଞା ତା ଭାଇଟାକୁ ମାରିଦେଲେ ଯେ ।

ତା ଭାଇ କିଏ କି ? ଥାନାବାବୁ ପଚାରିଲେ ।

ଭୂଧର ପରା ।

ମହିଧର ଭଳି ଜଣେ କଣ ସାହି ସାହି ଝଗଡା ବନ୍ଦ କରିପାରିବ ? ଥାନାବାବୁ ନିଜକୁ ପ୍ରଶ୍ନ କଲେ ।

ଶାନ୍ତିରକ୍ଷା ପାଇଁ ଥାନାବାବୁ ଦୁଇଜଣ କନଷ୍ଟେବଲକୁ ପଛରେ ବସାଇ ସାଙ୍ଗେ ସାଙ୍ଗେ ମୋଟର ସାଇକେଲରେ ଛୁଟିଲେ ।

ଚଷାପଡା ଗାଁରେ କୁଆଟିଏ ବି ଉଡୁନାହିଁ । ଆଉ ହୁଡାସାହି ପୂରାପୂରି ନିର୍ଜନ ।

## ଗଣେଶଙ୍କ ବର

ସେ ଦିନ ଶୋଇ ନ ପାରି ମୋ ସ୍ତ୍ରୀ ବଡ ବ୍ୟସ୍ତ କଲା । ଦେଖ ମ, ଧଡ୍ ଧଡ୍ ଠକ୍ ଠାକ୍ ଶବ୍ଦ ଏତେ ଜୋରରେ ଶୁଭୁଛି ।

ମୁଁ କଡ ଲେଉଟାଇ ପୁଣି ଶୋଇ ପଡିଲି । ଛୁଆ ଗୁଡାଏ, କଣ କରୁଥିବେ । ଶୋଇ ପଡ ।

ତଥାପି ସେ ଶୋଇପାରିଲା ନାହିଁ । ମୋତେ ଖେଞ୍ଚିଲା । କହିଲା, ଦେଖ ମ, ବାଡ ଫାଡ ଭାଙ୍ଗିଲେଣିନା କଣ । ଏତେ ନିଦ ଯେ ତୁମକୁ ଶୁଭୁନାହିଁ ? ଥରେ ବିଛଣାରେ ପଡିଲେ କଣ ତୁମ କାନ ବି ଶୋଇଯାଏ ?

ମୋତେ ଚିଡ ଲାଗିଲା । କଞ୍ଚା ନିଦ ତ । ମୁଁ କହିଲି, କାଲି ପରା ଗଣେଶ ପୂଜା । ପିଲାଗୁଡିଏ ମେଢ ତିଆରି କରିବାରେ ମାତିଥିବେ । କାମ ସରିଗଲେ ଆଉ ଶବ୍ଦ ହେବ ନାହିଁ । ତକିଆଟା ଭିତରେ କାନ ଗେଞ୍ଜି ଶୋଇଯାଅ ।

ପାଞ୍ଚ ସେକେଣ୍ଡ ଯାଇଛି କି ନାହିଁ, ପୁଣି ମୋ ସ୍ତ୍ରୀର ବାଉଳି । ମୋତେ ଛାଇନିଦ ହୋଇଯାଇଥିଲା । ଠିକ୍ କେତେ ସେକେଣ୍ଡ ଯାଇଥିବ ମନେ ପଡୁନାହିଁ । ନିଦଟା ଲାଗି ଆସିଥିଲା ବୋଲି ମୁଁ ଚିଡ୍ ଚିଡ୍ ହେଲି ।

ଶୁଣ କେତେ ଜୋରରେ ପାଟି ଶୁଭୁଛି । ଯଦି ସେଗୁଡାକ ବାଡ ଭାଙ୍ଗି ପଶିଆସିବେ, ସକାଳ ହେଲାବେଳକୁ ଆଉ ବାଡି ନଥିବ । ସବୁ ସଫା ହୋଇଯାଇଥିବ । ଟିକେ ଉଠି ଦେଖି ଦେଉନା ।

ବିଛଣାର ଅନ୍ଧାର ଭିତରେ ଆଖି ବୁଜି ମୁଁ କାନ ଡେରିଲି । ଡାଳ ଟଣାଟଣି ଶବ୍ଦ ଶୁଭିଲା । କହିଲି, କାଲିର ଗଣେଶପୂଜା ଲାଗି ସେମାନେ ଆମ୍ବ କି ଦେବଦାରୁ ଡାଳ ଭାଙ୍ଗୁଛନ୍ତି । ମେଢ ସଜାଇବା ପାଇଁ ଯେତେ ଦରକାର ମିଳିଗଲେ, ଡାଳଭଙ୍ଗା ଶବ୍ଦ ବନ୍ଦ ହୋଇଯିବ । ଦେବଦାରୁ କି ଆମ୍ବ ତ ଆମ ବାଡିରେ ନାହିଁ । ପାଖ ବାଡିରୁ ନେଉଥିବେ । ସେଆଡକୁ କାନ ନ ଦେଇ ଶୋଇପଡ ।

ସେ ଶୋଇପଡିଲା କି ନାହିଁ ମୁଁ ଜାଣେ ନା । କିନ୍ତୁ ସେ ଶୋଇଲା ଭଳି ଜଣାଗଲା । ଅବଶ୍ୟ ମୋତେ ଭଲ ନିଦ ହେଲାନାହିଁ । କେତେବେଳେ ନିଦ ଲାଗିଗଲା ଜାଣେ ନାହିଁ ।

ବୋଧହୁଏ ମୋ ଅବଚେତନ ମନରେ ସ୍ତ୍ରୀର ନିଶାର୍ଦ୍ଧ ଅଭିଯୋଗ ରହିଯାଇଥିଲା । ଭୋରୁ ଭୋରୁ ହଠାତ୍ ନିଦ ଭାଙ୍ଗିଗଲା, ଆଉ ମୁଁ କବାଟ ଖୋଲି ବାହାରିଗଲି ବାଡିକୁ । ସାମନାକୁ ଚାହିଁ ଦେଲାକ୍ଷଣି ଆଖିଆଗରେ ପଡିଗଲା ବେଶ୍ ବିରାଟ ଏକ ବସ୍ତ୍ରାବୃତ୍ତା ଅଟ୍ଟାଳିକା । ଖୁବ୍ ଉଚ୍ଚକୁ ଉଠିଯାଇଛି ଚାରୋଟି ଗମ୍ବୁଜ । ଯେତେ କାଇଦାରେ ହୋଇଛି, ସମ୍ଭବତଃ ଧନୀ ସାଉଦିଆରବ ଦେଶ ବା ଏକଛତ୍ରବାଦୀ ଇରାକୀ ଶାସକ ସଦ୍ଦାମ ସେଭଳି ସୁନ୍ଦର ମସ୍‌ଜିଦ୍ ଗଢି ପାରିବ ନାହିଁ । ପିଲାମାନଙ୍କ ଉଦ୍ୟମକୁ ପ୍ରଶଂସା କରିବାକୁ ଇଚ୍ଛା ହେଲା । କିନ୍ତୁ ମୋ ଘର ଆଗରେ ମୋତେ ନ ପଚାରି ମୋ ବାଡକୁ ଲଗାଇ ରାତାରାତି ଏଭଳି ମଣ୍ଡପଟିଏ ତିଆରି କରିବାରେ ସେମାନେ ଯେଉଁ ଔଦ୍ଧତ୍ୟ ଦେଖାଇଛନ୍ତି ତାହା ମୋ ମନ ଭିତରେ ଯେଉଁ ରାଗ ତିଆରି କରିଥିଲା ସେ ରାଗ ମୋର ସୌନ୍ଦର୍ଯ୍ୟ ପ୍ରୀତିକୁ ଦବାଇ ଦେଲା ।

କିଏ ବୋଲି ପାଟି କରି କିଛି ଉତ୍ତର ନ ପାଇବାରୁ ମୁଁ ପାଖକୁ ଗଲି । ବେଶ୍ ନିଦରେ ପିଲାଟିଏ ଶୋଇଛି । କିଏ ଶୋଇଛି ? ଶୁଭୁନାହିଁ କି ? ପାଟି କଲି ।

ପିଲାଟାଏ ବୋଲି ଭାବିଥିଲି, ଦେଖିଲି ନିଶରେ ମୁହଁଟା ପୂରି ଉଠିଛି । ଭେଣ୍ଡିଆଟାଏ । ଆଖିରେ ଆଖିଏ ନିଦ । ଆଖି ମଳି ମଳି ସେ ଉଠିଲା ।

ନିଦ ବାଉଳାରେ ସେ ମୋତେ ପ୍ରଶ୍ନ କଲା, ଯା ଭିତରେ କାହିଁକି ପଶିଛ ?

କଣ ? ମୋ ବାଡ଼ି ଭିତରେ ପଶି ମୋତେ ଡାଗିଦ୍ ?

ତୁମ ବାଡ଼ି ? ଏଟା ତ ସରକାରୀ ଜାଗା । ସେ ମୁହେଁ ମୁହେଁ ଉତ୍ତର ଦେଲା ।

ସତେ ଯେପରି ପଚାରିବାଟା ମୋର ଦୋଷ ହୋଇଛି । କେବଳ ସେତିକି ନୁହେଁ, କିଛି ନ ଘଟିଥିଲା ଭଳି ସେ ମୋ ଆଡକୁ ନ ଅନାଇ ଟେବୁଲ ତଳୁ ଦେବଦାରୁ ପତ୍ରଗୁଡା ଆଡେଇବାରେ ଲାଗିଗଲା ।

ମୋର ପରବର୍ତ୍ତୀ ପ୍ରଶ୍ନ କଣ ହେବ ମୁଁ ଭାବୁଥିଲାବେଳେ ସେ ପୁଣି ଶୋଇପଡିଲା । ତାର ରାତିଅନିଦ୍ରା ପ୍ରତି ସହାନୁଭୂତି ଦେଖାଇବାକୁ ଇଚ୍ଛା ହେଉଥିବାବେଳେ ମୋ କ୍ରୋଧ ମୋତେ ଅନ୍ୟଆଡେ ଟାଣିନେଲା । ମୁ ଜୋର ପାଟି କରି କହିଲି, ମୋ ବାଡ ଭାଙ୍ଗି ଏତେ ବଡ କାଣ୍ଡଟାଏ କରିଛ, ମୋତେ ଟିକିଏ ପଚରା ଉଚୁରା ବି ନାହିଁ । କହିଲାବେଳକୁ କଣ ନା, ଏଟା ସରକାରୀ ଜାଗା । ତୁମେ ସରକାରୀ ଜାଗାରେ ଯାହା କରୁଛ କର, .ମୋ ବାଡ ଦେହରୁ ଛାଡି କି କର ।

ଏତକ କହିବା ସାଙ୍ଗେ ସାଙ୍ଗେ ବାଡକୁ ଲାଗିଥିବା ବାଉଁଶ ବତା କେତୋଟିରୁ ଦଉଡି ଫିଟାଇଦେଲି ।

ଏ କଣ କରୁଛ ବୋଲି କହି ଟୋକାଟା ମୋ ପାଖକୁ ଧାଇଁ ଆସିଲା । ବାହୁରେ ମୋତେ ଠେଲିବାକୁ ଚେଷ୍ଟାକଲା । ମୁଁ ତାକୁ ଠେଲି ଦେଲି ।

କଣ ହେଲା କେଜାଣି, ସେ ଜାଗା ଛାଡି ଚାଲିଗଲା ।

ପିଲାଟି ଚାଲିଗଲା ପରେ ମୁଁ ଘର ଭିତରକୁ ଗଲି । ଭାବିଲି, ଯାଇ ତାର ସାଙ୍ଗମାନଙ୍କୁ କହିବ । ସମ୍ଭବତଃ ସେମାନେ ଆଉ ଆଗେଇବେ ନାହିଁ । ଯଦି ସେମାନେ ଚୁପ୍ ରହନ୍ତି, ମୋ ରୁଆବ କାମ କଲା । ଆଉ ଆପତ୍ତି କରିବାକୁ ନଥିବ ।

ଗାଧୁଆ ପାଧୁଆ ସାରି ଜଳଖିଆ ପରେ ମୁଁ ଅଫିସ ଆସିବା ପାଇଁ ପ୍ରସ୍ତୁତ ହେଲି । କବାଟ ଖୋଲି ଗେଟ୍ ପାଖକୁ ଆସିଲି, ମୋତେ କାହିଁକି ବାଡିଟା ଭିନ୍ନ ଭିନ୍ନ ଲାଗିଲା । ଗାଡିରେ ବସିବା ପୂର୍ବରୁ ଟିକିଏ ବୁଲି ଆସିଲି ।

ଏ କଣ ? ୧, ୨, ୩, ୪ କରି ଗଣିଲି । ନଅଟି ଫୁଲକୁଣ୍ଡ ନାହିଁ । ପେଣ୍ଡାଲ୍‌ରେ ଟୋକାମାନେ କାମରେ ଲାଗି ପଡିଛନ୍ତି । ଗଣେଶ ମୂର୍ତ୍ତିଟିଏ କାଗଜରେ ଘୋଡା ହୋଇଛି ।

ମୁଁ ପିଲାଗୁଡାକ ସାଙ୍ଗରେ ଯୁକ୍ତି କରିବା ଉଚିତ୍ ମନେ କଲି ନାହିଁ । ଅଫିସରେ ପହଞ୍ଚି ଥାନାକୁ ଫୋନ କଲି ।

ଫୁଲକୁଣ୍ଡ କେତେବେଳୁ ଗଲାଣି ? ଥାନାରୁ ଏ ପ୍ରଶ୍ନର ଉତ୍ତରରେ ମୁଁ ମୋର ଅଜ୍ଞତା ପ୍ରକାଶ କଲି । ସକାଳର ଘଟଣା ସବୁ କହିଲି । ସମ୍ଭବତଃ ମୁଁ ଭିତରେ ଥିଲାବେଳେ ଟୋକାଗୁଡାକ କୁଣ୍ଡ ଉଠାଇ ନେଇଛନ୍ତି । ସାଙ୍ଗେ ସାଙ୍ଗେ ଖୋଜିଥିଲେ କୁଣ୍ଡଗୁଡିକ ମିଳିଥାନ୍ତା, ଯିଏ ଦୋଷୀ, ସେ ବି ମିଳନ୍ତା । ଥାନାବାବୁଙ୍କ ଏ ଯୁକ୍ତିରେ ମୁଁ କଣ କହିବି ? କୁଣ୍ଡ ଫେରି ନପାଇଲେ ମଧ୍ୟ ପିଲାଗୁଡିକୁ ଟିକିଏ ତାଗିଦ୍ କରିବା ଉଚିତ୍ ବୋଲି ମୁଁ ଥାନାବାବୁଙ୍କୁ କହିଲି ।

୧୨ଟା ପର୍ଯ୍ୟନ୍ତ କିଛି ନ ଘଟିଥିବାର ଖବର ପାଇ ମୁଁ ଏସ୍.ପି.ଙ୍କୁ ଫୋନ୍ କଲି । ସବୁ କଥା କହିଲି ।

ତାପରେ ମୁଁ ଯାହା ଉତ୍ତର ପାଇଲି, ସଂକ୍ଷେପରେ ହେଲା, ଆପଣ ତ କାହାକୁ କୁଣ୍ଡ ନେଇଥିବା ଦେଖିନାହାନ୍ତି । ପିଲାମାନଙ୍କ ଉପରେ ଦୋଷ ଦେଇ ହେବ ନାହିଁ । ଯଦି-ଫୁଲ କୁଣ୍ଡ ହାଟକୁ ଚାଲିଯାଇଥିବ କିମ୍ବା କାହା ବାଡିରେ ଲୁଚା ହୋଇଥିବ, ତେବେ ତାର ସନ୍ଧାନ ପାଇବା ଅସମ୍ଭବ ।

ମୁଁ କହିଲି ଟିକେ କୁକୁର ପଠାଇଲେ ହୁଅନ୍ତା ନି ?

ସେ କୁଆଡେ କୁକୁର ପଠାଇବାର ଆଦେଶ ଦେଇଥିଲେ । କିନ୍ତୁ କୁକୁର ଅନ୍ୟ କାମରେ ବ୍ୟସ୍ତ ଥିବାରୁ ଆସି ପାରିବ ନାହିଁ । ଫୁଲକୁଣ୍ଡଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ଜିନିଷ ତ ଚୋରିଯାଉଛି । ଛୁରା ଭୂଷା, ବଧୂହତ୍ୟା ଆଦି ଲୋକଦୃଷ୍ଟି ଆକର୍ଷଣକାରୀ ଅପରାଧ ପାଇଁ ତ କୁକୁର ନାହାନ୍ତି । ସେ କାମରେ ଆଗ ନ ଲଗାଇଲେ ରକ୍ଷା ନାହିଁ । କିଛି କାମ କରୁଛୁ ବୋଲି ଜଣାଇବା ଲାଗି ବି କୁକୁର ପଠାଇବାକୁ ବଡ ବଡ ହସ୍ତୀମାନେ ବାଧ୍ୟ କରୁଛନ୍ତି ।

ସେ ପରିହାସ ଛଳରେ କହିଲା ଭଳି ଜଣାଗଲା : ଆଜିକାଲି ଲୋକ ମଣିଷ ଉପରୁ ଆସ୍ଥା ହରାଇଲେଣି । କୁକୁର ଉପରେ ବେଶି ଆସ୍ଥା ରଖିଲେଣି ।

ମୁଁ ଗୁଣୁ ଗୁଣୁ ହେଲି । ମଣିଷ ଯଦି ତାର କାମ ଠିକ୍ ନ କରେ, ଫଳ ଏହା ହିଁ ହେବ । କାର୍ଯ୍ୟ ସାଧନରେ କୁକୁର ବୋଧହୁଏ ମଣିଷ ଭଳି ଏତେ ଅବହେଳା କରେ ନାହିଁ । ସବୁଠାରୁ ବଡ କଥା, ଖାଦ୍ୟ ଲୋଭରେ ମଣିଷ ଯେଭଳି ବିଚଳିତ ହୋଇଉଠେ, ଲାଞ୍ଚଦାତାର ଚାପରେ ଦରମା ଦେଉଥିବା ମାଲିକର ନମକହାରାମ ହୁଏ, କୁକୁର ସେଭଳି ନୁହେଁ ।

ସେଦିନ ଅଫିସରୁ ଫେରିଲା ପରେ ମୁଁ ଘରର ଯେତେ ପାଖ ହେଉଥାଏ, ଶବ୍ଦରେ ମୋ କାନରୁ ସେତେ ଅତଡା ଖସୁଥାଏ । ଗେଟ୍ ପାଖରେ ପହଞ୍ଚିଲାବେଳକୁ ସତେ ଯେପରି କାନର ପରଦାଟା ଫାଟିଯିବ । ପୁରାଦମ୍‌ରେ ସେମାନେ ରେକର୍ଡ ବଜାଇ ଲାଉଡ୍‌ସ୍ପିକରଟାକୁ ମୋ ଗେଟ୍‌ମୁହାଁ କରି ଦେଇଛନ୍ତି ।

ମୁଁ ଥମ ଥମ ହୋଇ ଘର ଭିତରକୁ ପଶି ସ୍ତ୍ରୀକୁ କହିଲି, ଏମାନେ ଏତେ ଜୋରରେ ବଜାଉଛନ୍ତି, ତୁମେ ମନା କରୁନାହଁ । ରୋଷେୟାଟାକୁ କହିଥିଲେ ସେ ଯାଇ ମନା କରି ଆସିଥାଆନ୍ତା ।

ସ୍ତ୍ରୀର ଉତ୍ତର ଶୁଣି ମୁଁ ଚୁପ୍ । ତୁମ ମରଦପଣିଆ ବାହାରେ ଦେଖା । କାହିଁ ସକାଳେ ତ ଯାଇ ପୂଜାମଣ୍ଡପ ତିଆରି ବନ୍ଦ କରିଦେବ ବୋଲି କହୁଥିଲ । ପାରିଲ କି ? ତା ପରେ କୁଣ୍ଡ ଚୋରି ହେଲା । କାହିଁକି ? ଆଉ ମୁଁ ଯାଇ ଏ ଟୋକାଗୁଡାକ ସାଙ୍ଗେ ପାଟି କରିଥାଆନ୍ତି ।

ମୁଁ ନିଜର କ୍ରୋଧ ସମ୍ଭାଳି ପାରିଲି ନାହିଁ । ସାଙ୍ଗେ ସାଙ୍ଗେ ଫୋନ ଉଠାଇଲି ପୁଣି ଏସ୍.ପି.ଙ୍କୁ । ଏସ୍.ପି. ନାହାନ୍ତି ଶୁଣିବା ପରେ ପୁଣି ଥାନାକୁ ଲଗାଇଲି । ସବୁ କଥା କହିଲି । ଲାଉଡ୍‌ସ୍ପିକର ନିୟନ୍ତ୍ରଣ ଆଇନ ବିଷୟରେ ବହେ ଉପଦେଶ ଦେଲି ।

ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ ଆମେ ଦେଖୁଛୁ, କହି ଥାନାବାବୁ ମୋତେ ସାନ୍ତ୍ୱନା ଦେଲେ ।

କାଳେ କିଛି ନ ହେବ ଭାବି ମୁଁ ଏସ୍.ପି.ଙ୍କୁ ପୁଣି ଲଗାଇବାକୁ ଚେଷ୍ଟା କଲି । ଏଥର ମିଳିଗଲେ ।

ତାଙ୍କୁ ସକାଳର କଥା ହେଜାଇ ଦେଲି । କୁଣ୍ଡ ବିଷୟରେ କିଛି ଆକ୍ସନ ନ ନେବାରୁ ପିଲେ ଉପରମୁହାଁ ହେଉଛନ୍ତି ବୋଲି କହିଲି ।

କିଛି ସମୟ ଯାଇଛି । ପ୍ରାୟ ଘଣ୍ଟାଏ । ହଠାତ୍ ମୋତେ ଲଉଡ୍‌ସ୍ପିକରର ଭଲ୍ୟୁମ୍ କମିବା ଜଣାଗଲା । ଏତେ ବଡ ଶବ୍ଦ ସହିତ ବ୍ୟସ୍ତ ହେଉଥିବା କାନକୁ ଆଶ୍ୱସ୍ତି ଲାଗିଲା । ମୁଁ ଝରକା ଖୋଲି ଅନାଇ ଦେଖିଲି ଦୁଇଜଣ କନଷ୍ଟେବଲ ପିଲାମାନଙ୍କ ସାଙ୍ଗରେ କଣ କଥାବାର୍ତ୍ତା କରୁଛନ୍ତି ।

ଆଶା ଦିଶିଲା । ଯାହାହେଉ ପୋଲିସ ମୋ କଥାରେ ଗୁରୁତ୍ୱ ଦେଇଛି । ଏଣିକି ପିଲାଏ ଜାଣିଲେ : ଅନ୍ୟମାନଙ୍କର ସୁଖସୁବିଧାକୁ ଅମାନ୍ୟ କଲେ, ବେଆଇନ୍ ଓ ବେଖାତିର ଭାବରେ କାମ କଲେ ଫଳ କଣ ହୁଏ ।

ଆଜି ରାତିରେ ଶାନ୍ତିରେ ଶୋଇହେବ । ସେ ପର୍ଯ୍ୟନ୍ତ ପିଲାମାନଙ୍କର ପୂଜା ହୋଇ ନଥାଏ । ମନେ ହେଉ ନଥିଲା ଯେ ସେମାନେ ଗଣେଶଙ୍କୁ ଉଠାଇନେବେ । ଅନ୍ତତଃ ଆରବର୍ଷକୁ ଏଭଳି କରିବେ ନାହିଁ, ଏ ଧାରଣା ମୋର ହେଲା ।

ମୁଁ ଖୁସିରେ ଟେଲିଭିଜନ ଖୋଲି ଗଣେଶଙ୍କ ଆରାଧନା ବିଷୟରେ ପ୍ରଚାର ହେଉଥିବା ଗୀତ ଶୁଣିଲି ।

ଅଧଘଣ୍ଟାଏ ବି ଯାଇନାହିଁ ମୋ ଟେଲିଭିଜନ ଲିଭିଗଲା । ଘରର ଲାଇଟ୍ ବି ଚାଲିଯାଇଛି । ଏବେ ତ ଦିନକୁ ଅଧଘଣ୍ଟାଏ ସରକାରୀ ଭାବରେ ଲାଇଟ୍ ଯାଉଛି । ତାଛଡା ବେଳେ ବେଳେ ବେସରକାରୀ ଭାବରେ ବି ଲାଇଟ୍ ଯାଉଛି । ଆଜି ତ ପୁଣି ଗଣେଶ ପୂଜା । କେତେଆଡେ କିଏ ଲାଇନ୍‌ରେ ହୁକ ପକାଇ ବିଜୁଳି ନେଉଥିବେ । କେହି ତ କେଉଁଠି ଦେଖିବାକୁ ନାହିଁ । ଚାରିଆଡେ ଗଣେଶ ପେଣ୍ଡାଲ୍ । ବେଶି ବିଜୁଳି ନେଉଥିବାରୁ କାଳେ ଟ୍ରିପ୍ କରିଯାଇଥିବ ।

ଅନ୍ଧାର ଭିତରେ ବାହାରକୁ ଆସି ଦେଖିଲି ସବୁଆଡେ ଆଲୁଅ ଜଳୁଛି । କେବଳ ମୋ ଘର ଅନ୍ଧାର ।

ଭିତରେ ପଶି ମୁଁ ସବ୍‌ଷ୍ଟେସନକୁ ଫୋନ କଲି । ସେମାନେ କହିଲେ ସବୁଆଡେ ତ ଆଲୁଅ ଅଛି । ସମ୍ଭବତଃ ଆପଣଙ୍କ ଘର ଭିତର ଫ୍ୟୁଜ୍ ଉଡିଥିବ । ଏଇଟା ଜି.ଇ.ଡି.ର କାମ ।

ଜି.ଇ.ଡି.କୁ ଫୋନ କଲି । ଯାହାହେଉ ସେମାନେ ଅଧଘଣ୍ଟାଏ ଭିତରେ ଆସିଲେ । ସେମାନଙ୍କ ଅଫିସ୍‌ରେ ଗଣେଶ ପୂଜା ପାଇଁ ଚାନ୍ଦା ନେଇଛନ୍ତି । ସମ୍ଭବତଃ ସେହି କୃତଜ୍ଞତାରୁ ସେମାନେ ଆସିଗଲେ ।

ସେମାନେ ପରୀକ୍ଷା କରି ଦେଖିଲେ ଯେ ଘରକୁ ବିଜୁଳି ଆସୁନାହିଁ । ଏ ପରୀକ୍ଷା ଆମେ ବି କରି ସାରିଥିଲୁ । କିନ୍ତୁ ବୈଷୟିକ ଜ୍ଞାନରେ ଅଜ୍ଞ ଥିବାରୁ ସବ୍‌ଷ୍ଟେସନକୁ ଜୋର୍‌ରେ କହିପାରି ନଥିଲି ।

ପୁଣି ସବ୍‌ଷ୍ଟେସନକୁ ଫୋନ୍ କଲି । ଶୀଘ୍ର ଆସିବାକୁ ଅନୁନୟ ବିନୟ କଲି । ସେମାନେ ଆସିଲେ । ଦେଖିଲେ । କହିଲେ, ଖୁଣ୍ଟ ପାଖରେ ତାରଟି ଛିଡିଯାଇଛି ।

ସେତେବେଳେ ମୋ ମୁଣ୍ଡରେ ପଶିଲା ଯେ ଏହି ପିଲାମାନେ ହିଁ ତାରଟିକୁ କାଟି ଦେଇଥିବେ । ସେହି ଖୁଣ୍ଟରୁ ସେମାନେ ହୁକ ପକାଇ ସେମାନଙ୍କ ପେଣ୍ଡାଲକୁ ଲାଇନ୍ ନେଇଛନ୍ତି ।

ସେମାନଙ୍କ ଲାଇନ୍ କାହିଁକି କାଟୁନା ବୋଲି ସବ୍‌ଷ୍ଟେସନକୁ ପ୍ରଶ୍ନ କରି ମୁଁ ଯେଉଁ ଉତ୍ତର ପାଇଲି ସେଥିରେ ନୀରବ ହୋଇଗଲି ।

ଏ ପିଲାଙ୍କ ସାଙ୍ଗେ ଲାଗିବ କିଏ ? ଏମାନେ ଆମକୁ ଓଲଟା ଧକ୍କା ଦେଇ ତଡିଦେବେ । ପୁନଶ୍ଚ ଯଦି ଆମେ ଲାଇନ୍ କାଟିଦେଇ ଚାଲିଯାଉ ସେମାନେ ପୁଣି ଲଗାଇଦେବେ ।

ତା' ବୋଲି ଆପଣମାନେ ଏଭଳି ନୀରବଦର୍ଶକ ହୋଇ ରହିଥିବେ ? ଆପଣଙ୍କ ଏଭଳି କାମ ଯୋଗୁ ତ ଦେଶରେ ବିଜୁଳିର ଅଭାବ ଘଟୁଛି । ବୋର୍ଡକୁ ପଇସା ଦେଉଥିବା ଲୋକେ ବିଜୁଳି ପାଇବେ ନାହିଁ, କିନ୍ତୁ ଯେଉଁମାନେ ମାଡିବସି ଘର ବା ଦୋକାନ କରୁଛନ୍ତି, ଏନ୍‌କ୍ରୋଚ୍‌ମେଣ୍ଟ କରିଛନ୍ତି, ବିନା ପରମିସନରେ ବା ହୁକ ପକାଇ ବିଜୁଳି ନେଇପାରିଛନ୍ତି, ସେମାନଙ୍କର ଚବିଶି ଘଣ୍ଟା ବିଜୁଳି ଜଳିବ । ବିନା ପଇସାରେ । ଆଉ ଆପଣଙ୍କ ପକେଟ ଗରମ ହେଉଥିବ ।

ଏତକ କହିଦେଇ ମୁଁ ଭାବିଲି, ମୋର ଅନୁତପ୍ତ ମନକୁ କିଛି ସାନ୍ତ୍ୱନା ମିଳିବ ।

କିନ୍ତୁ କିଛି କରିବା ଦରକାର । ବର୍ତ୍ତମାନଠୁ ଅନ୍ଧାର ।
ରାତିଯାକ ଚଳିବା କଷ୍ଟ ହେବ । ତାପରେ ଆସିଷ୍ଟାଣ୍ଟ ଇଞ୍ଜିନିଅର, ଏଗଜିକ୍ୟୁଟିଭ୍ ଇଞ୍ଜିନିଅର ଓ କଣ୍ଟ୍ରୋଲ ରୁମ୍ ଆଦିକୁ ଗୋଟାକ ପରେ ଗୋଟାଏ ଫୋନ୍ କଲି । ଡେରି ହେବାରୁ ନିଜେ ଯାଇ କଣ୍ଟ୍ରୋଲ ରୁମ୍‌ରେ ପହଞ୍ଚିଲି । ଯାହାହେଉ ତାପରେ ଲାଇନ୍‌ମେନ୍ ଆସି ତାର ଯୋଡିଲେ ।

ସେଦିନ ରାତିରେ ଆମେ ସେହି ସୋ ଶବ୍ଦରେ ଶୋଇବାକୁ ମନ ବାନ୍ଧିନେଲୁ । ଶବ୍ଦ କମାଇବାକୁ ଝରକା ଓ କବାଟ ବନ୍ଦ କଲି । କିଛିଟା କମିଲା । ଗରମ ଅସହ୍ୟ ହେଉଥିଲା, କିନ୍ତୁ ଫ୍ୟାନ୍ ଯୋଗୁ ସମ୍ଭାଳି ହେଲା ।

କେତେବେଳେ ନିଦ ହୋଇଯାଇଛି ମନେ ନାହିଁ । କିନ୍ତୁ ହଠାତ୍ ଖୁବ୍ ଗୁଳୁଗୁଳି ଲାଗିଲା ! ନିଦ ଭାଙ୍ଗିଗଲା । ଫ୍ୟାନ୍ ବନ୍ଦ, ସ୍ୱିଚ୍ ଅନ୍ କଲାବେଳକୁ ଲାଇଟ୍ ବି ନାହିଁ ।

ଜାଣିପାରିଲି କଣ ଘଟିଛି ।ଏତେ ରାତିରେ ସବ୍‌ଷ୍ଟେସନ୍‌ବାଲାକୁ ଫୋନ୍ କଲେ କିଛି ଲାଭ ହେବ ନାହିଁ । ତଥାପି ଫୋନ୍ ଲଗାଇଲି ।

ଉତ୍ତର ଆସିଲା ଏବେ କେହି ନାହାଁନ୍ତି । ସକାଳୁ ଡିଉଟିକୁ ଆସିଲେ ଲୋକ ପଠାଇବି ।

ଝରକା କବାଟ ସବୁ ମେଲିଦେଲି । ଖୁବ୍ ଜୋରରେ ଲାଉଡ୍‌ସ୍ପିକରରୁ ହିନ୍ଦୀ ସିନେମାର ଗୀତ ଆସୁଥାଏ । ସୁପରହିଟ୍ ମୁକାବିଲାର ଗୀତ । ଯେଉଁ ଗୀତ ଗୁଡିକର ଅଶ୍ଳୀଳ ମାନେ ବାହାରେ ।

ସକାଳ ହେଲାରୁ ନିତ୍ୟକର୍ମ ଶୀଘ୍ର ଶୀଘ୍ର ସାରି ଭାବିଲି ଥାନାକୁ ଯିବି । ଫୋନ୍ କରି କିଛି ଲାଭ ନାହିଁ ।

ଗାଧୁଆ ପାଧୁଆ ସରିଛି କି ନାହିଁ ପାଣି ସରିଗଲା । ଓଭରହେଡ୍ ଟ୍ୟାଙ୍କରେ ଏତେ ପାଣି ଥିଲା ସରିଗଲା କିପରି ? ଚାରିଆଡେ ବୁଲି ଆସି ଦେଖିଲି ଘରର ଗୋଟିଏ କୋଣରେ ବାହାରପଟୁ ଉଠିଥିବା ପାଇପ୍‌ଟି କଟିଯାଇଛି । ଠିକ୍ କଟୁରୀ ଚୋଟ ଲାଗିଥିବା ଭଳି ଦିଶୁଛି । ସେଥିରୁ ପାଣି ଝରି ତଳ କାଦୁଅ ହୋଇଯାଇଛି । ଏ କାହାର କାଣ୍ଡ ହୋଇଥିବ, ଚିନ୍ତା କରିବା ଦରକାର ହେଲା ନାହିଁ ।

ଗତ ରାତିରେ ସେମାନଙ୍କ ପୂଜା ସରିଯାଇଛି । ରାତି ଅନିଦ୍ରାରେ ଆଜି ସେମାନେ ଶୋଇ ଯାଇଛନ୍ତି । ଗୁଡାଏ ପିଲା ଏକାଠି ରହିଛନ୍ତି ।

ରାଗ ତମ ତମରେ ମୁଁ ଗେଟ୍ ବନ୍ଦ କରି ପୋଲିସ୍ ଷ୍ଟେସନ୍‌କୁ ଗଲି । ସବିଶେଷ ବିବରଣୀ ଦେଇ ଏଫ.ଆଇ.ଆର୍. ଦାୟର କଲି । ଫୁଲକୁଣ୍ଡ ଚୋରିହେବା, ବିଜୁଳି ଖୁଣ୍ଟ ଓ ପାଣି ଲାଇନ୍‌ରୁ ପାଇପ୍ କଟାହେବା, ବାଡ ଭାଙ୍ଗିବା ଆଦି ସବୁ ବିଷୟ ।

ଏଫ୍.ଆଇ.ଆର୍. ଲେଖି ସାରି ଏସ୍.ପି.ଙ୍କୁ ଦେଖା କରି ଘରକୁ ଫେରିଲି । ଏତକ କାମ କରିବା ପାଇଁ ମୋତେ ଛ ଘଣ୍ଟା ଲାଗିଗଲା । ସକାଳ ୬ଟାରୁ ଦିନ ୧୨ଟା ।

ତର ତର କଲେ ଥାନା ବାବୁ କୌଣସି ନା କୌଣସି ଆଳରେ ଅନ୍ୟ କାମରେ ବ୍ୟସ୍ତ ଥାଆନ୍ତି ବୋଲି ଉତ୍ତର ଆସେ । ପ୍ରଥମେ ତ ଗାଧୁଆ ସାରି ଆସିବାକୁ ତାଙ୍କୁ ଦୁଇଘଣ୍ଟା ଲାଗିଗଲା । ତାପରେ ପୁଣି ପୂଜାପାଠ । ତାପରେ ବିଟ୍‌ରୁ ଫେରିଥିବା କନଷ୍ଟେବଲର ଡାକରା । ଏହା ଭିତରେ ବିଭିନ୍ନ ଉଚ୍ଚ ଅଧିକାରୀମାନଙ୍କ ଫୋନ୍ । ପୁଣି ଗୁରୁତର କେସ୍ ଧରି ଫେରି ଆସିଥିବା ଜଣେ କନେଷ୍ଟେବଲର ଡାଏରି । ମୁଁ ତ ଜଣେ ଦ୍ୱିତୀୟ ଶ୍ରେଣୀ ସରକାରୀ କର୍ମଚାରୀ । ତେଣୁ ମୋର ଗୁରୁତ୍ୱ ନ୍ୟୂନତର । ଏଠାରେ ଏତେ ସମୟ କଟିବା ପରେ ପୁଣି ଏସ୍.ପି.ଙ୍କ ଅଫିସ୍‌ରେ ଦେଖା କରିବା ଲାଗି ସେହିଭଳି ଅପେକ୍ଷା ।

ଏସବୁ ସରିବା ପରେ ଅର୍ଦ୍ଧାଧିକ ଦିନ ଯାଇସାରିଥିଲା । ମୁଁ ସେଦିନଟା ଛୁଟିନେଲି । ୧୨ଟା ପରେ ଅଫିସଯିବାକୁ ଧୈର୍ଯ୍ୟ ନଥିଲା ।

ଯାହାହେଉ ଉପରବେଳା ଦୁଇଜଣ ପିଲାଙ୍କୁ ପୋଲିସ୍ ଧରିନେଲେ । ଦୁଇଜଣ କନଷ୍ଟେବଲ ମୋ ଘର ପାଖରେ ପହରା ଦେଲେ ।

ତିନିଦିନ ପରେ ଗଣେଶ ପୂଜା ବିସର୍ଜନ ଉତ୍ସବହେଲା । ପେଣ୍ଡାଲଟିକୁ ପୋଲିସ୍ ଉପସ୍ଥିତିରେ ସେମାନେ ଉଠାଇ ନେଲେ । ତାଳ ବାଉଁଶ ଆଦିକୁ ଉପାଡି ନେଲେ । ସେମାନେ ଗଲା ପରେ କନଷ୍ଟେବଲଦ୍ୱୟ ମୋତେ ଦେଖା କରି ବିଦାୟ ମାଗିଲେ ।

କହିଲେ, ସାର୍, ଏଥର ଶାନ୍ତିରେ ରହନ୍ତୁ । ପିଲାମାନେ ଯଦି ପୁଣି ଆସନ୍ତି, ଥାନାକୁ ଖବର ଦେବେ । କିନ୍ତୁ ଯାହା ମନେ ହେଉଛି ସେମାନେ ଆସିବେ ନାହିଁ ।

ମନସ୍ତାପରେ ମୁଁ ଦୁଇଦିନ ଧରି ଛୁଟିରେ ରହିଥିଲି । ଘର ଓ ବାଡିଟାକୁ ଜଗି ରହିବା ମୋର କାମ ହୋଇଥିଲା । ସବୁବେଳେ ହାତରେ ଖଣ୍ଡିଏ ବାଡି ଥିଲା । ଡର ଥିଲା କାଳେ ପିଲାମାନେ କିଛି ଗୋଟିଏ ପ୍ରତିହିଂସା ନେବେ ।

ଗଣେଶ ପୂଜାର ଚିହ୍ନବର୍ଣ୍ଣ ଯାହା ଥିଲା ତା ମୁନିସିପାଲିଟିର ସଫେଇ କର୍ମଚାରୀମାନେ ଲିଭାଇ ଦେଲେ । ମୁଁ ବାଡି ସଜାଡି ନେଲି ।

ପୂର୍ବ ଅବସ୍ଥା ଫେରି ଆସିଲା । ସମୟ ଏଣିକି ସବୁର ସମାଧାନ କରିବ ବୋଲି ମୋର ଆଶା ଆସିଗଲା । ଘରେ ସ୍ତ୍ରୀ ଓ ରୋଷେଇଆ ଆଉ ଭୀତତ୍ରସ୍ତ ଦେଖାଗଲେ ନାହିଁ । ଅଫିସକୁ ଯିବାଆସିବା ସାଧାରଣ ହୋଇଗଲା ।

କିନ୍ତୁ ଆଜି ମୁଁ ପୁଣି ବ୍ୟସ୍ତ । ସକାଳୁ ଉଠି ଦେଖେ ଯେ ଦୁଆର ମୁହଁରେ ଖଣ୍ଡେ ଚିଠି ପଡିଛି । ଖୋଲି ପଢିଲି ।

ଲେଖାଥିଲା ଆମେ ବ୍ୟକ୍ତିଗତ ମୁଚାଲିକାରେ ବାହାରି ଆସିଛୁ । ତୁମଯୋଗୁ ଆମେ ଦୁଇଜଣ ଏବର୍ଷ ଗଣେଶ ପୂଜା କରିପାରିଲୁ ନାହିଁ । ଗଣେଶଙ୍କୁ ବର ମାଗି ପାରିଲୁ ନାହିଁ । ଆରବର୍ଷକୁ ଦେଖିବୁ ତୁମେ କିଏ ଆମକୁ ଗଣେଶଙ୍କ ପୂଜାରୁ ବଞ୍ଚିତ କରିବାକୁ । ଇତି । ତୁମର ୟୁନିଟ୍‌ବାସୀ ପିଲା ଦୁଇଟି ।

ଏହି ଚିଠିଟି ଧରି ମୁଁ ଆପଣଙ୍କ ପାଖକୁ ଆସିଛି । ମୁଁ କଣ କରିବି, ମୋତେ ଟିକେ ବତାନ୍ତୁ ।

( ଜଣେ ଅଧସ୍ତନ ସରକାରୀ କର୍ମଚାରୀ ମୋ ପାଖରେ ବର୍ଣ୍ଣନା କରିଥିବା ଏକ ସତ ଘଟଣା ଉପରେ ଆଧାରିତ )

# ସରପଞ୍ଚଙ୍କ ମର୍ଡର

ପଞ୍ଚାୟତ ନିର୍ବାଚନ ସରିଯାଇଛି । ଥାନାରେ ଦୁଇତିନି ଦିନ ହେଲା ହୈ ଚୈ ନାହିଁ କି କନ୍‌ଷ୍ଟେବଲ୍‌ମାନଙ୍କୁ ଏଠିସେଠି ପଠାଇବାର ଆବଶ୍ୟକତା ନାହିଁ । ତେଣୁ ଥାନାବାବୁ ଚୌକିରେ ବସି ଗୋଡ ଦୁଇଟାକୁ ଛନ୍ଦି ଟେବୁଲ ଉପରେ ରଖିଛନ୍ତି । ଏମିତି ବସିଲେ ତାଙ୍କୁ ଖୁବ୍ ଆରାମ ଲାଗେ । କିନ୍ତୁ ଯିଏ ତାଙ୍କୁ ବାରମ୍ବାର ଲକ୍ଷ୍ୟ କରିଛି ସେ ଜାଣେ ଯେ ଯେତେବେଳେ ଥାନା ବାବୁ ଥାନା ଅଞ୍ଚଳରେ କୌଣସି ଗଣ୍ଡଗୋଳର ଆଶଙ୍କା କରନ୍ତି ନାହିଁ, ଏମିତି ବସନ୍ତି । ଅବଶ୍ୟ ତାଙ୍କୁ ଖଳଲୋକମାନେ ଓଲଟା କଥା କହନ୍ତି : ସେ ଯେତେବେଳେ କାହାକୁ ଖାତିର କରନ୍ତି ନାହିଁ ସେତେବେଳେ ଗୋଡ ଦୁଇଟାକୁ ଟେବୁଲ ଉପରେ ଥୁଅନ୍ତି । ମେରୁଦଣ୍ଡ ପ୍ରତି ତାଙ୍କର ଭ୍ରୂକ୍ଷେପ ନଥାଏ । ବାଇଶି ତେଇଶି ବର୍ଷର ଅଭିଜ୍ଞତା ତାଙ୍କୁ ପୁରା ବୁଝାଇଦେଇଛି ଯେ ସରକାରୀ ଚାକିରୀରେ ମେରୁଦଣ୍ଡକୁ ଜଗି ଚଳିବା ଅସମ୍ଭବ । ସରକାର ଅମେରୁଦଣ୍ଡୀଙ୍କ ସଂଖ୍ୟାରେ ଗୋଟିଏ ବଢାଇ ସାରିଛନ୍ତି ।

ସେବାଟେ ଯାଉଥିବା ମୋଟୁଙ୍ଗା ପଞ୍ଚାୟତ ସମିତି ଚେଆରମ୍ୟାନ ଥାନାକୁ ମୁହାଁଇଲେ । ଉଦ୍ଦେଶ୍ୟ, ସେ ବିନାୟକ ବାବୁଙ୍କୁ କୃତଜ୍ଞତା ଜଣାଇବେ । ପୋଲିସ ସମର୍ଥନ ନଥିଲେ, ଅନ୍ତତଃ ନିରପେକ୍ଷ ରହି ନଥିଲେ, ଯେଉଁ ପାଞ୍ଚ ଛ ଭୋଟରେ ସେ ଆସିଗଲେ ତା ସମ୍ଭବ ହୋଇ ନଥାଆନ୍ତା । କେତେ ଖର୍ଚ୍ଚ ସେ ନ କରିଛନ୍ତି ? ଟିକକରେ ଚେଆରମ୍ୟାନ ସିଟଟା ହାତରୁ ଖସି ଯାଇଥାଆନ୍ତା । ଯାହାହେଉ କଳେ ବଳେ କୌଶଳେ ତାଙ୍କର ଟୋକା ଗୁଡାକ କିଛି ଅଧିକା ଭୋଟ କରାଇଦେଲେ । ଲୋକଗୁଡା କଣ କମ୍ କୃତଘ୍ନ ? କେତେ ଦୌଡାଦୌଡି

କରି ମନ୍ତ୍ରୀଙ୍କଠାରୁ କେତେ ଯେ ଗ୍ରାଣ୍ଟ ସେ ନ ଆଣିଛନ୍ତି, କେତେ ଯେ କାମ ସେ ନ କରିଛନ୍ତି ! କିନ୍ତୁ ଏ ଲୋକଗୁଡା ଚାରିଆଡେ ପ୍ରଚାର କଲେ ଯେ ସେ ଟଙ୍କାଗୁଡାକ ଖାଇଯାଇଛନ୍ତି, କାମର ଚିହ୍ନବର୍ଣ୍ଣ ନାହିଁ ।

ଏମିତି କେତେଗୁଡାଏ ଚିନ୍ତା ତାଙ୍କ ମୁଣ୍ଡରେ ଖେଳୁଥିଲାବେଳେ ମାୟାଧର ବାବୁ ଥାନାର ପାହାଚଗୁଡାକ ଅତିକ୍ରମ କରୁଥାଆନ୍ତି । ବୟସ ଆଧିକ୍ୟ ଯୋଗୁ ଧଁ ସଁ ହୋଇଯାଉଥାନ୍ତି । ମାୟାଧର ବାବୁ ଆମ ରାଜ୍ୟର ସ୍ଥପତିମାନଙ୍କୁ ଗୁଡାଏ ଗାଳିଦେଲେ । ଶଳାଏ ବାଇଶିପାହାଚିଆ ଡିଜାଇନ୍ ସବୁଠି କରିଦେଲେ । ବୁଢାମାନେ ଯେମିତି ପାହାଚ ଉପରେ ପଡି ମରନ୍ତୁ । ଆରେ ବାବୁ, ସେମାନଙ୍କ ହାର୍ଟକୁ ଟିକେ ଦେଖ । ସମତଳ ଯଦି କରି ନ ପାରିଲ, ଦୁଇଟା ତିନିଟା ପାହାଚ କରିଥିଲେ କଣ ଚଳନ୍ତାନି ? ଭୂଇଁରୁ ଦୁଇଫୁଟ ତ ଯଥେଷ୍ଟ । ପାଣି ପଶିବନି କି ସାପ ବେଙ୍ଗ ଉଠିବେନି । ମାୟାଧରବାବୁଙ୍କ ମନେ ପଡିଲା, ଗତଥର ସେ ଦିଲ୍ଲୀରେ ଯେତେବେଳେ ବାଣିଜ୍ୟମେଳା ଦେଖି ଯାଇଥିଲେ । ଇଃ ବାବା । ଓଡିଶା ପାଭିଲିଅନ୍‌କୁ ଉଠିବାକୁ କି କଷ୍ଟ । ସତେ ଯେପରି ସେ ପୁରୀର ବାଇଶି ପାହାଚ ଉଠୁଛନ୍ତି । ଏମିତି ଏଣୁତେଣୁ ଭାବିଭାବି ସେ ପାହାଚ ଉଠୁଥାନ୍ତି ।

ପାହାଚରେ ଉଠୁ ଉଠୁ ଆଖି ଆଗରେ କନଷ୍ଟେବଲ୍‌ଟିଏ ପଡିଗଲାକ୍ଷଣି ସେ ପଚାରିଲେ, ବିନାୟକ ବାବୁ ଅଛନ୍ତି ?

କେଉଁଠୁ ପାଟି ଆସିଲା ବୋଲି ଥାନା ବାବୁ ଟିକେ ମୁଣ୍ଡ ବୁଲେଇ ଦେଲେ । ଚେଆରମ୍ୟାନ ବାବୁ ଆସୁଛନ୍ତି ଦେଖି ଟେବୁଲରୁ ଗୋଡ ଖସାଇ ଆଣିଲେ, ଚେଆରଟିକୁ ଘୁରାଇଦେଲେ, ସିଧା ମୁହାଁମୁହିଁ ହେଲେ । ମାୟାଧର ବାବୁ କହିଲେ, ଯାହାହେଉ ବିନାୟକ ବାବୁ, ଆପଣଙ୍କ ଯୋଗୁ ମୁଁ ଜିତି ଆସିଲି । ଆପଣଙ୍କୁ ଧନ୍ୟବାଦ ଦେବାକୁ ଆସିଛି ।

ଏତିକିବେଳେ ଜଡାପଡା ଡାକ୍ତରଖାନାରୁ ଡାକ୍ତରଙ୍କ ଚିଠି ଧରି ଜଣେ ପହଞ୍ଚିଲା ।

ଚିଠି ପଢୁ ପଢୁ ବିନାୟକ ବାବୁ ବିଚଳିତ ଜଣାପଡିଲେ ।

'ମୁଁ ଭାବିଲି, ସବୁ ସୁରୁଖୁରୁରେ କଟିଗଲା । ଦେଖନ୍ତୁ ତ ଗୋଟିଏ ମର୍ଡର କେସ୍ ହୋଇଗଲାଣି' ।

'କେଉଁଠି, କେଉଁଠି ?' ଚେଆର୍‌ମାନଙ୍କ ପ୍ରଶ୍ନ ।

'ଯୋଡିଡିହ ଗାଁରେ । ଡାକ୍ତରଖାନାରେ ମୃତ୍ୟୁକାଳୀନ ଜମାନବନ୍ଦୀ ନେଉଛନ୍ତି, ମୋତେ ବର୍ତ୍ତମାନ ଯିବାକୁ ପଡିବ' ।

ଏତକ କହି ଥାନାବାବୁ ଟୋପିଟିକୁ କାଖରେ ଜାକି, ପାହାଚ ଡେଇଁ ଡେଇଁ ବାଡିଟିକୁ ବୁଲାଇ ବୁଲାଇ ତଳକୁ ଓହ୍ଲାଇ ଆସିଲେ । ମୋଟର ସାଇକେଲଟି ଷ୍ଟାର୍ଟ କରିବା ପୂର୍ବରୁ ମାୟାଧର ବାବୁଙ୍କ ବଡ ପାଟି ଶୁଭିଲା, ଟିକେ ରହନ୍ତୁ, ମୁଁ ବି ଯିବି ।

ଚେଆର୍‌ମାନ କାହିଁକି ଯିବେ ଏ ବିଷୟରେ ମନା କରିବାର ମୁଖ୍ୟ କାରଣ ଥିଲା ତାଙ୍କୁ ମୋଟର ସାଇକେଲ ପଛରେ ବସାଇ ନେବାରେ । ଗୌଣ କାରଣ ଥିଲା, ଇନ୍‌ଭେଷ୍ଟିଗେସନରେ ବାହାର ଲୋକ କାହିଁକି ରହିବ ? କୌଣସି ନା କୌଣସି ଅଡୁଆ କଥା ବି ଥାଇପାରେ, ଚେଆରମାନ୍ ଆଗରେ ବାହାରି ନପାରେ । ତେଣୁ ଥାନାବାବୁ ଟିକିଏ ଏଡାଇ ଦେବାର ଚେଷ୍ଟା କଲେ ।

ଚେଆରମାନ୍ ହିସାବରେ ମୋ ପଞ୍ଚାୟତ ସମିତି ଏରିଆରେ କଣ ଘଟୁଛି ତାକୁ ଜାଣିବା ଉଚିତ୍ । ନୁହେଁ କି ? ଅଧିକନ୍ତୁ ଆପଣଙ୍କ ତଦନ୍ତରେ ସାହାଯ୍ୟ କରିପାରିବି । ଏ ଥିଲା ମାୟାଧର ବାବୁଙ୍କ ବଳିଷ୍ଠ ଯୁକ୍ତି ।

ଥାନାବାବୁ ଚେଆରମାନଙ୍କୁ ସାଙ୍ଗରେ ନେବାକୁ ବାଧ୍ୟ ହେଲେ । ସେ ଜାଣିଛନ୍ତି ବେଶି ଯୁକ୍ତି କଲେ ଚେଆରମାନ ଚିଡିବେ । ସଦ୍ୟ ଜୟଯୁକ୍ତ ଚେଆରମାନ, ପୁଣି ଶାସକ ଦଳର । କଣ ବୋଲି କଣ କହି ଟ୍ରାନ୍ସଫର କରିଦେବେ ।

ଛନ୍ଦାପଡା ସରକାରୀ ଡାକ୍ତରଖାନାରେ ଲୋକ ଗହଳି । ଡାକ୍ତରଖାନା-କୋଣରେ ମୃତ ଭାସ୍କରକୁ ଦଳର ଲୋକେ ଘେରି ରହିଛନ୍ତି । ଥାନା ବାବୁ ଟିକି ଟିକି କରି ଚିପିଲେ ।

ଯୋଡାଡିହ ଗାଁରେ ଭାଗବତ ମନ୍ଦିର ଅଛି । ମନ୍ଦିରର କୋଠ ସମ୍ପତ୍ତି ପାଞ୍ଚମାଣ । କୋଠ ଜମି କିଏ ଚାଷ କରିବ୍ ଏଥିଲାଗି ଦୁଇଦଳ । ଗୋଟିଏ ହେଲା ବଢେଇ ସାହି, ଆଉ ଗୋଟିଏ ହେଲା ତେଲି ସାହି । ବଢେଇ ସାହିର ଲୋକ ବେଶି, ତେଲି ସାହିର ପଇସା ବେଶି ।

ପଞ୍ଚାୟତ ନିର୍ବାଚନରେ ତେଲି ସାହିର ଭାସ୍କର ସାହୁ ସରପଞ୍ଚ ହୋଇଗଲା । ଏଥିରେ ବଢେଇ ସାହିର ବଡ ରାଗ । ଶାସକଦଳର ଚମ୍ପେଇ ମହାରଣା ହାରିଗଲା । ସାହିର ଲୋକସଂଖ୍ୟା ବେଶି ହୋଇ ବି ଗାଁ ଭୋଟରେ ଜିତିଲା ନାହିଁ । ସେମାନଙ୍କୁ ଖୁବ୍ ଅପମାନ ଲାଗିଲା ।

ଦୁଇ ସାହିର ଝଗଡା ବଢିଗଲା । ଦୁଇସାହିର ଲୋକେ ବାଟ କଟାକଟି ହୋଇ ଚାଲିଲେ । ଏମିତି ହେଲା କେହି କାହାର ଛାଇ ଦେଖିବାକୁ ଚାହିଁଲେ ନାହିଁ ।

ଉଭୟ ପକ୍ଷ ତରଫରୁ ଅନ୍ୟ ପକ୍ଷ ବିରୋଧରେ ଏକାଧିକ ମକଦ୍ଦମା ହେଲା । ଭାଗବତ ମନ୍ଦିରର କୋଠ ସମ୍ପତ୍ତି ପଡିଆ ପଡିଲା ।

ଯେତେବେଳେ ପଞ୍ଚାୟତ ସମିତି ନିର୍ବାଚନ ଆସିଲା, ପ୍ରତି ଦଳର ପ୍ରାର୍ଥୀ ଦୁଇ ସାହିକୁ ମିଳାଇବାକୁ ଚେଷ୍ଟା କଲେ । ସରପଞ୍ଚ ହିସାବରେ ଭାସ୍କରଚନ୍ଦ୍ର ସାହୁର ପ୍ରତିପତ୍ତି ବଢିଗଲା । ସବୁ ଦଳ ତାଙ୍କୁ ଆଗରେ ରଖି କଥାବାର୍ତ୍ତା କଲେ ।

ପ୍ରାର୍ଥୀମାନେ ମଧ୍ୟ କିଛି କିଛି ଟଙ୍କା ଭାଗବତ ଘରର ଉନ୍ନତିକଳ୍ପେ ଦେଲେ । ଟଙ୍କା ଯେପରି ବେଶି ପରିମାଣରେ ମିଳେ ସେ ଦିଗରେ ଭାସ୍କରର ଚେଷ୍ଟା ସେମାନଙ୍କୁ ଜଣା । ଚେଆରମାନ ନିର୍ବାଚନ ସାତଆଠ ଦିନ ଥାଏ ଭାସ୍କର ଉଭୟ ସାହିର ଲୋକଙ୍କୁ ବୁଝାଇ-ସୁଝାଇ ମିଳାଇନେଲା । ଶାସକ ଦଳର ଟଙ୍କାରେ ଅଷ୍ଟପ୍ରହରୀ କଲା । ଗାଁ ଦଳାଦଳି ଉଭେଇଗଲା । ଉଭୟ ପକ୍ଷ ମକଦ୍ଦମା ଉଠାଇ ଆଣିଲେ ।

ଗାଁରେ ସମସ୍ତେ ଏକାଠି ହୋଇଯିବାରୁ ସରପଞ୍ଚର ରୁଆବ ବଢିଗଲା । ସେ ଯାହା କହିବ ସମସ୍ତେ ମାନିନେବେ ବୋଲି ଗାଁଲୋକେ ଆଶ୍ୱାସନା ଦେଲେ । ଭାସ୍କର ଜାଣିଥିଲା, ନିଜ ଗାଁର ସଂଖ୍ୟାଗରିଷ୍ଠ ମତ ବଢେଇ ସାହି ପଟରେ ।

ସମସ୍ତଙ୍କ ଆଗରେ ନିଷ୍ପତ୍ତି ହେଲା ଯେ ସରପଞ୍ଚ ଯୋଉ ବାଇଧର ସାହୁଙ୍କୁ ବାଛିଛି, ସେ ହିଁ କୋଠ ଜମି ଚାଷ କରିବ ।

ଭାସ୍କର ସରପଞ୍ଚ ହେଲା ପରେ ରାଜନୀତିରେ ପୋଖତ ହୋଇଯାଇଥିଲା । ନିର୍ବାଚନ ପୂର୍ବରୁ କିଛି ଗଣ୍ଡଗୋଳ ହୋଇଗଲେ ତା ପ୍ରାର୍ଥୀ ହାରିଯାଇପାରେ । ତେଣୁ ବାଇଧର ନିର୍ବାଚନ ପରେ ଚାଷ କରୁ ବୋଲି ସେ ଠିକ୍ କରିଥିଲା ।

ଏସବୁ କଥା ଭାସ୍କରର ମନେ ମନେ ଥାଏ । ଶାସକ ଦଳର ପ୍ରାର୍ଥୀ ପ୍ରତି ତାହାର ସମର୍ଥନ ନାହିଁ, କିନ୍ତୁ ଖୋଲାଖୋଲି ଭାବରେ ସେ ଶାସକ ଦଳର ପ୍ରାର୍ଥୀ ବିରୁଦ୍ଧରେ ଯାଉଛି ବୋଲି ଦେଖାଉ ନ ଥିଲା । ତାଙ୍କ ଦଳର ପ୍ରାର୍ଥୀ ଚେଆରମାନ ହେଉ ଏଥିଲାଗି ସେ ଭିତରେ ଭିତରେ ଚେଷ୍ଟା କରୁଥିଲା । ଏକଥା ବାହାରକୁ ଆସ୍ତେ ଆସ୍ତେ ଜଣାପଡିଲା, ତଥାପି ଗାଁର ସମୁଦାୟ ଭୋଟ ପାଇବା ଉଦ୍ଦେଶ୍ୟରେ ଶାସକ ଦଳର ପ୍ରାର୍ଥୀ ସରପଞ୍ଚ ଭାସ୍କରକୁ ହାତ କରୁଥିଲା ।

ନିର୍ବାଚନ ଫଳାଫଳ ତ ଗୋଟିଏ ଗାଁ ଉପରେ ନିର୍ଭର କରୁନାହିଁ । ଶତ ଚେଷ୍ଟା ସତ୍ତ୍ୱେ ଭାସ୍କରର ସମର୍ଥିତ ପ୍ରାର୍ଥୀ ଚେଆରମାନ ହେଲାନାହିଁ । ଶାସକ ଦଳ ଜିତିଲା । ମାୟାଧର ବାବୁ ଚେଆରମାନ ହେଲେ । କିନ୍ତୁ କିଏ କେଉଁଠି ଭୋଟ ଦେଇଛି ଅଛପା ରହିଲା ନାହିଁ ।

ଥାନାବାବୁ ଏଫ୍. ଆଇ. ଆର. ଲେଖୁଥାଆନ୍ତି । ରାଉତାଣୀ ସାହୁ କହୁଥାଏ । ତା ଆଖିରୁ ଲୁହ ବୋହୁଥାଏ, ମଝିରେ ମଝିରେ ଭୋ ଭୋ କାନ୍ଦି ପକାଉଥାଏ । ସରପଞ୍ଚ ହୋଇଥିବା ପୁଅକୁ ସେ ହରାଇଛି । ତାର ଦୁଃଖ କିଏ କମାଇ ପାରିବ ?

ଦୁଇତିନି ଦିନ ତଳର କଥା । ବାଇଧର ସାହୁ କୋଠ ଜମିକୁ ଚାଷ କରିବାକୁ ଯାଇଥିଲା । ଦଣ୍ଡିଆ ସାହୁ ଓରଫ ଦଣ୍ଡଧର ସାହୁ ତାକୁ ଚାଷ କରିବାକୁ ମନା କଲା । ସେତେବେଳେ ମୋର ପୁଅ ହିନ୍ଦୋଳରେ ଥିଲା । ଗଲା କାଲି ରାତି ପ୍ରାୟ ଗୋଟାଏ ବେଳେ ସେ ଘରକୁ ଫେରିଲା । ଆଜି ସକାଳୁ ପୁଅ ଉଠୁ ନ ଉଠୁଣୁ ବାଇଧର ସାହୁ ଆସି କହିଲା, ଦଣ୍ଡିଆ ସାହୁ ତାକୁ ଚାଷ କରିବାକୁ ମନା କରୁଛି ।

ସରପଞ୍ଚ ହିସାବରେ ସମାଧାନ କରିଥିବା ବିବାଦଟି ପୁଣି ମୁଣ୍ଡ ଟେକିଛି । ଭାସ୍କରକୁ ବଡ ବାଧିଲା । ମୁହଁହାତ ନ ଧୋଇ ସେ ବାଇଧର ପଛରେ ଚାଲିଲା ।

ରାଉତାଣୀ କହି ଚାଲିଥାଏ । ମୁଁ ବି ସେମାନଙ୍କ ପଛେ ପଛେ ଗଲି । ଦଣ୍ଡିଆ ତା ଘରେ ଥିଲା । ମୋ ପୁଅ ଦଣ୍ଡିଆକୁ ଡାକି ପଚାରିଲା, ତୁମେ କାହିଁକି ବାଇଧରକୁ ଚାଷ କରିବାକୁ ମନା କଲ ? ସେ ମନା କରିନାହିଁ ବୋଲି କହିଲା । ବାଇଧର କହିଲା, ହଁ ତୁ ମନା କରିଛୁ । ମୋ ପୁଅ କହିଲା, ବାଇଧର କୋଠଜମି ଚାଷ କରୁ , ଯାହା ଆଦାୟ ହେବ ଗାଁ ପାଣ୍ଠିକୁ ଦେବ ।

ଥାନାବାବୁ ରାଉତାଣୀର କଥାକୁ ଗୋଟି ଗୋଟି କରି ଲେଖୁଥାଆନ୍ତି ।

ରାଉତାଣୀ କହି ଚାଲିଥାଏ । ଯୋଉ ଦଣ୍ଡିଆ କହିଥିଲା ସେ ବାଇଧରକୁ ମନା କରିନାହିଁ ଓଲଟା ସେ କହିଲା 'ମୁଁ ସେହି ଜମି ଚାଷ କରିବି । ମୁଁ ଗାଁର ପାଣ୍ଠିକୁ ଆଦାୟ ଦେବି ।' ସେଠୁ ମୋ ପୁଅ କଣ କଲା ନା, ଦଣ୍ଡିଆକୁ କହିଲା ତାହାହେଲେ ତମେ ରେଳଲାଇନ୍ ସେପଟେ ଯେତେ କୋଠ ଜମି ଅଛି ତାକୁ ଚାଷ କରି ଗାଁ ପାଣ୍ଠିକୁ ଦିଅ । ବାକିତକ ବାଇଧର କରୁ ।

ଭାସ୍କର ଭାବିଲା କଥାଟି ଛିଡିଗଲା । ଏହାର ପ୍ରମାଣ ପାଇବା ପାଇଁ ସେ ଦଣ୍ଡିଆକୁ ଦାଣ୍ଡକୁ ଡାକିଲା । ଏତେବେଳଯାଏ ସେମାନେ ଖଞ୍ଜାଭିତରେ କଥା ହେଉଥିଲେ । ବାହାରକୁ ଆସିବେ ବୋଲି ଖଞ୍ଜାରୁ କବାଟ ଆଡକୁ ମୁହାଁଇଲେ ।

ରାଉତାଣୀ କହିଲା, ଆମେ ସବୁ ଦୁଆରକୁ ମୁହୋଁଇଛୁ, ଦଣ୍ଡିଆ ଜୋରରେ ପାଟିକଲା । ଶଳା, ଆମ ଖଞ୍ଜାକୁ ଆସିଛି । ମୁଁ ବୁଲିପଡି ଦେଖିଲାବେଳକୁ ଦଣ୍ଡିଆ ଭାସ୍କରକୁ ଝିଙ୍କୁଛି । ଭାସ୍କର ତଳେ ପଡିଗଲା । ଦଣ୍ଡିଆ ଭାସ୍କର ଉପରେ ମାଡି ବସିଲା । କହିଲା, ଶଳା ବାଇଧରକୁ ବେଶି ଦେବ ମୋତେ କମ । ମୁଁ ହାଉଳି ଖାଇ ଡାକ

ପକାଇଲି । କାଳିଆ ସାହୁ, ନୃସିଂହ ସାହୁ ଆସି ଛଡେଇଦେଲେ । ମୁଁ ପୁଅ ଭାସ୍କରକୁ ଧରି ଘରକୁ ଚାଲ୍ ବୋଲି କହିଲି ।

ଆମେ ଦୁହେଁ ରାସ୍ତାକୁ ଓହ୍ଲାଇ ଆସିଲୁ ।

ରାଉତାଣୀର ହଠାତ୍ କଣ୍ଠରୋଧ ହେଲା ଭଳି ଜଣାଗଲା । କଇଁ କଇଁ ହୋଇ କାନ୍ଦି କହିଲା, ଦଣ୍ଡିଆ ଟାଙ୍ଗିଆଟିଏ ଧରି ତା ଦୁଆରମୁହଁକୁ ଆସିଗଲା, ପାଟିକରି କହିଲା, ଶଳା, ସରପଞ୍ଚ ଦେଖାଉଛୁ , ଚୋଟକରେ ପରପଞ୍ଚ କରିଦେବି ।

ମୋ ପୁଅ ବୁଲିପଡି ଦଣ୍ଡିଆ ପାଖକୁ ଦୌଡିଗଲା, ବେକ ଦେଖାଇ କହିଲା, ତୋର ଯଦି ଏତେ ସାହସ ଅଛି ହାଣ । ମୁଁ ମୋ ପୁଅ ପଛେ ପଛେ ଧାଇଁ ଥାଏ ।

ଥାନାବାବୁ ପଚାରିଲେ, କେତେବେଳେ ଏ ଘଟଣା ଘଟିଲା ।

ରାଉତାଣୀ କହିଲା, ସେତେବେଳକୁ ପ୍ରାୟ ସକାଳ ସାତଟା । ମୋ ପୁଅ ଭାସ୍କର ଯେତେ ଆଗୋଉଥାଏ, ଦଣ୍ଡିଆ ସେତେ ପଛକୁ ପଛ ଘୁଞ୍ଚି ଯାଉଥାଏ । ହଠାତ୍ ଦଣ୍ଡିଆ ଡାକ ପକାଇଲା, କିଏ କେଉଁଠି ଅଛ ଧାଇଁଆସ, ମୋତେ ସରପଞ୍ଚ ମାରି ପକାଉଛି । ନୃସିଂହ ସାହୁ, କାଳିଆ ସାହୁ ଦୌଡି ଆସିଲେ । ନୃସିଂହ ହାତରେ ଗୋଟିଏ ଭାଲା ଥାଏ, କାଳିଆ ହାତରେ କିଛି ନଥାଏ ।

ଥାନାବାବୁ ପଚାରିଲେ ଯେଉଁ ନୃସିଂହ ସାହୁ ଆଉ କାଳିଆ ସାହୁ ତୋ ଡାକ ଶୁଣି ଆସି ଦଣ୍ଡିଆଠାରୁ ଭାସ୍କରକୁ ଛଡେଇଥିଲେ ସେହି ଦୁଇଜଣ ?

ରାଉତାଣୀ କହିଲା, ହଁ ।

ତାପରେ କଣ ହେଲା ? ଥାନାବାବୁ ପଚାରିଲେ ।

ତିନିଜଣଯାକ ମୋ ପୁଅକୁ ଘେରିଗଲେ । ହଠାତ୍ ଦଣ୍ଡିଆ ମୋ ପୁଅ ଗୋଡକୁ ଭିଡିଦେଲା । ସେ ତଳେ ଚିତ୍ ହୋଇ ପଡିଗଲା । ଦଣ୍ଡିଆ ମୋ ପୁଅର ଭୁଜୁଣି ହାତରେ ଚୋଟେ ପକାଇଲା । ମୋ ପୁଅ ଭାସ୍କର ଉଠିପଡିବାକୁ ଚେଷ୍ଟା କରି ପୁଣି ଖସିପଡିଲା । ନୃସିଂହ ତା ଭାଲାକୁ ମୋ ପୁଅର ପିଠିରେ

ଭୁଷିଦେଲା । କାଳିଆ ଜୁଆଳୀରେ ମୋର ପୁଅର ମୁଣ୍ଡକୁ ପିଟିଦେଲା । ତାପରେ ତିନିଜଣଯାକ ମିଶି ମୋ ପୁଅକୁ ମାରି ପକାଇଲେ ।

ଥାନାବାବୁ ପଚାରିଲେ , ତୁ ସେତେବେଳେ କଣ କରୁଥିଲୁ ?

ମୁଁ ମୋ ପୁଅକୁ ଯେତେ ଆବୋରି ପକାଉଥାଏ ସେମାନେ ମୋତେ ସେତେ ଠେଲି ଦେଉଥାଆନ୍ତି । ମୁଁ ବହୁତ ଅନୁନୟ ବିନୟ କରୁଥାଏ, ମୋ ପୁଅକୁ ମାରନାହିଁ । ସେତେବେଳକୁ ମୋର ବୋହୂ ଝିଅ ପହଞ୍ଚିଗଲେଣି । ଆମେ ସମସ୍ତେ ମୁଦାଲାମାନଙ୍କୁ ହାତ ଯୋଡୁଥିଲୁ, ମୋ ପୁଅକୁ ମାର ନାହିଁ । ମୁଦାଲାମାନେ ପାଟି କରୁଥାନ୍ତି, ଶଳାର ବଂଶ ସଫାକରି ଦିଅ ।

ଥାନାବାବୁ ପଚାରିଲେ, ଆଉ କିଏ ଏ ଘଟଣା ଦେଖୁଥାଆନ୍ତି ?

ଆମ ଗାଁର କାହ୍ନୁ ସାହୁ, ତା ଦାଣ୍ଡରେ ଛିଡା ହୋଇ ଅଣ୍ଟାରେ ଗାମୁଛା ଭିଡି କହୁଥାଏ ଶଳାକୁ ମାର, ଆଉ ଥିବ ଯେ ସରପଞ୍ଚ ହେବ ।

ଥାନାବାବୁ ପଚାରିଲେ ଆଉ କିଏ ଦେଖିଛି ?

ରାଉତାଣୀ କହିଲା, ଏ ଘଟଣା ଦଣ୍ଡିଆ ଘର ସମାନା ଦାଣ୍ଡରେ ଘଟୁଥିଲା । ଗାଁଯାକ ଦେଖିଛନ୍ତି । ପାଖରେ ବାଇଧର ସାହୁ, ନାରାୟଣ ମହାରଣା, କୈଳାଶ ମହାରଣା, ରୋହିତ ମହାରଣା ଓଗେର ଥାଆନ୍ତି । ସମସ୍ତେ ଅନେଇ ଥାଆନ୍ତି, କିଛି ହୁଁ ଚୁଁ ହେଉ ନଥାଆନ୍ତି । ମୋ ପୁତୁରା ବୀର ସାହୁ ମୁଦାଲାମାନଙ୍କୁ କହିଲା, ତାକୁ ତ ମାରି ସାରିଲଣି । ଆଉ କଣ ଟିକି ଟିକି କାଟି ପକାଇବ ? ଏକଥା ଶୁଣି ମୁଦାଲାମାନେ ଘର ଭିତରକୁ ପଳାଇଲେ ।

ଥାନାବାବୁ ପଚାରିଲେ, ତାଙ୍କ ଅସ୍ତ୍ରଶସ୍ତ୍ର କଣ କଲେ ?

ସେମାନେ ଧରି ଥିବା ଜୁଆଳି, ଟାଙ୍ଗିଆ ଓ ଭାଲା ବି ଘର ଭିତରକୁ ନେଇଗଲେ । ତାପରେ ମୁଁ ପୁଅକୁ ଶଗଡରେ ଧରି ଜଡାପଡା ଡାକ୍ତରଖାନାକୁ ଆଣିଲି । ଚିକିତ୍ସା ହେଉ ହେଉ ସେ ମରିଗଲା ।

ଥାନାବାବୁ ପଚାରିଲେ, ଏଥିରେ କାହାକୁ ସନ୍ଦେହ କରୁଛ ?

ମୋ ପୁଅ ତ ଗାଁବାଲାଙ୍କୁ ଏକାଠି କଲା, ଅଷ୍ଟପ୍ରହରୀ କଲା, ସମସ୍ତେ ମିଶିଗଲେ , ଦଣ୍ଡିଆ ସାହୁ ମାରିଦେବ ବୋଲି କଣ ସେ ଜାଣିଥିଲା ?

କାହ୍ନୁ ସାହୁ କଣ କରେ ? ଥାନାବାବୁଙ୍କ ଏ ପ୍ରଶ୍ନର ଉତ୍ତରରେ ରାଉତାଣୀ କହିଲା, କାହ୍ନୁ ସାହୁ ତ ଚେଆରମାନଙ୍କ ପାଖ ଲୋକ ।

ଏଫ୍.ଆଇ.ଆର୍. ଶେଷରେ ରାଉତାଣୀ ଟିପଚିହ୍ନ ଦେଉଥିଲାବେଳେ ଥାନାବାବୁ ମନେ ମନେ ଠଉର କରି ନେଲେ ଡାକ୍ତରଖାନା ଚିଠିରୁ ଖବର ପଢି ମାୟାଧର ବାବୁ କାହିଁକି ସାଙ୍ଗରେ ଆସିଲେ ।

ଫେରିଲାବେଳେ ଚେୟାରମାନ ମୋଟର ସାଇକେଲରେ ବସିବାକୁ ଧାଇଁଲେ ବି ଥାନାବାବୁ ତାଙ୍କୁ ପଛରେ ଛାଡି ଥାନାକୁ ମୁହାଁଇଲେ ।

ଗାଁଗଣ୍ଡାରେ ରାଜନୀତି ଯୋଗୁ ମର୍ଡର କେସ୍ ଯେ ବଢୁଛି, ସେ ବିଷୟରେ ଏସ୍.ପି.ଙ୍କୁ ସେ ଆଗରୁ ଯାହା କିଛି କହି ଆସିଛନ୍ତି, ତହିଁର ସେ ଆଉ ଗୋଟିଏ ପ୍ରମାଣ ତାଙ୍କୁ ଯୋଗାଇଲେ ।

✠

## "୨୦୨୫ ଶ୍ରୀ"

ଯେତେବେଳେ ଇଲେକ୍ଟ୍ରୋନିକ୍ ଖବରକାଗଜର ବିଜ୍ଞାପନଟି ଉପରେ ଆଖି ପଡିଲା, ସୁରେନ୍ଦ୍ର ଭାବିଲା, ଉନବିଂଶ ଶତାବ୍ଦୀର ରାଜାମହାରାଜାମାନଙ୍କ ନାମ ପୂର୍ବରୁ, ବିଂଶ ଶତାବ୍ଦୀର ସାଧୁସନ୍ଥଙ୍କ ନାମ ପୂର୍ବରୁ ଅଥବା ଏ ଶତାବ୍ଦୀର ବଡ ବଡ ବୈଜ୍ଞାନିକମାନଙ୍କ ନାମ ପୂର୍ବରୁ କେତେଥର ଶ୍ରୀ ଲେଖାଯିବ, ଏହା ତାହାର ସଂକେତ । ବିଜ୍ଞାପନ ଭିତରେ ପଢି ସୁରେନ୍ଦ୍ର ଜାଣିଲା, ଚଳିତ ବର୍ଷର ସୁନ୍ଦର ସ୍ୱାସ୍ଥ୍ୟର ପରୀକ୍ଷା । ଏଥିରେ କେବଳ କୁମାରମାନେ ଭାଗ ନେଇ ପାରିବେ ।

ଯାହାହେଉ । ସୁରେନ୍ଦ୍ର ଦୀର୍ଘ ଶ୍ୱାସଟିଏ ଛାଡିଲା । ସେ ଏଥିରେ ଭାଗ ନେଇପାରିବ । ସମ୍ପ୍ରତି ନିୟମରେ ହୋଇଥିବା ସଂଶୋଧନ ଫଳରେ ୩୫ ବର୍ଷଯାଏ 'କୁମାର' କୁହାଯିବ । ବିବାହ ବୟସ ବଢି ୪୦ ହୋଇଛି । ବୈଜ୍ଞାନିକମାନେ କହୁଛନ୍ତି ଯେତେ ବେଶି ବୟସରେ ବିବାହ ହେବ, ପିଲାମାନେ ସେତେ ବେଶି ଦୀର୍ଘାୟୁ ହେବେ । କୁଆଡେ ବୁଢାମାନଙ୍କର ଜିନରେ ଏମିତି ବିବର୍ତ୍ତନ ଆସିଯାଏ ଯେ ଜରା ଓ ଜୀର୍ଣ୍ଣ ଅବସ୍ଥାକୁ ସେମାନଙ୍କ ଜିନ ଘୁଞ୍ଚାଇ ଦେଇ ପାରିବ ।

ସୁରେନ୍ଦ୍ର ଠିକ୍ କଲା ସେ '୨୦୨୫ ଶ୍ରୀ' ପ୍ରତିଯୋଗିତାରେ ଭାଗ ନେବ । ଅବିବାହିତ ସୁରେନ୍ଦ୍ର ତା ଅଞ୍ଚଳର ସମସାମୟିକମାନଙ୍କଠାରୁ ବେଶି ଚାଲାକ । ଚିକିତ୍ସା କରି ଆଉ ଟିକେ ବୟସ କମାଇବାର ଚେଷ୍ଟା କଲା ।

ସାରା ଦୁନିଆରେ ରାସାୟନିକ ଔଷଧ ପତ୍ର ଉପରେ ନିଷେଧାଜ୍ଞା ଜାରି ହୋଇଯାଇଛି । ଗଛଲତା ବା ଗୁଳ୍ମ ଆଦିରୁ ମିଳୁଥିବା ଔଷଧପତ୍ରର କାଟ୍‌ତି ବଢ଼ିଛି । ବିଂଶ ଶତାବ୍ଦୀରେ ନାଁ କରିଥିବା ଆୟୁର୍ବେଦୀ ଔଷଧ ନୁହେଁ । ଆଜିକାଲିର ଔଷଧକୁ ସବୁଜ ଔଷଧ କୁହାଯାଉଛି । କେବଳ ପରିବେଶପ୍ରେମୀଙ୍କ ଆନ୍ଦୋଳନ ବା ସବୁଜ ରାଜନୀତି ଯୋଗୁ ଏହା ସମ୍ଭବ ହୋଇଛି । କିନ୍ତୁ ଗଛଲତାର ନିର୍ଯ୍ୟାସ ସାଧାରଣ ଲୋକଙ୍କ ହାତପାଆନ୍ତାରେ ନାହିଁ । ରାସାୟନିକ ଔଷଧପତ୍ର ଶସ୍ତା ଥିବାରୁ ଗରୀବ ଲୋକେ କେମିକାଲ ବ୍ୟବହାର ଛାଡ଼ିନାହାନ୍ତି । ଚୋରାରେ ହେଲେ ବି ଶସ୍ତା ପଡୁଛି ।

ବିଂଶ ଶତାବ୍ଦୀର ହୋମିଓପାଥିକ୍ ଚିକିତ୍ସା ବ୍ୟବସ୍ଥା ପୁରୁଣାକାଳିଆ ହୋଇଗଲାଣି । ସେମାନେ ତ କୃତ୍ରିମ ଜିନିଷ ବ୍ୟବହାର କରୁଥିଲେ । ତେଣୁ କିଛି ନା କିଛି ବିଷ ଦେହ ଭିତରକୁ ପଶୁଥିଲା ।

ତିନିମାସ ଭିତରେ ୨୦୨୫ ଶ୍ରୀ ପ୍ରତିଯୋଗିତା । ଆଜିଠାରୁ ସେ ଲାଗିପଡ଼ିବ ।

ସୁରେନ୍ଦ୍ର ଜାଣିଥିଲା, ୫ ମିନିଟ୍ ଦୂରରେ ନୂଆନଗର । କସ୍‌ମୋପଲିସ୍ । ସେଠାରେ ନାମଯାଦା ମେଗାନର୍ସିଙ୍ଗ୍ ହୋମ୍ । ସାତଦିନ ଭିତରେ ନୂଆ ଚେହେରା । ବେଳହୁଁ ଚେଷ୍ଟା ଦରକାର ।

ସାତ ଦିନ ଭିତରେ ଯୋଉ ଯୋଉ ଔଷଧ ବ୍ୟବହାର କଲା, ସେସବୁର ନାଁ ପଢ଼ି ସୁରେନ୍ଦ୍ର ଆଶ୍ଚର୍ଯ୍ୟ ହୋଇଯାଉଥିଲା । ତା ଭିତରେ ଅନେକ ପ୍ରକାର ଭସ୍ମ । ଅଭ୍ରକ ଭସ୍ମ, ଲୌହ ଭସ୍ମ, ଯଶଦ ଭସ୍ମ, ଶଙ୍ଖ ଭସ୍ମ, ମୁକ୍ତା ଭସ୍ମ, ମଦାର ଭସ୍ମ ଆଦି କେତେ । ତା ସାଙ୍ଗରେ ପୁଣି ଥିଲା ଅନେକ ପ୍ରକାର ଗୁଳ୍ମର ନିର୍ଯାସ । ଶିଲାଜିତ, କେଶର, ଜହରମୋରା, ଗିନସେଙ୍ଗ୍, ଶତମୂଳି, ମକରଧ୍ୱଜ ସହିତ ଅତି ସାଧାରଣ ଅଁଳା, ହରିଡା ଓ ବାହାଡା ଅଦି ।

ସୁରେନ୍ଦ୍ରର ପଥ୍ୟ ହେଲା ତାଜା ପନିପରିବା । ତହିଁରେ ପ୍ରଧାନ ଥିଲା ମୂଳଜାତୀୟ ପରିବା : ମୂଳା, ଗାଜର, ବିଟ୍, ଆଦି । ମେଗାନର୍ସିଙ୍ଗ ହୋମ୍‌ର ନିଜ ବାଡ଼ିରେ କାଚଘର ଭିତରେ କୃତ୍ରିମ ଉପାୟରେ ଶୀତଋତୁ କରାଯାଇଛି, ଏଭଳି ତାଜା ପରିବା ମିଳିବା ସହଜ ହୋଇଛି । ଏ ପରିବାଗୁଡ଼ିକରେ

ବିଟାକାରୋଟିନ୍ ଅଛି । ତାହା ବୟସ କମାଇଦିଏ । ବୟସ ବଢିବାର ବଡ କାରଣ ଦେହ ଭିତରେ ତିଆରି ହେଉଥିବା ଫ୍ରି ରାଡିକାଲ୍ । ତାକୁ ବିଟାକାରୋଟିନ୍ ବେକାର କରିଦିଏ । ତେଣୁ ଅଙ୍ଗପ୍ରତ୍ୟଙ୍ଗରେ କ୍ଳାନ୍ତି ଉଭେଇଯାଏ, କାନ୍ତି ବିକଶିତ ହୁଏ ।

ଚିକିତ୍ସକଙ୍କ ପରାମର୍ଶକ୍ରମେ ସୁରେନ୍ଦ୍ରକୁ ଆଉ ସାତଦିନ ରହିବାକୁ ପଡିଲା ।

ନାକର ଅବସ୍ଥାନ, ଭୂଲତାର ଗଠନ ଓ ଆଖିର ଖୋପ ଆଦିର ଢାଞ୍ଚା ବୟସ ବୃଦ୍ଧି ସାଙ୍ଗେ ବଦଳିଥାଏ । ସୁରେନ୍ଦ୍ର ମେଗାନସିଁଙ୍କ ହୋମ୍‌ରେ ସୌନ୍ଦର୍ଯ୍ୟ ବର୍ଦ୍ଧନର ଚିକିତ୍ସାରେ ସାତଦିନ କଟାଇଲା । ଶଲ୍ୟ ଚିକିତ୍ସା ପରେ ବେଶିଦିନ ଶଯ୍ୟାଶାୟୀ ହେବାକୁ ପଡୁନାହିଁ, ଆଧୁନିକ ଚିକିତ୍ସା ପଦ୍ଧତିରେ ଦୁଇଦିନ ଭିତରେ ପୂରା ସୁସ୍ଥ ।

ସିଲିକନ ଜେଲି ଭର୍ତ୍ତି କରି ଗାଲ ଗୋଲ ହୋଇଗଲା । ଲୋମସହ ଚର୍ମ ରୋପଣ କରି ଭୂଲତାକୁ ଲମ୍ବାଇ ଦିଆଗଲା । ଠିକ୍ ମଥା ମଝିରୁ ଓଠ-ମଝି-ସିଧା ଗାଲଉପରେ ନାକ ରହିଲା । ବହୁତ ପ୍ରକାର ଲାବଣ୍ୟବର୍ଦ୍ଧକ ପ୍ରଲେପ ଲଗାଇଲା । ତା ପରେ ସେ ଫେରିଲା ନିଜ ସହରକୁ ।

କୁମାର ଉତ୍ସବ । ସନ୍ଧ୍ୟା ସମୟରେ "୨୦୨୫ ଶ୍ରୀ" ପ୍ରତିଯୋଗିତା ।

ପର୍ଯ୍ୟାୟକ୍ରମେ ପରୀକ୍ଷା । ବହୁତ ପ୍ରକାର ଯନ୍ତ୍ର ଖଞ୍ଜା ହୋଇଥିବା ମଞ୍ଚ ଉପରେ ପରୀକ୍ଷା । ଫଳ ଜଣାପଡିବ ତିନି ଘଣ୍ଟା ପରେ ।

ସୁରେନ୍ଦ୍ରର ଡର ଥିଲା, ଅନେକ ପ୍ରତିଯୋଗୀ ତ ଏହିଭଳି ସ୍ୱାସ୍ଥ୍ୟ ପରିବର୍ତ୍ତନ କରିଥିବେ । କେହି କେହି ଯୋଗାସନଦ୍ୱାରା ବି ନିଜର ଲାବଣ୍ୟ ବୃଦ୍ଧି କରିଥିବେ । ତେଣୁ ସେ ବା କାହିଁକି ଏକୁଟିଆ ଧରାପଡିବ ?

ଧରା ନ ପଡିବା ଲାଗି ସେ ବି ନିଜ ନାଁ ବଦଳାଇ ସାରିଥିଲା । ନୂଆ ନାଁ କୁମାର ।

୨୦୨୫ ଶ୍ରୀ ପ୍ରତିଯୋଗିତା ସରିଗଲା । ତାପରେ ଆରମ୍ଭ ହେଲା ସାଂସ୍କୃତିକ କାର୍ଯ୍ୟକ୍ରମ । ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲାବେଳେ ଇଲେକ୍ଟ୍ରୋନିକ୍ ପର୍ଦ୍ଦାରେ ମଝିରେ ମଝିରେ ଫଳାଫଳ ଘୋଷଣା ହେଲା ।

ସୁରେନ୍ଦ୍ର ଖୁସି । ସେ ତିନିଜଣଙ୍କ ଭିତରକୁ ଆସିଯାଇଛି ।

ଘୋଷଣା ଅନୁଯାୟୀ ତିନିଜଣ ମଞ୍ଚ ଉପରକୁ ଉଠିଗଲେ ।

ଇଲେକ୍ଟ୍ରୋନିକ୍ ପର୍ଦ୍ଦାରେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଦେଖାଗଲା । ପ୍ରତ୍ୟେକ ଅଙ୍ଗର ବର୍ଦ୍ଧିତ ରୂପ ବି ଦେଖାଇ ଦିଆଗଲା । ସୁଠାମ, ସୁଗୋଲ ଗଠନରେ କେଉଁଠି କଣ ବ୍ୟତିକ୍ରମ ଥିଲେ ଦର୍ଶକ ବି ଧରିପାରିବ । ଧରିଲାକ୍ଷଣି ଆସନ ପାଖ ବୋତାମ ଚିପିଦେଲେ ବିଚାରକ ମଣ୍ଡଳୀର ପ୍ରକୋଷ୍ଠରେ ଥିବା ମାଷ୍ଟରଫାସିଲିଟିକୁ ଜଣାଇ ପାରିବ ।

ତିନିହେଁ ଓହ୍ଲାଇ ଆସିଲେ । ପୁଣି ସାଂସ୍କୃତିକ ଉତ୍ସବ ଆରମ୍ଭ ହେଲା ।

ତିନି ଘଣ୍ଟା ଶେଷ ପ୍ରାୟ .

ବର୍ତ୍ତମାନ ୨୦୨୫ ଶ୍ରୀ ପ୍ରତିଯୋଗିତାର ଫଳାଫଳ ଘୋଷଣା ହେବ । ଇଲେକ୍ଟ୍ରୋନିକ୍ ପର୍ଦ୍ଦାରେ ଲେଖା ଦିଶିଲା ।

ସୁରେନ୍ଦ୍ରର ମନେ ହେଲା ସେ ଯେପରି ଅନ୍ୟମାନଙ୍କଠାରୁ ବେଶି ଉତ୍ସୁକ ଜଣାଯାଉଛି । ଜିଗୀଷାର ତାଡନାରେ ସେ ମହାବିଶ୍ୱର ସ୍ରଷ୍ଟାକୁ ପ୍ରାର୍ଥନା କଲା । କିନ୍ତୁ ଜିଜ୍ଞାସାକୁ ଲୁଚାଇବାର ଚେଷ୍ଟା କଲା ।

ଦେଖିଲା, ପର୍ଦ୍ଦାରେ ତା ନାଁ ଆସିଗଲା 1 ପ୍ରଥମ । ତାତଳେ ଲେଖା ହୋଇଗଲା, ଇଲେକ୍ଟ୍ରୋନିକ୍ ପରୀକ୍ଷାରେ କୁମାର ବୟସ ଲୁଚାଇଥିବାରୁ ଧରାପଡିଛି । ସେ କେବଳ ପୁରସ୍କାରରୁ ବଞ୍ଚିତ ନୁହେଁ, ଛଅ ବର୍ଷ ଲାଗି କୌଣସି ପ୍ରତିଯୋଗିତାରେ ଯୋଗ ଦେଇପାରିବ ନାହିଁ ।

ଶେଷ ଧାଡିରେ ଥିଲା ମୂଳ କାରଣ, ଧପ୍ ଧପ୍ କରୁଥିବା ଅକ୍ଷରରେ ''ଦାନ୍ତପରୀକ୍ଷାରୁ ଜଣାପଡେ ଯେ କୁମାର ବୟସ ୪୫'' ।

ସିଧାସଳଖ ସେ ଦୌଡିଲା ମେଗାନସିଁଙ୍ଗ ହୋମ୍‌କୁ । ଆପତ୍ତି ନ ଶୁଣିଲେ ସେ ଅଦାଲତରେ ମକଦ୍ଦମା ରଜୁ କରିବ ବୋଲି ଧମକ ଦେଲା ।

ହଠାତ୍ ଗୋଟିଏ ଆଲୋକ ସୁରେନ୍ଦ୍ର ମୁହଁରେ ପଡି ଲିଭିଗଲା । ଦୁଇ ସେକଣ୍ଡ ଭିତରେ ସୁରେନ୍ଦ୍ରକୁ ଗୋଟିଏ ଚେକ୍ ମିଳିଲା । ସେ '୨୦୨୫ଶ୍ରୀ'ର ପୁରସ୍କାର ମୂଲ୍ୟ ସହ ସମାନ ଅଙ୍କର ଅର୍ଥ ବ୍ୟାଙ୍କରୁ ନେଇ ପାରିବ । ନେଖି ନେଲେ ଦଣ୍ଡବିଧି ଆଇନରେ ଦଣ୍ଡିତ ହେବ ।

ଚେକ୍ ସହଥିବା ଚିଠିରେ ଲେଖାଥିଲା : ତାହାର ଗୋଟିଏ ପୋକଖିଆ ଦାନ୍ତ ବଦଳରେ ୪୫ ବର୍ଷୀୟ ଦାନ୍ତଟିଏ ଭୁଲବଶତଃ ଲଗାଇଥିବାରୁ ଏ କ୍ଷତିପୂରଣ ।

☆

## ନିଜ ଗୋଡରେ ଛିଡାହେବାର ଭୂଇଁ

ସେ ଦିନ କଥା ମନେ ପଡିଲା ।

ପିଅନଟା କାନ୍ଦୁଥାଏ । କହୁଥାଏ, ସାର୍ ଆପଣ ଏତେ ବୁଝାଇ ସୁଝାଇ ତାକୁ ବ୍ୟବସାୟରେ ପୂରାଇଲେ, ପୋଲିସ୍ ତାକୁ ଧରି ନେଇଯାଇଛି ।

କବାଟଟା ଖୋଲି ହଠାତ୍ ଜନାର୍ଦ୍ଦନ ପଶି ଆସିଥିଲା । ଆଗରୁ ତାର ବିଷାଦ ମୁହଁଟି କବାଟ ଫାଙ୍କରେ ମୁଁ ଦେଖି ସାରିଥିଲି । କିନ୍ତୁ ପହଞ୍ଚିଲାକ୍ଷଣି ଯେ ସେ ଭଇଁ କଇଁ କାନ୍ଦି ପକାଇବ ମୁଁ ଭାବି ପାରି ନ ଥିଲି ।

କହିଲି, କଣ ହେଲା, କାନ୍ଦୁଛୁ କାହିଁକି ?

ଜନାର୍ଦ୍ଦନ ଆଖିରୁ ଲୁହ ବହିଗଲା । ତା ସାନ ଭାଇକୁ ପୋଲିସ ଧରି ନେଇଛି । ସକାଳୁ ନେଇଗଲାଣି । ସଞ୍ଜ ଛଅଟା ବାଜିଲାଣି, ତାକୁ ଛାଡୁ ନାହାନ୍ତି । ବହେ ବହେ ଦୁଇ ତିନିଥର ପିଟି ସାରିଲେଣି । ଖିଆପିଆ ବନ୍ଦ ।

ମୁଁ ପୂର୍ବାପର ସମ୍ପର୍କ ବୁଝିବା ପାଇଁ ଚେଷ୍ଟା କଲି । ତା ସାନ ଭାଇ ବିଷୟରେ ମୁଁ କିଞ୍ଚିତ୍ ଜାଣିଥିଲି ।

ବହୁଦିନ ହେଲା ସେ ମୋ ପଛରେ ଲାଗିଥିଲା ତା ସାନ ଭାଇକୁ କିପରି ଖଣ୍ଡେ ଚାକିରୀ ମିଳନ୍ତା ।

ଆଜିକାଲି ତ ଯୋଉ ଅବସ୍ଥା ତୁ ଜାଣିଛୁ । ଗୋଟିଏ ପୋଷ୍ଟ ବାହାରିଲେ ହଜାରେ ଲୋକ ଦରଖାସ୍ତ କରୁଛନ୍ତି । ଚାକିରୀ ମିଳୁଛି କାହାକୁ ? କେବଳ ଯାହାର ସମ୍ପର୍କୀୟମାନେ ବଡବଡିଆ ଜାଗାରେ ଅଛନ୍ତି । ମନ୍ତ୍ରୀଙ୍କ ଲୋକଙ୍କୁ ତ ଆଗେ । ମନ୍ତ୍ରୀ ବାରମ୍ବାର ଫୋନ କରିବେ । ସେମାନଙ୍କ କଥା ରହିବ ନି ତ,

କଣ ମୋ କଥା ରହିବ ? କୁହାବୋଲାରେ କମ୍ପିଟିସନ୍ । ତୋ ଭାଇ କୋଉଠୁ ପାଇବ ? ଏତେ କଥା ବୁଝାଇ ସାରି ମୁଁ ତାକୁ କହିଥିଲି- ତାକୁ ଗୋଟିଏ ଛୋଟ ଦୋକାନରେ ବସାଇ ଦେ । ଫଳ ଦୋକାନଟିଏ କରି ଦେଉନୁ ? ମୁ ଏକଥା କହିଲାବେଳେ ମୋ ଆଖି ଆଗରେ ଭାସି ଉଠୁଥିଲା ମୋ ଅଫିସ ଆଗରେ ବସିଥିବା ଗୋଟିଏ ଦୁଇଟି ଦୋକାନ ଓ ଛକ ଚାରିକଡରେ ଗୁଡାଏ ଫଳ ଦୋକାନ ।

ମୋ କଥା ଜନାର୍ଦ୍ଦନର ଏ କାନବାଟେ ପଶି ସେ କାନବାଟେ ଚାଲି ଯାଉଥାଏ ବୋଧହୁଏ । ସେ କହି ଚାଲିଥାଏ — ଆପଣ ଚାହିଁଲେ ନିଶ୍ଚୟ ମିଳନ୍ତା ।

ଅନେକ ଲୋକଙ୍କ ଏହି ଧାରଣା । ସେମାନେ ବୁଝନ୍ତି ନାହିଁ ଯେ ଯଦି ମୁଁ ଚାହିଁଲା କ୍ଷଣି ଚାକିରୀ ଦେଇପାରିବି - ମୋ ଭାଇ ଭଉଣୀଙ୍କର ପିଲାମାନଙ୍କୁ ବା ଗାଁର ଲୋକଙ୍କୁ କାହିଁକି ଦେଇପାରୁନାହିଁ ?

ଏମିତି ବହୁତ ଥର ବୁଝାଇଲା ପରେ ଜନାର୍ଦ୍ଦନ ଆଉ ମୋ ପାଖକୁ ତା ସାନଭାଇର ଚାକିରୀ ବିଷୟରେ ଆସିନାହିଁ । ଦିନେ ଦେଖିଲି ଗୋବର୍ଦ୍ଧନ ଫଳ ଦୋକାନ ମେଲାଇ ବସିଛି ।

ଫଳ ଦୋକାନ କରୁ ବୋଲି କହିବାର କାରଣ ଅଛି ।

ମୁଁ ଅଫିସରୁ ଘରକୁ ଫେରିବାବେଳେ, ଥରେ ଥରେ ଫଳ କିଣେ । ଦିନେ ଦିନେ ମୁଁ ବାହାରିଲାବେଳକୁ ଛଅଟା ସାତଟା ହୋଇଯାଇଥାଏ । ଲୋକ ଭିଡ ନଥାଏ । ପୁଣି ଅଫିସ ସାମନା ରାସ୍ତାକଡର ଦୋକାନ । ଫଳ ଦୋକାନ ଦେଖି ଇଛା ହୁଏ କିଛି କିଣି ନେବାକୁ ।

ମୂଲେଇଲାବେଳେ ଫଳ ଦୋକାନୀର ଲାଭ କଳନା କରେ । ଯୋଉ ଆପଲ୍ କିଲୋ ୨୨ ଟଙ୍କା କହେ, ମୂଲାମୂଲି କଲେ ଷୋହଳ କିମ୍ବା ଚଉଦକୁ ଖସିଆସେ । ଅଙ୍ଗୁର କିଲୋ ତିରିଶି ଟଙ୍କା କହି ମଧ୍ୟ ଦୋକାନୀ କୋଡିଏ ବାଇଶିକୁ ଖସି ଆସେ । ସମ୍ଭବତଃ ମୋ ପାଇଁ ସେମାନେ ସ୍ୱତନ୍ତ୍ର ରିହାତି ଦେଉଥିବେ । ମୁଁ ଖୁସି ନ ହେଲେ କାଲେ ସେମାନେ ଅଫିସ୍ ସାମନାରୁ ତଡା ଖାଇବେ । ଆହୁରି ଅନେକ ପ୍ରକାର ସୁବିଧା ସେମାନେ ପାଆନ୍ତି । ଅଫିସ ବନ୍ଦ ପରେ ଅଫିସ ହତା ଭିତରେ ଜିନିଷ ରଖୁଥିବେ । ଆଉ ତ ଅଫିସ ପାଣି ବ୍ୟବହାର ସାଧାରଣ କଥା ।

ଦର ଯେତେ କମାଇଲେ ବି ସେମାନେ ତ ହାତରୁ ଦେଇ ବିକିବେ ନାହିଁ ? କିଛି ନା କିଛି ଲାଭ ତ ଥିବ । ଖୁବ୍ କମ ହୋଇପାରେ । ମୁଁ ପଚାରିଲେ ଦୋକାନୀ କହେ, ଆଜ୍ଞା କିଣାଦାମ ତ ପନ୍ଦର ଟଙ୍କା । ଏତକ କହି ସେ ଦାମ କମାଇବା ସୀମାରେଖା ଜଣାଇଦିଏ । ତା ସତ୍ତ୍ୱେ ମୁଁ ତାକୁ ଚଉଦ ଧରାଇଲେ ସେ ନିଏ । ଆଉ ପଚାଶ ଦିଅନ୍ତୁ ବୋଲି କହେ ସିନା, ଜୋର କଲାଭଳି ଜଣାପଡେ ନାହିଁ ।

ଯେଉଁ ଫଳ ବ୍ୟବସାୟରେ ଲାଭ ଏତେ ସେଭଳି ଗୋଟିଏ ବ୍ୟବସାୟ ତୋ ଭାଇକୁ ଧରାଇ ଦେଉନୁ କାହିଁକି ? ମୁଁ ଏମିତି ବାରମ୍ବାର କହିଛି ।

ସାର୍ ଏତେ ପଇସା କାହିଁ ? ସେ ବି ଏମିତି ବାରମ୍ବାର ଉତ୍ତର ଦେଇଛି । ଆଉ ଯେତେବେଳେ ଯୋଉ ଅଫିସ ବା କମ୍ପାନୀରେ ପିଅନ ଚାକିରି ବିଜ୍ଞାପନ ବାହାରେ ବା ତା ଭାଇ ଯୋଉଠିକି ସାକ୍ଷାତକାର ପାଇଁ ଯାଏ, ସେଠାକୁ ଫୋନ କରିବାକୁ ସେ କହେ ।

ତୁ ପରା କହୁଥିଲୁ ପିଅନ ଚାକିରି ପାଇଁ ଦରକାର ହେଲେ ଦଶ ପନ୍ଦର ହଜାର ଦେଇପାରିବୁ । ଖାଲି ମୁଁ ଟିକେ ହଁ କହିଲେ ଯଦି କାମଟା ହୋଇଯିବ, ତେବେ ଲାଞ୍ଚ ଦେବାକୁ ଆଗଭର କାହିଁକି ? ମୋ ପ୍ରଶ୍ନରେ ଜନାର୍ଦ୍ଦନ ଚୁପ୍ ରହିଥିଲା । ମୁଁ ସେଦିନ ଟିକେ ପାଟି କରି ଗାଳି ଦେଇଥିଲି ।

ମୁଁ କହିବି, ତାପରେ ଘୁସ୍ ଦେବୁ, ତା ଉପରେ ପିଅନ ଚାକିରୀ ।

ସେ ଦିନପରଠାରୁ ଜନାର୍ଦ୍ଦନ ଆଉ ଗୋବର୍ଦ୍ଧନ କଥା କହିବାକୁ ଆସି ନାହିଁ ।

ମୁଁ ଭାବି ନେଇଥିଲି, ବୋଧହୁଏ ଜନାର୍ଦ୍ଦନ ଏତେ ଦିନେ ବୁଝିପାରିଛି ।

ଏତେ ଖର୍ଚ୍ଚ କରିବୁ, ଅନୁନୟ ବିନୟ କରିବୁ । ତାପରେ କୋଉ ଗ୍ୟାରେଣ୍ଟି ଅଛି ଯେ ତୋ ଭାଇ ଚାକିରୀ ପାଇବ ? ପଇସା ଦେବାରେ ବି କୋଉ ବେଶି ଦେଇପାରିବ । ସରକାରୀ ଚାକିରୀକୁ ତ ଲୋକେ

ନିଲାମ ଧରୁଛନ୍ତି । ମନ୍ତ୍ରୀଙ୍କ ବ୍ୟାକିଙ୍ଗ୍ ଥିବ, ପୁଣି ପଇସା ଦେବ, ସେ ନ ପାଇବ ତ କଣ ତୋ ଭାଇ ପାଇବ ?

କିଛି କାଳ ସେ ଆଉ ମୋ ପାଖକୁ ନ ଆସିବାରୁ ମୁଁ ଭାବିନେଇଥିଲି, ଜନାର୍ଦ୍ଦନ ସମ୍ଭବତଃ ତା ଭାଇକି କୋଉଠି ପୂରେଇଦେଲା ।

ଦୁଇ ତିନି ଦିନ ପରେ ଦେଖିଲି ଗୋବର୍ଦ୍ଧନ ତିନି ଚାରୋଟି ପେଟି ଖୋଲି ପସରା ମେଲିଦେଇଛି ।

ଏହାପରେ କେତେଦିନ ବିତିଗଲା । ମୁଁ ବି ଗୋବର୍ଦ୍ଧନ ଦୋକାନରୁ ତିନି ଚାରି ଥର ଫଳ କିଣିଛି । ଥରେ ମୁଁ ଗୋବର୍ଦ୍ଧନକୁ ପଚାରିଲି ତୋ ଭାଇ ପଇସା ଦେଉଛି ନା ବାକିରେ ଆଣୁଛି ?

କିଛି ନଗଦ କିଣୁଛି, ଆଉ କିଛି ଗୋଦାମରୁ ବାକିରେ ଆଣୁଛି । ଯାହାକିଛି ବିକ୍ରି ହେଉଛି ସଞ୍ଜବେଳକୁ ଭରଣା କରିଦେଉଛି ।

ଆଉ ଥରେ ଅଧେ ମୁଁ ପଚାରିଲି ବ୍ୟବସାୟ କିପରି ଚାଲିଛି ?

ସେମିତି ଚାଲିଛି ସାର୍ ।

କଣ ଲାଭ ହେଉନାହିଁ କି ?

କିଛି କିଛି ଲାଭ ହେଉଛି, ସାର୍ । ଦେଖୁଛନ୍ତି ତ କିମିତି କମ୍ପିଟିସନ୍ । ଦୁଇଟା ଦୋକାନ ଏପାଖରେ ଥିଲା । ଏବେ ତ ପାଞ୍ଚୋଟି ।

ମାସେ ହୋଇଛି କି ନାହିଁ, ଜନାର୍ଦ୍ଦନ ଆସି କାନ୍ଦି କାନ୍ଦି କହୁଛି, ତା ଭାଇକୁ ପୋଲିସ୍ ଧରି ନେଇଛି ।

କଥା କଣ ନା, ସେ କାହିଁକି ରାସ୍ତା କଡରେ ରାସ୍ତା ଅବରୋଧ କରି ଫଳ ବିକୁଛି ।

ମୁଁ ପଚାରିଲି, ସମସ୍ତଙ୍କୁ ଧରି ନେଇଛି ନାଁ ତୋ ଭାଇକୁ ?

ନାଇଁ ସାର୍ ମୋ ଭାଇକୁ ଆଗେ ନେଇଥିଲା । ମୁଁ ଥାନାରେ ଏ କଥା କହିବାରୁ ସେ ଆଉ ଜଣକୁ ବି ନେଇଯାଇଛି । ସେ ତଳେ ବସୁଥିଲା ।

ଆଉ ଯିଏ ଠେଲା ଗାଡିରେ ବସି ବିକୁଛି ସେ ବି ଧରା ପଡିଛି ?

ତା ବିଷୟ କହିଲି । ଆମ ପ୍ରତି ଅନ୍ତରପାତର କାହିଁକି କରୁଛନ୍ତି କହିଲି ।

ଥାନାବାବୁ କଣ କହିଲେ ? ମୁଁ ଉତ୍ସୁକ ହୋଇ ପଚାରିଦେଲି ।

ଥାନାବାବୁ ତ ନଥିଲେ । କନଷ୍ଟେବଲ ଥିଲା । ସେ କହିଲା ଖାଲି ହାତରେ ଆସି ଏତେ ବଡ ବଡ କଥା ?

ସେ ଯଦି କିଛି ମାଗୁଛନ୍ତି ଦେଲୁନି ? ମୁଁ ତାକୁ କହିଲି । ଯଦି ପୋଲିସ୍‌କୁ ଅନ୍ୟମାନେ ଦେଉଛନ୍ତି ତୁ ବି ଦେବା ଉଚିତ୍ । ମୁଁ କଣ ତୋ ପିଠିରେ ପଡିବି ? ବିଜିନେସ୍ କରିବ, ନିଜ ଗୋଡରେ ଠିଆ ହେବ ନା !

ତଥାପି ପ୍ରାଇଭେଟ୍ ସେକ୍ରେଟେରୀକୁ କହିଲି, ଥାନାକୁ ଫୋନ୍ ଲଗା ।

ଜନାର୍ଦ୍ଦନକୁ ପଚାରିଲି, ତୋ ଭାଇ କଣ ରାସ୍ତା ଉପରେ ବସିଥିଲା କି ?

ନାଇଁ ସାର୍, ସେ ତ ନଇଁଯୋଡି ସେପାଖକୁ ବସିଥିଲା ।

ଅଫିସ୍ ପାଖରେ ନୟନଯୋଡି ତିଆରି ହୋଇଛି । ଅପର ପାଖରେ ନୟନଯୋଡି ଖାଲି ଚିହ୍ନ ମାତ୍ର । ଟିକିଏ ଖାଲୁଆ ଜାଗା । ତାରି ଉପରେ ଗୋବର୍ଦ୍ଧନ ବସିଥିଲା ।

ମୁଁ ତା ମୁହଁକୁ ଚାହିଁଥାଏ ।

ଜନାର୍ଦ୍ଦନ କହିଚାଲିଥାଏ । ସାର୍ ସେ ଆଠଗଡବାଲା ତ ରାସ୍ତା ଉପରେ ମାଡି ବସିଛି । ତା ଠେଲାଗାଡିର ଚାରିଟାଯାକ ଚକ ରାସ୍ତା ଉପରେ । ତାକୁ ପୋଲିସ୍ ଧରିଲା ନାହିଁ, ମୋ ଭାଇକୁ ଧରିନେଲା ?

ଟେଲିଫୋନ୍ ବାଜିଲା । ପ୍ରାଇଭେଟ୍ ସେକ୍ରେଟେରୀ କହିଲା, ଥାନା, ସାର୍ ।

କିଏ ଧରିଛି ? ମୁଁ ପଚାରିଲି ।

ଥାନାବାବୁ ତ ନାହାନ୍ତି, ରାଇଟର କନ୍‌ଷ୍ଟେବଲ ଧରିଛି ।

ହଉ ତାକୁ ଦିଅ, ମୁଁ କହିଲି ।

ଗୋବର୍ଦ୍ଧନର ଘଟଣା ଯାହାକିଛି ମୁଁ ଜନାର୍ଦ୍ଦନଠାରୁ ଶୁଣିଥିଲି, ତାକୁ ବାଗେଇ ଚୁନେଇ କହିଲି । ଗୋବର୍ଦ୍ଧନକୁ ବେଶି ହଇରାଣ ନକରିବାକୁ କହିଲି । ଭାବିଲି, ମୋଠାରୁ ଫୋନ୍ ପାଇଛି ଏତକ ଯଥେଷ୍ଟ ହେବ ।

ଜନାର୍ଦ୍ଦନର ମୁହଁରେ ଟିକିଏ ହସ ଖେଳି ଯାଇଥିଲା । କବାଟ ଖୋଲି ସେ ଚାଲିଗଲା । ବସାରେ ମୁଁ ଖାଇବାକୁ ବସିଛି, ପୁଣି ଜନାର୍ଦ୍ଦନ ହାଜର । କହିଲା, ସାର୍ ଆପଣ ଫୋନ୍ କଲା ପରେ ବି ଥାନାବାବୁ ଛାଡୁନାହାନ୍ତି ।

ଘଡିକୁ ଚାହିଁଲି । ନଅଟା ବାଜିଛି । ମନେ ମନେ ଭାବିଲି, ଏମାନେ କଣ ରାତିଯାକ ପିଲାଟାକୁ ଥାନାରେ ରଖିବେ ? ଅବଶ୍ୟ ସେମାନେ ଆଇନ କାନୁନ୍‌କୁ ମାନି ତାକୁ ୨୪ ଘଣ୍ଟାରୁ କମ୍ ରଖିଛନ୍ତି ବୋଲି କାଗଜପତ୍ରରେ ଦେଖାଇବେ ।

ପୋଲିସ୍ ତ ୨୪ ଘଣ୍ଟାରୁ ବେଶି ରଖିପାରିବ ନାହିଁ । ଯେମିତି ହେଲେ ତୋ ଭାଇକୁ ଛାଡିଦେବେ । ଜନାର୍ଦ୍ଦନକୁ ବୁଝାଇଲି ।

ନାହିଁ ସାର୍ । ସେମାନେ ଚାଲାଣ କରିଦେବେ କହୁଛନ୍ତି ।

ତାପରେ ଫୁସ୍ ଫୁସ୍ ହୋଇ କହିଲା, ସାର୍ ମୁଁ ବି ପଇସା ଯାଚିଛି, ଏଯାଏ କିଛି କରୁନାହାନ୍ତି । ଜଣେ ଫେର୍ କହୁଛି, ତୁ ଯୋଉ ସାହେବଙ୍କୁ କହିଲୁ, ସେଇ ସାହେବଙ୍କୁ କହୁନୁ, ଛଡାଇ ନେବେ ।

କଥାରେ କେତେ ସତ, କେତେ ମିଛ ଅଛି ଜାଣିବାକୁ ମୋର ତର ନଥିଲା । ପୋଲିସ୍ ସେଭଳି କହିଥାଇପାରେ । ଜନାର୍ଦ୍ଦନ ବି ମୋର ସହାନୁଭୂତି ପାଇବା ପାଇଁ ଏଭଳି ଯୋଡି ଥାଇପାରେ ।

ଯାହାହେଉ ମୁଁ ଜନାର୍ଦ୍ଦନଠାରୁ ମୁକୁଳିବା ପାଇଁ ଥାନାକୁ ଆଉ ଥରେ ଫୋନ୍ କରିବା ଉଚିତ୍ ମନେ କଲି ।

ବହୁତ ସମୟ ବାଜିଲା ପରେ ଜଣେ କିଏ ରୁକ୍ଷ ସ୍ୱରରେ କହିଲା, କାହାକୁ ଖୋଜୁଛନ୍ତି ।

ମୁଁ ନିଜର ପରିଚୟ ଦେଲି ଓ କହିଲି ଥାନାବାବୁଙ୍କୁ ଦିଅ ।

କିଛି ସମୟ ପାଇଁ ଲାଇନ୍ ଚୁପ୍ ରହିଲା । ତାପରେ ଥାନାବାବୁଙ୍କ ପାଟି ଶୁଭିଲା ।

ସାର୍, କିଛି ଘଟିଲା କି ?

ମୁଁ ସଂକ୍ଷେପରେ କହିଲି, ମୋର କିଛି ଘଟିନାହିଁ । ପୁଣି କହିଲି - କିପରି ମୋ ଉପଦେଶ ଅନୁଯାୟୀ ଗୋବର୍ଦ୍ଧନ ଦୋକାନ କରି ବସିଥିଲା, ଅନ୍ୟମାନେ ଯେଉଁଭଳି ଦୋକାନ କରିଛନ୍ତି ସେ ବି କଲା । କେବଳ ଗୋବର୍ଦ୍ଧନକୁ ଧରିବା ଉଚିତ୍ ହୋଇନାହିଁ । ସମ୍ଭବତଃ କିଏ ତଳବାଲା ଏମିତି କରିଥିବ । ମୁଁ ଥାନାବାବୁଙ୍କୁ ସିଧା ଦୋଷ ଦେବା ଉଚିତ୍ ମନେ କଲି ନାହିଁ ।

ସାର୍ ଘଟଣା କଣ ହୋଇଛି ମୁଁ ତ ପୁରାପୁରି ଜାଣିନାହିଁ । ତା ଭାଇକୁ ପଠାଇ ଦିଅନ୍ତୁ, ମୁଁ ଯାହା ହେବାର କଥା କରିବି ।

ଜନାର୍ଦ୍ଦନର ଇସାରାରେ ମୁଁ ପୁଣି କହିଲି, ଗୋବର୍ଦ୍ଧନର କଣ ଦୋଷ ହୋଇଛି, ତାକୁ ବାତାଇଦେଲେ, ଆଉ ଥରେ ସେ ପୁନରାବୃତ୍ତି କରିବ ନାହିଁ । ଆଇନର ଖିଲାପ ନକରି ଯେମିତି ସେ ଗୁଜୁରାଣ ମେଣ୍ଟାଉଥିଲା, ସେଭଳି କରୁ ।

ଥାନାବାବୁଠାରୁ ହଁ ଶୁଣିଲା ପରେ ସିଧାସଳଖ ' ଥାନାକୁ ଯା' ବୋଲି ମୁଁ ଜନାର୍ଦ୍ଦନକୁ କହିଲି ।

ପରଦିନ ଦଶଟାବେଳେ ଅଫିସରେ ପହଞ୍ଚି ଇଚ୍ଛାହେଲା ଜାଣିବାକୁ, ଗତକାଲିର ଏତେ ଥର ଫୋନ ପରେ ଫଳ କଣ ହେଲା ।

ଜନାର୍ଦ୍ଦନକୁ ଡକାଇଲି ।

କଥାରୁ ଜଣାଗଲା ଯେ ରାତି ସାଢେଦଶ ବେଳକୁ ଗୋବର୍ଦ୍ଧନ ଛାଡ ପାଇଛି । ତାଠୁ ଗୋଟିଏ ଲେଖି ନେଇଛନ୍ତି ଯେ ସେ ଆଉ ରାସ୍ତାମାଡି ଦୋକାନ ବସାଇବ ନାହିଁ । ଦୁଇ ତିନିଦିନ ବିତିଗଲା । ମୁଁ ଦିନେ ଟୁର୍‌ରୁ ଫେରି ଅଫିସରେ ପଶିଲାବେଳକୁ ଜନାର୍ଦ୍ଦନ କହିଲା, ସାର୍ ଆଉ ଦୋକାନ କରି ହେବନାହିଁ । ଗୋବର୍ଦ୍ଧନକୁ ମୁଁ ଗାଁକୁ ପଠାଇ ଦେଉଛି ।

କି କ'ଣ ହେଲା କି ?

ଗୋବର୍ଦ୍ଧନ କହିଲା, ସାର୍, କାଲି ସଞ୍ଜବେଳେ ଦୁଇଜଣ ମୁଖାପିନ୍ଧା ଲୋକ ମୋଟର ସାଇକେଲ୍‌ରେ ଆସିଲେ । ବାକ୍ସ ଫାକ୍ସ ସବୁ ଫୋପାଡି ଦେଲେ । ଏଣେ ତେଣେ ପଡିଲା । ବହୁତ ଫଳ ନଷ୍ଟ ହେଲା । ଫାଟିଯାଇଛି ବହୁତ ।

ସେମାନେ କିଏ ? ମୁଁ ଏତକ ପଚାରିଲି ସିନା, କିନ୍ତୁ ଜନାର୍ଦ୍ଦନ କଥା ବନ୍ଦ ନ କରି କହି ଚାଲିଥିଲା । ଗଲାବେଳେ କହିଗଲେ ଯେତେଥର ଏମିତି ଦୋକାନ ବସାଇବୁ ସେତେଥର ଆମେ ଆସିବୁ । ଭଲ ଦଶା ଅଛି ତ ପଳା ।

ମୁଁ ପଚାରିଲି ସେ ଠେଲାବାଲା ଦେକାନୀ ଅଛି ତ ? ତାର କିଛି ହୋଇଛି ?

ଜନାର୍ଦ୍ଦନ କହିଲା, ନାହିଁ ସାର୍ । ତାର କିଛି ହୋଇନି । ବରଂ ଗୋବର୍ଦ୍ଧନଠୁ ଖବର ପାଇ ସେଠିକି ଗଲାବେଳକୁ ସେ ନିର୍ବିକାରରେ ବସିଛି ।

ଘଟଣାଟା କଣ ଜାଣିବା ପାଇଁ ମୁଁ ଟିକିଏ ଗହୀରକୁ ପଶିବାକୁ ଚେଷ୍ଟା କଲି ।

ସନ୍ଧ୍ୟାବେଳେ ଘରକୁ ଫେରିବା ବାଟରେ ଠେଲାଗାଡି ପାର୍ଶ୍ୱରେ ଅଟକିଲି । ଦୁଇକିଲୋ ଆପଲ୍ ବରାଦ କଲି । ଅନ୍ୟ ଗ୍ରାହକମାନେ ଚାଲିଯିବା ପରେ ମୁଁ ମୁଲାମୁଲି ଆରମ୍ଭ କଲି ।

ତୁ ତ ଏକଚାଟିଆ କାରବାର କରୁଛୁ । ଦର ଆହୁରି କମାଇବୁ ନାହିଁ କାହିଁକି ?

ଆଜ୍ଞା ବଜାର ଦରଠାରୁ ବେଶି କମାଇ ହେବନାହିଁ । ମୋତେ ତ ପୁଣି କମିସନ୍ ଦେବାକୁ ପଡୁଛି । ବଜାରବାଲାଙ୍କ ମେଣ୍ଟ ମାନିବାକୁ ପଡିବ ।

ମୁଁ ଭାବିଥିଲି, ଲୋକଟା ପୋଲିସକୁ କମିସନ୍ ଦେବା କଥା କହୁଛି । ତାର କଥାରୁ ଜଣାପଡିଲା, ସେ ଟ୍ରଲି ଯାହାଠାରୁ ଆଣିଛି

ମୁଁ ନିଜର ପରିଚୟ ଦେଲି ଓ କହିଲି ଥାନାବାବୁଙ୍କୁ ଦିଅ ।

କିଛି ସମୟ ପାଇଁ ଲାଇନ୍ ଚୁପ୍ ରହିଲା । ତାପରେ ଥାନାବାବୁଙ୍କ ପାଟି ଶୁଭିଲା ।

ସାର୍, କିଛି ଘଟିଲା କି ?

ମୁଁ ସଂକ୍ଷେପରେ କହିଲି, ମୋର କିଛି ଘଟିନାହିଁ । ପୁଣି କହିଲି - କିପରି ମୋ ଉପଦେଶ ଅନୁଯାୟୀ ଗୋବର୍ଦ୍ଧନ ଦୋକାନ କରି ବସିଥିଲା, ଅନ୍ୟମାନେ ଯେଭଳି ଦୋକାନ କରିଛନ୍ତି ସେ ବି କଲା । କେବଳ ଗୋବର୍ଦ୍ଧନକୁ ଧରିବା ଉଚିତ୍ ହୋଇନାହିଁ । ସମ୍ଭବତଃ କିଏ ତଳବାଲା ଏମିତି କରିଥିବ । ମୁଁ ଥାନାବାବୁଙ୍କୁ ସିଧା ଦୋଷ ଦେବା ଉଚିତ୍ ମନେ କଲି ନାହିଁ ।

ସାର୍ ଘଟଣା କଣ ହୋଇଛି ମୁଁ ତ ପୁରାପୁରି ଜାଣିନାହିଁ । ତା ଭାଇକୁ ପଠାଇ ଦିଅନ୍ତୁ, ମୁଁ ଯାହା ହେବାର କଥା କରିବି ।

ଜନାର୍ଦ୍ଧନର ଇସାରାରେ ମୁଁ ପୁଣି କହିଲି, ଗୋବର୍ଦ୍ଧନର କଣ ଦୋଷ ହୋଇଛି, ତାକୁ ବାତାଇଦେଲେ, ଆଉ ଥରେ ସେ ପୁନରାବୃତ୍ତି କରିବ ନାହିଁ । ଆଇନର ଖିଲାପ ନକରି ଯେମିତି ସେ ଗୁଜୁରାଣ ମେଣ୍ଟାଉଥିଲା, ସେଭଳି କରୁ ।

ଥାନାବାବୁଠାରୁ ହଁ ଶୁଣିଲା ପରେ ସିଧାସଳଖ ' ଥାନାକୁ ଯା' ବୋଲି ମୁଁ ଜନାର୍ଦ୍ଧନକୁ କହିଲି ।

ପରଦିନ ଦଶଟାବେଳେ ଅଫିସରେ ପହଞ୍ଚି ଇଚ୍ଛାହେଲା ଜାଣିବାକୁ, ଗତକାଲିର ଏତେ ଥର ଫୋନ ପରେ ଫଳ କଣ ହେଲା ।

ଜନାର୍ଦ୍ଧନକୁ ଡକାଇଲି ।

କଥାରୁ ଜଣାଗଲା ଯେ ରାତି ସାଢେଦଶ ବେଳକୁ ଗୋବର୍ଦ୍ଧନ ଛାଡ ପାଇଛି । ତାଠୁ ଗୋଟିଏ ଲେଖି ନେଇଛନ୍ତି ଯେ ସେ ଆଉ ରାସ୍ତାମାଡି ଦୋକାନ ବସାଇବ ନାହିଁ । ଦୁଇ ତିନିଦିନ ବିତିଗଲା । ମୁଁ ଦିନେ ଟୁର୍‌ରୁ ଫେରି ଅଫିସରେ ପଶିଲାବେଳକୁ ଜନାର୍ଦ୍ଧନ କହିଲା, ସାର୍ ଆଉ ଦୋକାନ କରି ହେବନାହିଁ । ଗୋବର୍ଦ୍ଧନକୁ ମୁଁ ଗାଁକୁ ପଠାଇ ଦେଉଛି ।

କି କ'ଣ ହେଲା କି ?

ଗୋବର୍ଦ୍ଧନ କହିଲା, ସାର୍, କାଲି ସଞ୍ଜବେଳେ ଦୁଇଜଣ ମୁଖାପିନ୍ଧା ଲୋକ ମୋଟର ସାଇକେଲ୍‌ରେ ଆସିଲେ । ବାକ୍ସ ଫାକ୍ସ ସବୁ ଫୋପାଡି ଦେଲେ । ଏଣେ ତେଣେ ପଡିଲା । ବହୁତ ଫଳ ନଷ୍ଟ ହେଲା । ଫାଟିଯାଇଛି ବହୁତ ।

ସେମାନେ କିଏ ? ମୁଁ ଏତକ ପଚାରିଲି ସିନା, କିନ୍ତୁ ଜନାର୍ଦ୍ଦନ କଥା ବନ୍ଦ ନ କରି କହି ଚାଲିଥିଲା । ଗଲାବେଳେ କହିଗଲେ ଯେତେଥର ଏମିତି ଦୋକାନ ବସାଇବୁ ସେତେଥର ଆମେ ଆସିବୁ । ଭଲ ଦଶା ଅଛି ତ ପଳା ।

ମୁଁ ପଚାରିଲି ସେ ଠେଲାବାଲା ଦେକାନୀ ଅଛି ତ ? ତାର କିଛି ହୋଇଛି ?

ଜନାର୍ଦ୍ଦନ କହିଲା, ନାହିଁ ସାର୍ । ତାର କିଛି ହୋଇନି । ବରଂ ଗୋବର୍ଦ୍ଧନଠୁ ଖବର ପାଇ ସେଠିକି ଗଲାବେଳକୁ ସେ ନିର୍ବିକାରରେ ବସିଛି ।

ଘଟଣାଟା କଣ ଜାଣିବା ପାଇଁ ମୁଁ ଟିକିଏ ଗହୀରକୁ ପଶିବାକୁ ଚେଷ୍ଟା କଲି ।

ସନ୍ଧ୍ୟାବେଳେ ଘରକୁ ଫେରିବା ବାଟରେ ଠେଲାଗାଡି ପାର୍ଶ୍ୱରେ ଅଟକିଲି । ଦୁଇକିଲୋ ଆପ୍‌ଲ୍ ବରାଦ କଲି । ଅନ୍ୟ ଗ୍ରାହକମାନେ ଚାଲିଯିବା ପରେ ମୁଁ ମୁଲାମୁଲି ଆରମ୍ଭ କଲି ।

ତୁ ତ ଏକଚାଟିଆ କାରବାର କରୁଛୁ । ଦର ଆହୁରି କମାଇବୁ ନାହିଁ କାହିଁକି ?

ଆଜ୍ଞା ବଜାର ଦରଠାରୁ ବେଶି କମାଇ ହେବନାହିଁ । ମୋତେ ତ ପୁଣି କମିସନ୍ ଦେବାକୁ ପଡୁଛି । ବଜାରବାଲାଙ୍କ ମେଣ୍ଟ ମାନିବାକୁ ପଡିବ ।

ମୁଁ ଭାବିଥିଲି, ଲୋକଟା ପୋଲିସକୁ କମିସନ୍ ଦେବା କଥା କହୁଛି । ତାର କଥାରୁ ଜଣାପଡିଲା, ସେ ଟ୍ରଲି ଯାହାଠାରୁ ଆଣିଛି

ସେ ଏ ଅଞ୍ଚଳର ସବୁ ଫଳଟ୍ରଲିର ମାଲିକ । ମାଫିଆ ସର୍ଦ୍ଦାର । ତା କଥା ନ ମାନି ରାଜଧାନୀର ଏ ଅଞ୍ଚଳର ରାସ୍ତାକଡରେ କେହି ଫଳ ଦୋକାନ କରିପାରିବ ନାହିଁ । ପୁଣି ଫଳ ଦୋକାନ କରିବାକୁ ତାହାରି ଟ୍ରଲି ବି ନେବାକୁ ହେବ । ଏଥିଲାଗି ସେ ମାସିକିଆ ନିଏ । ପୋଲିସ ତା ହାତରେ ।

ତୁ ନଗଦ ଆଣୁଛୁ ନା ବାକିରେ ?

ଆଜ୍ଞା ମୁଁ ତ ପ୍ରଥମେ ଭାବିଥିଲି, ମୋତେ ପଇସା ଖଟାଇବାକୁ ପଡିବ । ମୋର ଏତେ ପଇସା କାହିଁ ? ଆସିବିନି ମନା କରୁଥିଲି । ଆମ ଗାଆଁର ନିତିଆ ଦାଦା ଏଠି ଫଳଗୋଦାମରେ ଅଛି । ସେ ମୋତେ ଏଠି ଆଣି ଏ ବ୍ୟବସାୟରେ ପୂରେଇଛି । ଠେଲାଗାଡିର ମାଲିକ କଥାରେ ଗୋଦାମବାଲା ବାକିରେ ଦିଏ । ପ୍ରତିଦିନ ଯେତେ ଫଳ ବିକ୍ରି ହୁଏ, ତା ଦାମ ମୁଁ ପଇଠ କରେ ।

ମୁଁ ପଚାରିଲି ଯଦି ତୁ ଟଙ୍କା ନଦେଉ ।

ଆଜ୍ଞା ମୋତେ ଏଠି ରଖେଇ ଦେବେ ? ଗୋଡେଇ ଗୋଡେଇ ମୋଠୁ ଆଦାୟ କରିବେ ପରା । ଦିନକୁ ଦୁଇଦିନ ଡେରିହେଲେ ସଞ୍ଜୁଆ ଅନ୍ଧାରରେ ଲୋକଆସି ଲାଲ୍ ଆଖି ଦେଖାଇବେ । ଭଡାଟିଆ ଲୋକ ତ ରହିଛନ୍ତି ।

କଥାଗୁଡିକ ଆଉ ଝାପ୍‌ସା ରହିଲା ନାହିଁ ।

ଏମିତି ହେଲେ ତୋର ଲାଭ କଣ ହେଉଛି ? ମୁଁ ପଚାରିଲି ।

ଲାଭ କଣ ଆଜ୍ଞା ? ବସି ଖାଇବାଠାରୁ କିଛି ତ ମିଳୁଛି ।

ତାହେଲେ ତୁ ଗାଆଁରେ କାମ କରୁନୁ ? ଏଠାରେ ଫଳ ଦୋକାନ କରି ମଜୁରି ଭଳିଆ ପାଇ ଲାଭ କଣ ?

ନାହିଁ ସାର୍ । ଗାଆଁରେ ସବୁଦିନେ କାମ କାହିଁ ? ଦିନକୁ ଅତି ବେଶି ହେଲେ ୨୫ ଟଙ୍କା । ଏଠି ଦିନେ ଦିନେ ୧୦୦ ଟଙ୍କାରୁ ବି ବେଶି ହେଉଛି ।

କେମିତି ? ମୁଁ ଜାଣିବାଲାଗି ପଚାରିଲି ।

ପୂଜାପର୍ବାଣୀ, ବିବାହ ବ୍ରତ ତ ସବୁଦିନେ ଲାଗିଛି । ସାବିତ୍ରୀ ବ୍ରତରେ ବଢିଆ ବ୍ୟବସାୟ । ଅଫିସରିଆ ବାବୁମାନେ ବି ଘର ଫେରନ୍ତା ରାସ୍ତାରେ ଆମଠୁ ନିଅନ୍ତି । ହାଟ ଭିତରକୁ ବା ଗୋଦାମକୁ ଯିବାକୁ ବେଳ କାହିଁ ? ଉଚ୍ଚ ଦାମ କରି ଟିକିଏ କମାଇଦେଲେ ସେମାନେ ଖୁସି ହୋଇଯାଆନ୍ତି । ସେମାନଙ୍କ ତର ନ ଥାଏ ବଜାର ଦର ବୁଝିବାକୁ ।

ଆଜି ମୁଁ ବୁଝିଲି, ଗୋବର୍ଦ୍ଧନକୁ ନିଜ ଗୋଡରେ ଠିଆ ହେବାକୁ କହିଲାବେଳେ, ଠିଆ ହେବାର ଭୂଇଁ କଥା ବିଚାର କରି ନ ଥିଲି । ସେ ଯେଉଁଠି ଠିଆ ହେବ ସେ ଜମି କାହାର ? ସେ ଯେଉଁଥିରେ ହାତ ଦେବ, ସେଠି କାହାର ଅଦୃଶ୍ୟ ହାତ ଅଛି ? କାହାକୁ କେତେ ଖୋରାକି ଦେବାକୁ ହେବ ? ଏସବୁ ଜାଣିବା ଦରକାର ଥିଲା । ଆତ୍ମନିଯୁକ୍ତିର ଏ ହେଉଛି ଫିଜିବିଲିଟି ଷ୍ଟଡି । ହଠାତ୍ ଠିଆ ହେବାକୁ ଚେଷ୍ଟା କଲେ କାହା ଗୋଡରେ ଚଢିଯିବ ଯେ ।

ଗୋବର୍ଦ୍ଧନ କାହା ଗୋଡ ଉପରେ ଚଢିଗଲା, ମୁଁ ଖୋଜିବାକୁ ଚାହିଁ ନାହିଁ କି ଚାହୁଁ ନାହିଁ ।

ଗୋବର୍ଦ୍ଧନର ଭାଇ ଜନାର୍ଦ୍ଦନ ଅର୍ଥାତ୍ ମୋ ପିଅନ, ମୋ ଆଗରୁ ଜାଣିଗଲା ଯେ ନିଜ ଗୋଡରେ ଠିଆ ହେବାଲାଗି ରାଜଧାନୀରେ ଭୂଇଁ ନାହିଁ । କାହାରି ବେନାମୀ ବ୍ୟବସାୟ କରିବାକୁ ସେ ଚାହେଁ ନାହିଁ ।

## ନ୍ୟାୟଲାଣ୍ଡର କାହାଣୀ

ଭୁଲ ପଢନ୍ତୁ ନାହିଁ, ଏ ନାଗାଲାଣ୍ଡର କାହାଣୀ ନୁହେଁ । ଆମଦେଶର କୌଣସି ରାଜ୍ୟ ସହିତ ଏ କାହାଣୀର ସମ୍ପର୍କ ନାହିଁ, କିମ୍ବା ଆମଦେଶ ସହିତ ସାମଞ୍ଜସ୍ୟ ବି ନାହିଁ । ଯଦି କିଛି ସମ୍ପର୍କ ବା ସାମଞ୍ଜସ୍ୟ ମିଳେ ତାହା ସମ୍ପୂର୍ଣ୍ଣଭାବେ ଆକସ୍ମିକ । ଜାଣିଶୁଣି କିଛି ତୁଳନା ପାଠକମାନେ କାଢିବେ ନାହି, ଏ ଧାରଣା ନେଇ ମୁଁ କାହାଣୀଟିର ଉପସ୍ଥାପନା କରୁଛି ।

ନ୍ୟାୟଲାଣ୍ଡର ଜନସଂଖ୍ୟାର ପ୍ରତି ଦଶ ଜଣରେ ସାତ ଜଣ ଅବଧୂତ ଧର୍ମର, ଅଢେଇ ଜଣ ଲଙ୍ଗୁଳୀ ଧର୍ମର । ବାକି ଅଧଜଣଙ୍କ ଭିତରେ ଆଉ ସବୁ ଧର୍ମ ମିଶିଛି । ପାଠକମାନେ ଯେଉଁଭଳି ଭାବୁଥିବେ, ଠିକ୍ ସେଭଳି, ସେ ଦେଶରେ ନିର୍ବାଚନରେ ଅବଧୂତ ଧର୍ମର ଲୋକେ ସଂଖ୍ୟାଗରିଷ୍ଠ ଆସନ ଲାଭ କରି ଶାସନ ଚଳାନ୍ତି, ଅବଶ୍ୟ ଭିନ୍ନ ଭିନ୍ନ ଦଳ ଭିନ୍ନ ଭିନ୍ନ ନିର୍ବାଚନରେ ଆସିଥାନ୍ତି । ଏବର ସରକାର ସଂଖ୍ୟାଗରିଷ୍ଠ ଗୋଷ୍ଠୀର । ସଂଖ୍ୟାଗରିଷ୍ଠ ଧର୍ମର ଲୋକ ହୋଇଥିବାରୁ ନେତାମାନେ ନିଜ ଧର୍ମର ଲୋକମାନଙ୍କ ସମର୍ଥନକୁ ଗାରେଣ୍ଟିଡ୍ ଧରି ନେଇଛନ୍ତି । ବାକି ରହିଗଲା ଲଙ୍ଗୁଳୀମାନଙ୍କ ସମର୍ଥନ । ସେମାନଙ୍କୁ ତ ସିଧାସଳଖ ସୁବିଧା ସୁଯୋଗ ଦେଇ ହେବନାହିଁ, ଦେଲେ ଅବଧୂତମାନେ ଚିହିଁକି ଉଠିବେ, ଆଗ ନିର୍ବାଚନରେ ପୁଣି ତ ଜିତିବାର ମସୁଧା ଅଛି ! ଲଙ୍ଗୁଳୀମାନଙ୍କୁ ସିଧାସଳଖ ଅନୁଗ୍ରହ ଦେଖାଇଲେ ଅବଧୂତମାନେ ବିଗିଡିଯିବେ । ତେଣୁ ଧର୍ମନିରପେକ୍ଷ ନୀତି ଶ୍ରେୟସ୍କର ।

ପଡୋଶୀ ରାଜ୍ୟସବୁ ତ ଲଙ୍ଗୁଳୀ ଧର୍ମକୁ ରାଷ୍ଟ୍ରଧର୍ମ ରୂପେ ଗ୍ରହଣ କରି ନେଇଛନ୍ତି, ସେମାନେ ନ୍ୟାୟଲାଣ୍ଡରେ ସାମାନ୍ୟତମ ଲଙ୍ଗୁଳୀବିରୋଧି କାର୍ଯ୍ୟ ଘଟିଲେ, ଆନ୍ତର୍ଜାତୀୟ ସ୍ତରରେ ବହୁତ ପାଟି କରନ୍ତି । ବେଶି ପାଟିକରେ ଲଙ୍ଗୁଳୀଧର୍ମକୁ ରାଷ୍ଟ୍ରଧର୍ମ କରିଥିବା ମୋମ୍ବାକ ଦେଶ । ଅନ୍ତତଃ ଏହି ଧାରଣା ଅବଧୂତ ସରକାରର ମୁଣ୍ଡ ଭିତରେ ପଶିଛି ।

ନ୍ୟାୟଲାଣ୍ଡର ଅବଧୂତ ସରକାରଙ୍କ ଭିତରେ ଲୁଚି ରହିଥିବା ଗୋଟିଏ ନ୍ୟୁନଭାବ ବା ଇନ୍‌ଫିରିଅରିଟି କମ୍ପ୍ଲେକ୍ସ କେବଳ ବୈଦେଶିକ ନୀତିକୁ ନିୟନ୍ତ୍ରିତ କରୁନାହିଁ, ଆଭ୍ୟନ୍ତରୀଣ ନୀତିଗୁଡିକୁ ମଧ୍ୟ ରୂପରେଖ ଦେଉଛି । ସବୁବେଳେ ନ୍ୟାୟଲାଣ୍ଡର ସରକାର ଭାବେ ଯେ ଆନ୍ତର୍ଜାତିକ ସ୍ତରରେ, ଓ ପଡୋଶୀମାନଙ୍କଦ୍ୱାରା, ଦେଶଟା ସବୁବେଳେ ଏକ ଚକ୍ରାନ୍ତର ଘେର ଭିତରେ ରହିଛି । ଏ ଚକ୍ରାନ୍ତକୁ ଇନ୍ଧନ ଯୋଗାଉଛି ବିଭିନ୍ନ ଧର୍ମ ଭିତରେ ଥିବା କନ୍ଦଳ । ଲଙ୍ଗୁଳୀ ଧର୍ମର ଲୋକେ କେବଳ ନ୍ୟାୟଲାଣ୍ଡ ଭିତରେ ନାହାନ୍ତି, ନିକଟ, ଦୂର, ସବୁ ପଡୋଶୀ ରାଷ୍ଟ୍ରରେ ମଧ୍ୟ ଭର୍ତ୍ତି ହୋଇ ରହିଛନ୍ତି । କେତୋଟି ରାଷ୍ଟ୍ରରେ ଲଙ୍ଗୁଳୀ ହେଉଛି ରାଷ୍ଟ୍ରୀୟ ଧର୍ମ । ତେଣୁ କୌଣସି କାରଣରୁ କିଛି ଗୋଟିଏ ସାମ୍ପ୍ରଦାୟିକ ଗଣ୍ଡଗୋଳ ନ୍ୟାୟଲାଣ୍ଡରେ ଘଟିଗଲେ ତାର ଆନ୍ତର୍ଜାତୀୟ ପ୍ରତିକ୍ରିୟା ଘଟେ । ପ୍ରତିକ୍ରିୟା ଏତେ ଜୋରସୋରରେ ହୁଏ କି ନାହିଁ, ପ୍ରତିକ୍ରିୟା ଆଦୌ ହୋଇଛି କି ନାହିଁ, ଅନ୍ୟମାନେ ବୁଝନ୍ତୁ ନ ବୁଝନ୍ତୁ, ନ୍ୟାୟଲାଣ୍ଡର ଅବଧୂତ ସରକାର ଆପେ ଆପେ ଡରିଯାଆନ୍ତି । ଏପରିକି ଯଦି ଲଙ୍ଗୁଳୀ ଧର୍ମର ଜଣେ ଚିତ୍ରତାରକା ଏ.କେ.୫୬ ବନ୍ଧୁକ ଚୋରାରେ ରଖି ଧରାପଡିଯାଏ ଏବଂ ଉକ୍ତ ମାମଲାର ବିଚାର ଯେଉଁ ବିଚାରପତିଙ୍କ ପାଖରେ ହେଉଥାଏ ସେ ବିଚାରପତି ଅବଧୂତ ଧର୍ମର କୌଣସି ଦେବାଦେବୀଙ୍କୁ ପୂଜା କରୁଥିଲେ ବୋଲି ସେ କହିପାରେ ଏବଂ ସେହି କାରଣରୁ ସେ ଯୁକ୍ତିବାଢେ ଯେ ଅମୁକ ବିଚାରପତିଙ୍କ ଉପରେ ମୋର ଆସ୍ଥା ନାହିଁ, କାରଣ ସେ ଅବଧୂତ ଧର୍ମର ଅମୁକ ଅମୁକ ଦେବଦେବୀଙ୍କୁ ପୂଜା କରିବାର ଦେଖିଛି; ମୁଁ ଅନ୍ୟ ଧର୍ମର ହୋଇଥିବାରୁ ସେ ମୋ ବିରୁଦ୍ଧରେ ରାୟ ଦେଇପାରନ୍ତି; ତେବେ ତା କଥା ସରକାର ଗ୍ରହଣ କରି ନିଅନ୍ତି । ଅନ୍ୟ ଗୋଟିଏ ବିଚାରାଳୟକୁ ମକଦ୍ଦମା ଉଠାଇ ନିଆଯାଏ । ସମାଲୋଚକମାନେ କହନ୍ତି,

ନ୍ୟାୟଲାଣ୍ଡ ଦେଶରେ କେବଳ ଏକଥା ସମ୍ଭବ, ସେଠାରେ ସଂଖ୍ୟାଲଘୁମାନଙ୍କ ସ୍ୱାଧୀନତା ସଂଖ୍ୟାଗରିଷ୍ଠର ସ୍ୱାଧୀନତାଠାରୁ ବେଶି ସମ୍ମାନିତ । ଲଙ୍ଗୁଳୀମାନଙ୍କର ଏଭଳି ବକ୍ତବ୍ୟକୁ ସରକାରୀ ପ୍ରୋତ୍ସାହନ ମିଳୁଥିବାରୁ ସେମାନେ ଦେଶଦ୍ରୋହୀ ପାଲଟୁଛନ୍ତି, ଏକଥା ବିରୋଧି 'ଅବଧୂତ ସୁରକ୍ଷା' ଦଳ କହୁଛନ୍ତି ।

ଲୋକମତକୁ ସ୍ୱପକ୍ଷରେ ଆଣିବା ଲାଗି ଗଣମାଧ୍ୟମ ଜରିଆରେ ଜୋରସୋରରେ ପ୍ରଚାର କରିବାକୁ ଶାସକମାନେ ଉଚିତ୍ ମନେ କରନ୍ତି । ବର୍ତ୍ତମାନର ସମସ୍ୟାଗୁଡିକଠାରୁ ଲୋକଦୃଷ୍ଟିକୁ ଦୂରରେ ନେବା ଲାଗି ଦେଶର ପ୍ରାଚୀନ ଐତିହ୍ୟ ଓ ଉଲ୍ଲେଖନୀୟ ଘଟଣାବଳୀକୁ ଦୋହରାନ୍ତି । ଅତୀତରେ ଆମ ଭଳି କେହି ଦୁନିଆରେ ନ ଥିଲେ, ଏକଥା କହି କହି ଲୋକଙ୍କୁ ଭୁଲେଇ ଦିଆଯାଏ । ନେତାମାନେ ବିଭିନ୍ନ ମନ୍ଦିର, ପାଗୋଡା, ଗୀର୍ଜା, ଦର୍ଘା ଓ ସମାଧିମାନଙ୍କୁ ଯାଇ ଏତେ ଭକ୍ତି ଦେଖାନ୍ତି ଯେ ଲୋକେ ନେତାମାନଙ୍କ ବ୍ୟଭିଚାର, ଦୁର୍ନୀତି ତଥା ଅନ୍ୟ ଅନୈତିକ କାରବାରକୁ ଭୁଲିଯାନ୍ତି । ଯେଉଁ କେତେଜଣ ଭୁଲିପାରନ୍ତି ନାହିଁ, ସେମାନେ ବୁଦ୍ଧିଜୀବୀ । ସେମାନଙ୍କ ସଂଖ୍ୟା ଏତେ କମ୍ ଏବଂ ସେମାନଙ୍କ ଭୋଟଦେବା ଇଚ୍ଛା ଏତେ ଅଭାବ ଯେ ନେତାମାନେ ସେମାନଙ୍କୁ ଖାତିର କରନ୍ତି ନାହିଁ । ଗରୀବ ଗରୀବ ରହିଯାଏ, ନେତାମାନଙ୍କ ଭାଷଣରେ ପେଟ ପୁରେ । ନିର୍ବାଚନପୂର୍ବ ପ୍ରତିଶ୍ରୁତି ଏବଂ ସ୍ୱଳ୍ପ ଅର୍ଥଲୋଭ ଗରୀବର ଭୋକିଲା ପେଟକୁ ଭର୍ତ୍ତି କରିଦିଏ ।

ନ୍ୟାୟଲାଣ୍ଡର ବର୍ତ୍ତମାନ ଗୋଟିଏ ବଡ ସମସ୍ୟା ହେଉଛି ରାଷ୍ଟ୍ରୀୟ ସଂହତି ରକ୍ଷା କରିବା । ବିଭିନ୍ନ ଧର୍ମ ଓ ଅଞ୍ଚଳ ଭିତରେ କେବଳ ଧର୍ମ ଓ ଆଞ୍ଚଳିକ ଭିତ୍ତିରେ ଝଗଡା ବଢିଛି ତାହାନୁହେଁ, ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ବୈଷମ୍ୟ ଏବଂ ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ମଧ୍ୟରେ ଥିବା ଅସମତା ଏହି ଆଞ୍ଚଳିକ ବିଚ୍ଛିନ୍ନତାବାଦକୁ ଉସୁକାଉଛି । ସରକାରୀ ନିୟନ୍ତ୍ରିତ ଗଣମାଧ୍ୟମ ଜାତୀୟସଂହତି ଜାଗରଣ କାମରେ ଲାଗିଛି । ଅବଶ୍ୟ ସେ ଦେଶର ସଂସଦରେ ଏବଂ ବିଭିନ୍ନ ଆଞ୍ଚଳିକ ବିଧାନସଭାରେ ଧସ୍ତାଧସ୍ତି ହୁଏ, ଚପଲ ଫିଙ୍ଗାଯାଏ । କୌଣସି ବ୍ୟଭିଚାର ଓ ଲାଞ୍ଚମିଛ ବିଷୟରେ ପ୍ରଶ୍ନ ଉଠିଲେ ତାକୁ ଏଡାଇବା ପାଇଁ ମନ୍ତ୍ରୀମାନେ ଲଙ୍ଗୁଳୀଭାଷାର ସାଏରୀ

ଗାଆନ୍ତି । ସେ ଦେଶର ଟେଲିଭିଜନରେ ବିଭିନ୍ନ ଆଞ୍ଚଳିକ ଗୀତ ଓ ନାଚକୁ ବିଶେଷ ପ୍ରାଧାନ୍ୟ ଦିଆଯାଏ । ସବୁ ନାଚର ଘେର ଭିତରେ, ଠିକ୍ ନାଭିରେ, ସେ ଦେଶର ଜାତୀୟପତାକା ଉଡେ । ୫ ରଙ୍ଗର ପଟିକୁ ଯୋଡା ହୋଇ ପତାକା । ତିନୋଟି ଠେଙ୍ଗାରେ ଟେକା ହୋଇ ରଖା ହୋଇଥାଏ । ନ୍ୟାୟଲାଣ୍ଡର ୫ଟି ପ୍ରଦେଶକୁ ୫ଟି ରଙ୍ଗ ଓ ୩ଟି ଧର୍ମକୁ ୩ଟି ଠେଙ୍ଗା । ପ୍ରତୀକଧର୍ମୀ ପତାକା ପରା ।

ସେ ଦେଶର ଐତିହ୍ୟ ହେଉଛି ମଧୁକର ପାଣି, ସୋମଶଙ୍କର, ପାଦପ ଜୋଜଲେକର ଓ ଲତାମେକ୍‌ପ । ଏମାନଙ୍କର ଲଳିତ କଣ୍ଠ ଟେଲିଭିଜନ ଜରିଆରେ ଦେଖାଇ ଦିଆଯାଏ । ବିଭିନ୍ନ ବ୍ୟବସାୟିକ ବିଜ୍ଞାପନ ଭିତରେ । ସେ ଦେଶର ପ୍ରଧାନମନ୍ତ୍ରୀ ବିଦେଶକୁ ଗଲେ ସେ ସମ୍ପର୍କରେ ଖୁବ୍ ବେଶି ପ୍ରଚାର କରାଯାଏ । ସେ ଯେଉଁ ଦେଶକୁ ଯାଆନ୍ତି ସେ ଦେଶର ଖବର କାଗଜରେ ଓ ସେ ଦେଶର ଟେଲିଭିଜନରେ କିଛି ବାହାରୁ ନ ବାହାରୁ ନ୍ୟାୟଲାଣ୍ଡର ଗଣମାଧ୍ୟମରେ ଏତେ ଜୋରରେ ପ୍ରଚାର ହୁଏ ଯେ ନ୍ୟାୟଲାଣ୍ଡର ଲୋକେ ଭାବନ୍ତି ସତେ ଯେପରି ତାଙ୍କର ପ୍ରଧାନମନ୍ତ୍ରୀ ଜଣେ ବିଶ୍ୱ ଆଦୃତ ମହାହସ୍ତୀ ଏବଂ ତାଙ୍କ ଦେଶ ଗୋଟିଏ ସୁପର ପାୱାର ।

ବର୍ଷକ ତଳେ ଗୋଟିଏ ଅଦ୍ଭୁତ ଘଟଣା ନ୍ୟାୟଲାଣ୍ଡରେ ଘଟିଲା । ଘଟଣାଟି ଯେତେ ଅପରାଧମୂଳକ ହେଉନା କାହିଁକି, ଏବଂ ଅପରାଧର ଗୁରୁତ୍ୱ ଦୃଷ୍ଟିରୁ ଯେତେ କଡାଦଣ୍ଡ ଦରକାର ହେଉ ନା କାହିଁକି ସେ ସବୁ ନ୍ୟାୟଲାଣ୍ଡର ସରକାର ଆସ୍ତେ ଆସ୍ତେ ପାସୋରି ଗଲେଣି । ବରଂ ଓଲଟା ଘଟିଛି, ଅପରାଧକୁ ଦେଶର ଗୌରବ କୁହାଯାଉଛି ।

ଆପଣ ପଚାରିବେ, ଏହା କିପରି ସମ୍ଭବ ହେଲା ?

ଆପଣମାନଙ୍କ ଅବଗତି ନିମନ୍ତେ କାହାଣୀଟିକୁ ଦୋହରାଉଛି ।

ନ୍ୟାୟଲାଣ୍ଡର ୫ଟି ପ୍ରଦେଶ ଭିତରୁ ଗଣ୍ଡାର ପ୍ରଦେଶ ସମୃଦ୍ଧିଶାଳୀ । ସେ ପ୍ରଦେଶର ମୁଖ୍ୟ ସହର ଅମୃତ । ହଠାତ୍ ଦିନେ ସେ ସହରର ଜନଗହଳି ଅଞ୍ଚଳରେ ଓ ବାଣିଜ୍ୟକେନ୍ଦ୍ରରେ ଲାଗ୍ ଲାଗ୍ ୧୩ ଥର

ବୋମା ଫୁଟିଲା । ପୃଥିବୀର ଚାରିଆଡେ ଅର୍ଥନୈତିକ ଉଦାରୀକରଣ ହେଉଥିବାରୁ ତାର ହାୱା ନ୍ୟାୟଲାଣ୍ଡରେ ବାଜିଛି । ସେ ଉଦାରୀକରଣର ଚିହ୍ନରୂପେ ଗଢି ଉଠିଥିବା ଆକାଶଚୁମ୍ବୀ ଅଟ୍ଟାଳିକାଟି ଏହି ବିସ୍ଫୋରଣରେ ଭୁଷୁଡି ପଡିଲା । ନ୍ୟାୟଲାଣ୍ଡର 'ଅମୃତ ନଗର' ର ବାଣିଜ୍ୟମାର୍ଗର ସର୍ବୋଚ୍ଚ ଅଟ୍ଟାଳିକା । ତା ମଧ୍ୟ ସନ୍ତ୍ରାସବାଦୀର ବୋମାରୁ ନିବର୍ତ୍ତିଲା ନାହିଁ ।

ସାଙ୍ଗେସାଙ୍ଗେ ନ୍ୟାୟଲାଣ୍ଡର କେନ୍ଦ୍ରୀୟ ସରକାରଙ୍କ ତଦନ୍ତ ସଂସ୍ଥା ଚାରିଆଡେ ଖେଳିଗଲା । ଦେଶର ସୀମା ସବୁ ନିବୁଜ କରିଦିଆଗଲା । କିନ୍ତୁ କେତେବେଳେ ସନ୍ତ୍ରାସବାଦୀମାନେ ଓ ସେମାନଙ୍କ ନେତା ଦେଶରୁ ବାହାରି ଚାଲିଗଲେ କେହି ଜାଣିପାରିଲେ ନାହିଁ । ଅବଶ୍ୟ ପରେ ଜଣାଗଲା ଯେ ଅବଧୂତ ଦଳର ବଡ ବଡ ନେତାଙ୍କ ଛତ୍ରଛାୟାତଳେ ସେମାନେ ଖୋଦ ଅମୃତ ନଗରରୁ ବିମାନଯାତ୍ରାରେ ମୋମ୍ବାକ୍ ଦେଶକୁ ଚାଲିଗଲେ । ଆଉ ଯାହାକିଛି ନ କରିପାରୁ ପଛେ, ନ୍ୟାୟଲାଣ୍ଡର ତଦନ୍ତ ସଂସ୍ଥା ପ୍ରମାଣ ଯୋଗାଡ କଲା ଯେ ଏକ ନୂତନ ଧରଣର ପ୍ଲାଷ୍ଟିକ ବିସ୍ଫୋରକ ବ୍ୟବହାର କରାଯାଇଛି । ସେକାଳରେ ଏହାର ନାମ ଥିଲା ଆରଡିଏକ୍ସ । ୧୩ ଜାଗାରେ ବୋମା ମାଡ ଫଳରେ ୭୫୨ ଲୋକ ପ୍ରାଣ ହରାଇଛନ୍ତି ଓ ତାହାର ଦଶବାର ଗୁଣ ଆହତ ହୋଇଛନ୍ତି ।

କିଛିଦିନ ଧରି ଦେଶସାରା ଏହି ବିସ୍ଫୋରଣର ପ୍ରତିକ୍ରିୟା ଦେଖାଦେଲା । ଲଙ୍ଗୁଳୀଧର୍ମର ଲୋକଙ୍କର ଏହା କାମ ବୋଲି ଚାରିଆଡେ ପ୍ରଚାର ହୋଇଯିବାରୁ ଅବଧୂତ ଧର୍ମର ଲୋକମାନେ ବହୁତ ଜଳାପୋଡା ଆରମ୍ଭ କରିଦେଲେ । ପ୍ରତ୍ୟୁତ୍ତରରେ ଲଙ୍ଗୁଳୀମାନେ ଆହୁରି ବୋମା ବିସ୍ଫୋରଣ ଘଟାଇଲେ । ଏ ପ୍ରକାର ସାମ୍ପ୍ରଦାୟିକ ଦଙ୍ଗା ରୋକିବା ପାଇଁ ବହୁତ ସୈନ୍ୟବାହିନୀ ମୁତୟନ କରିବାକୁ ପଡିଲା ।

ଚାରିଆଡେ ଖୋଜା ଚାଲିଲା କେଉଁଠି ବିସ୍ଫୋରଣ ଘଟାଉଥିବା ଗୋଷ୍ଠୀର ନେତା ଲୁଚିଛି । ଲଙ୍ଗୁଳୀଧର୍ମାବଲମ୍ବୀ କେଉଁ କେଉଁ ଦେଶ ବାଟେ ପଳାଇଯାଇଛି ତାର ସୁରାକ ମିଳିଲା । ତାପରେ ସେ ସଦଳବଳେ ମୋମ୍ବାକ ରାଷ୍ଟ୍ରରେ ଆଶ୍ରୟ ନେଲା । କୁହାଟିଆ ରାଷ୍ଟ୍ର ସହିତ ନ୍ୟାୟଲାଣ୍ଡ

ସରକାରର କିଛିଟା ଉତ୍ତମ ସମ୍ପର୍କ ଥିବାରୁ ସେଠାରେ ବୋମା ବିସ୍ଫୋରଣକାରୀ ସଂଗଠନର ନେତା ବେଶିଦିନ ରହି ପାରିଲା ନାହିଁ ।

ଆସ୍ତେ ଆସ୍ତେ ଲୋକେ ସବିଶେଷ ବିବରଣୀ ଜାଣିଲେ । ବିସ୍ଫୋରଣକାରୀ, ସନ୍ତ୍ରାସବାଦୀ, ଦେଶଦ୍ରୋହୀମାନଙ୍କର ନେତା ବଗ୍ମନ ଲଙ୍ଗୁଳୀ । ତାହାର ସହଯୋଗୀ ହେଲେ ନିଜର ଭାଇମାନେ । ଭାଇମାନଙ୍କ ଭିତରେ ଆଉ ଜଣେ ଜଣାଶୁଣା ଥିଲା । ନରିମନ୍ ଲଙ୍ଗୁଳୀ ।

ଏମିତି ଖୋଜାଖୋଜି ଓ ତଦନ୍ତ ଭିତରେ ବେଶ୍ କିଛିଦିନ କଟିଗଲା । ଅବଧୂତ ଦଳର ସରକାର ଆଉ ଏକ ନିର୍ବାଚନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହେଲେ । ନିର୍ବାଚନ ସମୟ ପାଖେଇ ଆସିବାରୁ ସରକାରୀ ଓ ବିରୋଧି ଦଳ ମଧ୍ୟରେ ବାକ୍ୟବାଣ ଚାଲିଲା । ଛୋଟବଡ ଯାବତୀୟ ବିଷୟରେ ଦୋଷାଦୋଷ ଆରୋପ କରିବା ବଢିଗଲା । ତେଣୁ ଦିନେ ଅମୃତ ନଗରରେ ବିସ୍ଫୋରଣ କଥା ଉଠିବ ଓ ଦଳର ମର୍ଯ୍ୟାଦାହାନି ହେବ, ଏକଥା ନ୍ୟାୟଲାଣ୍ଡର ସରକାର ଜାଣିଥିଲେ ।

ହଠାତ୍ ଥରେ ନ୍ୟାୟଲାଣ୍ଡର କେନ୍ଦ୍ର ସରକାରଙ୍କ ତଦନ୍ତ ସଂସ୍ଥା ଦେଶର ଆଭ୍ୟନ୍ତରରେ ଥିବା ଏକ ମୁଖ୍ୟ ନଗରରୁ ନରିମନ୍‌କୁ ଗିରଫ୍ କଲେ । ଗିରଫ୍ ହେବାଟା ଭୋରୁ ଭୋରୁ ଘଟିଲା । ଗିରଫ କରିବା ପାଇଁ ମାହେନ୍ଦ୍ର ଯୋଗ ନଥାଏ ସତ, କିନ୍ତୁ ସ୍ଥାନ ଥାଏ । ଏ ଗିରଫ କରିବାର ସ୍ଥାନ ହେଲା ରାଜଧାନୀର ରେଲ୍‌ଷ୍ଟେସନ । ରେଲ୍‌ଷ୍ଟେସନଟା ବଡ ଖୋଲା ଜାଗା । ପୁଣି ଯେଉଁ ଦେଶଦ୍ରୋହୀ ସନ୍ତ୍ରାସବାଦୀ ନେତାମାନେ ବିଦେଶରେ ଅଛନ୍ତି ବୋଲି ବାରମ୍ବାର କୁହାଯାଉଥିଲା- ସେମାନଙ୍କ ଭିତରୁ ଜଣେ ଆସି ବିତ୍‌ଷ୍ଟେସନରେ ଧରାହେବ ଏକଥା ଲୋକେ ସନ୍ଦେହ କରିପାରନ୍ତି । ତେଣୁ ଭୋର୍ ସମୟକୁ ମାହେନ୍ଦ୍ରଯୋଗ ଧରାଗଲା । ରାତାରାତ୍ ଗୋଟିଏ ବଡ ମାଛ ଧରାହୋଇଛି, ଏକଥା ଚାରିଆଡେ ନ୍ୟାୟଲାଣ୍ଡର ରେଡିଓ ଓ ଟେଲିଭିଜନରେ ପ୍ରଚାର କରାଗଲା ।

ଲୋକେ ଭାବିଲେ, ଏଥରକ ସବୁ ସମାଧାନ ହୋଇଗଲା । ଆଉ ବିସ୍ଫୋରଣ ଘଟିବ ନାହିଁ; ଲଙ୍ଗୁଳୀଧର୍ମର ସମସ୍ତେ ବିସ୍ଫୋରଣପାଇଁ ଦାୟୀ ନୁହଁନ୍ତି । କେବଳ ବଗ୍ମନ ଲଙ୍ଗୁଳୀର ପରିବାର ଦାୟୀ ।

ରୁଷିଆ ଓ ଆମେରିକା ମଧ୍ୟରେ ଥିବା ଝଗଡା ସରିଯାଇଛି ଓ ରୁଷିଆ ଦୁର୍ବଳ ହୋଇପଡିଛି । ତେଣୁ ଆନ୍ତର୍ଜାତୀୟ ସ୍ତରରେ ଆମେରିକା ଯାହା କହିବ ତାହା ମାନିବା ଅତି ଜରୁରୀ ହୋଇପଡିଛି ।

ଆମେରିକା ଯେଭଳି ମୋମ୍ବାକ୍ ରଷ୍ଟ୍ରକୁ ସନ୍ତ୍ରାସବାଦୀ ରାଜ୍ୟ ଘୋଷଣା କରେ ସେ ଦିଗରେ ନ୍ୟାୟଲାଣ୍ଡ ସରକାର ଖୁବ୍ ଲାଗି ପଡିଲେ । ନରିମନ୍ ଲଙ୍ଗୁଳୀର ସାକ୍ଷ୍ୟ ପ୍ରମାଣ ଏଥିଲାଗି ବଡ ଅମୂଲ୍ୟ ହୋଇପଡିଲା । ସେ ହେଲା ସରକାରଙ୍କ ରାଜସାକ୍ଷୀ ବା ''ଆପ୍ରୁଭର'' । ୭୫୨ ଲୋକ ମଲେ କେତେ, ତାହାର ଦଶଗୁଣ ଲୋକ ଆହତ ହୋଇ କଷ୍ଟ ପାଇଲେ କେତେ, ଏସବୁ ଚିନ୍ତା ନକରି ପୃଥିବୀର ରାଷ୍ଟ୍ରମାନେ କିଭଳି ମୋମ୍ବାକ ବିରୁଦ୍ଧରେ ଯାଆନ୍ତୁ ଏ ହେଲା ନ୍ୟାୟଲାଣ୍ଡର ସରକାରଙ୍କ ଉଦ୍ଦେଶ୍ୟ । ଦେଶରେ ବିସ୍ଫୋରଣ ଘଟାଇଥିବା ଓ ବହୁ ନରନାରୀଙ୍କୁ ହତ୍ୟା କରିଥିବା ଆସାମୀ ଖସିଯାଉ, ଦେଶର ଭାବମୂର୍ତ୍ତି ତ ବଢ଼ିବ ।

''ଦେଖ, ଏଠି ଜଣେ ଲଙ୍ଗୁଳୀ ଯିଏ କି ଆନ୍ତର୍ଜାତୀୟ ସ୍ତରରେ ଥିବା ସବୁ ଲଙ୍ଗୁଳୀକୁ ସାବଧାନ କରିଦେଉଛି ଯେ ନ୍ୟାୟଲାଣ୍ଡରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଥିବା ଦେଶର ତୁମେ ହାତବାରିସି ହୁଅନାହିଁ । ଦୋଷ କରିଛି ସତ, ବର୍ତ୍ତମାନ ଅନୁତପ୍ତ ହୋଇ ସେ ନିଜ ରାଜ୍ୟକୁ ଫେରିଆସିଛି । ପୁଅଟା ଜଙ୍ଘରେ ଝାଡା କରିଥିଲେ ବି ପୁଅ ତ । ପୁଣି ଅନୁତାପ କଲାଣି ଯେ ! ଏବେ ସେ ନ୍ୟାୟଲାଣ୍ଡର ଜାତୀୟ ସଂହତିର ପ୍ରତୀକ ଏବଂ ଏକମାତ୍ର ନ୍ୟାୟଲାଣ୍ଡୀୟ ଯିଏ ପ୍ରକୃତରେ ଦେଶଭକ୍ତ । ତା ପରିବାରରେ କେବଳ ବନ୍ଧନଟା ବଦମାସ୍ । ସେ ଏବେ ମୋମ୍ବାକ୍ ରାଷ୍ଟ୍ରରେ ଲୁଚି ରହିଛି । ନରିମନ୍ ଲଙ୍ଗୁଳୀ ନିରୀହ ।'' ଏ ହେଲା ନ୍ୟାୟଲାଣ୍ଡ ଟେଲିଭିଜନରେ ପ୍ରଚାରିତ ବିଭିନ୍ନ ସମୟର ସମ୍ବାଦ ବିଚିତ୍ରାର ସାରାଂଶ ।

ଅବଶ୍ୟ ନ୍ୟାୟଲାଣ୍ଡର କେତେକ ଲୋକ ବିଭିନ୍ନ ଖବର କାଗଜରେ ଲେଖିଲେ ଯେ, ଅମୃତ ନଗରର ବିସ୍ଫୋରଣ ପୂର୍ବରୁ ନରିମନ୍ ଓ ବନ୍ଧନ ଲଙ୍ଗୁଳୀ ରାଜପ୍ରାସାଦ ଭଳି ଯେଉଁସବୁ ଅଟ୍ଟାଳିକା ତିଆରି

କରାଇଥିଲେ ଓ ଅର୍ବୁଦପତି ହୋଇଥିଲେ, ସେହି ସବୁ ଧନକୁ ଫେରି ପାଇବା ପାଇଁ ନରିମନ୍ ଏଭଳି ନାଟକ କରିଛି । ସେ ବିସ୍ଫୋରଣ କରିଥାଉ କି ନଥାଉ, ସେ ତ ପୁଣି ଦେଶ ତ୍ୟାଗ କରିଥିଲା ? ଲୋକଙ୍କ ମୁହଁରେ ଏମିତି କେତେ ପ୍ରଶ୍ନ । ସମ୍ବାଦପତ୍ର ସ୍ତମ୍ଭରେ ଓ ମୁଖ୍ୟଲେଖାରେ ଏସବୁ ଉତ୍‌ଥାପନ କରାଗଲା ।

ନ୍ୟାୟଲାଣ୍ଡର ସରକାର ସବୁବେଳେ ପ୍ରଚାର କରିଚାଲିଲେ ଯେ ଯେଉଁ ଦେଶ ବନ୍ଧନ ଓ ନରିମନ୍ ଲଙ୍ଗୁଳୀଙ୍କୁ ଏତେଦିନଯାଏ ଛାୟାତଳେ ରଖିଥିଲା ସେହି ଦେଶର ଭିତିରି କଥା ଏ ନରିମନ୍ କହୁଛି । ଏଭଳି ମାନବ ମୁହଁରୁ ମିଳୁଥିବା ସାକ୍ଷ୍ୟପ୍ରମାଣ ନିଶ୍ଚୟ ମୋମ୍ବାକ ରାଷ୍ଟ୍ରର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଦେବ । ବହୁତ କ୍ଷୁର୍ଣ୍ଣ କରିଦେବ । ମୋମ୍ବାକ୍ ରାଷ୍ଟ୍ରରୁ ଆର୍‌ଡିଏକ୍ସ ବିସ୍ଫୋରକ ତିଆରି ହୋଇ ଗଣ୍ଡାର ରାଜ୍ୟକୁ ଆସିଛି, ଏବଂ ଅମୃତ ନଗରରେ ଗୋଟିଏ ଅଧେ ନୁହେଁ ତେର ତେରଟି ବିସ୍ଫୋରଣ ଘଟିଛି, ଏହା ପଛରେ ମୋମ୍ବାକ ସରକାରଙ୍କ ହାତ ଅଛି, ପ୍ରମାଣ କରିବାଲାଗି ଏ ଲୋକ ମୁହଁରୁ ଜୀବନ୍ତ କାହାଣୀ ଶୁଣିବା ଭଲ ନୁହେଁ କି ? ତାକୁ କାହିଁକି ଫାଶୀ ଖୁଣ୍ଟରେ ଠେଲିବା କହିଲ ? ଏ ହେଲା ଅବଧୂତ ସରକାରଙ୍କ ଚିନ୍ତାର ସ୍ରୋତ ।

ଅବଧୂତ ସରକାରଙ୍କ ବିରୋଧି ଦଳ ଚାରିଆଡେ କହିହେଲେ ଯେ ସରକାର ନରିମନ୍ ଲଙ୍ଗୁଳୀର ମୁହଁରେ ଏସବୁ କୁହାଇଛନ୍ତି । ସେ ନିଜେ କହୁନାହିଁ ! ଏସବୁ ଗୋଟିଏ ଫାର୍ସ । ସେମାନେ କହିଲେ ଯଦି ନରିମନ୍ ଲଙ୍ଗୁଳୀର ବହିର୍ଦ୍ଦେଶ ଯାତ୍ରାକୁ ଓ ସେଠାରେ ଥିବାବେଳର ବର୍ଣ୍ଣନା କରିଥିବା ଘଟଣାବଳୀକୁ ବିଶ୍ୱାସ କରାଯାଏ ତେବେ ନ୍ୟାୟଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଓ ଗଣ୍ଡାର ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କୁ ତାର ଭାଇ ବନ୍ଧନ ଦୁଇବର୍ଷ ତଳେ କୋଟିଏ ଟଙ୍କାର ଥଳି ଦେଇଥିଲେ ବୋଲି ଆଗରୁ କହିଥିବା ସମ୍ବାଦଟି କାହିଁକି ମିଛ ହେବ ?

ନ୍ୟାୟଲାଣ୍ଡ ସରକାରଙ୍କ ଦ୍ୱାରା ପ୍ରଚାରିତ ଭିଡିଓ ପତ୍ରିକାରେ ନରିମନ୍ ଲଙ୍ଗୁଳୀର 'ଇଣ୍ଟରଭିଉ' ପ୍ରକାଶ ପାଇଲା । ସେ ଦେଶଦ୍ରୋହୀ ନୁହେଁ କିମ୍ବା ଦେଶଦ୍ରୋହ କରିଥିବା ଭାଇର ସମ୍ମାନ ରକ୍ଷା କରିବାପାଇଁ

ଆସିନାହିଁ । ନରିମନ୍ ଓ ତାର ପରିବାର ନ୍ୟାୟଲାଣ୍ଡ ଛାଡି ଚାଲିଯିବାକୁ ଚାହୁଁ ନଥିଲେ, କିନ୍ତୁ ତାର ବଦମାସ୍ ଭାଇ ବମ୍ମନ୍ ବିସ୍ଫୋରଣ ପୂର୍ବଦିନ ଅମୃତ ନଗର ଛାଡି ତୃତୀୟ ରାଷ୍ଟ୍ରକୁ ଯିବା ପାଇଁ ସେମାନଙ୍କୁ ବାଧ୍ୟ କଲା । ତାପରେ ସେମାନେ ଆସିଲେ ଲଙ୍ଗୁଳୀ ଧର୍ମର ବିଭିନ୍ନ ରାଷ୍ଟ୍ର ବାଟ ଦେଇ ଶେଷରେ ମୋମ୍ବାକ୍ ରାଷ୍ଟ୍ରକୁ । ମୋମ୍ବାକ୍ ସରକାର ସେମାନଙ୍କୁ ନିଜର ନାଗରିକ କରି ନେଲା । ନରିମନ୍ ଏସବୁ କାଗଜ ଦେଖାଉଛି । ଅମୃତ ନଗରରେ ତାଙ୍କର ଯେଭଳି କୋଠାବାଡି ଥିଲା, ମୋମ୍ବାକ୍ ରାଷ୍ଟ୍ରର ରାଜଧାନୀରେ ମଧ୍ୟ ସେହିଭଳି ରାଜପ୍ରାସାଦ ସଦୃଶ ଅଟ୍ଟାଳିକା ସେମାନଙ୍କୁ ଯୋଗାଇ ଦିଆଯାଇଥିଲା । ଏତେ ସୌଖୀନ୍ ଜୀବନଯାପନ କରିବାର ବନ୍ଦୋବସ୍ତ କରିଦେଲେ ଯେ ସେମାନଙ୍କୁ ନ୍ୟାୟଲାଣ୍ଡର ଅଧିବାସୀ ବୋଲି କେହି କହିଲେ ନାହିଁ ।

ନରିମନ୍ ବିସ୍ଫୋରଣ ଘଟିବାର ଦଶଦିନ ପରେ ଏସବୁ କଥା ଜାଣିପାରିଲା । ସେହିଦିନୁ ସେ ଅନୁତପ୍ତ । ମୋମ୍ବାକ୍ ରାଷ୍ଟ୍ରରେ ସେ ଦେଖିଲା, ତା ଭାଇ ଗୋଟିଏ ଗୋଟିଏ ଚୋର, ତସ୍କର, ସନ୍ତ୍ରାସବାଦୀ ଓ ଠକ ଦଳର ନେତା ହୋଇଛି । ମୋମ୍ବାକ୍ ସରକାରଙ୍କ ଗୋଇନ୍ଦା ବିଭାଗର ହାତବାରିସି ହୋଇପଡିଛି ।

ନ୍ୟାୟଲାଣ୍ଡର ଭିଡିଓ ପତ୍ରିକା ଏ ସବୁ ପ୍ରକାଶ କଲା । ନରିମନ୍ ମୂଳତଃ ଜଣେ କ୍ଷିପ୍ରଗଣକ । କମ୍ପାନୀ ଚାକିରିଆ । ନ୍ୟାୟଲାଣ୍ଡୀୟ । ଏତେ ଖରାପ ଲୋକ ହୋଇ ନ ପାରେ ।

ସତ କଥା କହିବା ପାଇଁ ନରିମନ୍ ଲଙ୍ଗୁଳୀ ନିଜ ଦେଶକୁ ଫେରିଛି । ଫେରିଥିବାରୁ ସେ ବର୍ତ୍ତମାନ ନିଜକୁ ଗର୍ବିତ ମନେ କରୁଛି । ଫେରି ସେ ସମସ୍ତଙ୍କ ମୁଖା ଖୋଲିଦେଉଛି । ପ୍ରଥମ ହେଲା ତା ଭାଇର ମୁଖା । ଅବଶ୍ୟ ଖଳଲୋକ କହିଲେ, ଏମିତି ମୁଖା ନ ଖୋଲିଲେ ତା ଭାଇର ଓ ତା ପରିବାରର ଯାହା ସମ୍ପତ୍ତି ନ୍ୟାୟଲାଣ୍ଡରେ ଅଛି ତାକୁ ଫେରି ପାଇବା ପାଇଁ ଆଉ କି ଚାରା ଅଛି ? ତାପରେ ସେ ମୁଖା ଖୋଲିଲା ମୋମ୍ବାକ୍ ଦେଶର ଗୋଇନ୍ଦା କାରବାରର । ଅମୃତ ନଗରର ସବୁ ବିସ୍ଫୋରଣ ପଛରେ ମୋମ୍ବାକ୍ ସରକାରଙ୍କ ହାତ ଥିବା ସେ ପ୍ରମାଣ କଲା । ପଡୋଶୀ ମୋମ୍ବାକ୍

ରାଷ୍ଟ୍ରକୁ ବିଶ୍ୱ ଦରବାରରେ ବଦନାମ କରିବା ଏବଂ ନିଜ ଦେଶ ଭିତରେ ଲଙ୍ଗୁଳୀ ଓ ଅବଧୂତ ଭିତରେ ଥିବା ସାମ୍ପ୍ରଦାୟିକ ତିକ୍ତତାକୁ ହ୍ରାସ କରିବା - ଏ ଦୁଇଟି କାମ ନରିମନ୍‌ର ବୟାନ ହାସଲ କରିପାରିଛି ।

ମୋମ୍ବାକ୍ ରାଷ୍ଟ୍ର ଏକ ଉତ୍ତେଜକ ବା ଆବେଟର୍ ଭଳି କାମ କରୁଛି ଏବଂ ବିସ୍ଫୋରଣ ଘଟାଇ ଥିବା ପ୍ରକୃତ ଦାଦାମାନେ ଏବେ ବି ନ୍ୟାୟଲାଣ୍ଡ ବାହାରେ ଅଛନ୍ତି, ଅଧିକନ୍ତୁ ଏହି ଦାଦାମାନଙ୍କର ଅର୍ଥ ଓ ମାଂସପେଶୀୟ ଶକ୍ତିଦ୍ୱାରା ନ୍ୟାୟଲାଣ୍ଡ ଦେଶର ତଥା ଗଣ୍ଡାର ପ୍ରଦେଶର ନେତାମାନେ ଶାସନ ଚଳାଇଛନ୍ତି - ଏସବୁ କଥା ଲୋକଙ୍କ ଦୃଷ୍ଟିରୁ ଲିଭାଇ ଦେବା ପାଇଁ ନ୍ୟାୟଲାଣ୍ଡ ସରକାରଙ୍କ ହାତରେ ନରିମନ୍ ଲଙ୍ଗୁଳୀ ଏକ ହାତବାରିସି ହୋଇପଡିଲା । ଲୋକେ ଭୁଲିଗଲେ ଯେ ରାଜନୈତିକ ନେତାମାନଙ୍କ ଛତ୍ରତଳେ ଓ ନେତାମାନଙ୍କ ସୁରକ୍ଷା ଯୋଗୁ ହିଁ ଦେଶଦ୍ରୋହୀ ଦାଦାମାନେ ବେଶି ମାତିଛନ୍ତି ।

ନରିମନ୍ ଲଙ୍ଗୁଳୀ ଯାହା କହିଲା ତାହା ଅନୁଯାୟୀ ପ୍ରଚାର କରିଥିବା ଯୋଗୁ ଲୋକେ ଯେତେ ଆଶ୍ୱସ୍ତ ହେଲେ, ତାଠାରୁ ବେଶି ଆଶ୍ୱସ୍ତ ହୋଇଥାନ୍ତେ ବମ୍ମନ ଓ ତା ଭାଇମାନେ ଧରାହୋଇ ବିଚାରାଳୟକୁ ଅଣା ଯାଇଥିଲେ । ଏକଥା ଯେଉଁମାନେ କହିହେଲେ, ସେମାନେ ଜୋରଦେଇ କହୁଥିଲେ ଯେ ବମ୍ମନ ଯେତେବେଳେ ତା ଧର୍ମଶାସ୍ତ୍ର ଉପରେ ହାତ ଥୋଇ ଶପଥ ନେଇଥିଲା ଯେ ନ୍ୟାୟଲାଣ୍ଡ ସରକାରଙ୍କ ଲଙ୍ଗୁଳୀ ବିରୋଧି କାର୍ଯ୍ୟକଳାପର ସେ ପ୍ରତିଶୋଧ ନେବ, ସେତେବେଳେ ନରିମନ୍ ଲଙ୍ଗୁଳୀ ତ ସେଠାରେ ଉପସ୍ଥିତ ଥିଲା । ତୁହିଁଙ୍କୁ କେବଳ ତାଙ୍କ ଧର୍ମର ଲୋକେ କାହିଁକି, ଅବଧୂତବାଲାଏ ମଧ୍ୟ ଖୁବ୍ ଧାର୍ମିକ ବୋଲି ଗ୍ରହଣ କରି ନେଇଥିଲେ । କିନ୍ତୁ ଧର୍ମ ଓ ଅପରାଧ ଦୁଇଟିଯାକ ମିଶିଗଲେ ଯେ ବଡ ମାରାତ୍ମକ ହୁଏ, ତା ଏଭଳି ଦାଦାମାନଙ୍କଠାରୁ ପାଉଥିବା ପଇସାରେ ରାଜନୀତି କରୁଥିବା ଓ ଭରଣପୋଷଣ ହେଉଥିବା ନେତାମାନେ ବୁଝୁନାହାନ୍ତି । ବୁଝିବାକୁ ବି ଚାହାଁନ୍ତି ନାହିଁ । ଯଦି ମୋମ୍ବାକ୍‌ର ସରକାର ନ୍ୟାୟଲାଣ୍ଡକୁ ସନ୍ତ୍ରାସବାଦୀମାନଙ୍କ ଦ୍ୱାରା, ନିଶାଦ୍ରବ୍ୟ ଚୋରା କାରବାର କରୁଥିବା ଲୋକଙ୍କଦ୍ୱାରା, ଏବଂ ମାରାତ୍ମକ ଅସ୍ତ୍ରଶସ୍ତ୍ର

ଆମଦାନୀ କରୁଥିବା ଲୋକଙ୍କଦ୍ୱାରା ଭୟଭୀତ କରିବାକୁ ଚାହୁଁଥାଏ ବୋଲି ନ୍ୟାୟଲାଣ୍ଡ ସରକାର କହେ, ତେବେ ନ୍ୟାୟଲାଣ୍ଡ ସରକାରଙ୍କୁ ପରିଚାଳିତ କରୁଥିବା ନେତାମାନେ ନିଜେ ରାଜନୈତିକ ଅପରାଧିମାନଙ୍କୁ ଅସ୍ତ୍ରରୂପେ ବ୍ୟବହାର କରୁଥିବା ଆରୋପର ସମ୍ମୁଖୀନ ହୁଅନ୍ତୁ, ବରୋଧିଦଳର ନେତାମାନେ ଏଭଳି ଯୁକ୍ତିର ବଳିଷ୍ଠ ଉପସ୍ଥାପନ କରିବାକୁ ଲାଗିଲେ ।

ଏହି କାରଣରୁ ଗଣମାଧ୍ୟମ ଜରିଆରେ ନ୍ୟାୟଲାଣ୍ଡ ସରକାର ଚାରିଆଡେ ପ୍ରଚାର ଚଳାଇଲେ ଯେ ନରିମନ୍ ଲଙ୍ଗୁଳୀ ଧରାହେବା ପରଠାରୁ ନ୍ୟାୟଲାଣ୍ଡର ରାଷ୍ଟ୍ରୀୟ ଭାବମୂର୍ତ୍ତି ଆନ୍ତର୍ଜାତୀୟ କ୍ଷେତ୍ରରେ ଖୁବ୍ ବଢିଯାଇଛି । ପଡୋଶୀ ରାଷ୍ଟ୍ର ମୋମ୍ବାକ୍ ଖୁବ୍ ଅପଦସ୍ତ ହେଉଛି । ଜାତୀୟ ସ୍ୱାର୍ଥ ରକ୍ଷା କରିବାଠାରୁ ଜାତୀୟ ଭାବମୂର୍ତ୍ତିକୁ ବଢାଇବା ବେଶି ଭଲ କାମ ନୁହେଁ କି ? ବିସ୍ଫୋରଣରେ ଗୁଡିଏ ମରିଗଲେ ଜନସଂଖ୍ୟା କମିବ, ଭଲ ହେବ, ଦ୍ୱିତୀୟତଃ ଦାଗୀ ଜେଲ ନ ଯାଇ ଆପ୍ରୁଭର ହେଲେ ଦେଶର ମର୍ଯ୍ୟାଦା ବଢିବ ।

ଏ ପ୍ରକାର ଯୁକ୍ତିକୁ ନ୍ୟାୟଲାଣ୍ଡର ଅବଧୂତ ଦଳର ସମସ୍ତେ ଏକାସ୍ୱରରେ ସମର୍ଥନ କରୁଛନ୍ତି । ତେଣୁ ନ୍ୟାୟଲାଣ୍ଡର ନାଗରିକମାନେ ଅମୃତ ନଗରରେ ଘଟିଥିବା ବିସ୍ଫୋରଣକୁ ଭୁଲିଯିବାକୁ ବାଧ୍ୟ । ଉଭୟ ନେତୃବୃନ୍ଦ ଓ ନରିମନ୍ ଲଙ୍ଗୁଳୀର ପରିବାର ବର୍ତ୍ତମାନ ଗୋଟିଏ ଉକ୍ତିରେ ବାନ୍ଧା ଯେ ମୋମ୍ବାକ୍ ରାଷ୍ଟ୍ର ହିଁ ନ୍ୟାୟଲାଣ୍ଡର ସମସ୍ତ ବିସ୍ଫୋରଣ ପାଇଁ ଦାୟୀ । ଲୋକ ଲୋକ ଭିତରେ, ସମ୍ପ୍ରଦାୟ ସମ୍ପ୍ରଦାୟ ଭିତରେ କୌଣସି ବୈରତା ନାହିଁ କି କୌଣସି ଅପରାଧ ଘଟିନାହିଁ । ଯାହାକିଛି ବିସ୍ଫୋରଣ ଘଟୁଛି ତା ଦୁଇଦେଶ ଭିତରେ ଥିବା ବୈରତାର ବିସ୍ଫୋରଣ । କିଛି ଲୋକ ମୃତାହତ ହେବା ଏହି ବୈରତାର ଏକ ସାମାନ୍ୟ ପ୍ରତିକ୍ରିୟା । ତାକୁ ଭୁଲିଯାଅ । ଫେରିଥିବା ସଚ୍ଚୋଟ୍ ନାଗରିକକୁ ସମ୍ବର୍ଦ୍ଧନା ଦିଅ ।

ନରିମନ୍ ହେଉଛି ଜାତୀୟସଂହତି ଓ ରାଷ୍ଟ୍ରପ୍ରେମର ପ୍ରତୀକ ।

# ସଚିବାଳୟକୁ ନୂଆ ଆସିଥିବା ଜଣେ ସଚିବର ମିନି କାହାଣୀ

ଭୁବନେଶ୍ୱର ସଚିବାଳୟରେ ଦୀର୍ଘଦିନ ଧରି ରହିବା, ପୁଣି ମୂଳରୁ ରହିବା କେତେଜଣଙ୍କ ଭାଗ୍ୟରେ ମିଳେ ? ଶ୍ୱଶୁର ଯାହାର ଜରାସନ୍ଧ ବୀର, ସଖା ଯା'ର ପୁଲକେଶୀ, ସେହିମାନଙ୍କର । ସ୍ୱୈଇନ ପ୍ରାଣକୃଷ୍ଣର ସେଭଳି ରିସ୍ତେଦାର କେହିନାହାଁନ୍ତି । ପୁଣି ନୀଚ ଜାତିରେ ଜନ୍ମ ହୋଇଥିବାରୁ କେହି ପୂର୍ବଜ ସରକାରୀ ପଦପଦବୀରେ ନାହାଁନ୍ତି; ଏବେ ଯେଉଁମାନେ ପଶିଛନ୍ତି, ସେମାନେ ଏତେ ତଳେ ଅଛନ୍ତି ଯେ ବରଂ ସେମାନେ ପ୍ରାଣକୃଷ୍ଣର ସାହାଯ୍ୟ ଲୋଡୁଛନ୍ତି । ପାଠ ପଢୁଥିଲାବେଳେ ଏପ୍ରକାରର ସାମାଜିକ ବିଡମ୍ବନା ଲକ୍ଷ୍ୟକରି ସେ ଆଫିଡେଭିଟ୍ କରି ନାଁଟାକୁ ଟିକେ ବଦଳେଇଦେଇଛି । ତାର ବି ତ ଜାତିପ୍ରୀତି ଅଛି, ତେଣୁ ସେ ପୂରାପୂରି ବଦଳେଇନାହିଁ, ସ୍ୱାଇଁଟାକୁ ଇଂରେଜୀ ଢଙ୍ଗରେ ସ୍ୱାଇନ୍ କରି ତାକୁ ବାଁକୁ ନେଇଯାଇଛି । ଉପାଧିରୁ ତ ଲୋକେ ଜାତି ଜାଣନ୍ତି । ପୁଣି ଡାହାଣପାଖରେ ଥିବା ଶବ୍ଦଟିକୁ ଜାତିସୂଚକ ଧରାଯାଏ । ସେଠି ଥିବ ଯେ ଲୋକେ ଜାତି ଅଣ୍ଡାଳିବେ !

କୋଉ ଭାଗ୍ୟରେ ଥିଲା କେଜାଣି ଏବେ ସେ ଭୁବନେଶ୍ୱର ଆସିଛି । ଓଡିଶାଯାକ ବୁଲି ବୁଲି, କିଛିବର୍ଷ ଦିଲ୍ଲୀରେ କଟାଇ ଆସିବାପରେ ଏଥର ତା ପୋଷ୍ଟିଙ୍ଗ୍ ସିଧାସଳଖ ସଚିବ ।

ଅଳ୍ପଦିନ ଭିତରେ ରାଜ୍ୟପାଳଙ୍କ ବଦଳି ଘଟିଲା । ସେ ନିମନ୍ତ୍ରଣ ପାଇଲା, ବିମାନ ଘାଟିରେ ବିଦାୟ ସମ୍ବର୍ଦ୍ଧନା ଜଣାଇବା ଲାଗି ସକାଳ ୯ଟାରେ । ଖୋଜି ବୁଲିଲା ପୋଷାକ । ନିମନ୍ତ୍ରଣରେ ଉଲ୍ଲେଖ ଅଛି ପୁରୁଷମାନେ ଯଥାସମ୍ଭବ ଏକପ୍ରକାରର ପୋଷାକ ପିନ୍ଧିବେ । ବେସାମରିକ ଅଧିକାରୀମାନେ କଳା ବା ଦୁଧସରିଆ ରଙ୍ଗର ଶେରୱାନୀ, ଧଳା ଚୁଡିଦାର ପାଇଜାମା ଓ କଳା

ଜୋତା ପିନ୍ଧିବେ । ବିକଳ୍ପ ବ୍ୟବସ୍ଥା ଭାବରେ କଳା ବା ଧଳା ବା ଦୁଧସରିଆ ରଙ୍ଗର ଚିପାଗଳା କୋଟ୍ ସହିତ କଳା ବା ଧଳା ଟ୍ରାଉଜର ଓ କଳା ଜୋତା ପିନ୍ଧିପାରିବେ । ପ୍ରାଣକୃଷ୍ଣ ବିମାନ ବନ୍ଦରରେ ପହଞ୍ଚି ଦେଖିଲା, ସହକର୍ମୀମାନେ ପ୍ରାୟ ସାଧାରଣ ଅଫିସ୍ ଯିବା ଡ୍ରେସ୍‌ରେ ଆସିଛନ୍ତି । ଉପର ଅଫିସରମାନେ ତ ବୁସ୍‌ସାର୍ଟ ପିନ୍ଧିଛନ୍ତି । ଗଳାବନ୍ଦ କରିବାର ସୁବିଧା ନାହିଁ । ଦେଖିଲା, ନିମନ୍ତ୍ରଣ ପଠାଇଥିବା ସଚିବଟି ନିଜ ନିର୍ଦ୍ଦେଶକୁ ମାନିଛି ।

ତା' ପରେ ଯେଉଁ ଅନୁଭୂତି ହେଲା ପ୍ରାଣକୃଷ୍ଣକୁ ଏତେ ବେଶି ଅଡୁଆ ଲାଗିଲା ନାହିଁ । ରାଜ୍ୟପାଳ ଗାର୍ଡ ଅଫ୍ ଅନର ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ ଉଠାଇବାକୁ ଛିଡା ହୋଇଗଲେ । ଦୂରଦର୍ଶନ ଓ ଅନ୍ୟମାନଙ୍କ ଫଟୋ ଉଠାପରେ ସେ ରାଜ୍ୟ ସରକାରଙ୍କ ବିମାନର ପାହାଚ ଚଢିଲେ । ଲୋକମାନଙ୍କ ଆଡକୁ ମୁହାଁଇ ଟେକା ହାତଟିକୁ ବେଶ୍ ହଲାଇଲେ । ଏହାହିଁ ହେଲା ବିଦାୟ ସମ୍ବର୍ଦ୍ଧନା : ରାଜ୍ୟପାଳଙ୍କର ସମବେତ ଜନତା ପ୍ରତି, ନିମନ୍ତ୍ରିତ ହୋଇଆସିଥିବା ଜନତାର ରାଜ୍ୟପାଳଙ୍କ ପ୍ରତି । ସ୍ୱତଃପ୍ରବୃତ୍ତ ହୋଇ କେହି ଯେ ଆସିନଥିଲେ, ତା ନୁହେଁ । ଶାସକ ଦଳର, ଯାହାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ରାଜ୍ୟପାଳ, ସେ ଦଳର ବେଶ୍ କେତୋଟି କ୍ଷୁଦ୍ର ଓ ମଧ୍ୟମ ଧରଣର ନେତା ଆସିଥିଲେ । ଅଧିକାଂଶ ପିଗି ରାଇଡର, ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ଗାଡିରେ ଗେଞ୍ଜିହୋଇ ବସି ଆସିଛନ୍ତି ।

ଯାହାହେଉ, ରାଜ୍ୟପାଳଙ୍କ ବିଦାୟ ସମ୍ବର୍ଦ୍ଧନାକୁ ନିମନ୍ତ୍ରଣ ପାଇବା ନିଜ ପଦବୀର ଏକ ସ୍ୱୀକୃତି । ସେଥିଲାଗି ଆତ୍ମସନ୍ତୋଷ ଲାଭ ନକରି ପ୍ରାଣକୃଷ୍ଣ ରହିପାରିଲା ନାହିଁ ।

ତା' ପରଦିନ ନୂଆ ରାଜ୍ୟପାଳ ଆସି ଶପଥ ନେବେ । ପୁଣି ନିମନ୍ତ୍ରଣ ମିଳିଲା । ଏଥର ରାଜଭବନରେ, ବିମାନ ବନ୍ଦରରେ ନୁହେଁ । ତେଣୁ ଆଉ ହତାଦର ହେବାଭଳି ଅବସ୍ଥା ଆସିବ ନାହିଁ ବୋଲି ପ୍ରାଣକୃଷ୍ଣ ମନେମନେ ଆଶ୍ୱସ୍ତ ହେଲା । ରବିବାର ହେଲେ ବି ଠିକ୍ ସମୟରେ ପହଞ୍ଚିବା ଲାଗି ପ୍ରାଣକୃଷ୍ଣ ୨୦ ମିନିଟ ଆଗରୁ ରାଜଭବନରେ ପହଞ୍ଚିଲା । ତଥାପି ଭିଡ ଜମିଗଲାଣି । ଏମାନଙ୍କର କଣ କିଛି କାମ ନାହିଁକି ? ଏତେ ଆଗରୁ ଆସି ଚୌକି ମାଡି ବସିଲେଣି । ନାମ ଅନୁଯାୟୀ ଆସନ ନାହିଁ, ପଦବୀ ଅନୁଯାୟୀ । କିଏ ତ ଚୌକି ନେଇଯାଉ ନାହିଁ !

ଜଣ କରିବାକୁ ହେବ, ପ୍ରାଣକୃଷ୍ଣ ନିମନ୍ତ୍ରଣ-ପତ୍ର ସାଙ୍ଗରେ ଆସିଥିବା ପ୍ରୋଗ୍ରାମ ପଢିଗଲା ।

ମୁଖ୍ୟ ବିଚାରପତି ଯେତେବେଳେ ସଂସଦୀୟ ବ୍ୟାପାର ବିଭାଗର ସଚିବଙ୍କ ଦ୍ୱାରା ତାଙ୍କ ଆସନକୁ ଅଣାହେବେ, ସେ ଭିତରେ ପଶିବାବେଳଠାରୁ ଚୌକିରେ ବସିବା ପର୍ଯ୍ୟନ୍ତ ଉପସ୍ଥିତ ଥିବା ସମସ୍ତେ ଠିଆହୋଇ ପଡିବେ ଏବଂ ସେ ଆସନ ଗ୍ରହଣ ନକଲାଯାଏ ସେମାନେ ଛିଡାହୋଇ ରହିଥିବେ । ଆଠ ମିନିଟ ଆଗରୁ ମୁଖ୍ୟ ବିଚାରପତି ଆସିଲେ । ଅନ୍ୟ ସମସ୍ତଙ୍କ ସହିତ ପ୍ରାଣକୃଷ୍ଣ ପ୍ରାୟ ମିନିଟିଏ କାଳ ଠିଆହେଲା । ଶପଥଗ୍ରହଣ ହଲ୍‌ଟା ଏୟାର କଣ୍ଡିସନ୍‌ଡ୍ ହୋଇଥାଏ ବୋଲି ୟୁନିଫର୍ମ ପୋଷାକ ନାଁରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭଳି ପୋଷାକ ପିନ୍ଧିଥିଲେ ବି ଖରାଦିନର ତାତିକୁ ବେଶ୍ ସମ୍ଭାଳି ହେଉଥିଲା ।

ତିନି ମିନିଟ ପରେ ନବନିଯୁକ୍ତ ରାଜ୍ୟପାଳ ଆସିଲେ । ପ୍ରୋଗ୍ରାମ ଅନୁଯାୟୀ ଆଗରେ ଏ.ଡି.ସି., ତା ପଛକୁ ରାଜ୍ୟପାଳଙ୍କ ସଚିବ, ତା ପଛକୁ ମୁଖ୍ୟଶାସନ ସଚିବ ଓ ଶେଷରେ ନବନିଯୁକ୍ତ ରାଜ୍ୟପାଳ । ଏ ଶୋଭାଯାତ୍ରା ଦିଶିଲାକ୍ଷଣି, ନବନିଯୁକ୍ତ ରାଜ୍ୟପାଳ ବସିବା ପର୍ଯ୍ୟନ୍ତ ଉପସ୍ଥିତଥିବା ସମସ୍ତେ ଠିଆ ହୋଇପଡିବେ ଏବଂ ସେ ଆସନ ଗ୍ରହଣ ନକଲାଯାଏ ସେମାନେ ଛିଡାହୋଇ ରହିଥିବେ । ତାହାହିଁ ହେଲା । ପ୍ରାଣକୃଷ୍ଣର ଏ ହେଲା ଦ୍ୱିତୀୟଥର ମିନିଟକରୁ ବେଶି ସମୟ ଛିଡା ହୋଇରହିବା ।

ଆଉ ୩ ମିନିଟ ପରେ ମୁଖ୍ୟ ଶାସନ ସଚିବ ନବନିଯୁକ୍ତ ରାଜ୍ୟପାଳଙ୍କ ଅନୁମତି ନେଇ ନିଯୁକ୍ତି ଆଦେଶ ପଢିଲେ, ନିଜ ଆସନକୁ ଫେରିଗଲେ । ଠିକ୍ ୯ଟା ବେଳକୁ ମୁଖ୍ୟ ବିଚାରପତି ନବନିଯୁକ୍ତ ରାଜ୍ୟପାଳଙ୍କ ସହ ଫୁସ୍ ଫୁସ୍ ହୋଇ ପଦବୀ-ଆନୁଗତ୍ୟ ଶପଥ ନେବାପାଇଁ ସମ୍ମତି ଚାହିଁଲେ । ସେ ଯେମିତି ଶପଥ ପଢାଇବାଲାଗି ଠିଆହେବେ ସମସ୍ତେ ଠିଆ ହୋଇପଡିବେ ଏବଂ ସେ ଆସନ ଗ୍ରହଣ ନକଲାଯାଏ ସେମାନେ ଛିଡାହୋଇ ରହିଥିବେ । ଇତି ମଧ୍ୟରେ ରାଜ୍ୟପାଳ ଦସ୍ତଖତ କରିବେ, ବାହାରୁ ୧୭ ତୋପ ଧ୍ୱନି ହେବ, ଇତ୍ୟାଦି ଇତ୍ୟାଦି । ଏଥରକ ଠିଆହେବା ଅସରନ୍ତି ଲାଗିଲା । ପ୍ରାୟ ୩ ମିନିଟ କାଳ । ଏହାପରେ ରାଜ୍ୟପାଳ ବସିଲାପରେ ହିଁ ପ୍ରାଣକୃଷ୍ଣ ବସିପାରିଲା । ଅବଶ୍ୟ ଅନ୍ୟମାନେ ବି ବସିଲେ ।

ତା'ପରେ ରାଜ୍ୟପାଳଙ୍କ ଅନୁମତି ମାଗି ମୁଖ୍ୟଶାସନ ସଚିବ ଶପଥ ଗ୍ରହଣ ଉତ୍ସବ ଶେଷକଲେ ବୋଲି ଘୋଷଣା କଲେ । ପ୍ରୋଗ୍ରାମରେ ଲେଖାଥିଲା ରାଜ୍ୟପାଳ ଯେଉଁ କ୍ରମରେ ଆସିଥିଲେ ସେହି କ୍ରମରେ ଫେରିଯିବେ । ପୋଲିସ ଡି.ଜି. ତାଙ୍କୁ ସାଲୁଟ୍ ନେବା ସ୍ଥାନକୁ ପାଛୋଟି ନେବେ । ରାଜ୍ୟପାଳଙ୍କ ଠିଆହେବାଠାରୁ ଶୋଭାଯାତ୍ରା ହଲରୁ ବାହାରି ନଗଲାଯାଏ ସମସ୍ତେ ଠିଆହୋଇ ରହିବେ ।

ପୁଣି ସେ ଭଲକରି ପଢ଼ିଲା । ମୁଖ୍ୟ ବିଚାରପତି ଶେଷରେ ଯିବେ, ସେ ନଗଲାଯାଏ ସମସ୍ତେ ଠିଆ ହୋଇରହିବେ ।

ହଲରୁ ଅତିବିଶିଷ୍ଟ ବ୍ୟକ୍ତିମାନେ ବାହାରିଗଲେ । ପ୍ରାଣକୃଷ୍ଣ ଭାବିଲା ଏଥର ନିମନ୍ତ୍ରଣ-ଦଣ୍ଡ ସରିଲା ।

ଦେଖିଲା, ହଲ୍ ଦରଜା ପାଖରେ ବେଶ୍ ଭିଡ । କେହି ଯାଉନାହାଁନ୍ତି । ଟିକେ ଗେଞ୍ଜିହୋଇ ଆଗେଇ ଗଲାରୁ ଦେଖିଲା ରାଜ୍ୟପାଳ ସାଲ୍ୟୁଟ ନେଉଛନ୍ତି । ଓଡ଼ିଆ ପୋଲିସ୍ ମୁହଁରୁ ଉଚ୍ଚ ସ୍ୱରରେ ଗୁଡ଼ିଏ ହିନ୍ଦୀ ଶବ୍ଦ ବାହାରିଲେ ଯେମିତି ଶୁଭିବ, ସେହିଭଳି ସେ ଶୁଣିଲା । ଦେଖିଲା, ରାଜ୍ୟପାଳ ଗାର୍ଡ ଅଫ ଅନର ପରିଦର୍ଶନ କରୁଛନ୍ତି ।

ଯାହାହେଉ ସବୁ ଜିନିଷର ଯେପରି ଶେଷ ହୋଇଥାଏ, ଏହାର ମଧ୍ୟ ପରିସମାପ୍ତି ଘଟିଲା । ପ୍ରାଣକୃଷ୍ଣ ପାହାଚ ପାଖକୁ ଆସିଲା, ଦେଖିଲା ତାର ଅପେକ୍ଷା କରିବାର ପରିସମାପ୍ତି ଘଟିନାହିଁ । ଗୋଟିକ ପରେ ଗୋଟିଏ ଗାଡ଼ି ପୋର୍ଟିକୋକୁ ଆସୁଛି । ଗାଡ଼ିଗୁଡ଼ାକ ବି ପଦପଦବୀର ମର୍ଯ୍ୟାଦା ବୁଝୁଛନ୍ତି । ସେ ଜଣେ ଜୁନିଅର ସ୍ତରର ସଚିବ ହୋଇଥିବାରୁ ତା ଗାଡ଼ିଟା ସମସ୍ତଙ୍କ ପଛରେ ଲାଗିଛି ।

ଗାଡ଼ିରେ ବସି ଘରମୁହାଁ ହେଉଥିଲାବେଳେ ପ୍ରାଣକୃଷ୍ଣ ଗଣୁଥିଲା ଉତ୍ସବକୁ ନଯାଇଥିବା ଅନ୍ୟ ଅଫିସରମାନେ ଅନ୍ତତଃ ଘଣ୍ଟାଏ ବିଶ୍ରାମ ନେଇପାରିଥିବେ ଅଥବା ଜମି ରହିଥିବା ଖବରକାଗଜ ପଢ଼ିଥିବେ ବା ଫାଇଲ ସଫା କରିଥିବେ ।

# ପାଗଳ

ପୋଲିସ ଯେତେ ପଛକୁ ଠେଲୁଥାଏ, ବିମଳା ସେତେ ଆଗକୁ ଯିବାକୁ ଜିଦ୍ ଧରୁଥାଏ ।

ପାଗଳଟାଏ ବୋଲି କେତେକ କହିଲେ । ଏସ୍.ପି. ତାର ପୋଲିସ ବାହିନୀକୁ ଶାନ୍ତ ହେବାକୁ ନିର୍ଦ୍ଦେଶ ଦେଲା । ତଳସ୍ତରରେ ଥିଲେ ସେ ବି ସେଇୟା କରିଥାନ୍ତା । କିନ୍ତୁ ଏସ୍.ପି. ହିସାବରେ ବାହିନୀକୁ ଦିଗ୍‌ଦର୍ଶନ ଦେବାର କ୍ଷମତା ତାର ଅଛି । ଅବଶ୍ୟ ସେ ବି ବ୍ୟବସ୍ଥାର ଦାସ । ସରକାରୀ କଳର ବହୁତଗୁଡ଼ିଏ ଦାନ୍ତବାଲା ଚକ ଭିତରୁ ଗୋଟିଏ ଚକ ପୋଲିସ । ଏସ୍.ପି. ସେ ଚକର ଅନେକ ଦାନ୍ତଭିତରୁ ଗୋଟିଏ ଦାନ୍ତ ମାତ୍ର । ପ୍ରତ୍ୟେକ ଦାନ୍ତର ଉପଯୋଗିତା ଅଛି ସତ, ଦାନ୍ତଟିକୁ ଅଥର୍ବ କରିଦେବାର ବହୁତ ଉପାୟ ନେତାମାନେ ହାସଲ କରିଛନ୍ତି । ଗଣତନ୍ତ୍ରରେ ନେତାମାନେ ହିଁ ସରକାର । କି କି ଉପାୟକଲେ କେଉଁ ଦାନ୍ତ ଅକାମୀ ହୋଇଯିବ; ସେ ଉପାୟଗୁଡ଼ିକୁ ବତାଇଛନ୍ତି ତୋଷାମଦକାରୀ ତୁଙ୍ଗ ଅଧିକାରୀମାନେ । ଚକରୁ ଗୋଟିଏ ଦାନ୍ତ ପୂରାପୂରି କାଢ଼ିଦେଲେ ବି ସରକାର ଚାଲିପାରିବ । ଗୋଟିଏ ଦାନ୍ତକୁ ଦୁଇଟା ଦାନ୍ତର କାମ ବି ଦେଇହେବ । ଏ ଧାରଣା ଉପରିସ୍ଥ ବରିଷ୍ଠ ଅଧିକାରୀମାନେ ନେତାମାନଙ୍କ କାନରେ ପୂରେଇଛନ୍ତି । ଏସ୍.ପି. ବିଭୂତି ତ ଅଙ୍ଗେ ଲିଭାଇଛି । କିନ୍ତୁ ନିଜ ବିବେକକୁ ବଳିଦେବା ପର୍ଯ୍ୟାୟକୁ ବିଭୂତି ଆସିନାହିଁ ।

ବିମଳାର ଜିଦ୍, ସେ ମୁଖ୍ୟ ଅତିଥିଙ୍କୁ ନିଶ୍ଚୟ ଦେଖାକରିବ । କେତେ ଯେ କାହାକୁ ସେ କହିଲାଣି ତାର ହିସାବ ନାହିଁ । ସମସ୍ତେ କହନ୍ତି 'ଦେଖିବା' । କେହି ଏପର୍ଯ୍ୟନ୍ତ ମୋ ଗୁହାରି ଦେଖିନାହାନ୍ତି । କାହିଁ ପୁଅ ତ ପାଗଳାଖାନାରୁ ଫେରିନାହିଁ ?

ରାଜ୍ୟର ସବୁ ହସ୍ତୀଙ୍କୁ ଗୋଡହାତଧରି ନେହୁରା ହୋଇଛି । ପୋଲିସ୍ ମହାନିର୍ଦ୍ଦେଶକଙ୍କୁ କହି କିଛି ଫଳ ହେଲାନାହିଁ । ସେଦିନ ମୁଖ୍ୟ ସଚିବ କହିଲେ, ବ୍ୟସ୍ତ ହୁଅନା, ମୁଁ ଏହାର ବନ୍ଦୋବସ୍ତ କରୁଛି । ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଦେଖାକଲି । ସେ ବି କହିଲେ, ବ୍ୟସ୍ତହୁଅନା, ମୁଁ ଏହାର ବନ୍ଦୋବସ୍ତ କରୁଛି । ଏମିତି ବନ୍ଦୋବସ୍ତ କେତେକାଳ ଚାଲିଥିବ ? ଆଜି ଏତେବଡ ହସ୍ତୀ ଏଠିକି ଆସିଛନ୍ତି । ସମସ୍ତେ ଖୁସି । ଆଉ ମୁଁ ?

ପୁଅକୁ ପାଗଲଖାନାରେ ପୂରେଇ ଏମାନେ ତାର ଖୁସି ଛଡାଇ ନେଇଛନ୍ତି । ''ଏ ଯଦି ନ ଶୁଣନ୍ତି, ଆଉ କେହି ଶୁଣିବେ ନାହିଁ । ଅଥଚ ଏ ପୋଲିସ୍‌ଗୁଡାକ ମୋତେ ଟିକେ ପାଖକୁ ଯିବାକୁ ବି ଛାଡୁନାହାନ୍ତି ।''

ବଡ କଡା ପୋଲିସ୍ ବନ୍ଦୋବସ୍ତ । ବିମଳା ତାର ପିଲାବେଳ କଥା ମନେମନେ ଭାବୁଥିଲା । ସେତେବେଳେ କଣ ଏମିତି ନେତା ନଥିଲେ ? ଯାଙ୍କଠାରୁ କେତେ ବଡ ଥିଲେ । ସ୍କୁଲବହିରେ ସେମାନଙ୍କ କାହାଣୀ ପଢିଲାବେଳେ ସେମାନଙ୍କ ଆଦର୍ଶରେ ନିଜକୁ ଗଢିବାକୁ ପ୍ରବଳ ଇଚ୍ଛା ହେଉଥିଲା । ଆଉ ଏବେକାର ନେତାମାନେ ? ଛେପ ପକାଇବାକୁ ଇଚ୍ଛା ହେଉଛି । ଏମାନଙ୍କୁ କେବଳ ଲୋକଙ୍କଠାରୁ ଦୂରରେ ରଖାଯାଇନାହିଁ, ଏମାନେ ଲୋକଙ୍କ ମୁହାଁମୁହିଁ ହେବାର ନୈତିକ ସାହସ ବି ହରାଇଛନ୍ତି । ଏମିତି ବକି ହେଉଥିବା ବୁଢୀର ଅବସ୍ଥା ଲଳିତକୁ ପାଖକୁ ଟାଣିନେଲା ।

ନେତାମାନେ କେବଳ ଲୋକଙ୍କଠାରୁ ଦୂରେଇ ଯାଇନାହାନ୍ତି, ସେମାନଙ୍କୁ ଦୂରେଇ ରଖିବାକୁ ପୋଲିସ ବାଧ ହେଉଛି । ଚରିତ୍ରଦୋଷରୁ ଟେକାପଥର ଖାଇବାର ସମ୍ଭାବନା ବଢିଛି । ଟେକାପଥର ତ କମ ବାଟ ଯିବ, ଆହୁରି ଦୂରରୁ ଆସୁଥିବା ବନ୍ଧୁକଗୁଳିକୁ ସମ୍ଭାଳି ପାରୁଥିବା କାଚଘେରା ଭିତରେ ସେମାନଙ୍କୁ ରଖାଯାଉଛି । କେତେ ଫାଙ୍କା ଜାଗା ! ତାକୁ ପାରହେଲେ ତ ଏତେବଡ ହସ୍ତୀଙ୍କୁ ଦେଖା କରିହେବ ! ତା ପରେ ଯାଇ ଗୁହାରି ।

ବିମଳାର ଏଭଳି ଯୁକ୍ତି ତା ମନଭିତରେ ଥିଲା । ବାହାରକୁ ଦିଶୁଥିବା ତାର ଜବରଦସ୍ତିଆ ବ୍ୟବହାର ପୋଲିସ୍ ଓ ଦଳୀୟ ସମର୍ଥକମାନଙ୍କ ଆଖିରେ ପାଗଳାମି ହୋଇପଡିଛି ।

ପୋଲିସ୍‌ମାନଙ୍କ ଠେଲାପେଲା ଭିତରେ ବୁଢ଼ୀର କାକୁତିମିନତି ବାଉଁଶବାଡ ସେପଟେ ଛିଡାହୋଇଥିବା ଲଳିତକୁ ବିଚଳିତ କରିଦେଲା । ଘଟଣାଟି କଣ ଜାଣିବାର ଆଗ୍ରହ ଏତେ ବଢିଗଲା ଯେ ବାଡ ପାଖକୁ ସେ ଘୁଞ୍ଚିଆସିଲା : ବୁଢ଼ୀ ପାଖକୁ । ପ୍ରକୃତ ପାଗଳୀ ଏଭଳି ଶୃଙ୍ଖଳିତ ବ୍ୟବହାର ଦେଖାଇବ ନାହିଁ, ଏ ଧାରଣା ଲଳିତର ମୁଣ୍ଡଭିତରେ ପଶିଥିଲା ।

ମାଉସୀ ଏତେ ବ୍ୟସ୍ତ କାହିଁକି ହେଉଛ ? ତୁମର ଆପତ୍ତି କଣ ? କି ଅସୁବିଧା ହେଉଛି ?

ଏଭଳି ବୁଝିବା ମନ ନେଇ ତାର ସମସ୍ୟା ଶୁଣିବାକୁ ଆଜିଯାଏ କେହି ଚାହିଁନାହିଁ । ଦୁଃଖ ବଖାଣିଲେ ଅଧେ ଦୁଃଖ କମିଯାଏ, ବିମଳା ଏ ତତ୍ତ୍ୱ ଜାଣିନାହିଁ । କିନ୍ତୁ ସେଭଳି ଏକ ଧାରଣା ଯେଭଳି ସମସ୍ତଙ୍କ ମନଭିତରେ ଅଛି, ବିମଳାର ସେମିତି ଅଛି ନିଶ୍ଚୟ । ନହେଲେ ସେ ଲଳିତକୁ ନିଜର ଭାବିନଥାନ୍ତା କି ମନଖୋଲି ଏତେ କଥା କହିନଥାନ୍ତା ।

ଲଳିତ ଖରାତାତି ଭୁଲିଗଲା । କେତେବେଳ ହେଲା ଠିଆହୋଇଛି ! ତା ମନ ଗୋଟିଏ ପରିବାରର କାହାଣୀ ଶୁଣିବାରେ ଲାଖିଥିଲା ।

ପଢିଲା ଦିନରୁ ରମେଶ ଧର୍ମଆଡକୁ ଢଳିଲା । କାଳେ ବାବାଜୀ ହୋଇଯିବ, ଏ ଡ଼ର ବିମଳାକୁ ସବୁବେଳେ ଘାରିଲା । ମାଆ ହିସାବରେ ପୁଅକୁ ସଂସାରମୁଖୀ କରାଇବାକୁ ବିମଳା ଯେତେ ଚେଷ୍ଟାକରିଛି ସେସବୁ ଏବେ ପାଣିରେ ପଡିଛି ବୋଲି ତାର ଧାରଣା । ଯଦି ହୃଷିକେଶ କି ହରଦ୍ୱାର ନଯିବ, ତେବେ ସେ ସମାଜସେବା କରିବ । ସବୁବେଳେ ବଡମଣିଷଙ୍କ ଜୀବନୀ ପଢିଲା । ବେଳେବେଳେ ଉପରକୁ ଚାହିଁ ରହିଥିବ ଯେ, ମୁଁ ବେଶ୍ କିଛି ସମୟ ହଲାଇଲାପରେ ହିଁ ସେ ମୋତେ ଶୁଣିବ । ମୋ କଥା କଣ ଶୁଣିଲା ? ତାହାରି ଫଳ ଏବେ ସେ ଭୋଗୁଛି । ରାଞ୍ଚି ପାଗଳଖାନାରେ ।

ଲଳିତ ଗୋଟିଗୋଟି କରି ଘଟଣାଗୁଡିକୁ ଜାଣିବାକୁ ଚାହିଁଲା । ବିମଳା ତାର ଝୁଡି ଝୁଡି ଦୁଃଖକୁ ଓଜାଡିଦେବାକୁ ହେଳା କଲାନାହିଁ । ଜଣେ ସମ୍ବେଦନଶୀଳ ଶ୍ରୋତା ତ ପାଇଛି ।

ମୂଳରୁ ରମେଶ ବ୍ୟବସ୍ଥା ବିରୁଦ୍ଧରେ ଯାଇଛି । ଲଳିତ ଜାଣେ, ଏଷ୍ଟାବ୍ଲିସ୍‌ମେଣ୍ଟ ବିରୁଦ୍ଧରେ ସ୍ୱର ଉଠାଇ ସେ ପଶିଥିବା ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥା କିପରି ଶେଷରେ ଭାଙ୍ଗିଗଲା । ଗୋଟିଏ ବି.ଡି.ଓ.ର ତ ଏତେ କରାମତି ! ଜଣେ ଅଧସ୍ତନ କର୍ମଚାରୀର କରାମତି । ଏଠି ତ ସରକାରୀ ମାମଲତକାରମାନଙ୍କ ବିରୁଦ୍ଧରେ ରମେଶ ଲଢିଛି ବୋଲି ତା ମା କହୁଛି । ହୋଇଥିବ, କିଛି ଗୋଟାଏ ଅଘଟଣ ଘଟିଥିବ ।

ଲଳିତ ଭାବନାରେ ବୁଡିଗଲା । ବୁଢୀର କାହାଣୀ ଶୁଣିବାର ଉତ୍ସୁକତା ତାହାର ମୁଣ୍ଡଉପର ଟାଣ ଖରାର ଉଷ୍ମତାକୁ ଦବାଇ ଦେଉଥିଲା ।

ସ୍କୁଲରେ ପଢିଲାବେଳେ ଜବରଦସ୍ତ ଚାନ୍ଦାଭେଦା ଆଦାୟକୁ ବିରୋଧ କରି ସେ ସାଙ୍ଗମାନଙ୍କଠାରୁ ଗାଳି ଖାଇଛି । 'ଭାରି ସଚ୍ଚୋଟ ଦେଖେଇ ହେଉଛି ? ଯଦି ଚାନ୍ଦା ଆଦାୟକୁ ଜୁଲୁମ କହୁଛୁ, ନିଜ ଘରୁ ଟଙ୍କା ଆଣୁନୁ ?' ସାଙ୍ଗମାନେ ଏମିତି ରମେଶକୁ ଚିହାନ୍ତି । ଥରେ ଦି'ଥର ରମେଶ ଘରୁ ପଚାଶ ଷାଠିଏ କରି ନେଇଛି । କିଶୋର କ୍ଲବର ଗୋଟିଏ ଟୋକା ଯେତେବେଳେ ଚାନ୍ଦା ଦେବାକୁ ମନାକଲା ବୋଲି କଦଳୀ ବେପାରୀଟାର ପେଟରେ ଛୁରୀ ଭୁଷିଦେଲା, ରମେଶ ରାଜସାକ୍ଷୀ ହେବାକୁ ଆଗେଇ ଆସିଲା ।

ସେହିଦିନଠୁ ରମେଶର ଦୁର୍ଦ୍ଦିନ ଆରମ୍ଭ; ଏ ହେଲା ବିମଳାର ସିଦ୍ଧାନ୍ତ । ଛୁରାଭୁଷିଥିବା ଟୋକାଟି ଅଳ୍ପଦିନ ଭିତରେ ଜେଲ୍‌ରୁ ଖଲାସ ହୋଇଗଲା । ସେହିଦିନଠାରୁ ସେ ରମେଶ ପଛରେ ଲାଗିଛି । ଏବେ ସେ ତ ଦଳର ଜଣେ ଜଣାଶୁଣା ମାମଲତକାର । ଆଉ, ରମେଶ ହେଲା ପାଗଳା । ଏ ହେଲା ବୁଢୀର ଧାରଣା ।

କଲେଜରେ ପଢିଲାବେଳକୁ ରମେଶ ବାପଛେଉଣ୍ଡ । ପୁଅକୁ ଭଲମଣିଷ କରିବାଲାଗି କେଉ ମା ନ ଚାହେଁ ? ରମେଶ କଲେଜରେ ପଢିଲା । ସବୁବେଳେ ବଦମାସ୍‌ଙ୍କ ବିରୁଦ୍ଧରେ ଲଢିବା ତାର ଖୋଇ । ଗୋଟିଏ

କଲେଜ ଝିଅ ପ୍ରତି ବଳାତ୍କାର କରିଥିବା ଜଣେ ଛାତ୍ରକୁ ସେ ଧରାଇଦେଲା । ମାଆକୁ ଯେଉଁଦିନ ଏକଥା କହିଲା ସେଦିନ ବିମଳା ବହୁତ ନେହୁରା କରିଛି - ବାପରେ, ତୁ ତୋ ପଢାପଢିରେ ଲାଗ, କିଏ କଣ କଲା ନକଲା ସେଥିରେ କାହିଁକି ମନ ପୁରୋଉଛୁ ? ସେ କଣ ଶୁଣିଲା ? ବଳାତ୍କାର କରିଥିବା ପିଲାଟା କଲେଜରୁ ତଡାଖାଇଲା । ତାର ବା କି କ୍ଷତି ହେଲା ? ବେକାରୀ ଟୋକାଙ୍କ ଦଳର ନେତାରୁ ପଲିଟିକାଲ୍ ପାର୍ଟିର ନେତା ହୋଇଗଲା ।

ଲଳିତ କାହାଣୀର ସ୍ରୋତରେ ବନ୍ଧ ପକାଇ ପଚାରିଲା, ମାଉସୀ ସେ ରଷ୍ଟିକେଟ୍ ହୋଇଥିବା ପିଲା ଏବେ କଣ କରୁଛି ?

ବିମଳାର ତତ୍‌କ୍ଷଣାତ୍ ଉତ୍ତର : ସେହି ତ ଏବେ ଯୁବଦଳର ସଭାପତି । ଲଳିତର ଆଉ କୌଣସି ପ୍ରଶ୍ନକୁ ଅପେକ୍ଷା ନକରି ବିମଳା କହିଗଲା । ସାଙ୍ଗରେ ସବୁବେଳେ ଦି ତିନିଟା ଟୋକା ଧରି ବୁଲିଲା । ଯୋଉଠି ରମେଶକୁ ଏକୁଟିଆ ଦେଖିଲା ମାରି ଦେବାଲାଗି ଚେଷ୍ଟାକଲା । ମୋ ପୁଅ କଣ କମ୍ ମାଡ ସହିଛି ? ପୋଲିସ୍ ପାଖରେ ମୁଁ ଯେତେ ଗୁହାରି କରିଛି, କିଛି ଫଳ ମିଳିନାହିଁ । ଖାଲି ପୁଞ୍ଜାଏ ଆଶ୍ୱାସନା ମିଳିଛି : ଆମେ ପୋଲିସ୍ ଜଗୁଆଳୀ ବ୍ୟବସ୍ଥା କରୁଛୁ । ଏବେ ବି ମୋ ପୁଅର ଡାହାଣ ବାହୁରେ ଗୋଟିଏ ଖଣ୍ଡାଚୋଟ, ବାଁ ଆଖି କୋଣରେ ଛୁରୀକଟା ଦାଗ ଅଛି ।

ଆଉ ସେ ଟୋକାର ଦେହ ତ ଦେହ, ଚରିତ୍ରରେ ବି ଟିକିଏ ଦାଗ ନାହିଁ । ମନେ ମନେ ଲଳିତ ବାକ୍ୟଟିଏ ଯୋଡିଦେଲା ।

ବିମଳାର କଥା ସରିନଥିଲା । 'ଜାଣିଛ ସେ କେମିତି ନେତା ହେଲା ?' - ବିମଳା ଓଲଟା ଲଳିତକୁ ପଚାରିଲା । ଲଳିତକୁ ଅପେକ୍ଷା ନକରି କହିଲା : ନିର୍ବାଚନରେ କୁଆଡେ ତା ଯୋଗୁ ଭୋଟ ମିଳିଛି ବୋଲି ଶାସକଦଳ ତାକୁ ଜିଲ୍ଲାପାଇଁ ଦଳର ଯୁବନେତା କରିଦେଲେ । ଏବେ ସେ ଉଠି ଉଠି ପ୍ରାଦେଶିକ ଯୁବ ସଭାପତି ହୋଇଛି । ଖବରକାଗଜରେ ନାଁ ବାହାରୁଛି ।

ମାଇକ୍‌ରେ ଘୋଷଣା ହେଲା, ବଡହସ୍ତୀ ବର୍ତ୍ତମାନ ପରେଡ୍ ପରିଦର୍ଶନ କରିବେ । ଜିପ୍‌ରେ ବେଟନଧାରୀ ସର୍ଜେଣ୍ଟ ତାଙ୍କୁ ପାଛୋଟି ନେଉଛନ୍ତି । ଲଳିତର ଉତ୍ସୁକତା ବଢିଯାଇଥିଲା । ବିମଳାକୁ ସହାନୁଭୂତି ନଦେଖାଇଲେ ପୂରା ଇତିହାସଟା ଶୁଣିବାକୁ ମିଳିବ ନାହିଁ । ବିମଳାକୁ ଉସୁକେଇଲା ।

ସମୁଦ୍ରଭିତରେ ରହି ରମେଶ କୁମ୍ଭୀର ସାଙ୍ଗରେ ଲଢ଼ିଛି । କୁମ୍ଭୀର କାମୁଡା ସେ ଭୋଗିବ ନାହିଁ ତ ଆଉ କିଏ ଭୋଗିବ ? ପାଖରେ ଥିଲେ ଧକ୍କା ଅବଶ୍ୟମ୍ଭାବୀ । ଲଳିତର ମନେ ପଡିଲା, ବିମଳା କହିଛି, ଛୁରା ଭୁଷିଥିବା ଟୋକାଟି ଜେଲ୍‌ରୁ ଖଲାସ ହୋଇ ଏତେ ଉପରକୁ ଉଠିଲାଣି । ତଥାପି ରମେଶ ପଛରେ ଲାଗିଛି ବୋଲି ସେ ଏବେ ପାଗଳଖାନାରେ ! କାର୍ଯ୍ୟ-କାରଣ ସମ୍ପର୍କ ନଜାଣି କାହାକୁ ଦୋଷ ଦେଇ ହେବନାହିଁ । ପୁଣି ଜଣେ ଜଣାଶୁଣା ନେତା ଉପରେ ? ବିମଳାର କାହାଣୀ ଅଧାରୁ ବନ୍ଦ ହୋଇଗଲେ ସେ ସମ୍ପର୍କଟା ଜାଣି ପାରିବ ନାହିଁ ।

ପରେଡ୍ ସରିବାକୁ ଆହୁରି ଅଧଘଣ୍ଟାଏ ଅଛି । ବ୍ୟସ୍ତ ହୁଅନାହିଁ । ପରେଡ୍ ସରିବା ପୂର୍ବରୁ ତ ଦେଖା ମିଳିବ ନାହିଁ । ମୁଁ ବି ତୁମ ସାଙ୍ଗରେ ଯିବି । ଘଟଣାଟି ପୂରା ଜାଣିଲେ ତ ତୁମକୁ ସାହାଯ୍ୟ କରିହେବ । ରମେଶ ପାଗଳଖାନାକୁ ଗଲା କେମିତି ? ଲଳିତ ପଚାରିଥିଲା ।

କଲେଜ ଶେଷବର୍ଷରେ ରମେଶ କେତେଜଣ ସାଙ୍ଗକୁ ଧରି 'ଶୁଦ୍ଧିକରଣ ସମିତି' ଗଢ଼ିଲା । ଉଦ୍ଦେଶ୍ୟ ହେଲା : ଆଗେ ପାଖଆଖ ସମାଜରେ ଯାହାକିଛି ଭ୍ରଷ୍ଟାଚାର, ବ୍ୟଭିଚାର ଦେଖାଯାଉଛି, ସେସବୁକୁ ରୋକିବା, ଆସ୍ତେ ଆସ୍ତେ ଦୁନିଆରେ ସାଧୁ-ସଚ୍ଚୋଟ-ପଣିଆ ଆଣିବା । ପ୍ରଥମ ପଦକ୍ଷେପ ଥିଲା ଯୋଗାଣ ବିଭାଗର ଜାଲ ରେସନ୍ କାର୍ଡ ଧରିବା । ଏକାଧିକ ସୁଲଭ ମୂଲ୍ୟ ଦୋକାନ ସାମନାରେ ଛିଡାହୋଇ ଶୁଦ୍ଧିକରଣ ସମିତିର ସଭ୍ୟମାନେ ପଚାଶ ଷାଠିଏ ଲେଖାଏଁ ଘୋଷ୍ଟକାର୍ଡ ଜବଦ କରି ଜିଲ୍ଲାପାଳଙ୍କୁ ଦେଇଛନ୍ତି । ଭୂତକାର୍ଡଧାରୀ ଲୋକଙ୍କ ଭିତରେ ଦିନମଜୁରିଆ ଲୋକ ବେଶୀ ଥିଲେ । କିନ୍ତୁ ରାତିରେ ଯେଉଁମାନେ ଆସି ଶୁଦ୍ଧିକରଣ ସମିତିର ସଭ୍ୟମାନଙ୍କ ଉପରେ ଜୁଲୁମ କଲେ, ସେମାନଙ୍କ ସ୍ତ୍ରୀ ପିଲାମାନଙ୍କୁ ଧମକାଇଲେ, ସେମାନେ ଥିଲେ ଜିଲ୍ଲା ଯୁବଦଳ ସଭାପତିଙ୍କ ଲୋକ । ଏବେ ପ୍ରାଦେଶିକ ସଭାପତିଙ୍କ ଲୋକ । ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ଭିତରେ ମିଳିଲେ ଜଣେ ଦି ଜଣ ପିଲା, ବିଧବା ଭତ୍ତା ତାଲିକାରେ ନୂଆ ବାହା ହୋଇଥିବା ବୋହୂ । ଏମାନଙ୍କୁ ଭତ୍ତା କାର୍ଡ କରାଇ ଦେବା ଲାଗି ଯୁବଦଳର ଲୋକେ ବେଶ୍ ଲାଞ୍ଚ ନେଇଛନ୍ତି ବୋଲି

ସେମାନେ ସାମ୍ବାଦିକମାନଙ୍କ ଆଗରେ ମାନିଲେ । ସବୁଠୁ ବଡ ବଦନାମ ହେଲା ଯେଉଁଦିନ ଜିଲ୍ଲା ଯୁବଦଳ ସଭାପତିଙ୍କ ଜଣେ ଖାସ୍ ଲୋକ ତା ମୃତ ମା ନାଁରେ ବାର୍ଦ୍ଧକ୍ୟ ଭତ୍ତା ନେଉଥିବା କଥା ଧରାପଡିଲା । ମରିଯାଇଥିବା ମାଆର ଦେହଟିକୁ ଘର ଭିତରେ ଜୀବିତ ଭଳି ଶୁଆଇ ରଖି ବାହାରକୁ ଜଣାଉଥିଲା ସେ ବଞ୍ଚିଛି । ପ୍ରତି ମାସ ବାର୍ଦ୍ଧକ୍ୟ ଭତ୍ତା ଗ୍ରହଣ କରିବା କଣ କମ୍ କଥା ? ଏସବୁ କାମ ଜିଲ୍ଲାପାଳ ଓ ଏସ୍.ପି. ସମ୍ଭବତଃ ଜାଣିଥିଲେ । କିନ୍ତୁ କିଛି କରି ପାରୁ ନଥିଲେ । ରମେଶର କାମ ତାଙ୍କୁ ସୁହାଇଲା । ରମେଶ ରକ୍ଷା ପାଇ ଯାଇଥିଲା । ହେଲେ ଯୁବଦଳର ଟୋକାଏ ରଜତ ଚାଉଳ ଚୋବାଇ ହେଉଥିଲେ । ଦୁଇ ଦୁଇଥର ମୋ ଘରେ ନିଆଁ ଲଗାଇବା ଉଦ୍ୟମ କରିଛନ୍ତି : ଥରେ ପେଟ୍ରୋଲ ବମ୍ ଫୋପାଡିଛନ୍ତି, ଆଉ ଥରେ ରାତି ଅଧପରେ ଖୋଲା ଝରକା ବାଟେ ବୋମା ଗଳେଇଦେଲେ ।

ଲଳିତ ଶୁଣିଲା, ନାଟକର ଶେଷ ଅଙ୍କ ଥିଲା, ଝୁଲଣ ହୋଟେଲ ଉପରେ ଚଢାଉ । ଶୁଦ୍ଧିକରଣ ସମିତିର ସଭ୍ୟମାନେ ଦିନେ ରାତିରେ ହୋଟେଲ ଭିତରୁ ପାଞ୍ଚୋଟି ଯୁବତୀଙ୍କୁ ଧରିଲେ । ଖବର କାଗଜରେ ବାହାରିଲା "ଉଦ୍ଧାର କଲେ" । ସେମାନେ ନିଜେ ଦେହ ବ୍ୟବସାୟରେ ଲାଗିଥିଲେ; ଉଦ୍ଧାର ପ୍ରଶ୍ନ ଆସିଲା କୁଆଡୁ ? ଏମାନେ ହୋଟେଲରେ ସବୁଦିନିଆ ବାସିନ୍ଦା ହୋଇଯାଇଥିଲେ । ପ୍ରାଦେଶିକ ଯୁବଦଳ ସଭାପତିଙ୍କ ବଟସ୍କର । ବ୍ଲୁ ଫିଲ୍ମ ତିଆରିରେ ବି ଲାଗୁଥିଲେ । ସେ ତ ଥିଲା ଲୁଚାଛପା କାମ । କେଉଁଠି କିଛି ବିଶେଷ ଅସୁବିଧା ହେଲେ, କେଉଁଠି ଖାଲି ପଇସା କାମ ନକଲେ, ଅଥବା କୌଣସି କାରଣରୁ ହିଂସା ବା ବଳପ୍ରୟୋଗ ମଧ୍ୟ ଆବଶ୍ୟକ ଫଳ ଆଣି ନ ପାରିବାର ସମ୍ଭାବନା ଥିଲେ, ଏମାନଙ୍କୁ ପ୍ରୟୋଗ କରାଯାଉଥିଲା । ଏକଥା ଶୁଦ୍ଧିକରଣ ସମିତିର ସଭ୍ୟମାନେ ଜାଣିଗଲା ପରେ ଅଚାନକ ଚଢାଉ କରିଥିଲେ । ଏ ଚଢାଉରେ ଏସ୍.ପି.ଙ୍କର ସମର୍ଥନ ଥିଲା । ଏହି କାରଣରୁ ପୂର୍ବତନ ଏସ୍.ପି.ଙ୍କ ବଦଳି ହୋଇଛି । ଚଢାଉ ପରଦିନ ଖବର କାଗଜମାନଙ୍କରେ ଶାସକ ଦଳକୁ ନିନ୍ଦିତ କରି ବଡ ବଡ ଅକ୍ଷରରେ ଖବରମାନ ବାହାରିଥିଲା । ଏକଥା ଲଳିତ ମନେ ପକାଇଲା ।

ବିମଳାର କାହାଣୀରେ ଶେଷ କଥା ଥିଲା, ସେହିଦିନଠୁ ରମେଶ ହଜିଗଲା । ବିମଳା ଯେ କେତେ କାନ୍ଦକଟା କରିଛି, କେତେ ଖୋଜିଛି, ତାହା କେବଳ ପୁଅ ହରାଇଥିବା ମା ହିଁ ବୁଝିପାରିବ । ଶେଷରେ ବିରୋଧୀଦଳର ଜଣେ ନେତାହିଁ ସୁରାକ ଦେଲେ, ରାଞ୍ଚି ପାଗଳଖାନାରେ ସମ୍ଭବତଃ ରମେଶକୁ ଭର୍ତ୍ତି କରାଯାଇଛି । ବିମଳା ଗଲା, ଦେଖିଲା ସତକୁ ସତ ରମେଶ ଅଛି । ଗୁଡିଏ ଇଲେକ୍ଟ୍ରିକ୍ ସକ୍ ଦିଆଯାଇଛି । ସେ ଯେତେ ଅନୁନୟ ବିନୟ କରୁଛି କେହି ଶୁଣୁ ନାହିଁ । ସେଦିନ ବିମଳାର ଲୁହ କାହାରି ଛାତି ତରଳାଇ ପାରିଲା ନାହିଁ । ପାଗଳଖାନାର ଲୋକେ ତ ପଥର । କିନ୍ତୁ ଆମ ରାଜ୍ୟର ନେତାମାନେ କଣ ପଥର ? ସେହିଦିନୁ ସେ ୟା ତା ଦ୍ୱାର ହେଉଛି । କୌଣସି ଫଳ ମିଳି ନାହିଁ ।

ଲଳିତ ପଚାରିଥିଲା, ବିରୋଧୀଦଳ ନେତାମାନେ ?

ଖାଲି ପିଠିରେ ଥାପୁଡା ମାରନ୍ତି । ମଝିରେ ମଝିରେ ଖବର କାଗଜରେ ବିବୃତ୍ତି ଦିଅନ୍ତି । ବିମଳା କହିଲା ।

ଲଳିତ ତ ଅଙ୍ଗେ ଲିଭାଇଛି, ଜଣେ ଦିଜଣ ସାମ୍ବାଦିକଙ୍କୁ ଛାଡିଦେଲେ, କେହି ଏଷ୍ଟାବ୍ଲିସ୍‌ମେଣ୍ଟ ବିରୁଦ୍ଧରେ ଲେଖନ୍ତି ନାହିଁ । ସ୍ୱାର୍ଥ ଥିବାରୁ ତ ଅନୁକୂଳ ଭଳି ଲୋକ ବେଶ୍ ପତିଆରା ମେଲାଉଛନ୍ତି । ବିଭିନ୍ନ ଘଟଣାର ଖିଅକୁ ଯୋଡି ଲଳିତ ବୁଝିସାରିଥିଲା, ଏସବୁର ନାୟକ ଅନୁକୂଳ । ଏବେ ଦଳର ପ୍ରାନ୍ତୀୟ ଯୁବ ସଭାପତି ହୋଇଗଲାଣି । ସମ୍ଭବତଃ ସେ ମହାହସ୍ତୀଙ୍କ ସହ ମଞ୍ଚରେ ବସିଥିବ । ସେଆଡେ ଅନାଇ ଲଳିତ ଜାଣିଲା ନିଜ ଅନୁମାନ ଠିକ୍ । ବିମଳାକୁ କଣ ବୁଝାଇବ ଠିକ କରି ପାରିଲା ନାହିଁ । କହିଲା : ମାଉସୀ, ଭଗବାନଙ୍କୁ ଡାକ । ଏସ୍.ପି.ଙ୍କ ଗୋଡହାତ ତଳେ ପଡ । ଯଦି ଏ ମହାହସ୍ତୀ ଶୁଭଦୃଷ୍ଟି ପକାନ୍ତି ହୁଏତ ରମେଶ ଘରକୁ ଫେରିପାରେ ।

ମହିଳାମାନଙ୍କ ବାଡ ଭିତରୁ ବିମଳା ଆଗେ ବାହାରି ଆସିଲା । ସାମନାସାମନି ହେଲାବେଳକୁ ମହାହସ୍ତୀଙ୍କ ଗୋଡତଳେ ପଡିଗଲା । ତା କାନ୍ଦରେ କିଛି ସତ୍ୟ ଲୁଚି ଥିବାର ମହାହସ୍ତୀଙ୍କ ମନେହେଲା । ନହେଲେ ସେ ବୁଢୀଟାକୁ ଅନୁକୂଳ ପାଗଳୀ ବୋଲି କହି ଠେଲି ଦେଉଥିଲାବେଳେ ମହାହସ୍ତୀ ତାକୁ କହିବାକୁ ଛାଡ ବୋଲି ପ୍ରଶୟ ଦେଇ ନଥାନ୍ତେ !

ଲଳିତକୁ ସବୁ ଶୁଭିଲାନାହିଁ । ଏତକ ସେ ଶୁଣିପାରିଲା; ତୁମେ ବୋଧହୁଏ ଭୁଲ ବୁଝିଛ, ଆଉ କୋଉ ଅନୁକୂଳ ହୋଇଥିବ ଯେ ତ ଆମର ପ୍ରାନ୍ତୀୟ ସଭାପତି !

ମହାହସ୍ତୀଙ୍କ ବିଦାୟ ପରେ ବୁଢ଼ୀକୁ ବାଟେଇଦେବାକୁ ଯାଇ ଲଳିତ ପଚାରିଲା, ମହାହସ୍ତୀ କଣ ଅନୁକୂଳ ବିରୁଦ୍ଧରେ ତୁମ ଅଭିଯୋଗ ବିଶ୍ୱାସ କଲେ ?

ତାଙ୍କ ଲୋକେ ଏଡେ ବଡ ଅପରାଧୀ ହୋଇଥିବେ, ସେ ଆପାତତଃ ବିଶ୍ୱାସ କରିନାହାନ୍ତି । ତଥାପି କହିଲେ ତ, ରମେଶ କିପରି ମୁକ୍ତି ପାଇବ ପାଗଲଖାନାର ଡାଇରେକ୍ଟରଙ୍କୁ ପଚାରି ବ୍ୟବସ୍ଥା କରିବେ ।

ଲଳିତର ମନର ଭାବନା ପଦାକୁ ବାହାରିପଡିଲା, ଯେତେବେଳେ ସେ ଗୁଣୁ ଗୁଣୁ କରି କହି ପକାଇଲା, ଏତ ହେଉଛି ଅପରାଧିମାନଙ୍କ ଗଣତନ୍ତ୍ର । ଗଦାଏ ଅପରାଧୀଙ୍କ ଗଦା ଉପରେ ବସିଥିବା ଲୋକ ଗଦାତଳୁ ଗୋଟା ଗୋଟା କାଢି ଫୋପାଡିଲେ ନିଜେତ ଭୁଶୁଡିପଡିବ । ଏଠି ଏଷ୍ଟାବ୍ଲିସ୍‌ମେଣ୍ଟର କୁଢ । ଏ କୁଢ ବାହାରେ ଯିଏ ଅଛି ସେ ନିଶ୍ଚୟ ପାଗଳ ।

ପଛକୁ ଚାହିଁ ଲଳିତ ଆଶ୍ୱସ୍ତ ହେଲା ଯେ ବିମଳା ତାର ଗୁଣୁଗୁଣୁ କଥାତକ ଶୁଣିନାହିଁ ।

## ହସ୍ତରେଖା

ରାସ୍ତାରେ ଭାରି ଭିଡ । ମୋ ଗାଡି ଅଟକିଗଲା । ଲକ୍ଷ୍ନୌରୁ ଅଯୋଧ୍ୟା ଯିବାର ମୋ ସମୟ ସାରଣୀ ସମ୍ଭବତଃ ଗଡବଡ ହୋଇଯିବ । ଗାଡି ଅଟକାଇ ଘଟଣାଟା କଣ ବୁଝିବାକୁ ଡ୍ରାଇଭରକୁ କହିଲି ।

ଜନତାର ଭିଡ ଭିତରୁ ବୁଝି ଆସି ସେ କହିଲା, 'ସାହେବ୍, ମୁଖ୍ୟମନ୍ତ୍ରୀଜୀକେ ଜ୍ୟୋତିଷ୍ ଜୀ ଆ ରହେ ହେଁ ।' ୟୁ.ପି.ର ଢଙ୍ଗରେ ତାହାର କଥା ।

ମୁଁ ଟିକିଏ କୁତୁହଳୀ ହୋଇପଡିଲି । ମୋ ସାଥିରେ ଗାଇଡ୍ କାମ କରିବା ଲାଗି ଯାଇଥିବା ଅଧସ୍ତନ କର୍ମଚାରୀଟି ମୋଠାରୁ ବେଶି ଆଗ୍ରହୀ ହୋଇ ପଡିଥିଲା ଭଳି ଜଣାଗଲା । ସେ ମୋତେ ବୁଝାଇଲା, 'ପରେ ଅଯୋଧ୍ୟା ଯାଇହେବ । ଆଜି ଚାଲନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡେ ବୁଲିଆସିବା ।'

ମୁଁ ଓଡିଶା ସରକାରରୁଁ ଆସିଥିବାରୁ ମୋତେ ମୁଖ୍ୟମନ୍ତ୍ରୀଙ୍କ ମୁଲାକାତ ବି ମିଳିପାରେ । ଅସଲ କଥା ହେଉଛି ଜଣେ ସୁବିଖ୍ୟାତ ଜ୍ୟୋତିଷଙ୍କ ସାହଚର୍ଯ୍ୟ ମିଳିପାରେ । 'ପଦେ କଥା ହୋଇପାରିଲେ ଆପଣ ନିଜର ଭବିଷ୍ୟତ ଜାଣିପାରିବେ,' ଗାଇଡ୍ କରୁଥିବା କର୍ମଚାରୀଟି ଉତ୍ସାହ ବାଣୀ ଶୁଣାଇଲା ।

ମୋ ଭବିଷ୍ୟତ କଣ ହେବା ଉଚିତ, ସେ ଯାହା କହିଲା ସେ ବିଷୟରେ ପାଠକମାନଙ୍କୁ ଭାରାକ୍ରାନ୍ତ କରିବା ଉଦ୍ଦେଶ୍ୟ ମୋର ନାହିଁ । ଘଟଣାବଳୀ ଯାହା ଯେପରି ଘଟିଲା ତାହା ଥୋଇବା ମୋର କର୍ତ୍ତବ୍ୟ । ମୁଁ

ଗାଇଡ୍ ଅଫିସରଟିର ଉତ୍ସାହ ସ୍ରୋତରେ ଭାସିଯିବାର କାରଣ, ସେ କହୁକହୁ କହି ପକାଇଥିଲା, ଉକ୍ତ ଜ୍ୟୋତିଷଙ୍କ ଭବିଷ୍ୟତବାଣୀ ସତ୍ୟ ହୋଇଛି । ସେ ହାତ ଦେଖି କହିଥିଲେ, ଏ ନିଶ୍ଚୟ ମୁଖ୍ୟମନ୍ତ୍ରୀ ହେବେ ।

ହେଲେ ସେ କିପରି ମୁଖ୍ୟମନ୍ତ୍ରୀ ହେବେ ? ନିର୍ବାଚନରେ ତ ମୂଳରୁ ଲଢ଼ି ନାହାନ୍ତି !

ଏ ପ୍ରଶ୍ନର ଉତ୍ତର କେବଳ ସେହି ଜ୍ୟୋତିଷ ଭାବି ପାରିଥିଲା । 'ସମ୍ଭବତଃ ତାଙ୍କୁ କୃତଜ୍ଞତା ଜଣାଇବା ଲାଗି ମୁଖ୍ୟମନ୍ତ୍ରୀ ଡକାଇ ପଠାଇଥିବେ,' ସେ ମୋତେ ବୁଝାଇଲା ଭଳି କହିଲା ।

ଜିଜ୍ଞାସୁ ଦୃଷ୍ଟିରେ ପଚାରିଦେଲି, ତୁମ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଆସନରେ ନଥିଲାବେଳେ ବି ଏମିତି ଡକାଇଲେ ସେ ଆସୁଥିଲେ କି ?

ଆପଣ ଛୁଆଙ୍କ ଭଳି ପ୍ରଶ୍ନ କରୁଛନ୍ତି । ଏ ବା କାହିଁକି ସେମିତି ଡାକିବେ, ସେ ବା କାହିଁକି ଏମିତି ଆସିବେ ? ଲୋକେ ତ ତାଙ୍କ ପାଖରେ ଭିଡ ଜମାନ୍ତି । ପାଦଧୂଳି ଟିକେ ମୁଣ୍ଡରେ ଲଗାଇବା ଲାଗି ଖରାତରାରେ ଧାଡ଼ି ଧାଡ଼ି ଠିଆହୋଇଥାନ୍ତି । ମୁଖ୍ୟମନ୍ତ୍ରୀ ତ ନିଜେ ଯାଇ ମୁଣ୍ଡିଆ ମାରନ୍ତି । ଜ୍ୟୋତିଷଜୀ ସେତେବେଳେ ଭଗବାନ । ପ୍ରାର୍ଥୀର ମୁଣ୍ଡରେ ପାଦ ଥୋଇଦେଲେ ତାର କାମ ସମ୍ପୂର୍ଣ୍ଣ ହୋଇଗଲା ବୋଲି ଜାଣ । କାଲି ତ ଶପଥ ନେଇଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ କାମ ହୋଇଥିବ ଗୁରୁଜୀ ଜ୍ୟୋତିଷଙ୍କୁ ଆମନ୍ତ୍ରଣ କରିବା ।

ଅବଶ୍ୟ ଅଫିସରଟି ମାନିଗଲା । ସେ ପ୍ରକୃତରେ ଜାଣିନାହିଁ, ଏବେ କାହିଁକି ଜ୍ୟୋତିଷଜୀ ବିଜେ କରୁଛନ୍ତି । ତାର ଜିଦ୍ ଚାଲନ୍ତୁ ସେହି ଆଡେ ହୋଇ ଅଯୋଧ୍ୟା ବାଟ ଧରିବା ।

ଆଇଜେନ୍‌ବର୍ଗ ଯେତେବେଳେ ପ୍ରିନ୍ସିପ୍ଲ ଅଫ୍ ଅନସର୍ଟେନ୍‌ଟି, ଅନିଶ୍ଚିତ ହିଁ ନିଶ୍ଚିତ, ନିୟମର ଅବତାରଣା କରିଥିଲେ, ସେ ଭାରତୀୟ ଅବଧାନୀ ବିଦ୍ୟା ବା ହସ୍ତରେଖା ପାଠ ଜାଣି ନଥିଲେ । କିନ୍ତୁ ଶୁଣିଥିବେ ନିଶ୍ଚୟ । ତା ନ ହୋଇଥିଲେ, ସେ ଏତେ ନିଶ୍ଚିତ ହୋଇ କହି ନଥାନ୍ତେ ଯେ ଅନିଶ୍ଚିତତା ଭିତରେ ହିଁ ନିଶ୍ଚିତତା ଅଛି, ତାକୁ ଜାଣିବା ଲାଗି ସୂକ୍ଷ୍ମରୁ ସୂକ୍ଷ୍ମତର ମାପକ କାଢ଼ିବା ଦରକାର । ଭାରତୀୟମାନେ ଏ ଦିଗରେ ଆଗୁଆ । କେବଳ ହସ୍ତରେଖା

ନୁହେଁ, ସେମାନେ ଅନ୍ୟର ମନ ବି ପଢ଼ିପାରନ୍ତି, ମାଇଣ୍ଡ ରିଡିଙ୍ଗ୍ କରିପାରନ୍ତି; ଗତିଶୀଳ ଜୀବନପ୍ରବାହ ଭିତରେ ସ୍ଥିର ନିଶ୍ଚୟ ଭବିଷ୍ୟତକୁ ପଢ଼ିପାରନ୍ତି । ତା ନ ହୋଇଥିଲେ, ବିଜ୍ଞାନୀ ମାର୍କିନ ଦେଶର ରାଜନୈତିକ ନେତାମାନେ ନିଜର ଭବିଷ୍ୟତ ଜାଣିବା ଲାଗି ଜ୍ୟୋତିଷଙ୍କ ପରାମର୍ଶ ନିଅନ୍ତେ ନାହିଁ । ଜ୍ୟୋତିଷମାନଙ୍କ ମତରେ ଜାତକ ବା ହସ୍ତରେଖା ପାଠ ଏକ ବିପ୍ଲବାତ୍ମକ ବିଜ୍ଞାନ ।

ରାଜନୀତିର ରଣାଙ୍ଗନରେ ଏତେ ପ୍ରକାରର ନିୟାମକ ଅଛି ଯେ ବିଜୟର ସମ୍ଭାବନା ନ ଜାଣି ଯୁଦ୍ଧ ଭୂମିକୁ ଯିବା ଏକ ଅଣଅର୍ଥନୈତିକ ବ୍ୟାପାର । ଏତେ ପଇସା ଶ୍ରାଦ୍ଧ ହୋଇଯିବ ଯେ ଆଣ୍ଠୁ ଭାଙ୍ଗିଯିବ । ଦଳ ତରଫରୁ ଆଗାମୀ ନିର୍ବାଚନ ଲାଗି ପଇସା ମିଳିଲେ ମଧ୍ୟ ଦଳ ସପକ୍ଷରେ ହାୱା ନଥିଲେ ଜିତିବା ଅସମ୍ଭବ । ପୁଣି ଗୁଡ଼ିଏ ପଇସା ଶ୍ରାଦ୍ଧ ହେବା ସାର ହେବ । ପଇସା ନଷ୍ଟ ହେବା ସେତେ ବାଧେ ନାହିଁ, ତାଠାରୁ ବେଶି ବାଧେ ଭାବମୂର୍ତ୍ତି ନଷ୍ଟହେବା । ଲୋକଙ୍କ ସ୍ମୃତିଅବଧି ଏତେ କମ୍ ଯେ ସେମାନଙ୍କୁ ପ୍ରଲୋଭନ ଦେଖାଇ ଭୁଲେଇ ଦେଇହେବ । ତା କରିବା ମଧ୍ୟ ଏକ ପ୍ରକାରର ଅନିଶ୍ଚିତତା ।

ଏ ପ୍ରକାରର ଅନିଶ୍ଚିତତାକୁ ଏଡ଼ାଇବା ଲାଗି ନାମକରା ଜ୍ୟୋତିଷ ଖୋଜିବାକୁ ପଡ଼େ । ତୋଷାମଦକାରୀମାନେ କାମଟା ସହଜ କରି ଦିଅନ୍ତି । ନେତାମାନଙ୍କ ଝୁଙ୍କ ବା ଦୁର୍ବଳତା ଜାଣିଥିବା ଲୋକ ହିଁ ସେମାନଙ୍କ ଚେଲା ହୋଇପାରିବ । ଏବେ ହିନ୍ଦୀରେ ଏପ୍ରକାରର ଲୋକଙ୍କୁ ଚାମଚା କୁହାଯାଉଛି । ନେତା ପଚାରିବା ପୂର୍ବରୁ ଚାମଚାମାନେ ନାମଯାଦା ଜ୍ୟୋତିଷଙ୍କୁ ଧରି ଆଣନ୍ତି । ଯେତେ ତାରକାଯୁକ୍ତ ହୋଟେଲରେ ସେ ରହନ୍ତି, ତାଙ୍କ ନାଁ ସେତେ ବେଶି । ତା ଛଡ଼ା ନିର୍ବାଚନ ନଦୀର ସ୍ରୋତରେ ଭାସୁଥିବା ନେତା ଜ୍ୟୋତିଷ ବଚନକୁ ନଡ଼ାଖଣ୍ଡ ପ୍ରାୟ ଧରି କୂଳରେ ଲାଗିବାର ଆଶାକରେ, ସନ୍ତରଣର ସାମର୍ଥ୍ୟ ପାଇଥାଏ । ଜ୍ୟୋତିଷ ବଚନ ଏକ ନିଶା ଆଣିଦିଏ; ଯେଉଁଭଳି ଅଲିମ୍ପିକ୍ ଖେଳାଳୀମାନଙ୍କୁ ଷ୍ଟିରୟଡ୍ ଡ୍ରଗ୍ ରେକର୍ଡ ଭାଙ୍ଗିବାରେ ସାହାଯ୍ୟ କରିଥାଏ । ଧରା ପଡ଼ିଲା ପରେ ଖେଳାଳୀର ପଦକ ଛଡ଼ାଇ ନିଆଯାଏ ସିନା; ଜ୍ୟୋତିଷର ତାବିଜ ବା ତୁଟ୍ଟୁକାରେ ଜିତି ଥିବା ବ୍ୟକ୍ତିଠାରୁ ଲୋକ ପ୍ରତିନିଧିତ୍ୱ କେବେ ଛଡ଼ାଇ ନିଆଯାଇ ନାହିଁ - ପ୍ରଭେଦ ଏତିକି ।

ଆମେ ଖୁବ୍ ନିକଟ ହେଲୁ, ଘଟଣାଟି କଣ ଜାଣିପାରିଲୁ ନାହିଁ । ମୋ ଗାଇଡ୍ ତାହାର ଷୋଳପଣ ସାମର୍ଥ୍ୟ ଲିଆଜନିଙ୍ଗ କାମରେ ଲଗାଇଦେଲେ ମଧ୍ୟ ପାରିଲା ନାହି । ଅନନ୍ୟୋପାୟ ହୋଇ ଆମେ ଅଯୋଧ୍ୟା ମୁହେଁଇଲୁ ।

ବାଟଯାକ ମୁଁ ତାକୁ ଥଟ୍ଟା ଥଟ୍ଟାରେ କହୁଥାଏ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସହିତ କେତେ ନିବିଡ ସମ୍ପର୍କ, ମୁଁ ଜାଣିଗଲି ।

ସହଜେ ତ ଡେରି ହୋଇଯାଇଥିଲା, ପୁଣି ଭୋରୁ ଭୋରୁ ସରଯୁରେ ବୁଡ ମାରିବା କଥା । ଭୋରୁ ବୁଡ ମାରିଲେ ଏତେ ଧର୍ମ ହେବ ଯେ ସାତ ଜନ୍ମ ଯାକେ ତୁମ ପଛେ ପଛେ ଧର୍ମରାଜ ଛାଇପରି ଗୋଡାଉଥିବେ । ଗାଇଡ୍ ଅଫିସର୍‌ର ଏଭଳି ଆଶ୍ୱାସନାରେ ମୁଁ ସେ ରାତିଟା ଅଯୋଧ୍ୟାରେ ରହିଗଲି । କେବଳ ପଦେ ନ ଶୁଣାଇ ରହିପାରିଲି ନାହିଁ । "ତା ହେଲେ ତ ତୁମ ଉତ୍ତର ପ୍ରଦେଶିଆମାନଙ୍କଠାରେ ପାପର ଲେଶ ମାତ୍ର ଚିହ୍ନ ରହୁ ନ ଥିବ । ତୁମ ଏମ୍.ଏଲ୍.ଏ.ମାନେ ବାରମ୍ବାର ସରଯୁବୁଡ ପକାଇବା ଯୋଗୁ କେବେ ହାରୁ ନଥିବେ ?

ସେ ଚୁପ୍ ଚାପ୍ ମୋ ତାଚ୍ଛଲ୍ୟକୁ ଗ୍ରହଣ କରିନେବା ଲୋକ ନଥିଲା । ମୁଁ ଯେ ତା ପ୍ରଦେଶ ଉପରେ ଦୋଷ ଲଦି ଦେଇଛି ।

'କ୍ୟୋଁ, ଆପ୍‌କେ ଜଗନ୍ନାଥ ଧାମ୍‌ମେ ଐସା ନହିଁ ହେଁ କ୍ୟା' ? ସେ ଯେ ପୁରୀ କେବେ ଆସିଛି, ମୁଁ ସେତେବେଳେ ଜାଣିଲି । ଯେଉଁମାନେ ଜଗନ୍ନାଥଙ୍କୁ ଟେକି ଧରିଛନ୍ତି ବୋଲି ଡିଣ୍ଡିମ ବଜାନ୍ତି, ମୁକ୍ତି ମଣ୍ଡପ ପଣ୍ଡିତ ମହାସଭାର ବିଶିଷ୍ଟ ସଭ୍ୟ ବୋଲି ସମ୍ମାନ ପାଆନ୍ତି, ସେମାନଙ୍କ ଗୋଡ ଏତେ ଗୋଦରା ହେଉ ନ ଥାନ୍ତା । ତାହାର ଏଭଳି ଓଲଟା ଜବାବ ପାଇଁ ମୁଁ ପ୍ରସ୍ତୁତ ନଥିଲି ।

ନୂଆ ଜାଗାରେ ମୋତେ ଭଲ ନିଦ ହୁଏ ନାହିଁ । ତହିଁ ଉପରେ ପୁଣି ରାତି ନପାହୁଣୁ ସରଯୁରେ ସ୍ନାନ । ସରକାରୀ ଅତିଥି ଭବନଠାରୁ ଟିକେ ଦୂର । ଚାଲି ଚାଲି ଯିବାକୁ ପଡିବ । ତା ଭିତରେ ସକାଳ ହୋଇଗଲେ, ମୋର ସବୁ ଅଧର୍ମ ଅଧୁଆ ରହିଯିବ । ଅବଶ୍ୟ ମଶାମାନେ ଏଥିଲାଗି ବେଶ୍ କିଛି

ତାଡ଼ନା ଦେଇଥିଲେ । ମୁଁ ଭାବିଥିଲି, ଜଲ୍‌ଦି ବାହାରି ପଡ଼ିବାରେ ମୁଁ ବୋଧହୁଏ ରେକର୍ଡ ରଖିବି । ବାଟରେ ଦେଖିଲି ମୋ ଆଗରୁ ବହୁତ ଲୋକ ଚାଲିଛନ୍ତି । ସମସ୍ତେ ବିଷୟଜ୍ୱାଳାରେ ପ୍ରପୀଡ଼ିତ ନିଶ୍ଚୟ । ଅନିଦ୍ରା ଯୋଗୁ ଆଖିଜ୍ୱାଳା ମୋ ପାଇଁ ଅଧିକ ପୀଡ଼ା ।

ସରଯୁ ଶୁଖିଲା, ଗୋଟିଏ କୋଣରେ ଧାରଟିଏ । ବାଲିମିଶା ପାଣିରେ ଛିଞ୍ଚିଛିଞ୍ଚି ହୋଇ ଫେରିଲି ଅତିଥି ଭବନକୁ । ସେଠି ପୁଣିଥରେ ନ ଗାଧୋଇ ରହି ପାରିଲି ନାହିଁ । ତାପରେ ଜଳଖିଆ ଲାଗି ଅର୍ଡର ଦେଇ ବୈଠକୀ ଘରର ଚୌକିରେ ବସିପଡ଼ିଲି । ବଡ଼ ଅକ୍ତା ଲାଗୁଥିଲା ।

ସାଙ୍ଗେ ସାଙ୍ଗେ ମୋ. ଗାଇଡ୍ ଅଫିସରଟି ଖଣ୍ଡିଏ ହିନ୍ଦୀ କାଗଜ ଧରାଇ ଦେଇ କହିଲା, 'ଦେଖିଏ, କ୍ୟା ଲିଖା ହୈ' । କୋଉ ଲେଖାଟି ପଢ଼ିବି ତା ଉପରେ ଅଙ୍ଗୁଳି ରଖି ଦେଖାଇ ଦେଲା ।

'ଗୁରୁଜୀକା ଶିଷ୍ୟସେ ଦକ୍ଷିଣା ପ୍ରାର୍ଥନା' ଶିରୋନାମାରେ ସମ୍ବାଦ । ନାଁ ବଦଳାଇଥିବା ସାଧୁ ଚାରଶୋବିଶ୍ କେଶ୍‌ରେ ଫନ୍ଦି ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ।

ଖବର କାଗଜରେ ସେହି ସ୍ତମ୍ଭରେ ମୋର ଆଖି ବଡ଼ ଜୋର୍‌ରେ ଗଡ଼ି ଚାଲିଲା ।

ରାମପୁରର ଅନୁ ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ତିନୋଟି ମକଦ୍ଦମା ସ୍ୱାମୀ ଜ୍ୟୋତିଷାନନ୍ଦଙ୍କ ବିରୁଦ୍ଧରେ ରଜୁ ହୋଇଛି । ଗୋଟିଏ ମହାରାଷ୍ଟ୍ରର ଜଲଗାଓଁ ସବ୍‌ଡିଭିଜନରେ ମଧ୍ୟ ହୋଇଛି । ଅନୁପ ଦହିୱାଲା ନାମକ ଜନୈକ ବ୍ୟବସାୟୀ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ସେଆର କିଣିବାରେ ଜ୍ୟୋତିଷାନନ୍ଦଙ୍କ ପରାମର୍ଶ ଅନୁସାରେ ୧୦ ଲକ୍ଷ ଟଙ୍କା ଖଟାଇଥିଲେ । ତାଙ୍କ ଗଣନାରେ ଦହିୱାଲା କୋଟିପତି ହୋଇଯିବା କଥା । କିନ୍ତୁ ସେୟାର ବଜାର ଏତେ ମାନ୍ଦା ହୋଇଗଲା ଯେ ଦହିୱାଲା ଫକଡ଼ରାମ୍ ହେବାକୁ ବସିଛନ୍ତି । ସେ ଦେବାଳିଆ ଘୋଷିତ ହେବାଲାଗି କୋର୍ଟର ଆଶ୍ରୟ ନେଇଛନ୍ତି । ଜ୍ୟୋତିଷାନନ୍ଦ ଏବେ ବି ତାଙ୍କୁ ପରାମର୍ଶ ଦେଉଛନ୍ତି, ଟିକେ ସବୁର୍ କରିଯାଅ । ତୁମେ ମୂଳସୁଧ ସବୁ ଫେରି ପାଇବ । ଏଥିଲାଗି ସେ ଆହୁରି ଏକଲକ୍ଷ ଟଙ୍କା ଚାହୁଁଛନ୍ତି । ଏଭଳି ଠକାମିର

କ୍ଷତି ଜ୍ୟୋତିଷାନନ୍ଦ ଭରଣା କରନ୍ତୁ ଦାବି କରି ସେ ଦେଓ୍ୱାନୀ ଅଦାଲତର ଆଶ୍ରୟ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଏଥିରୁ ରକ୍ଷା କରନ୍ତୁ, ଏ ଅନୁରୋଧ କରିବାଲାଗି ଜ୍ୟୋତିଷାନନ୍ଦ ଗତକାଲି ଲକ୍ଷ୍ନୌ ବିଜେ କରିଥିଲେ ।

ଅନ୍ୟ ତିନୋଟି କେଶ୍ ଛୋଟ ଛୋଟ, କିନ୍ତୁ ମିଶିଗଲେ ମୋଟା ଅଙ୍କର । ଜନୈକ ମହିଳା ଲଲୁବାଈର ହାତ ଦେଖି ସ୍ୱାମୀ ଜ୍ୟୋତିଷାନନ୍ଦ କହିଥିଲେ, ତା ଭାଗ୍ୟରେ ଅପର୍ଯ୍ୟାପ୍ତ ପରିମାଣର ଲଟେରୀ ଜିତିବାର ସୂଚନା, ତେଣୁ ସେ ଶୀଘ୍ର ଭୁଟାନ ସରକାରଙ୍କ ସାପ୍ତାହିକୀ ଲଟେରୀରେ ବେଶ୍ କିଛି ପଇସା ଲଗାଉ । ଲଲୁ ଆସିଥିଲା ତାର ବୁଢୀପଣିଆ ରୋଗର ଉପଶମ ଲାଗି ସାଧୁ ସାହଚର୍ଯ୍ୟ ପାଇବାକୁ । ଆଳାପ ପ୍ରସଙ୍ଗରେ ସ୍ୱାମୀଜୀ ଲଲୁର ଅପର୍ଯ୍ୟାପ୍ତ ପୈତୃକ ସମ୍ପତ୍ତି ଥିବାର ସୁରାକ ପାଇଗଲେ । ତାଙ୍କର ଜଣେ ପରମ ଶିଷ୍ୟ ଜରିଆରେ ଜାଲ୍ ଲଟେରୀ ବିକାଇ ଲଲୁବାଈକୁ ୫ ଭରି ସୁନା ଅଳଙ୍କାର ତ୍ୟାଗ କରିବାକୁ ସଫଳ ଉଦ୍ୟମ କରିଛନ୍ତି । ମାନସିକ ଅଶାନ୍ତି, ଅର୍ଥହାନି, ଶାରୀରିକ ପୀଡା (ଏଣେତେଣେ ଦୌଡାଦୌଡି କରିଥିବା କାରଣରୁ) ଆଦି ବାବଦରେ ସେ ୭୫ ହଜାର ଟଙ୍କା କ୍ଷତି ପୂରଣ ଦାବି କରି ରାମପୁର କୋର୍ଟରେ ମକଦ୍ଦମା ଦାଏର୍ କରିଛି । ତୃତୀୟ ମାମଲାଟି ଜଣେ ଛାତ୍ରର । ପରୀକ୍ଷାରେ ପାସ୍ ହୋଇଯିବା ଲାଗି ସେ ଜ୍ୟୋତିଷାନନ୍ଦଙ୍କ ଚରଣାଶ୍ରିତ ହୋଇଥିଲା । ତାଙ୍କ ଶିଷ୍ୟମାନେ କହିଲେ, ଏମିତି ପୂଜା କଲେ, ସେମିତି ଭୋଗ ଦେଲେ, ପରୀକ୍ଷାରେ ନିଶ୍ଚୟ ପାସ୍ ଯେ ହେବ ତାହା ନୁହେଁ, ଭଲ ଡିଭିଜନ୍ ବି ମିଳିବ । ଏଥିରେ ପ୍ରବୁଦ୍ଧ ହୋଇ ସେ ଘରୁ ଚୋରି କରିଛି । ବାପା ମାଆଙ୍କ ବାକ୍ସରୁ ପଇସା ପତ୍ର ଉଠାଇ ନେଇଛି । ଜ୍ୟୋତିଷାନନ୍ଦ ଓ ତାଙ୍କ ଶିଷ୍ୟମାନେ ଜାଣିଥିଲେ ଯେ ଛାତ୍ର ହିସାବରେ ତାର ନିଜର କୌଣସି ରୋଜଗାର ନାହିଁ । ଭଲ ଭଲ ଉଦ୍ଦେଶ୍ୟ ହାସଲ କରିବାରେ କୌଣସି ଉପାୟ ମନ୍ଦ ନୁହେଁ ବୋଲି ଶିଷ୍ୟମାନେ ବୁଝାଇ ଥିଲେ । ପଢାପଢି କରିବା ପରିବର୍ତ୍ତେ ସେ ପୂଜାପୂଜିର ପଇସା ଯୋଗାଡ କରିବାର ଉପାୟ ଖୋଜିବାରେ ଲାଗିଥିଲା । ପରୀକ୍ଷାରେ ଫେଲ୍ ତ ହେଲା, ଏବେ ବିଭିନ୍ନ ଚୋରୀ ଅପରାଧରେ ଅଭିଯୁକ୍ତ । ବର୍ତ୍ତମାନ ଜ୍ୟୋତିଷାନନ୍ଦ ଆହୁରି ପଇସା ମାଗୁଛନ୍ତି, ତାଙ୍କ ଶିଷ୍ୟ ଜରିଆରେ । ଗ୍ରହଶାନ୍ତି ପୂଜା କଲେ ସେ ପୋଲିସ୍ କବଳରୁ ରକ୍ଷା ପାଇବ ନିଶ୍ଚୟ, ଏଭଳି କହି ତାକୁ ପୁଣି ଘରୁ ଚୋରି କରିବାକୁ ପ୍ରବର୍ତ୍ତାଉଛନ୍ତି । ସେ ସ୍ଥାନୀୟ ପୋଲିସ୍‌ରେ ଯେତେ ଏତଲା ଦେଲେ ମଧ୍ୟ ସ୍ୱାମୀଜୀଙ୍କ ବଡବଡିଆଙ୍କ

ସହିତ ଘନ ସମ୍ପର୍କ ଥିବାରୁ କୌଣସି ଫୌଜଦାରୀ ମକଦ୍ଦମା ହୋଇପାରିବ ନାହିଁ ବୋଲି ଏବେ ରୋକ୍‌ଠୋକ୍ ଶୁଣିବା ପରେ ଛାତ୍ରିଟି ଏକ କ୍ଷତିପୂରଣ ମାମଲା ସ୍ଥାନୀୟ ଦେୱାନୀ ଅଦାଲତରେ ଦାଏର କରିଛି ।

ଶେଷ ମାମଲାଟି କୌତୁହଳୋଦ୍ଦୀପକ । ଆସାମୀର ସ୍ୱାମୀ ପରସ୍ତ୍ରୀ ସାଙ୍ଗରେ ଯେଭଳି ନ ମାତେ ସେଥିଲାଗି ସେ ସ୍ୱାମୀ ଜ୍ୟୋତିଷାନନ୍ଦଙ୍କ ପାଦତଳେ ଆଶ୍ରୟ ନେଇଥିଲା । ତାର ସ୍ୱାମୀ-ଆକର୍ଷଣକାରୀ ଶକ୍ତି ବଢ଼ାଇବା ଏବଂ ସ୍ୱାମୀର ପରସ୍ତ୍ରୀଗମନ-ପ୍ରବଣତା କମାଇବାର ଉପାୟ ବତାଇବା ଆଳରେ ସ୍ୱାମୀଜୀ ତାର ସର୍ବସ୍ୱ ଲୁଟ୍ କରି ନେଇଛନ୍ତି । ସେ ମଧ୍ୟ ଫୌଜଦାରୀ କେଶ ରୁଜୁ କରିବାରେ ଅସଫଳ ହୋଇ କ୍ଷତିପୂରଣ ବାବଦରେ ସ୍ୱାମୀ ଜ୍ୟୋତିଷାନନ୍ଦଙ୍କ ସମ୍ପତ୍ତିର ଅଧା ସ୍ୱତ୍ତ୍ୱ ଦାବୀ କରି ମକଦ୍ଦମା ରୁଜୁ କରିଛି । ଯେହେତୁ ସ୍ୱାମୀଜୀ ତା ସହିତ ସ୍ୱାମୀ ଭଳି ବ୍ୟବହାର କରିଛନ୍ତି, ତାଙ୍କୁ ସ୍ତ୍ରୀ ରୂପେ ଗ୍ରହଣ କରନ୍ତୁ ଅଥବା ଅଧା ସମ୍ପତ୍ତି ଦିଅନ୍ତୁ ।

ସମ୍ବାଦରେ ଶେଷ ଦୁଇଧାଡିରେ ଲେଖା ଅଛି : ମୁଖ୍ୟମନ୍ତ୍ରୀ ମହୋଦୟ କହିଛନ୍ତି, ଏସବୁର କାରଣ ମାର୍କିନ୍ ପ୍ରଭାବ । ୱାର୍ଲଡ୍ ବ୍ୟାଙ୍କ ଟଙ୍କା ଜରିଆରେ ଯେତେ ସବୁ ଆମେରିକୀୟ କୁସଂସ୍କୃତି ଆମ ଦେଶରେ ପଶିଗଲାଣି । ନ ହେଲେ ଯୋଉ କଥା ସବୁ ଲୁଚେଇ ରଖିବା କଥା, ସେ ସବୁ କୋର୍ଟ କେଚେରୀକୁ ଯାଆନ୍ତା ? ଏ ମାଜିଷ୍ଟ୍ରେଟ୍‌ଗୁଡାକ ବି ଆଉ ଇନ୍ଦ୍ର ଚନ୍ଦ୍ର ମାନୁନାହାନ୍ତି । ସେ ଗୁରୁଜୀଙ୍କୁ କୁଆଡେ ଆଶ୍ୱାସନା ଦେଇଛନ୍ତି : ସମୟକ୍ରମେ ସବୁ ଠିକ୍ ହୋଇଯିବ । ସାରା ରାଜ୍ୟର କଳ ବଳ ଯେ ତାଙ୍କ ହାତରେ ।

ଏତକ ଲେଖିସାରି ପାଦଟୀକା ଭାବରେ ସମ୍ବାଦପତ୍ରଟି ଲେଖିଛି : ଯାହାର ଜ୍ୟୋତିଷିବାଣୀ ଯୋଗୁଁ ସେ ରାଜ୍ୟର ନିୟନ୍ତ୍ରକ ହୋଇଛନ୍ତି, ତାଙ୍କୁ ସେ ଉଦ୍ଧାର କରିବେ— ଏ ବିଶ୍ୱାସ ଆମର ଅଛି । ଅସତ୍ ଉପାୟରେ ରୋଜଗାର କରୁଥିବା ଲୋକେ କାଳେ କାଳେ ରାଜନୈତିକ ସୁରକ୍ଷା ପାଇ ଆସିଛନ୍ତି ।

ସାମନାର ଟି ପୟ ଉପରେ କାଗଜଟାକୁ ଥୋଉ ଥୋଉ ମୋ ମୁହଁରୁ ବାହାରି ପଡିଲା - କାଲିଠୁ ଏ କାଗଜର ପ୍ରକାଶନ ବନ୍ଦ ହୋଇଯିବ ।

## ଦାରିଦ୍ର୍ୟ ମହାମନ୍ତ୍ର

ଦାରିଦ୍ର୍ୟର ମୂଲ୍ୟ ଅଛି । ସେ ଦିନ ଏକ ରାଜନୈତିକ **ସମ୍ମାନରେ** ଜଣେ ସମାଜ ବିଜ୍ଞାନୀ ଅଧ୍ୟାପକ କହିବା ବେଳେ ଶ୍ରୋତାମାନେ ତାଳିମାରି ସଭାଗୃହକୁ କମ୍ପାଇ ଦେଇଥିଲେ । ନେତାମାନେ ଦାରିଦ୍ର୍ୟର ମୂଳୋତ୍ପାଟନ ନାମରେ କିଭଳି ଭେଳିକି ଲଗାଇଛନ୍ତି, ପ୍ରତି ପ୍ରାକ୍‌ନିର୍ବାଚନୀ ପ୍ରଚାରରେ ଏବଂ ନିର୍ବାଚନ ଇସ୍ତାହାରରେ କିସମ କିସମର ଦାରିଦ୍ର୍ୟର ଅପନୋଦନ ଲାଗି କିସମ କିସମର ଉପାୟ କିଭଳି ଲୋକ ସମକ୍ଷରେ ପେଶ୍ କରାଯାଏ, ଇତ୍ୟାଦି ବିଷୟରେ ବିଭିନ୍ନ ଅଧ୍ୟାପକ ଓ ସାମାଜିକ ଚେତନା ଉଦ୍ରେକକାରୀମାନେ ଶ୍ରୁତିମଧୁର ହାସ୍ୟୋଦ୍ଦୀପକ ଭାଷଣମାନ ଦେଇଥିଲେ । ଯେଉଁ ଦଳ ଯେତେ ଜନାଦୃତ କାର୍ଯ୍ୟକ୍ରମ ଭୋଟରମାନଙ୍କ ଆଗରେ ଥୋଇପାରିଲା ସେ ଦଳ ସେତେ ବେଶି ଭୋଟ ପାଇଥାଏ, ଅନ୍ତତଃ ପାଇବାର ଆଶା ରଖିଥାଏ । ଦଳର ବିଜୟ ଲାଗି ଦାରିଦ୍ର୍ୟର ମୂଲ୍ୟ କଷାଯାଏ । ଦାରିଦ୍ର୍ୟ ଥିଲେ ତ ମୂଳ ହେବ ? ସେହି କାରଣରୁ ଗଣତନ୍ତ୍ରରେ ଦାରିଦ୍ର୍ୟର ମୂଳୋତ୍ପାଟନ ହେବ ନାହିଁ । ଦାରିଦ୍ର୍ୟ ନ ରହିଲେ କାହାକୁ ଘେନି ଜନମଙ୍ଗଳ ରାଷ୍ଟ୍ର ନାମରେ ରାଜନୀତି କରାହେବ ? ଜନ କିଏ, କାହାର ମଙ୍ଗଳ ଦରକାର ? ତେଲିଆ ମୁଣ୍ଡକୁ ତେଲ ଆପେ ଆପେ ଯିବ, କିନ୍ତୁ ଭୋଟ ଲାଗି ଦାରିଦ୍ର୍ୟସୀମାରେ ଓ ଦାରିଦ୍ର୍ୟସୀମାତଳେ ଥିବା ଶତକଡା ଅଶୀ ଲୋକଙ୍କୁ ତେଲେଇବାକୁ ପଡିବ । କିଛି ଗୋଟିଏ ନୂଆ କିମିଆ କାଢିବାକୁ ପଡିବ । ଏଥିପାଇଁ ଅଫିସରମାନେ ବାଟ ବତାଇ ଦେବେ । ଭୋଟ ରାଜନୀତିରେ ଦାରିଦ୍ର୍ୟର ମୂଲ୍ୟ ଏମିତି ।

ଏବେ ମୁଁ ଦାରିଦ୍ର୍ୟର ଯେଉଁ ମୂଲ୍ୟ ଦେଖିଲି ତାକୁ ନଗଦ ଟଙ୍କା ଆକାରରେ ଗଣି ପାରୁଛି । ଏକଥା ମୋ ମୁଣ୍ଡ ଭିତରେ ପଶି ଏତେ ଜୋରରେ ଶବ୍ଦ କରୁଛି ଯେ ରେଳଗାଡ଼ିର ମୁଁ ପିଲାବେଳେ ଶୁଣିଥିବା 'ଯା ଡୋଲିପୁର ଛ ଛ ପଇସା'* ଗୀତ ମୋ କାନକୁ ଶୁଭୁ ନାହିଁ ।

ପିଲାଟି ହାତ ପତାଇଥିଲା । ତା ସାମନାରେ ବିଛେଇ ହୋଇଥିବା ଅଖା ଖଣ୍ଡକରେ ଗୁଡିଏ ଦଶପଇସି, କୋଡ଼ିଏ ପଇସି, ସୁଉକି ପଡ଼ିଥିଲା । ଦୁଇ ତିନୋଟି ଟଙ୍କାକିଆ, ଦି'ଟଙ୍କିଆ ନୋଟ୍ ମଧ୍ୟ ପଡ଼ିଥିଲା । ପିଲାଟିର କଥାରୁ ଜଣାପଡ଼ିଲା କେତେକ ଲୋକ ଅଳ୍ପ ଦେବାକୁ ଚାହାନ୍ତି, ଖୁଚୁରା ନଥିବାରୁ ନୋଟ୍‌ଟିଏ ପକାଇ ଆବଶ୍ୟକ ଖୁଚୁରା ତା ଅଖା ଉପରୁ ନିଜେ ଉଠାଇ ନିଅନ୍ତି ।

କଟଟି ପାଖରୁ ପିଲାଟିର ହାତଟି କଟି ଯାଇଛି । ଡାହାଣ ହାତର ଏମିତି ଦଶାରେ ପିଲାଟି କେତେ କଷ୍ଟ ପାଇ ନ ଥିବ ! ମୁଁ ପଚାରିଲି, ଜନ୍ମରୁ କଣ ତୋ ଦଶା ଏମିତି ?

ପିଲାଟା ଏଣେ ତେଣେ ଚାହିଁଲା । ସତେ ଯେପରି କାହାକୁ ସେ ପଚାରିବ !

ମୁଁ ଶୀଘ୍ର ଉତ୍ତର ପାଇବା ଲାଗି କହିଲି, କାହାକୁ ଖୋଜୁଛୁ ? ତୁ ତ ନିଜେ ଭୁକ୍ତଭୋଗୀ, କେବେଠୁ ହାତ ଖଣ୍ଡିଆ ହୋଇଛି କହି ପାରିବୁ ନାହିଁ ?

ଜନ୍ମରୁ ପାପୁଲି ନଥିଲେ ଯେମିତି ଦେଖାଯିବା କଥା ତା ହାତ ସେମିତି ଦେଖା ଯାଉ ନଥିଲା । ଜନ୍ମରୁ ହୋଇଥିଲେ ହାତ ଅଗଟା ଗୋଲିଆ ହୋଇଥାନ୍ତା । ମାଦଳ ଭଳି । ଏ ପିଲାଟାର ତ ଗୋଜିଆ ଦିଶୁଛି । ହାତ କଟିଯାଇଛି ବା କଟାହୋଇଛି ନିଶ୍ଚୟ ।

---

* *ଯାଜପୁରରୋଡ ଷ୍ଟେସନର ପୁରୁଣା ନାମ ଡୋଲିପୁର । ହରିଦାସପୁରରୁ ଯେଉଁମାନେ ଡୋଲିପୁର ଟିକଟ କରୁଥିଲେ, ସେମାନଙ୍କୁ ଛ ପଇସା ପାଉଣା ଦେବାକୁ ପଡୁଥିଲା । ୧୯୫୦ ଦଶକର କଥା । ରେଳଧାରଣା ଉପରେ ଚକ ଗଡ଼ିବାର ଶବ୍ଦ କୁଆଡେ ଏହି ବାକ୍ୟର ଦ୍ୟୋତକ ଥିଲା ।*

ପିଲାଟି ଯୁଆଡେ ଚାହୁଁଥିଲା ସେଆଡେ ଚାହିଁଲା । ଜଣେ ଦୁଇ ଜଣ ବୟସ୍କ ଲୋକ ମୋ ଆଖିରୁ ଦୂରେଇ ଯାଉଥିବାର ଦେଖିଲି । ପିଲାଟି ସମ୍ଭବତଃ ତାହା ହିଁ ଲକ୍ଷ୍ୟ କରୁଥିଲା । କହିଲା, ଆପଣ ତ ଭିକ ଦେବେ । ନ ଦେବେ ତ ନାହିଁ । ମୋ ହାତ କିପରି କଟିଲା ସେ ବିଷୟ ଜାଣି ଆପଣଙ୍କର ଲାଭ କଣ ? ମୁଁ କହିଦେଲେ ବି ମୋର କି ଲାଭ ? ପାପୁଲି ତ ଆଉ ଲେଉଟି ଆସିବ ନାହିଁ । ବରଂ ଉଭୟଙ୍କର ସମୟ ନଷ୍ଟ ହେବ । ଆପଣ ଚାଲିଗଲେ ବରଂ ଆଉ ଜଣଙ୍କର ଛାଇ ମୋ ଉପରେ ପଡିବ, ତା'ଠୁ କିଛି ମିଳିପାରେ । ରାତି ହେବା ପୂର୍ବରୁ ଦଶ ପନ୍ଦର ନ ହେଲେ ବାପା ଉପାସ ରହିବେ, ମୁଁ ବି ଉପାସ ।

ବାପା ଅଛି ଶୁଣି ମୋର କୌତୂହଳ ବଢିଲା । ବିକଳାଙ୍ଗ କରି ପିଲାଟାକୁ ଭିକ ମଗାଉଛି ଯୋଉ ବାପା, ତା ବିଷୟରେ ଜାଣିବାକୁ ଇଚ୍ଛା ହେଲା ।

ମୋର ପ୍ରଶ୍ନରେ ପିଲାଟି ବିରକ୍ତ ହୋଇଥିବାର ଦେଖି ମୁଁ ଆଶ୍ୱାସନା ଦେଇଥିଲି । ମୁଁ ତୋର ଦୁଃଖ ବଢାଇବାକୁ ଚାହୁଁନି, ତୋର ଦୁଃଖ ଦେଖି ମୋତେ ବାଧୁଛି । ମୋର ବି ତ ପିଲାଛୁଆ ଅଛନ୍ତି । ତୋ ବୟସର ପୁଅଟିଏ ବି ଆମ ପାଖରେ ଏମିତି କଷ୍ଟରେ ଥିଲେ ମୁଁ ସହିପାରି ନ ଥାନ୍ତି ।

କଣ ତାକୁ ମାରି ଦେଇ ଥାଆନ୍ତ ? ଆପଣରୁ ତୁମେ ସ୍ତରକୁ ପିଲାଟିର ସମ୍ବୋଧନ ଖସିଯିବାର ଲକ୍ଷ୍ୟ କରି ମୁଁ ଖୁସିହେଲି; ଏଣିକି ଖୋଲା କଥା କହିପାରେ । ପିଲାଟି ମୋତେ ଯେ ପର ବୋଲି ଆଉ ଭାବୁ ନାହିଁ ।

ମୁଁ ଆଶ୍ୱସ୍ତ ହୋଇ ସ୍କୁଟରଟିକୁ ସିଧା ଠିଆ କରି ତା ଆଡକୁ ମୁହଁ ବୁଲାଇଲି । ତା ପ୍ରଶ୍ନର ଉତ୍ତର ଦେଲି, ଯେତେ ବିକଳାଙ୍ଗ ହେଲେ ବି କୋଉ ବାପ କେବେ ତା ପିଲାକୁ ମାରିଦେବ ? ଆଚ୍ଛା, ତୋ ନାଁ କଣ ?

ପିଲାଟିର ମୁହଁରୁ ବାହାରି ପଡିଲା, 'ହଗୁରା,' ତାପରେ ହିନ୍ଦୀ ଭାଷାର ବାକ୍ୟ । ବାପାକୁ ବହୁତ ଦିନ ହେଲା ଦେଖିନାହିଁ । କହୁ କହୁ ତା ଆଖିରୁ କେଇଟୋପା ଲୁହ ଗଡି ପଡିଲା । ସାଙ୍ଗେ ସାଙ୍ଗେ ଆଖି ପୋଛି ପକାଇ କହିଲା; ଆପଣ ଏଠୁ ପଳାନ୍ତୁ । ଜଲଦି ପଳାନ୍ତୁ ମୋର ଭିକ ଦରକାର ନାହିଁ ।

କଥାଟା ରହସ୍ୟମୟ ହୋଇଗଲା । ମୁଁ ପିଲାଟିର ଡର କେଉଁଠି ଜାଣିବା ଲାଗି ଚେଷ୍ଟା କଲି । ତା ମୁହଁ ପାଖକୁ ନଇଁ ପଡି ପଚାରିଲି, 'ରାତି ହେବା ପୂର୍ବରୁ ଦଶ ପନ୍ଦର ନ ହେଲେ ବାପା ଉପାସ ରହିବେ, ଆଉ ତୁ ବି ଉପାସ ରହିବୁ, ଏକଥା ଏଇଶୁଣିକା କହିଥିଲୁ ପରା,' ଏତକ ଓଡିଆରେ କହି ମୁଁ ହିନ୍ଦୀରେ ଦୋହରାଇଲି । ସମ୍ଭବତଃ ପିଲାଟି ଓଡିଆ ଶୁଣିବାକୁ ଚାହିଁ ନ ଥିଲା । ମୁଁ ପଚାରିଲି ତୋ ବାପା କେଉଁଠି ରହେ ?

ପିଲାଟି ଚାରିଆଡେ ଆଖି ବୁଲେଇଲା । ବଡ ସନ୍ତର୍ପଣରେ ଦେଖୁଥିଲା, ଯେପରି ମୁଣ୍ଡଟା ତିନିଶହ ଷାଠିଏ ଡିଗ୍ରୀ ନବୁଲେ । ମୋର ସନ୍ଦେହ ଦୃଢୀଭୂତ ହେଲା ଯେ ଅନତି ଦୂରରେ କୌଣସି ଏକ ଗ୍ରହ ଯାକୁ ଚନ୍ଦ୍ର ଭଳି ଘୂରାଉଛି । କେହି ଏ ପିଲାଟିକୁ ଜଗି ରହିଛି । ସେଭଳି ଲୋକମାନଙ୍କର ନଜରରୁ ସୁରକ୍ଷିତ ଭାବରେ ଦୂରକୁ ନ ନେଲେ ପିଲାଟି ସତ କହିବ ନାହିଁ ।

ତୋ ବାପା ପାଖକୁ ଯିବୁ ତ ? ମୋତେ ପୁରା ଠିକଣା କହିଦେ, ମୁଁ ତୋ ବାପାକୁ ନେଇ ଆସିବି । ମୁଁ ତାକୁ ସାହସ ଦେବା ଲାଗି ଗଳଗଳ କହି ପକାଇଲି ।

ତଥାପି ପିଲାଟି ଚୁପ ରହିଲା । ଚାରିଆଡେ ଖାଲି ଚଙ୍ଗ ଚଙ୍ଗ ହୋଇ ଚାହୁଁଥାଏ । ମୁଁ ତାକୁ ପୁଣି ସାହସ ଦେବା ଲାଗି କହିଲି, ମୋ ପଛରେ ବସ୍ । ମୁଁ ତତେ ପୋଲିସ୍ ଷ୍ଟେସନକୁ ନେଇଯିବି । ସେଠାରୁ ତୋ ବାପାକୁ ଖୋଜିବା ସହଜ ହୋଇଯିବ । ଆଉ ତୁ ଯାହାକୁ ଡରୁଛୁ, ସେ ଲୋକ୍ ପୋଲିସ୍ ପାଖକୁ ଯିବ ନାହିଁ । ତୁ ଯେ ପର୍ଯ୍ୟନ୍ତ ବାପାକୁ ନ ପାଇଛୁ, ମୋ ପାଖରେ ରହିବୁ ।

ପିଲାଟି ହଠାତ୍ ତାର ମୁଣ୍ଡାମୁଣ୍ଡି ବାନ୍ଧିବା ଆରମ୍ଭ କଲା ! ମୁଁ ଭାବିଲି, ସମ୍ଭବତଃ ମୁଁ ତାକୁ ଅଭୟ ଦେଇ ପାରୁନାହିଁ, ପୁଣି ସେ ମୋତେ ଡରୁଛି ଅଥଚ ମୁଁ ଯାଉନାହିଁ : ତେଣୁ ବୋଧହୁଏ ସେ ଏଠୁ ଉଠି ପଳାଇବା ମସୁଧା କଲାଣି । ତାକୁ ଅଡୁଆରେ ନ ପକାଇବା ପାଇଁ ମୁଁ କହି ପକାଇଲି, ହଉ ତୁ ଥା, ମୁଁ ମୋ ବାଟରେ ଯାଉଛି ।

ହଠାତ୍ ସେ ମୋ ସ୍କୁଟରର ଆଗକୁ ଆସି ସାମନା ଫୁଟ୍‌ବୋର୍ଡରେ ଠିଆହୋଇ ପଡିଲା, ମୋତେ ନେଇ ଚାଲ, ମୋ ବାପା ପାଖକୁ । ମୋ ମା ବହୁତ କାନ୍ଦୁଥିବ ।

ମୁଁ କେତେ ବୋକାଟାଏ ମ ! ଛୋଟ ପିଲାଟାଏ ହେଲେ ବି କେତେ ଚୁପ୍‌ଚାପ୍ କାମ କରି ନେଉଛି । ଏ ପିଲାଟି ଖୋଲାଖୋଲି ତା ଇଛା ନ ଦର୍ଶାଇବାର କାରଣ ଡର । ପଛ ସିଟ୍‌ରେ ନ ବସି ସେ ମୋ ଆଗରେ ଦି ହାତ ମଝିରେ ଠିଆହେବା ପାଇଁ ବାଛି ନେବାର କାରଣ ବି ସେହି ଡର ।

ପୋଲିସ ଷ୍ଟେସନକୁ ନେଇ ମୁଁ ଥାନାବାବୁଙ୍କ ଅଭୟ ଆଶ୍ରୟ ମାଗିଲି । ପୋଲିସକୁ ହଇରାଣ ବା ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ, ମୁଁ ପିଲାର ଖର୍ଚ୍ଚ ବହନ କରିବି ବୋଲି ଆଶ୍ୱାସନା ଦେଲି ।

ସବୁ ପୋଲିସ ଅଫିସର ତାଙ୍କ ଭଳି ସମଝଦାର ହେଲେ ଦୁନିଆରେ ଅପରାଧ କେତେ କମି ଯାଆନ୍ତା ତାହା ମୁଁ ଭାବୁଥିଲି । ତେଣେ ଥାନାବାବୁ ପିଲାଟିର ଜେରା ଆରମ୍ଭ କରି ଦେଇଥିଲେ । ଆମେ ଯେଉଁ ଅର୍ଥରେ ଜେରା ବୁଝୁ ସେଭଳି ନ କରି ଥାନାବାବୁ ଜଣେ ଉପକାରୀ ଅଭିଭାବକ ଭଳି ଅଭୟ ଦେଉଥାନ୍ତି, ସାକୁଲାଉଥାନ୍ତି, ମଝିରେ ମଝିରେ ସେ କଣ ଖାଇବାକୁ ଚାହେଁ ବୁଝୁଥାନ୍ତି । ଅବଶ୍ୟ ଯେଉଁ କନଷ୍ଟେବଲ ଥାନାବାବୁଙ୍କ ଆଦେଶର ତାମିଲ୍ କରୁଥାଏ ସେ ମୋ ଇଙ୍ଗିତରେ ମୋ'ଠାରୁ ପଇସା ନେଇଯାଉଥାଏ ।

କେତେ ଦିନ ବିତିଛି ହଗୁରାର ମନେ ନଥିଲା । ଜେରାରୁ ମନେ ହେଲା ପାଞ୍ଚ ବର୍ଷତଳର କଥା । କାରଣ ଯୋଉ ମେଳଣର ବିବରଣୀ ସେ ଦେଲା, ତାହା ଚାରି ବର୍ଷହେଲା ବନ୍ଦ ଥିଲା । ବନ୍ଦହେବାର କାରଣ ଥିଲା ପିଲା ଚୋରି । ମେଳଣରୁ ଛ ସାତ ପିଲା ଚୋରି ହୋଇଗଲେ ବୋଲି ଖବର ଯେମିତି ବ୍ୟାପିଗଲା, ମେଳଣ ବନ୍ଦ ହୋଇଗଲା । ଗତବର୍ଷ ସେ ଅଞ୍ଚଳର ଯୁବକମାନେ ସ୍ଥାନୀୟ ଅଫିସରମାନଙ୍କ ସହ ମିଶି ତାର ପୁନରୁତ୍‌ଥାନ କରିଛନ୍ତି । ହଗୁରା ଘର ଛାଡିବା ଚାରିବର୍ଷ ଆଗର ।

ଆପଣଙ୍କ ଅଞ୍ଚଳର ପିଲା ଚୋରି ହୋଇ ଏତେ ବାଟ ଆସିଛି ଆପଣ ଜାଣିଥିଲେ ? ଥାନାବାବୁଙ୍କ ପ୍ରଶ୍ନ ।

ନା । ମୁଁ କେବେ ଭାବି ନଥିଲି ମୋ ଅଞ୍ଚଳର ପିଲା ବୋଲି । ହଗୁରା ନାଁଟା ହିଁ ମୋତେ ସନ୍ଦେହରେ ପକାଇଲା । ହଗୁରା ନାଁ ଓଡିଶାରେ ବେଶ୍ ପ୍ରଚଳିତ । ଓଡିଆ ଲୋକଙ୍କ ଧାରଣା, ଏପରି ନାମ ଦେଲେ ଯମ ସହଜରେ ପିଲାକୁ ନେବ ନାହିଁ । ଏବେ ତାର ମେଲଣି ବର୍ଣ୍ଣନାରୁ ଆମ ଗାଁ ପାଖ ମୁନ୍‌ସୀ ମେଲଣ କଥା ମନେ ପଡିଲା । ତା ସାଙ୍ଗରେ ଖାପ ଖାଇଲା ପରି ଲାଗିଲା ।

ଏମିତି ରାଜଯୋଟକ କିପରି ପଡିଲା ବୋଲି ଥାନାବାବୁ ମୋତେ ପଚାରିଲେ ।

ଛକ ପାଖ ଲାଇଟ୍ ସଙ୍କେତକୁ ଅପେକ୍ଷା କରି ମୁଁ ଅଟକି ନ ଯାଏ, ସିଏ ମୋତେ ଭିକ ନ ମାଗେ, ମୋର ସନ୍ଦେହ ନ ହୁଏ, ଆଉ ମୁଁ ତାକୁ ଆପଣଙ୍କ ପାଖକୁ ନ ଆଣେ । ମୁଁ ତାର କଥାବାର୍ତ୍ତା ଢଙ୍ଗରୁ ଆମ ଆଡର ପିଲା ବୋଲି ସନ୍ଦେହ କରିଥିଲି । ଚୁପ ନ ରହି ମୁଁ ଏକା ଦମ୍‌ରେ କହି ଚାଲିଲି ।

ମୁଁ ବଡା ଇମାମବାରା ଦେଖିବାକୁ ଯାଇଥିଲି । ଆପଣଙ୍କ ଆଡେ ଏତେ କିଛି ଦେଖିବାର ଜିନିଷ ଅଛି ଜାଣି ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୁଁ ବହିରୁ ଜାଣିଥିଲି, ଆଖିରେ ଦେଖି ନଥିଲି । ଏବେ ତ ମୋର ଲକ୍ଷ୍ନୌ ପୋଷ୍ଟିଙ୍ଗ ହେଲା । ୧୭୮୪ରେ ଲକ୍ଷ୍ନୌର ନବାବ ଆସଫ୍ ଉଦ୍ଦୌଲା ତତ୍କାଳୀନ ଦୁର୍ଭିକ୍ଷର ମୁକାବିଲା କରିବା ଲାଗି ଲୋକଙ୍କୁ କାମଦାମ ଯୋଗାଇବା ଉଦ୍ଦେଶ୍ୟରେ ଇମାମବାରା ତିଆରି କଲେ । ମରୁଡି ସାହାଯ୍ୟର ଏହା ଏକ ଐତିହାସିକ ସାକ୍ଷୀ । ୧୫ ମିଟର ଉଚ୍ଚ ଗମ୍ବୁଜ ତଳେ ୫୦ ମିଟର ଲମ୍ବ ହଲ୍‌ଟି ପୃଥିବୀରେ କୁଆଡେ ଏ ଧରଣର ବୃହତ୍ତମ ଗଠନ । ଉପରେ ଯୋଉ ଭୁଲ୍‌ଭୁଲେୟା ଅଛି ସେଠିତ ଜଣେ ସହଜରେ ବାଟ ଭୁଲିଯିବ । ପୁରୁଣା କାଳିଆ କୂଅ ବାଓଲି ବି ଦେଖିବାର କଥା । ଅଗଣାରେ ଥିବା କୂଅର କୁଆଡେ ତଳ ନାହିଁ । ଅତଳ କୂଅ ଖୋଳାଗଲା କିପରି, ପ୍ରଶ୍ନ କଲେ ଗାଇଡ୍ ଅଲ୍ଲାତଲ୍ଲାଙ୍କ

ଦୁଆ ବୋଲି କହୁଛି । ଅଣ-ମୁସଲମାନମାନେ ସେଠାକାର ମସଜିଦ୍ ଭିତରକୁ ଯିବା ମନା ଦେଖି ମତେ ବଡ ଦୁଃଖ ଲାଗିଲା । ଜଣେ ଦେଖି ଦେଲେ କଣ ମସଜିଦ୍ ଅପବିତ୍ର ହୋଇଗଲା ? ଏମିତି ଅସହିଷ୍ଣୁଭାବ ବି ହିନ୍ଦୁମାନଙ୍କର ଅଛି ।

ନିଜର ପୋଲିସୀୟ ଜେରାରୁ ଟିକେ ଅବସର ପାଇ ଥାନାବାବୁ ବି ଲକ୍ଷ୍ନୌ ବର୍ଣ୍ଣନାରେ ମାତିଗଲେ । ପଚାରିଲେ ଆପଣ ଜାଣନ୍ତି ନଗରର ନାମ କେମିତି ଲକ୍ଷ୍ନୌ ହେଲା ? ଗୋମତୀ ଡାହାଣ କୂଳରେ ଗୋଟିଏ ଟାପୁ ଅଛି ଦେଖିଛନ୍ତି ? ତା ନାଁ ଲକ୍ଷ୍ମଣ ଟିଲା, ସେହିଠି ପ୍ରଥମେ ସହରଟିଏ ତିଆରି ହୋଇଥିଲା । କେଜାଣି, ଖୋଳାଖୋଳି କଲେ ପ୍ରମାଣ ମିଳିପାରେ । ଲକ୍ଷ୍ମଣ ଟିଲାରୁ ଲକ୍ଷ୍ନୌ ନାମ ହୋଇଛି । କହୁଁ କହୁଁ ଥାନାବାବୁ କହି ପକାଇଲେ, ଅଞ୍ଚଳଟାଯାକ ହିନ୍ଦୁ ଅଞ୍ଚଳ ।

ଆମେ କଣ ଇତିହାସକୁ ବଦଳାଇଦେବା ? ଥାନାବାବୁଙ୍କ ହିନ୍ଦୁତ୍ୱକୁ ଆଘାତ ନ କରି ମୁଁ ପଚାରିଲି ।

ଥାନାବାବୁ ମୌଳବାଦୀ ହିନ୍ଦୁ ବୋଲି ମୋର ମନେ ହେଲା । ସେ କହିଲେ, କାହିଁକି ? ଯଦି ସେମାନେ ସେମାନଙ୍କ ଶାସନକାଳରେ ହିନ୍ଦୁତ୍ୱ ବଦଳାଇ ପାରିଲେ, ଆମେ କାହିଁକି ଏବେ ଇସ୍‌ଲାମତ୍ୱ ବଦଳାଇ ପାରିବା ନାହିଁ ? ଇତିହାସ ତ ଶାସକମାନଙ୍କ କର୍ମ, ଅକର୍ମ ଓ କୁକର୍ମର କାହାଣୀ !

ମୌଳବାଦୀ ଯୁକ୍ତି ଶୁଣିବାକୁ ମୁଁ ରାଜି ନଥିଲି । କଥାର ଦିଗ ବଦଳାଇ ହଗୁରାର ବାପା ମା ଖୋଜିବା କାମରେ ଆନ୍ତରିକ ଚେଷ୍ଟା କରିବାକୁ ମୁଁ ଥାନାବାବୁଙ୍କୁ ଅନୁରୋଧ କଲି ।

ସେ ଗୋଟିଏ ଜାତୀୟ ସ୍ତରର କାଗଜ ସହିତ ତିନୋଟି ଓଡିଆ କାଗଜରେ ବିଜ୍ଞାପନ ଦେବାର ବନ୍ଦୋବସ୍ତ କରିବେ କହିଲେ ।

ହଗୁରା ପିଠି ଓ ମୁହଁରେ ଆଲକାତରା ବୋଳା ହୋଇଥିଲା । ସମ୍ଭବତଃ ତାକୁ କେହି ଚିହ୍ନି ପାରିବେ ନାହିଁ ବୋଲି । ତିନି ମାସ ହେଲା ସେ ଗାଧୋଇ ନାହିଁ । ସେ କେତେ କେତେ ଜାଗା ଘୂରି

ଆସିଛି ଜାଣେ ନାହିଁ । ଏ ସହରଟା ଲକ୍ଷ୍ନୌ ବୋଲି ସେ ଆଜି ଆମମାନଙ୍କର ଜେରାରୁ ଜାଣୁଛି । ସେମାନେ କାହାରି ସାଙ୍ଗରେ ମିଶିବାକୁ ତାକୁ ଛାଡି ନାହାନ୍ତି ।

'ସେମାନେ' କିଏ ପଚାରିଲେ, ହଗୁରା କିଛି ବିଶେଷ ତଥ୍ୟ କହି ପାରୁ ନଥିଲା । ଯେଉଁମାନେ ଗାଁର ମେଳଣରୁ ତାକୁ ଉଠାଇ ଆଣିଥିଲେ ସେହିମାନଙ୍କ କଥା କହୁଛି ବୋଲି ସେ କହିଲା । ମେଳଣରେ ବୁଲୁ ବୁଲୁ ମୁଁ ମା ବାପାଙ୍କ ଠାରୁ ଦୂରେଇ ଯାଇଥିଲି । ବାପା ମା ଡାକ ଛାଡି କାନ୍ଦୁଥିବା ବେଳେ ଜଣେ ଲୋକ ଆସି ବାପାଙ୍କ ପାଖକୁ ନେଇ ଯିବ ବୋଲି କହି ମୋତେ ବାଟ କଢେଇ ନେଲା । ସେ କଣ କଲା କେଜାଣି, ମୁଁ ମୂର୍ଚ୍ଛା ହୋଇଗଲି । ହୋସ ଆସିଲା ବେଳକୁ ଅସହ୍ୟ କଷ୍ଟ । ମୋ ଡାହାଣ ହାତ ଗଣ୍ଠି ପାଖରୁ କଟି ଯାଇଛି, ଖାଲି ରକ୍ତ ବୋହୁଛି । ଖଣ୍ଡିଏ କନାରେ ଗୁଡେଇ ସେମାନେ ଧରିଥାନ୍ତି । ମୁଁ କାନ୍ଦିଲେ ସେମାନେ ପିଟନ୍ତି । ଚୁପ୍ ରହିଲେ ଖାଇବାକୁ ଦେବେ, ନହେଲେ ଦେବେ ନାହିଁ ଧମକେଇଲେ । କାହା ଆଗରେ କିଛି କହିଲେ କି ସେମାନଙ୍କ ଛଡା କାହା ସାଙ୍ଗରେ ମିଶିଲେ ବାଁ ହାତଟା ବି କାଟିଦେବେ କହିଲେ । ହାତ ପୁରାପୁରି ଶୁଖିବା ପୂର୍ବରୁ ସେମାନେ ମୋତେ ରାସ୍ତା କଡରେ ବସି ଭିକ୍ଷ ମାଗିବାକୁ ଜବରଦସ୍ତି କଲେ । କିପରି ବିକଳ ହୋଇ କହିଲେ ଭିକ ମିଳେ ବତାଇଲେ ।

ଥାନାବାବୁଙ୍କୁ ଲକ୍ଷ୍ୟ କରି ମୁଁ କହିଲି, ଏବେ ମୁଁ ବୁଝୁଛି, କାହିଁକି ଟାଉନ୍‌ର ଅପହରଣ ଭଳି ଏ ଘଟଣା ନୁହେଁ । ଏମାନେ ପିଲାକୁ ଫେରାଇବା ଲାଗି ରାନ୍‌ସମ୍ ବା ମୋଟା ଅର୍ଥ ଦାବି କରିବାର ଆବଶ୍ୟକତା ଅନୁଭବ କରନ୍ତି ନାହିଁ । ଦାରିଦ୍ର୍ୟ ହିଁ ଏମାନଙ୍କ ଏକମାତ୍ର ଅସ୍ତ୍ର, ରୋଜଗାରର ଭିତ୍ତି । ପିଲାର ପରିଚୟ ଏ ଭିକାରୀମାନେ ଦରକାର କରନ୍ତି ନାହିଁ ।

ଦାରିଦ୍ର୍ୟ ସହିତ ବିକଳାଙ୍ଗ ଆହୁରି ଆକର୍ଷକ ହେବ । ଚିରା ସାର୍ଟ, ଲମ୍ବା ମୁଣ୍ଡ, ଦେହ ସାରା ଚିଆଁ । ଏସବୁ ଭିକାରୀର ଭେକ ।

ଯେତେବେଳେ ସେ ଦଉଡ଼ିବାକୁ ଚେଷ୍ଟା କରିଛି ସେମାନେ ଅନ୍ଧାରିଆ ନିବୁଜ ଘରକୁ ଟାଣି ନେଇ ରଡ ନିଆଁରେ ଚିଆଁ ଦେଇଛନ୍ତି । ଚିଆଁର ସଂଖ୍ୟା ତାର ସାହସର ସନ୍ତକ । ପଳାଇଯିବା ତ ଦୂରର କଥା, ପଳାଇବାର ବାଟ ଖୋଜିବାର ଚେଷ୍ଟାରେ ସେ ଚିହିଁକା ପାଇଛି ।

ଖାଦ୍ୟପେୟ ନିୟମିତ ପାଇବା ଲାଗି ହଗୁରା ସବୁ ସହି ଯାଇଛି, ସେମାନଙ୍କ କଥା ପଦେ ପଦେ ମାନିଛି । ତା ନାଁ ବି ବଦଳି ମନ୍‌ସୁଫ୍ ଅଲି ହୋଇଛି । ପଚାରୁ ପଚାରୁ ମୁଁ ନାଁ କଣ ବୋଲି ଓଡ଼ିଆରେ କୁଆଡେ କହି ପକାଇଥିଲି, ଅନ୍ୟମାନଙ୍କ ଭଳି ହିନ୍ଦୀରେ ପଚାରି ନାହିଁ, ସେ ବି ଅଜାଣତରେ ତା ଅସଲ ନାଁଟା କହି ଦେଇଛି । ଡର ତାକୁ ଜାବୁଡ଼ି ଧରିଥିଲା । ଖାଲି ଚାରିଆଡେ ସେମାନଙ୍କ ଉପସ୍ଥିତିକୁ ଲକ୍ଷ୍ୟ କରୁଥିଲା । କେବେ ସେ ଭାବି ପାରିନାହିଁ ଯେ ଦିନେ କେହି ମୋ ଭଳି ଲୋକଟିଏ ସାହାଯ୍ୟ କରିବାକୁ ଆସିବ । ଥରେ ସେମାନେ ଆଖି ଆଡୁଆଳ ହେବା ଦେଖି ସେ ମୋ ସ୍କୁଟରକୁ ଝପଟି ଆସିଲା ।

ଏବେ ମୁଁ ନିଶ୍ଚିନ୍ତ । ପୋଲିସ ବିଜ୍ଞପ୍ତିର ଉତ୍ତରରେ ମଧୁବନ ଗାଁର ଶ୍ରୀହରି ଆଉ ଶ୍ରୀମତୀ ମାଳତୀ ନାୟକ ଆସି ଉପଯୁକ୍ତ ପ୍ରମାଣ ଦେଲେ । ପୋଲିସ ପିଲାଟିକୁ ଏସ୍କର୍ଟ କରି ନେବାର ବନ୍ଦୋବସ୍ତ କଲେ । ପିଲାର ବାପା ମା ମୋତେ ସାଙ୍ଗରେ ଯିବାକୁ ଅନୁନୟ ବିନୟ କଲେ । କାରଣ ହଗୁରା ଡରୁଛି କାଳେ ସେ ଠକଗୁଡ଼ାକ ବାଟରେ ପୁଣି ଭେଟିଯିବେ । ପୋଲିସ୍ ଅଛି, କିଛି ହେବ ନାହିଁ ବୋଲି ଯେତେ କହିଲେ ବି ପିଲାଟା ନଛୋଡବନ୍ଧା ।

ମୁଁ ଛୁଟିନେଇ ଓଡ଼ିଶା ଆସିଥିଲି । ଆଜି ଫେରୁଛି : ବାଟସାରା ରେଳଯାତ୍ରାରେ ସେହି ଗୋଟିଏ ଚିନ୍ତା : ଦାରିଦ୍ର୍ୟ ପଞ୍ଝାକ୍ଷରୀ କେବଳ ଭୋଟ ଭିକାରୀମାନେ ଜପନ୍ତି ନାହିଁ, ପୁଞ୍ଜିଲଗାଣକାରୀ ଭିକାରୀମାନେ ବି କାମରେ ଲଗାନ୍ତି ।

ଶ୍ରୀ **ସହଦେବ** ସାହୁଙ୍କ ଜନ୍ମ ଅପ୍ରେଲ ୯,୧୯୪୧,ଯାଜପୁର ଜିଲ୍ଲାର ରେକାବିବଜାର ଗ୍ରାମରେ ।

ବର୍ତ୍ତମାନ ଠିକଣା: ୫ ଆର ୧, ୟୁନିଟ୍ ୧, ଭୁବନେଶ୍ୱର-୭୫୧୦୦୯ ।

ଇଣ୍ଟର ସାଇନ୍ସ ପରେ ହ୍ୟୁମାନିଟିଜ୍‌ରେ ଉଚ୍ଚ ଶିକ୍ଷା । ୧୯୬୩ରେ ବାରାଣସୀ ଓ ବିଶ୍ୱଭାରତୀରେ ଅଧ୍ୟାପନା;୧୯୬୪ରେ ଭାରତୀୟ ପ୍ରଶାସନ ସେବାରେ ଯୋଗଦାନ : ବିଭିନ୍ନ ପଦପଦବୀରେ କାର୍ଯ୍ୟ ।

୧୯୮୬ ଗଣେଶ ଚତୁର୍ଥୀଠାରୁ ଅନବରତ ରବିବାର 'ସମାଜ'ରେ 'ଡାକଟିକଟରୁ ଜ୍ଞାନ', ଓ 'ପ୍ରଜାତନ୍ତ୍ର ସାପ୍ତାହିକୀ'ରେ 'ଜନବିଜ୍ଞାନ', ୧୯୫୭ରୁ ମାସିକ 'ସଂସାର'ରେ 'ବୁଦ୍ଧି ପରୀକ୍ଷା', ୧୯୯୩ରୁ ମାସିକ 'ପ୍ରଜାତନ୍ତ୍ର ପ୍ରତିଭା'ରେ 'ଚଳନ୍ତିକା', ୧୯୯୫ରୁ ଦୈନିକ 'ଧରିତ୍ରୀ'ରେ ପାକ୍ଷିକ 'ଆନ୍ତର୍ଜାତୀୟ ଦର୍ପଣ' ଓ ଦୈନିକ 'ପ୍ରଗତିବାଦୀ'ରେ ରାଜନୈତିକ ପରିହାସ ଉପରେ ଛଦ୍ମନାମରେ ପାକ୍ଷିକ ଲେଖା ।

ପୁସ୍ତକ ମଧ୍ୟରେ ''ଏ ଦିଗ ସେ ଦିଗ'' , ''ଆକାଶ କଇଁଆ'', '' ଖଜୁରୀ ଗଛର ଶେଷ ପାହାଚ'', ''କଣ୍ଟାବାଡ''ଭଳି ଗଳ୍ପ ; ''ସମସ୍ୟା ଆଜି ଓ କାଲିର'',''ତାରକା ଯୁଦ୍ଧ ଓ ଅନ୍ୟାନ୍ୟ ପ୍ରବନ୍ଧ'',''ସୃଷ୍ଟିର ଜାତକ ଓ ଜୀବନଘଡି'' ଭଳି ପ୍ରବନ୍ଧ; ''ଭିନ୍ନ ଦେଶ ଭିନ୍ନ ଦୃଷ୍ଟି'' ଭ୍ରମଣ କାହାଣୀ; ''ସରଗର ଚାନ୍ଦ'', ''ଦଇବୀ ପକ୍ଷୀ'', ''ବୁଦ୍ଧି ହିଁ ବଳ'' ଭଳି ପିଲାଙ୍କ ଗଳ୍ପ ; ''ଯେତେ ଦୂର ସେତେ ପାଖ'', ''ଆଖିର ଲୁଚକାଳୀ'', ''ଅଦ୍ଭୁତ ପ୍ରାଣୀ ଜଗତ'', ''ବିଜ୍ଞାନ ରହସ୍ୟ'', ''ବୁଦ୍ଧି ପରୀକ୍ଷା'',''ଆମେ ଅକାଳକୁ ଡାକି ଆଣିଛୁ'', ''ପାଗଳା ଆମ୍ବ'', ''କମ୍ପ୍ୟୁଟର ପରିଚୟ'' ଓ ''ଆମେ ଆଉ ଗଣତନ୍ତ୍ର'' ଭଳି ଜ୍ଞାନବିଜ୍ଞାନ ରଚନା ଏବଂ ଜନପ୍ରିୟ ବିଜ୍ଞାନରେ ୫୦୦ରୁ ଅଧିକ ଓ ରାଜନୈତିକ ବ୍ୟାପାରରେ ୨୦୦ରୁ ଅଧିକ ପ୍ରବନ୍ଧ ପ୍ରକାଶିତ ।

ଇଂରାଜୀରେ ପୁସ୍ତକ 'ଏ ଗାଇଡ୍ ଟୁ ଷ୍ଟାମ୍ପ କଲେକ୍ଟିଂ', 'ପୋଷ୍ଟାଲ ହିଷ୍ଟରି

ସମ୍ପାଦନା: ଷ୍ଟାମ୍ପସ୍ ଏଣ୍ଡ ଷ୍ଟାମ୍ପସ୍ (ଏବଂ ବର୍ତ୍ତମାନ ବନ୍ଦ ଥିବା ସାଧାରଣଜ୍ଞାନ) ।

ଭାରତୀୟ ଫିଲାଟେଲିକ କଂଗ୍ରେସର ଭାଇସ୍ ପ୍ରେସିଡେଣ୍ଟ, ଆର୍ଜେଣ୍ଟିନା ଓ କାନାଡାରେ ବିଶ୍ୱ ପ୍ରଦର୍ଶନୀରେ ଭାରତର ପ୍ରତିନିଧିତ୍ୱ 'ନାସନାଲ କମିଶନର' ରୂପେ ଓ ବିଶ୍ୱ ଫିଲାଟେଲିକ ପ୍ରଦର୍ଶନୀରେ ସ୍ୱର୍ଣ୍ଣାଭ (ଭର୍ମେଲ) ପଦକ ।

ସାମାଜିକ ସେବାରେ : ରାଉରକେଲାସ୍ଥ ଡଲ୍ ହାଉସ୍ ଓ ହୋପ୍ ଆଣ୍ଡ ହୋମ୍‌ର ପ୍ରତିଷ୍ଠାରେ ଭାଗ । ସାହିତ୍ୟ ଓ ସାଂସ୍କୃତିକ ବ୍ୟାପାରରେ ବହୁତ ସଂସ୍ଥା ସହ ଜଡିତ ।

ସାହିତ୍ୟିକ ସ୍ୱୀକୃତି :

୧୯୮୬ରେ ଶ୍ରେଷ୍ଠ 'ଫଲ୍‌ଗୁ' ଗାଳ୍ପିକ,୧୯୮୭ରେ ଇନାଡୁ ଗ୍ରୁପ୍ ଅଫ୍ ପବ୍ଲିକେସନର ସର୍ବଭାରତୀୟ କ୍ଷୁଦ୍ରଗଳ୍ପ ପୁରସ୍କାର, 'ସଂସାର'ର ୧୯୮୭ ସମ୍ମାନ, ନୀଳଶୈଳଦ୍ୱାରା ୧୯୮୯ସମ୍ମାନ,୧୯୯୦ ପଠାଣୀ ସାମନ୍ତ ବିଜ୍ଞାନ ପ୍ରତିଭା ପୁରସ୍କାର, ୧୯୯୩ ଡକ୍ଟର ଗୋପାଳ ଚନ୍ଦ୍ର ପଟ୍ଟନାୟକ ପୁରସ୍କାର, ଡକ୍ଟର୍ସ ଇଣ୍ଟରନ୍ୟାସନାଲଦ୍ୱାରା ସମ୍ମାନିତ, ୧୯୯୫ ଡକ୍ଟର ପ୍ରାଣକୃଷ୍ଣ ବିଜ୍ଞାନ ପୁରସ୍କାର ଆଦି ।

I.S.B.N.- 81-8652406 - 1